

୮ରେ 'ବନ୍ଦେ ମାତରମ୍' ଉପରେ ଆଲୋଚନା

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 250 | ଭାଗ ୩୩ | ସଂଖ୍ୟା ୨୫୦ Wednesday 3 December 2025 | Page 8 Rs. 5.00 ● ଭୁବନେଶ୍ୱର ବୁଧବାର ୩ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଝାରସୁଗୁଡ଼ା ଡକାୟତି: ସନ୍ଦେହରେ ପୁଲିସର ନୈତିକତା

## ପୁଲିସ ଓ ବ୍ୟବସାୟୀଙ୍କ ମଧ୍ୟରେ ୫୦:୫୦ ଡିଲ୍!

**ଏଫଆଇଆର ଓ ଜବତ ସମ୍ପତ୍ତି ମଧ୍ୟରେ କୋଟିଏ ଟଙ୍କାର ଫରକ୍**

**ଅଭିଯୋଗକାରୀ ଭୁଲ ତଥ୍ୟ ଦେଇଥିଲେ କି?**

**ମାଲଖାନା ରେକର୍ଡରେ ହେରଫେର ସନ୍ଦେହ**

**ଡିଜିପି ଓ ସମ୍ବଲପୁର ଡିଆଇଜି କରିବେ ତଦନ୍ତ**





**ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ):** ଝାରସୁଗୁଡା ଡକାୟତି ମାମଲାରେ ହୋଇଛି କି ଫିଫ୍ଟି-ଫିଫ୍ଟି ଡିଲ। ଏଫଆଇଆରରେ ଲୁଟର ପରିମାଣ ଏବଂ ଗିରଫଦାରୀ ସମୟରେପୁଲିସ ଉଦ୍ଧାର କରିଥିବା ସମ୍ପତ୍ତି ମଧ୍ୟରେ ଆକାଶ ପାତାଳ ଫରକ। ଅଭିଯୋଗକାରୀଙ୍କ ଏଫଆଇଆର କହୁଛି ୩୪ ଲକ୍ଷ ଟଙ୍କାର ସୁନା ଓ ନଗଦ ଟଙ୍କା ଲୁଟ ହୋଇଥିଲା। କିନ୍ତୁ ପୁଲିସ ଉଦ୍ଧାର କରିଛି ୧ କୋଟି ୩୩ ଲକ୍ଷ ଟଙ୍କାର ସୁନା, ରୁପା ଓ କ୍ୟାସ। ପ୍ରାୟ କୋଟିଏ ଟଙ୍କାର ଏହି ଅମେଳକୁ ନେଇ ଝାରସୁଗୁଡ଼ା ପୁଲିସର ସାଧୁତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ରାଜ୍ୟ ସରକାର ଏହା ଜାଣିବା ପରେପୁଲିସ ଡିଜିପି ଓ ସମ୍ବଲପୁର ରେଞ୍ଜ ଡିଆଇଜିଙ୍କ ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

କେବଳ ସେତିକି ନୁହେଁ,ପୁଲିସ ଯେତିକି ଜବତ କରିଛି ବୋଲି ଦର୍ଶାଇଛି, ତାଠାରୁ ଢେର ଅଧିକ ପରିମାଣର ସମ୍ପତ୍ତି ଜବତ ହୋଇଥିବା ଅଭିଯୋଗ ହେଉଛି। କିନ୍ତୁ ତାକୁପୁଲିସ ଜବତ ତାଲିକାରେ ଦର୍ଶାଇନାହିଁ। ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଯେଉଁ ସମ୍ପତ୍ତି ଜବତ ତାଲିକାରେ ଦର୍ଶାଯାଇନାହିଁ, ତାକୁ ଅଭିଯୋଗକାରୀ ଓ ପୁଲିସ ନିଜ ନିଜ ମଧ୍ୟରେ ୫୦:୫୦ କରି ବାଣ୍ଟି ନେବେ। ଆଉ ଏହା ଯଦି ସତ ହୋଇଥାଏ ତେବେ ସାଂଘାତିକ। ଏହା ପୁଲିସ ବ୍ୟବସ୍ଥାରେ ଦୁର୍ନୀତିକୁ ପ୍ରମାଣିତ କରୁଛି। ଯଦିଓ ଏଭଳି ଅଭିଯୋଗ ଏଯାଏଁ ପ୍ରମାଣିତ ହୋଇନି, ତଥାପି ଅଭିଯୋଗ ସଂଖ୍ୟା ଓ ଜବତ ସଂଖ୍ୟା ମଧ୍ୟରେ ଏତେ ପ୍ରଭେଦ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସୁଯୋଗ ସୃଷ୍ଟି କରିଛି।

ଗତ ୨୦ ତାରିଖରେ ଝାରସୁଗୁଡା ବିନାୟକ ପୁରମ ଗଳିରେ ରହୁଥିବା ଜନୈକ ୩୫ ବର୍ଷ ବୟସ୍କ ଯୁବ ବ୍ୟବସାୟୀ ମୁକେଶ କୁମାର ବୁଚଓ୍ୱାନୀ ଝାରସୁଗୁଡା ଥାନାରେ ପହଞ୍ଚି ଅଭିଯୋଗ କଲେ ଯେ ୧୯ ତାରିଖ ରାତି ପ୍ରାୟ ସାଢ଼େ ୮ଟାରେ ୪ ଜଣ ଡକାୟତ ତାଙ୍କ ଘର ଭିତରକୁ ଜବରଦସ୍ତ ପଶି ଆସି ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ସେ ଆହତ ମଧ୍ୟ ହୋଇଛନ୍ତି। ପରେ ଡକାୟତମାନେ ଘରର ସମସ୍ତ ସଦସ୍ୟଙ୍କୁ ରଶିରେ ବାନ୍ଧି ଦେଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ➢ପୃଷ୍ଠା-୬

### ▶▶ ସରକାରଙ୍କ ବଡ଼ ନିଷ୍ପତ୍ତି ◀◀

## ପିଏମ୍‌ଓ ଏବେ 'ସେବା ତୀର୍ଥ'



**ନୂଆଦିଲ୍ଲୀ,୨।୧୨:** ୨୦୨୫ ଡିସେମ୍ବର ୧ରୁ ଭାରତର ଶାସନ ତନ୍ତ୍ର ଉପରେ ରାଜଶାସନର ଶେଷ ପ୍ରତୀକକୁ ଲିଭାଇ ଦିଆଯାଇଛି। ଗୋଟିଏ ପଟେ ଗତକାଲିଠାରୁ ଦେଶର ସବୁ ରାଜ୍ୟର ରାଜଭବନ ଲୋକ ଭବନ ନାମରେ ନାମିତ ହୋଇଥିବା ବେଳେ ଆଜି ଦିଲ୍ଲୀର କ୍ଷମତାର ସର୍ବୋଚ୍ଚ କେନ୍ଦ୍ର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍‌ଓ)ର ନାମ ପରିବର୍ତ୍ତନ କରାଯାଇ 'ସେବା ତୀର୍ଥ' ରଖାଯାଇଛି। ପିଏମ୍‌ଓ ପରିସରକୁ 'ସେବା ତୀର୍ଥ' ନାଁ ଦିଆଯାଇଛି। ଏହି ନାଁ ସହ ସନ୍ଦେଶ ମଧ୍ୟ ସ୍ପଷ୍ଟ ଯେ ଏହା ସେବାର ପବିତ୍ର ସ୍ଥାନ। ନୂଆ ନାଁ ଦର୍ଶାଉଛି ଯେ ଏହି ଭବନ ଏବେ କ୍ଷମତା ପ୍ରଦର୍ଶନର ନୁହେଁ, ବରଂ ଜନସେବାର ସଂକଳ୍ପର ପ୍ରତୀକ ହେବ। ଏହି ପରିବର୍ତ୍ତନ କେବଳ ପ୍ରଶାସନିକ ନୁହେଁ, ବରଂ ସାଂସ୍କୃତିକ ଓ ନୀତିଗତ ମଧ୍ୟ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଗଭର୍ଣ୍ଣାନ୍ସକୁ କର୍ତ୍ତବ୍ୟ ଓ ଟ୍ରାନ୍ସପରେନ୍ସି ଦେଖାଇବା ପାଇଁ ନୂଆ ରୂପ ଦିଆଯାଇଛି। ପ୍ରତ୍ୟେକ ନାଁ, ପ୍ରତ୍ୟେକ ବିଲ୍ଡିଂ ଏବଂ ପ୍ରତୀକ ଏବେ ଗୋଟିଏ କଥାକୁ ଇଙ୍ଗିତ କରୁଛି ଯେ ସରକାର ସେବା ପାଇଁ ହୋଇଥାଏ। ➢ପୃଷ୍ଠା-୬

### ଲଘୁ ଖଣିଜ ସମ୍ପଦ ପାଣ୍ଠିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଜିଲ୍ଲାରେ ଖର୍ଚ୍ଚ ହେବ ଡିଏମ୍‌ଏଫ୍ ପାଣ୍ଠି



**ବାର୍ଷିକ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ**

**ଲୋକଙ୍କୁ ମୌଳିକ ସୁବିଧା ସହ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱ**

**ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ମାନଙ୍କ ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରୁ ମିଳିଥିବା ସୂଚନାନୁସାରେ, ଗତ ଅକ୍ଟୋବର ଶେଷ ସୁଦ୍ଧା ରାଜ୍ୟର ୧୧ଟି ଡିଏମଏଫ ଜିଲ୍ଲାରୁ ସମୁଦାୟ ୩୪,୦୫୨ କୋଟି ଟଙ୍କା ଆଦାୟ ହୋଇଛି ଓ ସେଥିରୁ ପ୍ରାୟ ୫୫ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଆଗାମୀ ଦିନରେ ଏହି ଖର୍ଚ୍ଚକୁ ବୃଦ୍ଧି କରି ଲୋକଙ୍କୁ ମୌଳିକ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ୧୦ ଜିଲ୍ଲାରେ ଡିଏମଏଫ ପୁନଃଗଠନ ହେବା ପରେ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇସାରିଥିବା ଜଣାପଡ଼ିଛି।

ବୈଠକରେ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବଙ୍କୁ ପ୍ରତ୍ୟେକ ଡିଏମ୍‌ଏଫ୍‌ର ଅଡିଟ୍ ରିପୋର୍ଟ ସହ ବାର୍ଷିକ ରିପୋର୍ଟ ଦାଖଲ କରିବା ସହ ଲଘୁ ଖଣିଜ ପଦାର୍ଥରୁ ସଂଗୃହୀତ ଡିଏମ୍‌ଏଫ୍ ପାଣ୍ଠିକୁ ଉକ୍ତ ଜିଲ୍ଲାର ଯେକୌଣସି ସ୍ଥାନରେ ବ୍ୟବହାର କରାଯିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଏହି ପାଣ୍ଠିକୁ ସେହି ସ୍ଥାନର ମୌଳିକ ଆବଶ୍ୟକତା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଜଳଯୋଗାଣ, ଗମନାଗମନ ଆଦି କ୍ଷେତ୍ରରେ ଖର୍ଚ୍ଚ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ➢ପୃଷ୍ଠା-୬

### ବାରାଣାସୀରେ କାଶୀ-ତାମିଲ ସଙ୍ଗମମ ୪.୦ର ଶୁଭାରମ୍ଭ

## ବିବିଧତା ଭାରତର ସବୁଠୁ ବଡ଼ ଶକ୍ତି: ଧର୍ମେନ୍ଦ୍ର

**ବାରାଣାସୀ,୨।୧୨(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ଏଠାରେ କାଶୀ-ତାମିଲ ସଙ୍ଗମମ୍ (କେଟିଏସ ୪.୦)ର ଶୁଭାରମ୍ଭ କରିଛନ୍ତି। କାଶୀ ଓ ତାମିଲନାଡୁ ମଧ୍ୟରେ ଥିବା ଶତାବ୍ଦୀ ଶତାବ୍ଦୀର ଐତିହାସିକ ସମ୍ପର୍କକୁ ଉଜାଗର ➢ପୃଷ୍ଠା-୬



**ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବି ଉପସ୍ଥିତ**

**'ଏକ୍ ଭାରତ, ଶ୍ରେଷ୍ଠ ଭାରତ' ବିଚାରକୁ ମଜବୁତ କରିବ**






### ଖାଉଟିଙ୍କୁ ଲୁଟୁଛି କମ୍ପାନୀ, ସୁରକ୍ଷା ଦେଉଛି ଓଇଆରସି

## ୮ ବର୍ଷରେ ବିତରକ କମ୍ପାନୀ ଲୁଟିଛନ୍ତି ୭୧୪୫ କୋଟି

**ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ):** ଓଡ଼ିଶାର ବିଜୁଳି ଖାଉଟିଙ୍କଠାରୁ ଲୁଟ୍ କରି ଚାଲିଛନ୍ତି ବିତରକ କମ୍ପାନୀମାନେ। ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ବା ଓଇଆରସି ସବୁ ଜାଣି ଚୁପ୍ ହୋଇ ବସିଛି। ଓଇଆରସିର ଉଦାସୀନତା ଯୋଗୁଁ ବିଜୁଳି ବିତରକ କମ୍ପାନୀମାନେ ରାଜ୍ୟର ଖାଉଟିଙ୍କୁ ଶୋଷଣ କରିଚାଲିଛନ୍ତି। ଏ ପ୍ରସଙ୍ଗକୁ ନେଇ ବିଧାନସଭାର ଶୁନ୍ୟକାଳ ଉଠିଥିଲା ପଡ଼ିଥିଲା। କିଛି ବିଧାୟକ ସିଧାସଳଖ ଟାଟା ପାୱାର କିପରି ବିତରଣ ଦାୟିତ୍ୱରେ ରହି ଲୁଟ୍ କରୁଛି, ତା'ର ପୂରା ଚିଠା ଖୋଲିଥିଲେ।

- ❑ **ଧାର୍ଯ୍ୟ ଦରଠାରୁ ଅଧିକ ଆଦାୟ କରିଛି ଟାଟା ପାୱାର**
- ❑ **ସୁଧ ସହ ଆଦାୟ ଟଙ୍କା ଫେରସ୍ତ ପାଇଁ ବିଧାୟକଙ୍କ ଦାବି**

ଓଇଆରସି ଧାର୍ଯ୍ୟ ଦରଠାରୁ ୟୁନିଟ୍ ପିଛା ଅଧିକ ଅର୍ଥ ଲୋକଙ୍କଠାରୁ ନେଉଛି ଟାଟା ପାୱାର। ଶୂନ୍ୟ କାଳରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା, ତୁଷାରକାନ୍ତି ବେହେରା, ବ୍ୟୋମକେଶ ରାୟ ଏହି ପ୍ରସଙ୍ଗ ଉଠାଇ ବର୍ଷିଛନ୍ତି। ବରିଷ୍ଠ ବିଜେଡି ବିଧାୟକ ଗଣେଶ୍ୱର ବେହେରା ଦାବି କରିଛନ୍ତି ଯେ ବିତରକ କମ୍ପାନୀ ଲୋକଙ୍କଠାରୁ ଯେଉଁ ଅଧିକ ଟଙ୍କା ନେଇଛନ୍ତି, ତାହାକୁ ତୁରନ୍ତ ସୁଧ ସହ ଫେରସ୍ତ କରୁ। ତାଙ୍କ ଯୁକ୍ତି ହେଉଛି, ଓଇଆରସିର ଉଦାସୀନତା ଯୋଗୁଁ ବିତରକ କମ୍ପାନୀ ଲୋକଙ୍କଠାରୁ ଏପରି ଲୁଟ୍ କରୁଛନ୍ତି। ଓଇଆରସି ଗଠନର ଏହାରି ଭିତରେ ୩୦ ବର୍ଷ ହୋଇଗଲାଣି। ୧୯୯୫ରୁ ୨୦୨୫ରେ ଓଇଆରସିର ଯାତ୍ରା ପହଞ୍ଚିଛି, କିନ୍ତୁ ଆମେ ଖାଉଟିଙ୍କ ପାଇଁ କ'ଣ କରିଛେ, ତାହା ଏବେ ପ୍ରଶ୍ନ। ➢ପୃଷ୍ଠା-୬

### ମେଗା ପ୍ରକଳ୍ପରେ ମେଗା ସ୍କାମ୍

## ୧୭ ସଂସ୍ଥାକୁ ୩୫ ହଜାର କୋଟିର କାମ କିଏ ଦେଲା?

**ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ):** ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପରେ ବଡ ଧରଣର ଦୁର୍ନୀତି ଅଭିଯୋଗ ହୋଇଛି। ଆଜି ବିଧାନସଭା ପ୍ରଶ୍ନକାଳରେ ଏସମ୍ପର୍କିତ ଆଲୋଚନାର ମେଗା ପ୍ରକଳ୍ପରେ ମେଗା ସ୍କାମ ହୋଇଥିବା ସନ୍ଦେହ ପ୍ରକାଶ କରିଛି କଂଗ୍ରେସ। କଂଗ୍ରେସ ବିଧାୟକ ସୋଫିଆ ଫିର୍ଦ୍ଦୋସ ଅଭିଯୋଗ କରିଛନ୍ତି ଯେ, ମେଗା ପାନୀୟ ଜଳ ପ୍ରକଳ୍ପରେ ୧୭ଟି ଠିକା କମ୍ପାନୀକୁ ୩୫ ହଜାର କୋଟି ଟଙ୍କାର କାମ ଦିଆଯାଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରିତାରେ ଦୁର୍ନୀତି ହୋଇଥିବା ସନ୍ଦେହ ପ୍ରକାଶ କରିବା ସହ ଆବଶ୍ୟକ ପଡିଲେ ସରକାର ତଦନ୍ତ କରିବେ ବୋଲି କହିଛନ୍ତି। ୩୫ ହଜାର କୋଟିର ପ୍ରକଳ୍ପ କାହିଁକି ➢ପୃଷ୍ଠା-୬

**୫ ବର୍ଷ ହେଲା ନଳ ପଡ଼ିଛି, ହେଲେ ଜଳ ନାହିଁ**

**ତଦନ୍ତ ସଙ୍କେତ ଦେଲେ ପଞ୍ଚାୟତିରାଜ ମନ୍ତ୍ରୀ**

### ବୁଦ୍ଧିଜୀବୀଙ୍କ ଭାବାବେଗ ସହ ଖେଳିଲା ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ

## ଟେନିସ୍ କୋର୍ଟରେ ମା' ରମାଦେବୀଙ୍କ ଜନ୍ମଦିନ



**ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମା' ରମାଦେବୀ ଓଡ଼ିଶାର ଘରେ ଘରେ ମା' ରୂପେ ସୁପରିଚିତା। ତାଙ୍କ ସମ୍ମାନରେ ରାଜ୍ୟରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଚଳିତ ବର୍ଷ ରାଜ୍ୟବ୍ୟାପୀ ଗାନ୍ଧୀବାଦୀ ସଂଗଠନ ତଥା ତାଙ୍କ ଅନୁଗାମୀମାନଙ୍କ ଦ୍ୱାରା ତାଙ୍କର ୧୨୫ତମ ଜୟନ୍ତୀ ବର୍ଷ ପାଳିତ ହେଉଛି। ହେଲେ ତାଙ୍କ ଜନ୍ମଦିନ ପାଳିବାକୁ ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପାଖରେ ଯାଗା ନାହିଁ। କଳିଙ୍ଗ ଷ୍ଟାଡିୟମର ଟେନିସ କୋର୍ଟରେ ପାଳିତ ହେବ ରାଜ୍ୟସ୍ତରୀୟ ମା' ରମାଦେବୀଙ୍କ ଜନ୍ମବାର୍ଷିକୀ ସମାରୋହ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ରମାଦେବୀଙ୍କ କର୍ମକ୍ଷେତ୍ର କଟକର ଗୁଣନିଧି ଭବନରେ ଏକ ମ୍ୟୁଜିଅମ ସ୍ଥାପନ କରିବାକୁ ପଦକ୍ଷେପ ନେବେ ବୋଲି ୨୦୨୪ ଏପ୍ରିଲ ୫ ତାରିଖରେ ପତ୍ର ସଂଖ୍ୟା ୨୩୦୩ ଯୋଗେ ଜଣାଇଥିଲେ। ହେଲେ ସେ ବାବଦରେ ଏଯାଏଁ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି କହିଛନ୍ତି ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟର ସମ୍ପାଦିକା ଅନ୍ନପୂର୍ଣ୍ଣା ସାହୁ। ➢ପୃଷ୍ଠା-୬

**ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟର ପ୍ରତିବାଦ**

## ପରିବେଶ ପାଇଁ ବିଧାନସଭାରେ ଆରବିନ୍ଦଙ୍କ ଉଦ୍‌ବେଗ



**କେନ୍ଦ୍ରପଡା, ୨।୧୨(ସଂଚାର ବ୍ୟୁରୋ):**ଗତକାଲି ବିଧାନସଭାର ପବିତ୍ର ଗୃହରେ ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ଦ୍ୱାରା ଆଗତ ପ୍ରିଭିଶନ ଆଣ୍ଡ କଣ୍ଟ୍ରୋଲ ଅଫ ପଲୁସନ୍ ଏଣ୍ଡାମେଣ୍ଟ ଆକ୍ଟ ଯାହାକି ଭାରତ ସରକାରଙ୍କ ଏକ ବିବାଦୀୟ ଏବଂ କୋହଳ ଆକ୍ଟ, ଏହାକୁ ଏକ ରିଜଲୁସନ ମଧ୍ୟମରେ ଓଡିଶା ସରକାର ଆପଣାଇବା ଉପରେ ନେଇଥିବା ନିଷ୍ପତି ଉପରେ ନିଜର ସ୍ପଷ୍ଟ ମତ ରଖିବା ସହ ଆଲୋଚନାରେ ଭାଗ ନେଇଥିଲେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର । ଏହି ନୂତନ ରିଜୋଲୁସନଟି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଏଥିରେ ଅନେକ ତ୍ରୁଟି ବିଚ୍ୟୁତି ରହିଛି ବୋଲି ହୃଦୟଙ୍ଗମ କରି କିଛି ବିବାଦୀୟ ରିଜଲୁସନ ରହିଛି ଯାହାକୁ ଦୃଢତାର ସହ ବିରୋଧ କରିଛନ୍ତି ବିଧାୟକ ମହାପାତ୍ର।

# ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗୁଁ ବଢୁଛି ବିପଦ

**କେନ୍ଦ୍ରାପଡ଼ା,୨।୧୨(ସଂଚାର ବ୍ୟୁରୋ):** ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁଁ ଏବେ ନିରୀହ ଜୀବନ ଯାଉଥିବା ଦେଖିବାକୁ ମିଳୁଛି । ଖୋଲା ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗୁଁ ଜନବସତିରେ ବିପଦ ସୃଷ୍ଟି ହୋଇଛି। ବିଦ୍ୟୁତ ସଂସ୍ପର୍ଶରେ ଆସି ଛେଳି, ମେଣ୍ଢା ମୃତ୍ୟୁବରଣ କରିବା ସହ ଗୋରୁ, ଗାଇ ଓ ଛୋଟ ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏନେଇ ସଦର ମହକୁମାରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି।

କେନ୍ଦ୍ରାପଡା ବ୍ଲକ ଅଧିନ ଶ୍ୟାମସୁନ୍ଦର ଗ୍ରାମପାୟତର ହାଲପୁର ଗ୍ରାମର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେହି ଗ୍ରାମରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଟି ଖୋଲା ଏକ ସ୍ଥାନରେ ରହିଛି। ଏହାର ଚତୁପାଶ୍ୱର୍ରେ କୌଣସି ସୁରକ୍ଷା ପାଚେରୀ ନାହିଁ। ଫଳରେ ସେଠାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଏକ ଛେଳି ଓ ଏକ ମେଣ୍ଢାର ମୃତ୍ୟୁ ହୋଇଯାଇଛି। ଦୈନିକ ସେହି ବାଟ ଦେଇ ଗୋରୁ ଗାଇଙ୍କ ସମେତ ଛୋଟ ଛୋଟ ପିଲାମାନେ ବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏଭଳି ଭାବରେ ଖୋଲା ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫର୍ମରଟି ଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ତେଣୁ ତୁରନ୍ତ ସେହି ବିଦ୍ୟୁତ ଟ୍ରାନ୍ସଫର୍ମରର ଚତୁପାଶ୍ୱର୍ରେ ସୁରକ୍ଷା ପାଚେରୀ ନିର୍ମାଣ କରାଯାଇ ଛୋଟ ପିଲା ଓ ଗୋରୁ ଗାଇଙ୍କ ଜୀବନକୁ ବିପଦ ମୁକ୍ତ କରାଯିବାକୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ କେନ୍ଦ୍ରାପଡାସ୍ଥିତ ଟିପିସିଓଡିଏଲ ସହକାରୀ ସାଧାରଣ ପରିଚାଳକଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲେବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଧର ସ୍ୱାଇଁ, ହୃଷିକେଶ ନାୟକ, ଗୋକୁଳି ଜେନା, ହୃଷିକେଶ ମଳିକ, ନିରଞ୍ଜନ ଜେନା, କୈଳାସ ଜେନା, ରାଜେନ୍ଦ୍ର ସ୍ୱାଇଁ, ତ୍ରିଲୋଚନ ନାୟକ, ଦିଲ୍ଲିପ ମଲିକ, ଗନ୍ଧର୍ବ ପ୍ରଧାନ ଓ ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

**ବିଦ୍ୟୁତ ସଂସ୍ପର୍ଶରେ ଆସି ଛେଳି, ମେଣ୍ଢା ମୃତ**

**ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସ୍ଥାନୀୟ ଲୋକ**

## ଚୋରା ମଦ ଜବତ, ୪ ଗିରଫ



**କେନ୍ଦ୍ରାପଡ଼ା,୨।୧୨(ସଂଚାର ବ୍ୟୁରୋ):** ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପାଟକୁରା ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ନୂଆପଡ଼ା ଗ୍ରାମର ସର୍ବେଶ୍ୱର ବେହେରା(୪୯)ଙ୍କ ଠାରୁ ୯୯୫ ଲିଟର ଦେଶୀ ରନ୍ଧା ମଦ ଓ ଶାନ୍ତିଲତା ବେହେରା(୫୨)ଙ୍କ ଠାରୁ ୮୯୦ ଲିଟର ଦେଶୀ ରନ୍ଧା ମଦ, ବାହାକଣ୍ଡିଆ ଗ୍ରାମର କୈଳାଶ ଚନ୍ଦ୍ର ସ୍ୱାଇଁ(୫୮)ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଓ ନିକୁଞ୍ଜ ଜେନା(୩୮)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୯୩୫ ଲିଟର ବିଦେଶୀ, ଦେଶୀ ଓ ଦେଶୀରନ୍ଧା ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## କଳାକାର ଅକ୍ଷୟ ସାମଲଙ୍କୁ ଓଡ଼ିଶା ରତ୍ନ ପ୍ରଦାନ



**କେନ୍ଦ୍ରାପଡ଼ା,୨।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ମାଟିର ପୁଅ ଅକ୍ଷୟ କୁମାର ସାମଲଙ୍କୁ ଏକ ରାଜ୍ୟ ସ୍ତରୀୟ ଉତ୍ସବରେ ଓଡିଶା ରତ୍ନ ଆୱାର୍ଡ ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ମୂର୍ଚ୍ଛନାର ବାର୍ଷିକ ଉତ୍ସବ ଅବସରରେ ତବଲାବାଦକ ଶ୍ରୀ ସାମଲଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ଏହି ପୁରସ୍କାର ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅଧିନ ଆଇତିପୁର ପଞ୍ଚାୟତର ବିଲବଳରାମପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ସାମଲ ପ୍ରଥମେ ଗୁରୁ ଗଙ୍ଗାଧର ସାହୁ, ନିରଞ୍ଜନ ଦାସ ଓ ପରେ ପୂର୍ଣ୍ଣାନନ୍ଦ ମହାରଣାଙ୍କ ଠାରୁ ଶିକ୍ଷା ଲାଭ କରିଥିଲେ । ଏହାପରେ ସମୀରରଞ୍ଜନ ଦାସ ଓ ଗୋପିନାଥ ବେହେରାଙ୍କ ଠାରୁ ଶିକ୍ଷାଲାଭ କରିବା ପରେ ବିଶାରଦ ପାସ କରିଥିଲେ । ପରେ ଜଣେ ଖ୍ୟାତିସମ୍ପନ୍ନ ତବଲାବାଦକ ଭାବେ ଆଦୃତି ଲାଭ କରି ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ହୋଇଥିଲେ । ସରକାରଙ୍କ ଯୁବମହୋତ୍ସବରେ ଜଣେ ଆକମ୍ପାନିଷ୍ଟ ଭାବେ ମଧ ସେ ସ୍ୱୀକୃତି ଲାଭ କରିଛନ୍ତି । ଏଥିସହିତ ଜିଲ୍ଲା ବାଲ୍‌ଭବନର ଜଣେ ଶିକ୍ଷକ ଭାବରେ କଲିକତା ଓ ଦିଲ୍ଲୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସୁନାମ ଅର୍ଜନ କରିଛନ୍ତି ।

## ଜମିବାଡ଼ି ବିବାଦକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

**କେନ୍ଦ୍ରାପଡ଼ା,୨।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଂସାର ଗ୍ରାମପାୟତର ସାହସପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଜମିରେ ଅନ୍ୟ ଜଣେ ବ୍ୟକ୍ତି ଗୁଣ୍ଡା ଲଗାଇ ଖୋଲାଖୋଲି କରିବା ଘଟଣାକୁ ନେଇ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେହି ଗ୍ରାମର ଗଜେନ୍ଦ୍ର ପରିଡା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ତାଙ୍କ ପିତା ସ୍ୱର୍ଗତ ନୃସିଂହ ପରିଡାଙ୍କ ନାମରେ ଥିବା ଜମିକୁ ସେମାନେ ଭୋଗଦଖଲ କରୁଛନ୍ତି । କିନ୍ତୁ ଏହି ଜମିକୁ କେତେକ ଅସାମାଜିକ ବ୍ୟକ୍ତି ଯୋରଜବରଦସ୍ତ ଦଖଲ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏହି ଜମି ଉପରେ ଅସାମାଜିକ ବ୍ୟକ୍ତିମାନେ ଖୋଲାଖୋଲି କରିବାରୁ ଗଜେନ୍ଦ୍ର ପରିଡା ଓ ତାଙ୍କ ଭାଇ ନିରଞ୍ଜନ ପରିଡା ଏହାକୁ ପ୍ରତିବାଦ କରିଥିଲେ। ଫଳରେ ଅସାମାଜିକ ଯୁବକମାନେ ଗଜେନ୍ଦ୍ର ଓ ନିରଞ୍ଜନଙ୍କ ନାମରେ ମିଛ ମାମଲା ରୁଜୁ କରି ମାନସିକ ନିର୍ଯ୍ୟାତନା ଦେଉଛନ୍ତି । ତେଣୁ ଏହି ଜମିର ମାପଚୁପ କରାଯାଇ ନ୍ୟାୟ ପ୍ରଦାନ କରିବାକୁ ଗଜେନ୍ଦ୍ର ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଜିଲ୍ଲାପାଳ ଏହି ଅଭିଯୋଗ ଉପରେ ତୁରନ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାପଡା ତହସିଲଦାର ଓ ସଦରଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପଞ୍ଚାୟତ ଦୁର୍ନୀତିରେ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ଫୁ




**ଆଠ ଦିନ ପରେବି ହେଉନାହିଁ ତଦନ୍ତ**

**ତଦନ୍ତକୁ ବାଟବଣା କରିବାକୁ ଲାଗିପଡ଼ିଲେଣି ନେତା ଓ ଯନ୍ତ୍ରୀ**

**ଦୁର୍ନୀତିରୁ ବର୍ତ୍ତିବା ଲାଗି ସରପଞ୍ଚ ବିଜେପିକୁ ଲମ୍ଫ ମାରିବାକୁ ମସୁଧା**

**ଆଳି,୨।୧୨(ସଂଚାର ବ୍ୟୁରୋ):** ଆଳି ବ୍ଲକ ପଦନୀପାଳ ପଞ୍ଚାୟତରେ ସରପଞ୍ଚ ଓ ଯନ୍ତ୍ରୀ ପଞ୍ଚାୟତକୁ ଆସୁଥିବା ବିଭିନ୍ନ ଉନ୍ନୟନ ମୂଳକ ଅର୍ଥକୁ ଆତ୍ମସାତ କରି ମହା ଦୁର୍ନୀତି କରିଥିବା ଅଭିଯୋଗ ହୋଇଥିଲା। ବ୍ଲକଠୁ ଆରମ୍ଭ କରି ଭିଜିଲାନ୍ସ ଓ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ମାସ ମାସ ବିତି ଯାଇଥିଲେ ବି ପ୍ରଶାସନ ନିଦାବିଷ୍ଟୁ ସାଜିଥିଲା। କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜାଣିବା ପରେ ଗ୍ରାମର ଅଭିଯୋଗକାରୀ ଗଣମାଧମ ସାହାଯ୍ୟ ଲୋଡିଥିଲେ। ଗଣମାଧମରେ ବାରମ୍ବାର ଖବର ପ୍ରକାଶ ପରେ ଜିଲ୍ଲାପାଳ ରଘୁରାମ ଆର୍ ଆୟର କହିଥିଲେ ଖୁବ ଶୀଘ୍ର ଦୁର୍ନୀତିର ତଦନ୍ତ ହେବ ବୋଲି। କିନ୍ତୁ ତଦନ୍ତ ନିର୍ଦ୍ଦେଶକୁ ଆଠଦିନ ବିତିଥିଲେ ମଧ ତଦନ୍ତ ନହେବା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତଦନ୍ତ କରିବାରେ ପ୍ରଶାସନ ପଛଘୁଞ୍ଚା ଦେବାରେ ରହିଛି କି ଗୁଢ ରହସ୍ୟ।

ଅନ୍ୟପଟେ ସରପଞ୍ଚ ବିକ୍ରମ ମଲିକ ଦୁର୍ନୀତିରୁ ବଞ୍ଚିବା ଭୟରେ ନିଜ ଦଳ ଛାଡି ନିଜେ ଓ ତାଙ୍କ ସମର୍ଥକଙ୍କୁ ନେଇ ସରକାରୀ ଦଳକୁ ଯିବାକୁ ଲୁଚିଲୁଚି ମସୁଧା କରୁଥିବା ମଧ ଅଭିଯୋଗ ହଉଛି। ଏପଟେ ଅଭିଯୋଗକାରୀ କହିଛନ୍ତି ସାଧାରଣ ଲୋକଙ୍କ ଟିକସ ଟଙ୍କାକୁ ହଡ଼ପ କରାଯାଇଛି ଯଥାଶୀଘ୍ର ଜିଲ୍ଲାପାଳ ତଦନ୍ତ କରି ଏହି ଦୁର୍ନୀତି ଉପରୁ ପରଦା ଉଠାଇ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ। ଯଦି ତଦନ୍ତ ଖୁବଶୀଘ୍ର ନ ହୁଏ ତାହାଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ ।

## ଆହତ ଗୋମାତାଙ୍କ ଚିକିତ୍ସା କରାଇଲେ ଯୁବନେତା

**ମହାକାଳପଡ଼ା,୨।୧୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବଉଳକଣୀ ଗ୍ରାମ ପଞ୍ଚାୟତର ଛପାଲି ଗୋଡା ନିକଟରେ ଏକ ଗୋମାତା ଅସୁସ୍ଥ ହୋଇପଡିଥିବା କିଛି ବନ୍ଧୁ ଇଂ ଚନ୍ଦ୍ରକାନ୍ତ ସ୍ୱାଇଁଙ୍କୁ ଖବର ଦେଇଥିଲେ।



ଖବର ପାଇବା ପରେ ଚନ୍ଦ୍ରକାନ୍ତ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ତତକ୍ଷଣାତ୍ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ସହିତ ଡ଼ଃ ମନୋଜ ଦାସ ଏବଂ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକ ଉକ୍ତ ସ୍ଥାନରେ ପହଞ୍ଚି ଅସୁସ୍ଥ ଗୋମାତାଙ୍କର ଚିକିତ୍ସା କରାଇଥିଲେ। ଚିକିତ୍ସା ପରେ ଗୋରୁଟିର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି। ଏହି ସେବା କାର୍ଯ୍ୟରେ ସ୍ଥାନୀୟ ଯୁବକ ଶୁଭ ବେହେରାଙ୍କ ସମେତ ଅନ୍ୟ ଗୋସେବକ ଯୁବକମାନେ ସହାୟତା କରିଥିଲେ।

## ମାହାଙ୍ଗା ବିଜେଡିର ଗଣଧାରଣା ଯିବ ମୁଖ୍ୟମନ୍ତ୍ରୀଙ୍କ ବାସଗୃହ ଯାଏଁ

**ନିଶ୍ଚିନ୍ତକୋଇଲି,୨।୧୨(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ଲୁଣାଦ୍ୱିପାଞ୍ଚଳ ଅଞ୍ଚଳ ତଥା କଟକ ପାରାଦୀପ ରାସ୍ତା ତାରପୁର ଜୟପୁରକୁ ସଂଯୋଗ କରୁଥିବା ଲୁଣା ନଦୀ ଉପରେ ଦୀର୍ଘଦିନର ପୋଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ପୂର୍ବ ସରକାର ସମୟରେ ଅସୁରେଶ୍ୱର ତରତ ଓ ଶହଦେବପୁର ବାଲିଆପଦା ଲୁଣାନଦୀ ଉପରେ ପୋଲ ନିର୍ମାଣ ପାଇଁ ଟେଣ୍ଡର ମାଧମରେ ଠିକାଦାର ଚୟନ କରାଯାଇ ଦୁଇଟି ପୋଲର ଶୁଭ ଶିଳାନ୍ୟାସ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ହୋଇଥିଲା। ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ପାଖାପାଖି ୧୭ମାସ ହେବ ନୂଆ ସରକାର ଏହିକାର୍ଯ୍ୟକୁ ବନ୍ଦ କରି ଦେଇଥିବା ସହ ପୋଲ ନିର୍ମାଣ କାର୍ଯ୍ୟ ବିଳମ୍ବ ହେବାକୁ ନେଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଶାସକ ଦଳର ସମର୍ଥକ ବିଧାୟକ ଶାରଦାଙ୍କୁ ଦୋଷ ଦେବାସହ ଜାଣିଶୁଣି ସେ ଏଭଳି ହୀନ ରାଜନୀତି କରୁଥିବା ଅଭିଯୋଗ ଆଣିଛନ୍ତି। ଆଜି ତରତ ହନୁମାନ ଗଡାଠାରେ ଏକ ପ୍ରତିବାଦ ସଭା ମାଧମରେ ମାହାଙ୍ଗା ବିଜେଡି ପକ୍ଷରୁ ଗଣଧାରଣା ସହ ଉକ୍ତ ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଏହି ଅଞ୍ଚଳର ଅସୁରେଶ୍ୱର-କୂଳଗାଁଇଶାଳ ସେତୁ ଓ ସହଦେବପୁର-ବାଲିଅପଦା ସେତୁ ତାଙ୍କ ସରକାର ବେଳେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏ ସରକାର ଜାଣିଶୁଣି ଦେଢ଼ବର୍ଷ ହେବ ବିଳମ୍ବ କରୁଥିବା ଅଭିଯୋଗ ଆଣି ବର୍ତ୍ତମାନର ବିଧାୟକଙ୍କ ଉପରେ ବର୍ଷିଥିଲେ। ତେବେ ଯଦି ପୋଲ ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ନହୁଏ ତେବେ ଏହି ଆନ୍ଦୋଳନ ରାଜଧାନୀ ଭୁବନେଶ୍ୱର ମୁଖ୍ୟମନ୍ତ୍ରୀଙ୍କ ବାସଗୃହ ପର୍ଯ୍ୟନ୍ତ ଯିବ ବୋଲି କହିଥିଲେ ଶ୍ରୀ ଜେନା। ଏହି ଗଣ ଧାରଣା ଅନ୍ଦୋଳରେ ବ୍ଲକ୍ ଅଧକ୍ଷା ରୋଜି ସେଠୀ,ବ୍ଲକ୍ ବିଜେଡି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସମେତ ହଜାର ହଜାର ସଂଖ୍ୟାକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



## ପାଗଳ ଶିଆଳ କାମୁଡ଼ାରେ ୪ ଆହତ

**ଠେଙ୍ଗାବାଡି ଧରି ଜଗୁଛନ୍ତି ଗ୍ରାମବାସୀ**

**ଆଳି,୨।୧୨(ସଂଚାର ବ୍ୟୁରୋ):** ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତ ମାଳପାଟଣା ଗ୍ରାମରେ ଶିଆଳ ଆତଙ୍କ ଦେଖାଦେଇଛି । ପାଗଳା ଶିଆଳ କାମୁଡ଼ାରେ ଗ୍ରାମର ୪ ଜଣ ଆହତ ହୋଇ ଚିକିତ୍ସାଧିନ ଥିବା ବେଳେ ଅନ୍ୟ ଦୁଇ ଜଣ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି । ଗ୍ରାମର ଶିଆଳ କାମୁଡ଼ାରେ ଆତଙ୍କିତ ହୋଇ ଗାଁ ରେ ତାତି କବାଟ ପଡି ଯାଇଥିବା ବେଳେ ଗ୍ରାମବାସୀ ଭୟବିତ ହୋଇ ପଡିଛନ୍ତି । ଗ୍ରାମର ଯୁବକ ମାନେ ଠେଙ୍ଗାବାଡ଼ି ଧରି ଶିଆଳ ଖୋଜିବାରେ ଲାଗି ପଡିଛନ୍ତି । ସୂଚନା ଅନୁଯାୟୀ ଚଣ୍ଡିଆଗଡି ପଞ୍ଚାୟତର ମାଳପାଟଣା ଗ୍ରାମ ଭିତରକୁ ଏକ ପାଗଳା ଶିଆଳ ପଶି ଆସି ବିଭିନ୍ନ ଲୋକଙ୍କୁ ଗୋଡ଼ାଇ କାମୁଡୁଛି । ଶିଆଳ କାମୁଡ଼ାରେ ଗ୍ରାମର ଶରତ ଦାସ,ରଞ୍ଜନ କୁମାର ସାହୁ, ସୁଜିଆ ଦାସ, ଘଣ୍ଟୁରୀ ସାମଲ ପ୍ରମୁଖ କ୍ଷତାକ୍ତ ହୋଇ ଚିକିତ୍ସା ଧିନ ଥିବା ବେଳେ ଅନ୍ୟ କିଛି ଜଣ ଶିଆଳ କାମୁଡ଼ାରୁ ବର୍ତ୍ତୀ ଯାଇଛନ୍ତି । ଶିଆଳ ଆତଙ୍କରେ ଆତଙ୍କିତ ହୋଇ ଗ୍ରାମବାସୀ ତାତି କବାଟ କିଳି ଘରେ ରହିଛନ୍ତି । ଯୁବକ ମାନେ ପାଗଳା ଶିଆଳକୁ କାବୁ କରିବାକୁ ଠେଙ୍ଗା ବାଡ଼ି ଧରି ବୁଲୁଛନ୍ତି ।



## ୪ଟା ପୂର୍ବରୁ ବିଦ୍ୟାଳୟ ଛୁଟି



**ମହାକାଳପଡ଼ା,୨।୧୨(ସଂଚାର ବ୍ୟୁରୋ):** ୪ଟା ନବାଜୁଣୁ ବିଦ୍ୟାଳୟରେ ପଡ଼ିଛି ତାଲା। ଯାହା ଫଳରେ ପିଲାମାନେ ବିଦ୍ୟାଳୟରୁ ଶୀଘ୍ର ଘରକୁ ଫେରୁଥିବା ଫଟୋ ମୋବାଇଲ୍‌ରୁ ମୋବାଇଲକୁ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ,ରାଜଗଡ଼ରେ ଆଜି ୪ ଟା ବାଜିବା ପୂର୍ବରୁ ବିଦ୍ୟାଳୟ ଛୁଟି ହୋଇଥିଲା। ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ରାସ୍ତାରେ ଫେରୁଥିବା ଜିଓ ଟ୍ୟାଗ୍ ଫଟୋ ସାମାଜିକ ଗଣମାଧମରେ ମୋବାଇଲ୍ ରୁ ମୋବାଇଲ ଘୁରି ବୁଲୁଥିବା ଦେଖିବାକୁ ମିଳିବା ପରେ ଅଞ୍ଚଳର ଜଣେ ସଚେତନ ନାଗରିକ ନିଜର "X" ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଓ ଶିକ୍ଷା ବିଭାଗକୁ ନିକଟକୁ ଅଭିଯୋଗ କରିଛନ୍ତି। ସମ୍ପୁର୍ଣ୍ଣ ଘଟଣା ସମ୍ପର୍କରେ ଆମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲୁ ହେଲେ ଯୋଗାଯୋଗ ସମ୍ଭବ ହୋଇ ପାରି ନଥିଲା।

## ବିଧାନସଭାରେ ଉଠିଲା ସିଆରଜେଡ ଓ ଇକୋ ସେନସେଟିଭ ଜୋନ ଆଇନର ଖୋଲା ଉଲ୍ଲଘନ ପ୍ରସଙ୍ଗ

**ରାଜନଗର,୨।୧୨(ସଂଚାର ବ୍ୟୁରୋ):** ଆଜି ବିଧାନସଭାରେ ଉଠିଛି ଭିତରକନିକା ଜାତୀୟ ଉଦ୍ୟାନର ଅତି ପରିବେଶ ସଂବେଦଶୀଳ ଅଞ୍ଚଳରେ ଚାଲିଥିବା ବେଆଇନ ନିର୍ମାଣ ପ୍ରସଙ୍ଗ। ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ପ୍ରସଙ୍ଗ ଉଠାଇଥିବା ବେଳେ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ନଦୀ ପଠାରେ ପରିବେଶ ସଂବେଦନଶୀଳ ଅଞ୍ଚଳରେ ବେଆଇନ ନିର୍ମାଣ ଚାଲିଥିବା ନେଇ ଉତ୍ତର ଦେଇଛନ୍ତି। ଏଥି ସହ ରାଜନଗର ଡିଏଫଓ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ଏବଂ ବେଆଇନ ନିର୍ମାଣକାରୀକୁ ଜବାବ ତଲବ କରାଯାଇଛି। ସିଆରଜେଡ ଓ ପରିବେଶ ସଂବେଦନଶୀଳ ଅଞ୍ଚଳରେ ଥିବା ଜାଗାକୁ ଘରବାରିକୁ ପରିବର୍ତ୍ତନ କରାଯାଇଥିବାରୁ ଉପଜିଲ୍ଲାପାଳଙ୍କୁ ରାଜନଗର ବନଖଣ୍ଡ ଅଧିକାରୀ ଉକ୍ତ ଘରବାରି ପଟ୍ଟାକୁ ରଦ୍ଦ କରିବା ପାଇଁ ଚିଠି କରିଥିବା ମନ୍ତ୍ରୀ ବିଧାନସଭାରେ କହିଛନ୍ତି। ଏଥି ସହ ବେଆଇନ ନିର୍ମାଣ ନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ରାଜନଗର ତହସିଲ ଅନ୍ତର୍ଗତ ସାରଦାପ୍ରସାଦ ମୌଜାରେ ବୈତରଣୀ ନଦୀ ପଠାରେ ବେଆଇନ ଭାବେ ଅଟାଳିକା ନିର୍ମାଣ କରାଯାଉଛି। ଯେଉଁ ସ୍ଥାନରେ ବୈତରଣୀ ନଦୀର ଜୁଆର ଅଟକାଇ ସ୍ଥାୟୀ ନିର୍ମାଣ କରାଯାଉଛି ସେହି ଅଞ୍ଚଳଟି ସିଆରଜେଡ ୧ ରେ ଯାଉଥିବାରୁ ଏହି ଅଞ୍ଚଳରେ କୌଣସି ପରିସ୍ଥିତିରେ ନୂତନ ନିର୍ମାଣ ହୋଇପାରିବ ନାହିଁ । ପରିବେଶ ଦୃଷ୍ଟିରୁ ଏହି ଅତି ସଂବେଦନଶୀଳ ଅଞ୍ଚଳରେ ବେଆଇନ ନିର୍ମାଣ ସହିତ ନଦୀ ପଠାରେ ଖୋଲାଯାଇ ବ୍ୟକ୍ତିଗତ ଜେଠି ନିର୍ମାଣ କରାଯାଉଛି। ପରିବେଶ ଦୃଷ୍ଟିରୁ ଅତି ସଂବେଦନଶୀଳ ଅଞ୍ଚଳ ଓ ସିଆରଜେଡ ଏକ ରେ ଯାଉଥିବାରୁ ଏହାର ସୁରକ୍ଷା ସହ ଉପକୂଳର ପରିସଂସ୍ଥା ବଜାୟ ରଖିବା ପାଇଁ ଅଭିଯୋଗ ହୋଇଥିଲା।

## ବିଜେଡିର ଗଣଧାରଣାକୁ ବିଜେପିର କଡ଼ା ଜବାବ



**ନିଶ୍ଚିନ୍ତକୋଇଲି,୨।୧୨(ସଂଚାର ବ୍ୟୁରୋ):** କଟିକଟା ଜୟପୁର ରାସ୍ତା ଲୁଣାନଦୀ ଉପରେ ପୁବଂଶ ଠାରେ ପୋଲ ନିର୍ମାଣ କାର୍ଯ୍ୟ ବନ୍ଦକୁ ନେଇ ଆଜି ମାହାଙ୍ଗା ବିଜୁ ଜନତା ଦଳ ପକ୍ଷରୁ ତରତ ହନୁମାନ ଗଡାଠାରେ ଗଣ ଧାରଣା ଦିଆଯାଇଥିବା ସ୍ଥଳେ ଏହାକୁ କାଉଣ୍ଟର କରି ମାହାଙ୍ଗା ବିଜେପି ପକ୍ଷରୁ କଡା ଜବାବ ଦିଆଯାଇଛି। ବିଜୁଜନତା ଦଳ ସମୟରେ ଯେଉଁ ପୋଲ ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା ତାହାର ମୂଲ୍ୟଥିଲା ୪୭କୋଟି ୯୮ ଲକ୍ଷ ଟଙ୍କା । ମାତ୍ର ଏ ପୋଲଟି ଜଳ ପ୍ରବାହ ନୀତି ଅନୁଯାୟୀ ଡିଜାଇନ ହୋଇ ନଥିବାରୁ କାର୍ଯ୍ୟଟିକୁ ବନ୍ଦ କରି ଦିଆଯାଇଥିଲା। ଓଡିଶାରେ ମୋହନ ମାଝିଙ୍କ ନେତୃତ୍ୱରେ ସରକାର ହେବା ପରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ପ୍ରସ୍ତାବକୁ ଗ୍ରହଣ କରି ପୁବଂଶ ସେତୁର ଏକ ନୂଆ ଡିଜାଇନ ପ୍ରସ୍ତୁତ ହେଲା। ଏହି ପୋଲର ମୂଲ୍ୟ ୬୬କୋଟିରୁ ଉର୍ଦ୍ଧ୍ୱ ରହିଅଛି। ଆଗାମୀ ଜାନୁଆରୀ ପ୍ରଥମ ସପ୍ତାହରେ ଏହି ପୁବଂଶ ସେତୁର ଶିଳାନ୍ୟାସ ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା କରାଯିବ ଓ ପୋଲ କାର୍ଯ୍ୟ ଆରମ୍ଭ କରାଯିବା କଥା କହିଛନ୍ତି ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର। ଏହା ବ୍ୟତୀତ ରାଣୀପଡ଼ା ବନ୍ଧକାଟିଆ ରାସ୍ତାରେ ଲୁଣା ନଦୀ ଉପରେ ଆଉ ଏକ ପୋଲ ନିର୍ମାଣ ରାଜ୍ୟ ସରକାରଙ୍କର ସେତୁବନ୍ଧ ଯୋଜନାରେ ଅନୁମୋଦିତ ହୋଇଅଛି ୨୦୨୪-୨୫ଆର୍ଥିକ ବର୍ଷରେ । ତାହାର କାର୍ଯ୍ୟ ବି ଖୁବ ଶୀଘ୍ର ଆରମ୍ଭ କରାଯିବ।

## ପଟ୍ଟାମୁଣ୍ଡାଇ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୨।୧୨(ସଂଚାର ବ୍ୟୁରୋ):**ପଟ୍ଟାମୁଣ୍ଡାଇ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ୟୁଥ ରେଡକ୍ରସ,ଏନ ଏସ ଏସ ଓ ଏନ ସି ସି ପକ୍ଷରୁ ଏଡ୍‌ସ ସଚେତନତା ପାଇଁ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାକୁ ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଥିଲା । ଏଥିରେ ନେସନାଲ ୟୁଥ ପଲିସ ରାଜ୍ୟ ସଂଯୋଜକ ସତ୍ୟ ଶ୍ରୀ ସୌମ୍ୟକାନ୍ତ ମହାପାତ୍ର ଏଡ୍‌ସ ରୋଗର ଭୟାବହତା ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ କଲେଜ ୟୁଥ ରେଡ୍‌କ୍ରସ କାଉନ ସେଲର ଅଧାପକ ସରୋଜକାନ୍ତ ନାୟକ,ଏନ ଏସ ଏସ ପ୍ରୋଗ୍ରାମ ଅଫିସର ଅଧାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଏନ ସି ସି ଅଫିସର ଅଧାପକ ଜିତେନ୍ଦ୍ର ମଲ୍ଲିକ, ଆଇ କ୍ୟୁ ଏ ସି ସଂଯୋଜକ ଅଧାପକ ସୁଭାଶିଷ ମିଶ୍ର ବିଶ୍ୱ ବ୍ୟାପି ଆତଙ୍କ ସୃଷ୍ଟି କରିଥିବା ଏଡ୍‌ସ ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ସଚେତନ କରାଇ ଥିଲେ । ଏଥିରେ ପଟ୍ଟାମୁଣ୍ଡାଇ କଲେଜର ଅଧାପକ ଅଧାପିକା କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ପ୍ରାଧାପକ ଡ଼ ସୁନୀଲ ପ୍ରଧାନ, ଅଧାପକ ପୃଥ୍ୱୀରାଜ ବିଶ୍ୱାଳ ଅଧାପକ ରଞ୍ଜନ ବେହେରା, ଅଧାପକ ଭାରତ ଭୂଷଣ ସାହୁ ପରିଚାଳନା କରିଥିଲେ ।

## ଶିକୁଳିରେ ବନ୍ଧା ଜୋସ୍ନାଙ୍କୁ ମୁକାଳିଲେ ସମାଜସେବିକା



**ପାରାଦ୍ୱୀପ,୨।୧୨(ସଂଚାର ବ୍ୟୁରୋ):** କଲେଜ ପାଠ ପଢ଼ାରେ ଡୋରି ପଡିଥିଲା। ଆଉ ଗୋଡ଼ରେ ପଡିଥିଲା ଲୁହା ଶିକୁଳି। ଆଉ ଏହି ଖବର ଜାଣିବା ପରେ ତା ନିକଟରେ ପହଂଚି ତାକୁ ଶିକୁଳି ବନ୍ଧା ଜୀବନରୁ ମୁକୁଳାଇଛନ୍ତି ସ୍ନେହମୟୀ। ସୁନେଲି ଜୀବନ ବଞ୍ଚିବାକୁ ସ୍ୱପ୍ନ ଦେଖୁଥିବା ଜୋସ୍ନାଙ୍କ ଜୀବନରେ ଘୋଟି ଥିବା ଅମା ଅନ୍ଧାର ଏବେ ହେବାକୁ ଯାଉଛି ଦୂର।

ପାରାଦୀପ ପୌରପାଳିକା ୧୪ ନମ୍ବର ୱାର୍ଡ ଅନ୍ତର୍ଗତ ସଞ୍ଜୟଗାନ୍ଧୀ ବସ୍ତି ଅଞ୍ଚଳର। କଲେଜ ପଢୁଆ ଗେଲ୍ଲୀ ଝିଅ ଜୋସ୍ନା ଆଉ ପାଠ ପଢ଼ିବାକୁ କଲେଜ ଯାଉନି। ସେ ମାନସିକ ରୋଗରେ ଆକ୍ରାନ୍ତ ଥିବାବେଳେ ଏଣେ ତେଣେ ଦୌଡ଼ି ପଳାଉଛି। ଇଛା ହେଲେ ହସୁଚି , ଇଛା ହେଲେ କାନ୍ଦୁଚି। ବେଳେବେଳେ କାହାକୁ କାମୁଡି ମଧ ଗୋଡ଼ଉଛି। ଏଭଳି ସ୍ଥିତିରେ ବିଧବା ମା' ପରଘରେ ପାଇଟି କରିବାକୁ ଯିବା ପୂର୍ବରୁ ତାକୁ ଖୁଣ୍ଟିରେ ଶିକୁଳିରେ ବାନ୍ଧି ଦେଇ ବାହାରକୁ ଯାଉଛି। ଏଭଳି ଅବସ୍ଥାରେ ଚାରିବର୍ଷ ହେବ ଲୁହ ଶିକୁଳିରେ ବନ୍ଧା ପଡିଛି ଜୀବନ।

ବୟସ ବଢ଼ିବା ସହ ମାନସିକ ଭାରସାମ୍ୟ ହରାଇ ବସିଥିବା ବନ୍ଦର ନଗରୀ ପାରାଦୀପ ନୂଆବଜାରର ଜ୍ୟୋଷ୍ଣା ସ୍ୱାଇଁ (୨୦)ଙ୍କ ଜୀବନରେ ସୁନେଲି ସ୍ୱପ୍ନ ଦେଖୁଥିବା ଓ ବଡ ମଣିଷ ହୋଇ ନିଜ ପରିବାରକୁ ପୋଷିବା ପାଇଁ ଲକ୍ଷ ରଖିଥିବା ଜ୍ୟୋଷ୍ଣାଙ୍କ ଖବର ଦେଖି ତାକୁ ଉଦ୍ଧାର କରିବା ପାଇଁ ଧାଇଁ ଆସିଥିଲେ ଜଣାଶୁଣା ସମାଜସେବିକା ସ୍ନେହମୟୀ ଆଚାର୍ଯ୍ୟ। ଲୁହା ଶିକୁଳିରୁ ତାକୁ ମୁକ୍ତ କରିବା ସହ ଅର୍ଥ ଅଭାବରୁ ଚିକିତ୍ସା ସୁବିଧା ପାଇଁ ପାରୁନଥିବା ଜ୍ୟୋଷ୍ଣାଙ୍କୁ ସାହାଯ୍ୟ କରିବା ପାଇଁ ସେ ହୋଇଥିଲେ ଅଗ୍ରସର। ମୁକୁଳିଲେ ଜ୍ୟୋଷ୍ଣା ଆଉ ଏବେ ଅସ୍ଥାୟୀ ଭାବେ ବଦଳିଛି ତାଙ୍କ ଠିକଣା। ପୁରୀ ଜିଲ୍ଲା କଣାଶ ବ୍ଲକରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନରେ ସେ ଏବେ ଅନ୍ତେବାସୀ। ଏବେ ତାର ପ୍ରାରମ୍ଭିକ ଚିକିତ୍ସା କରାଯିବ ସହ ଦରକାର ପଡିଲେ ତାକୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଛନ୍ତି ସ୍ନେହମୟୀ।

ସରକାରଙ୍କ ମାଳମାଳ ଯୋଜନା ଥାଇ ମଧ ଅସହାୟ ବିଧବା ମା ପାଖରେ ଏହା ଥିଲା ଅନେକ ଦୂର। ବିଚରା ଭାଗ୍ୟକୁ ଆଦରି ସ୍ୱାମୀ ହାତ ଛାଡ଼ି ଚାଲିଗଲା ପରେ ସେ ହୋଇ ପଡିଥିଲା ଅସହାୟ। ଆଉ ତିନୋଟି ସନ୍ତାନଙ୍କର ପେଟକୁ ଦାନ ଯୋଗାଡ଼ କରିବା ପାଇଁ ଜ୍ୟୋଷ୍ଣାଙ୍କ ଗୋଡ଼ରେ ଶିକୁଳି ପକାଇବା ପାଇଁ ଏକ ମା' ପାଇଁ ଥିଲା ବାଧବାଧକତା। ଜ୍ୟୋଷ୍ଣା ଭଲ ହେବ ଆଉ ପୁଣି କଲେଜ ମଧ ଯିବ। ଅସହାୟ ପରିବାରର ସେ ହେବ ଆଶା ବାଡ଼ି। ତାଙ୍କ ନିରାମୟ ଜୀବନ ପାଇଁ ଆମର ଏତିକି ପାର୍ଥନା।

### ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନିଆରା ପ୍ରୟାସ

## ବୃଦ୍ଧାଶ୍ରମରେ ପାଳିଲେ ଶ୍ରାଦ୍ଧବାର୍ଷିକୀ



**ମହାକାଳପଡ଼ା,୨।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର କର୍ମକର୍ତ୍ତା ମାନେ ଆଜି ଏକ ମହାକାଳପଡ଼ା ବ୍ଲକ ଅଧୀନ ଖରିନାସି ଠାରେ ଥିବା ବରିଷ୍ଠ ନାଗରିକ ନିବାସରେ ପହଞ୍ଚି ଅନ୍ତେବାସୀଙ୍କ ସହିତ ସମୟ କାଟିଛନ୍ତି। ଆଜି ଥିଲା ଟ୍ରଷ୍ଟ ର ଉପସଭାପତି ରଶ୍ମି ରଞ୍ଜନ ବାରିକ ଙ୍କ ବାପା ରତ୍ନାକର ବାରିକ ଙ୍କ ର ୨୮ ତମ ଶ୍ରାଦ୍ଧ ବାର୍ଷିକୀ। ଏହି ଅବସରରେ ଆଜି ଟ୍ରଷ୍ଟ ର କର୍ମକର୍ତ୍ତା ମାନେ କିଛି ନିଆରା କରିବାକୁ ପ୍ରୟାସ କରିଛନ୍ତି। ସେଠାରେ ସେମାନେ ପହଞ୍ଚି ଅନ୍ତେବାସୀଙ୍କୁ ଯଥୋଚିତ ସମ୍ମାନ କରିବା ସହ ଧୂପ,ଦୀପ, ଚନ୍ଦନ, ସିନ୍ଦୁର, ଅରୁଆ ଚାଉଳ ଓ ଦୁବ ବରକୋଳି ପତ୍ର ଦେଇ ପୂଜାର୍ଚ୍ଚନା କରିଥିଲେ। ଜଗନ୍ନାଥଙ୍କ ନାମ ନେଇ ହରିବୋଲ ହୁଳହୁଳି ରେ ସ୍ଥାନ ପ୍ରକମ୍ପିତ ହୋଇଥିଲା । ସମସ୍ତଙ୍କୁ ଶୀତବସ୍ତ୍ର ପ୍ରଦାନ କରିବା ପରେ ଅନ୍ତେବାସୀ ମାନଙ୍କୁ ଖାଦ୍ୟ ପରସିଥିଲେ କର୍ମକର୍ତ୍ତାମାନେ। ଆଜି ର ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ଚରଣ ମହାପାତ୍ର, ପ୍ରମୋଦ ନାୟକ, ନିମାଇଁ ଚରଣ କର,ରାଜୀବ ଲୋଚନ ରାୟ ଙ୍କ ସହ ମନୋଜ କୁମାର ରାଉତ, ସଂଗ୍ରାମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ନିକଟରେ କଲମ୍ବୋରେ ଶେଷ ହୋଇଥିବା ଆନ୍ତର୍ଜାତିକ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟି-୨୦ ବିଶ୍ୱ କପରେ ଚାମ୍ପିଅନ୍ ହୋଇଥିବା ଭାରତୀୟ ଦଳର ୪ ଓଡ଼ିଆ ଖେଳାଳିଙ୍କୁ ଆଜି ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି।

## ଅର୍ଥାଭାବରୁ ହୋଇପାରୁନି ଚିକିତ୍ସା

### ସହଯୋଗ ପାଇଁ ନିବେଦନ କଲା 'ଆଶା'



କେନ୍ଦୁଝର,୨।୧୨(ସଂଚାର ବ୍ୟୁରୋ): ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନ କୁଣ୍ଢେଇ ଗାଁର ରାବଣ ଜୁଆଙ୍ଗଙ୍କ ଏକମାତ୍ର ପୁଅ ବିଜୟର ଚିକିତ୍ସା କ୍ଷେତ୍ରରେ ଅର୍ଥାଭାବ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ପିଲାବେଳୁ ଭିନ୍ନକ୍ଷମ ଥିବା ୧୦ ବର୍ଷୀୟ ବିଜୟକୁ ମଧ୍ୟ କୌଣସି ପ୍ରକାର ସରକାରୀ ସହାୟତା ମିଳିପାରିନାହିଁ। ଯଦି ସରକାରୀ ସହାୟତା ମିଳିପାରନ୍ତା, ତା'ହେଲେ ବିଜୟର ଚିକିତ୍ସା ହୋଇପାରନ୍ତା ଓ ସେ ମଧ୍ୟ ଅନ୍ୟ ପିଲାଙ୍କ ପରି ସ୍ୱାଭାବିକ ଜୀବନ ବଞ୍ଚିପାରନ୍ତା। ଏ ଦିଗରେ ସହାୟତା ସକାଶେ ସ୍ୱେଚ୍ଛାସେବୀ ସଂଗଠନ 'ଆଶା' ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ନିବେଦନ କରାଯାଇଛି। ମିଳିଥିବା ସୂଚନାନୁସାରେ, ବିଜୟ ପିଲାଟି ଦିନରୁ ନା କଥା କହିପାରୁନି ନା କିଛି ବି ଶୁଣିପାରୁଛି। ଫଳତଃ ସେ ପାଠ ପଢ଼ିବାକୁ ଯାଇପାରୁନାହିଁ। ପୁଅର ଚିକିତ୍ସା କରାଇବା ସକାଶେ ରାବଣ ଯଦିଓ ନିଜସ୍ୱ ଉଦ୍ୟମରେ କିଛି ମାତ୍ରାରେ ଉଦ୍ୟମ କରିଥିଲେ। କିନ୍ତୁ ତା'ର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ କିଛି ଉନ୍ନତି ଘଟିନାହିଁ। ବରଂ ଦିନକୁ ଦିନ ରୋଗର ମାତ୍ରା ବଢ଼ିଚାଲିଛି। ଫଳତଃ ଏକମାତ୍ର ପୁଅର ସ୍ୱାସ୍ଥ୍ୟକୁ ନେଇ ବାପା-ମା' ଚିନ୍ତାରେ ରହିଛନ୍ତି। ରାବଣ ଜୁଆଙ୍ଗ ଜନଜାତିର ହୋଇଥିବାବେଳେ ତାଙ୍କ ଆର୍ଥିକ ସ୍ଥିତି ମଧ୍ୟ ଯଥେଷ୍ଟ ଦୁର୍ବଳ। ତେଣୁ ବିଜୟର ଚିକିତ୍ସା ପାଇଁ ତାଙ୍କ ପକ୍ଷେ ଆବଶ୍ୟକ ଅର୍ଥ ଯୋଗାଡ କରିବା ତାଙ୍କ ପକ୍ଷରେ ଅସମ୍ଭବ। ବିଜୟକୁ ସରକାରଙ୍କ ପକ୍ଷରୁ ଭତ୍ତା ଆକାରରେ ସାମାନ୍ୟ ସହାୟତା ମିଳୁଛି। କିନ୍ତୁ ତାଙ୍କର ପୂର୍ଣ୍ଣ ଚିକିତ୍ସା ଦିଗରେ ନା ପଞ୍ଚାୟତ, ନା ଜିଲ୍ଲା ପ୍ରଶାସନ, ନା ସ୍ଥାନୀୟ ବିଧାୟକ କେହି ବି ପଦକ୍ଷେପ ନେଲେ। ସେହିପରି ଜୁଆଙ୍ଗ ଉନ୍ନୟନ ସଂସ୍ଥା ନିଘୋଡ଼ ନିଦରେ ଶୋଇଛି। ତେବେ ଏହି ଘଟଣା 'ଆଶା' ନଜରକୁ ଆସିବା ପରେ ସଂସ୍ଥା ପକ୍ଷରୁ ବିଜୟର ଚିକିତ୍ସା ପାଇଁ ଉଚ୍ଚ ସ୍ତରରେ ଦାବି ଉଠାଇବା ଦିଗରେ ପଦକ୍ଷେପ ନିଆଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ବିଜୟକୁ ବର୍ଦ୍ଧିତ ହାରରେ ଭତ୍ତା ଦେବା ସହ ତା'ର ଚିକିତ୍ସା ଦାୟିତ୍ୱ ନେବା ସକାଶେ ମଧ୍ୟ ନିବେଦନ କରାଯାଇଛି। ରାବଣକୁ ମଧ୍ୟ ସରକାରୀ ଯୋଜନାରେ ପକ୍କା ଘର ଯୋଗାଇଦେବାକୁ ବି ନିବେଦନ କରାଯାଇଛି। ତେବେ ଏ ଦିଗରେ ମୁଖ୍ୟ ଶାସନ ସଚିବ କ'ଣ ପଦକ୍ଷେପ ନେଉଛି, ତା' ଦେଖିବାର କଥା।

### ଅନିଶ୍ଚିତତାରେ ଅନ୍ୱେଷା ଯୋଜନା

# ସମ୍ପ୍ରସାରଣ ପ୍ରସ୍ତାବ ବିଚାରାଧୀନ: ଗଣଶିକ୍ଷା ମନ୍ତ୍ରୀ

- ସରକାରଙ୍କ ମନୁବାଦୀ ମାନସିକତା: କଂଗ୍ରେସ
- ଚଳିତ ବର୍ଷ ନାମଲେଖା ନ ହେବା ନେଇ ବର୍ଷିଲା ବିଜେଡି



ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ଅନ୍ୱେଷା ଯୋଜନା ଆଗକୁ ଜାରି ରହିବ ନା ନାହିଁ ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ଗତ ୨୦୧୫ରେ ଆରମ୍ଭ ହୋଇଥିବା ଏହି ଯୋଜନା ପ୍ରତି ୫ ବର୍ଷରେ ଥରେ ତର୍ଜମା କରି ନିଷ୍ପତ୍ତି ନିଆଯାଇଥାଏ। ଇତି ମଧ୍ୟରେ ରାଜ୍ୟ ସରକାର ଦୁଇ ଥର ଯୋଜନାକୁ ସମ୍ପ୍ରସାରିତ କରିସାରିଥିବା ବେଳେ ୨୦୨୫ରୁ ଯୋଜନା ଆଉ ସମ୍ପ୍ରସାରିତ ହେବ କି ନାହିଁ ତାହା ସରକାରଙ୍କ ବିଚାରାଧୀନ ରହିଛି ବୋଲି ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଏହି ଯୋଜନାରେ ଛାତ୍ରାଛାତ୍ରୀଙ୍କ ନାମଲେଖା ହୋଇ ନ ଥିବାରୁ ଯୋଜନାର ଭବିଷ୍ୟତକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ବିରୋଧୀ।

ଆଜି ଏ ସମ୍ପର୍କିତ ମୁଲତବି ପ୍ରସ୍ତାବ ଆଲୋଚନାରେ ବିରୋଧୀ ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡିଥିଲେ। ବିଜେଡି ସରକାରରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୧୭ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଛାତ୍ରାବାସ ପ୍ରତିଷ୍ଠା ହୋଇଥିଲା। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ମାଧ୍ୟମରେ ପାଠ ପଢ଼ିବାକୁ ସୁଯୋଗ ସୃଷ୍ଟି କରାଯାଇଥିଲା। କିନ୍ତୁ ବିଜେଡି ଅମଳରେ ଏହି ଯୋଜନା ଆରମ୍ଭ ହୋଇଥିବାରୁ ବର୍ତ୍ତମାନର ବିଜେପି ସରକାର ଏହାକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। ଏହା ରାଜ୍ୟ ସରକାରଙ୍କ ମନୁବାଦୀ ମାନସିକତା ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଭିଯୋଗ କରିଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ଅଭିଯୋଗ କରିଛନ୍ତି ଯେ ଚଳିତ ବର୍ଷ ଏହି ଯୋଜନାରେ ନାମ ଲେଖା ନହେବା ଷଡଯନ୍ତ୍ରର ପୂର୍ବାଭାଷ। ସରକାର ଯଦି ଏହି ଯୋଜନା ବନ୍ଦ କରିବାକୁ ଚକ୍ରାନ୍ତ କରିନାହାଁନ୍ତି ତେବେ ମନ୍ତ୍ରୀ ଗୃହରେ ଏହା ସ୍ପଷ୍ଟ କରିବାକୁ ସେ ଆହ୍ୱାନ ଦେଇଥିଲେ।

ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କହିଥିଲେ ଯେ ବିଜେଡି ସରକାର ଅମଳରେ ଆଦିବାସୀ ଛାତ୍ରାବାସ ଟିଣ ଘରେ ଚାଲୁଥିଲା। ସେମାନେ କେବଳ ଆଦିବାସୀ ଶିକ୍ଷା ନାଁରେ ଭାଷଣବାଜୀ କରୁଥିଲେ। ବିଜେପି ସରକାର କ୍ଷମତାକୁ ଆସିବା ପରେ ୧୭ ମାସରେ ୧୬୦୫ ହଷ୍ଟେଲ ତିଆରି ହୋଇଛି। ପ୍ରତି ହଷ୍ଟେଲ ପିଛା ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେଣୁ ଅନ୍ୱେଷା ଯୋଜନା ବନ୍ଦ ହୋଇନାହିଁ। ଏହା ସରକାରଙ୍କ ବିଚାରଧିନ ରହିଛି। ବଜେଟରେ ମଧ୍ୟ ଏଥିପାଇଁ ୧୫୮ କୋଟିର ବ୍ୟୟ ବରାଦ କରାଯାଇଛି। ନିକଟରେ ୧୧୪ଟି ଏକଲବ୍ୟ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଛି, ସେ ମଧ୍ୟରୁ ୪୭ଟି କାମ ଆରମ୍ଭ ହୋଇଗଲାଣି। ଗତ ୧୦ ବର୍ଷ ମଧ୍ୟରେ ଅନ୍ୱେଷା ଯୋଜନାରେ ୨୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ଆଦିବାସୀଙ୍କ ବିକାଶ ସାମାଜିକ ଓ ଅର୍ଥନୈତିକ ସହ ଶିକ୍ଷାର ବିକାଶ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି।

## ବଢୁଛି ପଶୁ-ମଣିଷ ଲଢ଼େଇ

- ୧୦ ବର୍ଷରେ ୧୩୯୬ ଜଣଙ୍କ ମୃତ୍ୟୁ
- ପ୍ରାଣ ହରାଇଛନ୍ତି ୫୬୦୯ ପଶୁ

ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ): ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ଓ ମଣିଷ ଲଢ଼େଇରେ ୧୩୯୬ ଜଣଙ୍କ ମୃତ୍ୟୁ ହେଲାଣି। ଆଉ ଏହି ସମୟ ମଧ୍ୟରେ ବିଭିନ୍ନ କାରଣରୁ ୫୬୦୯ ବନ୍ୟପ୍ରାଣୀ ମତ୍ୟୁବରଣ କରିଛନ୍ତି। ଆଜି ବିଧାନସବାରେ ଏକ ଲିଖିତ ପ୍ରଶ୍ନରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଏଥିପାଇଁ ସରକାରଙ୍କ ୬୧୭୪.୬୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିଛନ୍ତି। ମୃତ୍ୟୁ ସଂଖ୍ୟାରେ ରୋକ୍ ଲଗାଇବା ନିମନ୍ତେ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶୀକାର ନିରୋଧକ ଶିବିର, ପକ୍ଷୀ ସୁରକ୍ଷା ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନ କୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନୀରିକ୍ଷଣ, ଆଣ୍ଟି-ଡିପ୍ରେଡେସନ/ଆଣ୍ଟି ପୋଚିଂ ସ୍କ୍ୱାଡ୍ ମୁତୟନ, ଜନ ସଚେତନତା ଇତ୍ୟାଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବିଧାନସଭାରେ ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ପ୍ରଶ୍ନରେ ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି।

## ବିଜେପି ସରକାରରେ ଆଦିବାସୀ ଓ ଦଳିତ ବର୍ଗ ଅବହେଳିତ: ବିଜେଡି



ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ) ରାଜ୍ୟରେ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଥିବା ହଷ୍ଟେଲଗୁଡିକରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସେମାନେ ବିଭିନ୍ନ ଅବହେଳାର ଶିକାର ହେଉଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ନବରଙ୍ଗପୁର ଜିଲ୍ଲାରେ ଥିବା ହଷ୍ଟେଲଗୁଡ଼ିକରେ ଗତ ୩ ମାସରେ ୬ ଛାତ୍ରଛାତ୍ରୀ ଚିକିତ୍ସା ଅବହେଳାଜନିତ ମୃତ୍ୟୁବରଣ କରିଥିବା ବେଳେ ଏଥିପାଇଁ ଦଳ ବିଜେପି ସରକାରକୁ ଦାୟୀ କରିଛି।

ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ଦଳର ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। ଜଣେ ସପ୍ତମ ଶ୍ରେଣୀ ଛାତ୍ର ହଷ୍ଟେଲରେ ପ୍ରେସର କୁକର ଫାଟି ଗୁରୁତର ଭାବେ ଆହତ ହୋଇଥିଲେ ସୁଦ୍ଧା ତାଙ୍କୁ ୯ ଦିନ ପର୍ଯ୍ୟନ୍ତ ଚିକିତ୍ସା ଯୋଗାଯାଇନଥିଲା। ଶେଷରେ ପୂର୍ବତନ ସାଂସଦ ପୀଡ଼ିତା ଛାତ୍ରକୁ ଉଦ୍ଧାର କରିବା ସହ ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଚିକିତ୍ସା ବ୍ୟବସ୍ଥା କରିଥିଲେ। ଏ ସଂକ୍ରାନ୍ତରେ ଶ୍ରୀ ମାଝୀ କହିଛନ୍ତି ଯେ ରାଜ୍ୟବାସୀଙ୍କୁ ସୁଶାସନ ଦେବାରେ ସରକାର ବିଫଳ ହୋଇଛନ୍ତି। ବିଜେପି ସରକାରଙ୍କ ଅପାରଗତା ଯୋଗୁଁ ସମସ୍ତ କ୍ଷେତ୍ରରେ ବିଫଳତା ଜଳ ଜଳ ଦିଶୁଛି। ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ରହିଥିଲେ ହେଁ ଆଦିବାସୀ ଓ ଦଳିତ ବର୍ଗ ସର୍ବାଧିକ ଅବହେଳାର ଶିକାର ହେଉଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଛାତ୍ର ଜଣଙ୍କ ହଷ୍ଟେଲରେ ଗୁରୁତର ଆହତ ହୋଇଥିଲେ ମଧ୍ୟ ସରକାର ବଦନାମ ଭୟରେ ଏହାକୁ ଲୁଚାଇବାକୁ ଉଦ୍ୟମ କରିଥିଲେ। ତା'ଛଡ଼ା ହଷ୍ଟେଲ ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ବି ସେମାନଙ୍କୁ ଚିକିତ୍ସା ସୁବିଧା ମିଳୁନାହିଁ। ଗତ ୩ ମାସରେ ୬ ଜଣ ହଷ୍ଟେଲ ଅନ୍ତେବାସୀ ଚିକିତ୍ସା ସୁବିଧା ନ ପାଇ ପ୍ରାଣ ହରାଇଛନ୍ତି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ସେହିପରି ଡ. ମାଝୀ କହିଛନ୍ତି ଯେ ପରିସ୍ଥିତିରେ ସୁଧାର ନ ଆସିଲେ, ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ।

### ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ଉଦ୍‌ଯାପନୀ ଉତ୍ସବ

# ସେବା ମନୋଭାବ ଆଗରେ ହାର୍ ମାନିଥିଲା ବୟସ




ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ): ମା' ରମାଦେବୀ ଜଣେ ମହିୟସୀ ମହିଳା ସହ ସଂଗ୍ରାମୀ ଓ ସମ୍ବେଦନଶୀଳ ନେତ୍ରୀ ଥିଲେ। ତାଙ୍କର ଦେଶ ତଥା ସାଧାରଣ ଗରିବ ଓ ଅବହେଳିତ ଲୋକର ସେବା ମନୋଭାବ ଆଗରେ ବୟସ ହାର୍ ମାନିଥିଲା ବୋଲି ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀର ଉଦଯାପନୀ ଉତ୍ସବର ଦ୍ୱିତୀୟ ଦିନରେ ସ୍ୱାଧୀନତା ସଂଗ୍ରାମ ଓ ସର୍ବୋଦୟରେ ତାଙ୍କର ଅବଦାନ ଉପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ବକ୍ତାମାନେ ମତ ଦେଇଛନ୍ତି। ଗୁଣାତ୍ମକ ବୈଶିଷ୍ଟ୍ୟରେ ରମାଦେବୀଙ୍କ ବ୍ୟକ୍ତିତ୍ୱ ପୂର୍ଣ୍ଣତା ଲାଭ କରିଥିବା ସେମାନେ କହିଛନ୍ତି। ବିଶିଷ୍ଟ ଲେଖିକା ତଥା ଗବେଷିକା ଡକ୍ଟର ନିବେଦିତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମା' ରମାଦେବୀଙ୍କ ସାମଗ୍ରୀକ ଜୀବନର ଗୁଣାତ୍ମକ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ସେହିପରି ବିଶିଷ୍ଟ ଅତିଥି ଉତ୍କଳ ଗାନ୍ଧୀ ସ୍ମାରକନିଧି ସଭାନେତ୍ରୀ କୃଷ୍ଣା ମହାନ୍ତି, କସ୍ତୁରବା ଟ୍ରଷ୍ଟର ଜାତୀୟ ଉପସଭାପତି ଗାୟତ୍ରୀ ଦାସ, ସମାଜସେବୀ ପ୍ରୀତିଛନ୍ଦା ଧଳ, ସାମ୍ବାଦିକ ମିନତୀ ସିଂହ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ ସଭାପତିତ୍ୱ କରିଥିବା ବେଳେ ମା' ରମାଦେବୀ ୧୨୫ ଜନ୍ମବାର୍ଷିକୀ କମିଟି ଆବାହକ ଡାକ୍ତର ବିଶ୍ୱଜିତ ସଭା ପରିଚାଳନା କରିଥିଲେ। ସାମ୍ବାଦିକା ବନିତା ସାହୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ୧୮ରେ ବ୍ଲକଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘର ଆନ୍ଦୋଳନ



ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ): ଆନ୍ଦୋଳନକୁ ଓହ୍ଲାଇବେ ବ୍ଲକଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘ। ରାଜଧାନୀରେ ଅହୋରାତ୍ର ଧାରଣାରେ ବସିବାକୁ ନେଇ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଲେ ଶିକ୍ଷକ। ସାରା ରାଜ୍ୟରେ ୨୫୫୭ଟି ହାଇସ୍କୁଲରେ ପାଖାପାଖି ୨୫ ହଜାର ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଆସନ୍ତା ୧୮ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘ ନେତା ଘୋଷଣା କରିଛନ୍ତି। ଦୀର୍ଘଦିନ ଧରି ସେମାନେ ସାରା ରାଜ୍ୟର ବିଭିନ୍ନ ସ୍କୁଲ ମାନଙ୍କରେ କାର୍ଯ୍ୟରତ ଥିବା ବେଳେ ନିର୍ଯ୍ୟାତିତ ହୋଇ ଆସୁଛନ୍ତି। ହେଲେ ସେମାନଙ୍କ ମୌଳିକ ଦାବିକୁ ବି ସରକାର କର୍ଣ୍ଣପାତ କରୁନାହାନ୍ତି। ଯେଉଥିପାଇଁ ଏଭଳି ଚରମ ନିଷ୍ପତ୍ତି ନେବାକୁ ସେମାନେ ବାଧ୍ୟ ହେଉଛନ୍ତି ବୋଲି କହିଛନ୍ତି । ସାରା ରାଜ୍ୟରେ ବିଦ୍ୟାଳୟମାନଙ୍କରେ ହଜାର ହଜାର ଅବସରପ୍ରାପ୍ତ ଶିକ୍ଷକ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ୩୦ ବର୍ଷ ଧରି ଅବିଚ୍ଛିନ୍ନ ସେବା ଯୋଗାଇ ଅବସର ନେବା ପରେ ବି ସେମାନଙ୍କୁ ପେନ୍‌ସନ୍ ମିଳୁନାହିଁ। ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ରଚନାଙ୍କ ଭାଗ୍ୟ ବଦଳାଇଲା ବେଦାନ୍ତ

### କଳାହାଣ୍ଡି ଝିଅ ଏବେ ଜାତୀୟ ସ୍ତରର ତୀରନ୍ଦାଜ



ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ଚାନାଲିମା ଗାଁର ଜନ୍ମ ନେଇଥିବା ଆଦିବାସୀ ଝିଅ ରଚନା ଆଜି ଜାତୀୟ ସ୍ତରର କ୍ରୀଡାବିତ୍ ଭାବେ ପରିଚିତି ପାଇଛନ୍ତି। ଏକଦା ବିଦ୍ୟାଳୟ, ଘର କାମ ଓ ମା'ଙ୍କୁ ଚାଷଜମିରେ ସାହାଯ୍ୟ କରୁଥିବା ଏହି ୧୭ ବର୍ଷୀୟା ରଚନା ରାଜ୍ୟର ସବୁଠାରୁ ପ୍ରତିଭାବାନ ଯୁବ ତୀରନ୍ଦାଜଙ୍କ ମଧ୍ୟରେ ସାମିଲ୍ ହୋଇଛନ୍ତି। ବାପା ନବୀନ ମାଝୀଙ୍କ ଦେହାନ୍ତ ପରେ ରଚନା ଓ ତାଙ୍କ ବଡ଼ ଭଉଣୀଙ୍କୁ ମା' ଚମ୍ପା ମାଝୀ ଏକାକୀ ଲାଳନପାଳନ କରିଥିଲେ। ସୀମିତ ସାଧନ ଓ କ୍ରୀଡ଼ା କ୍ଷେତ୍ରରେ କୌଣସି ଅଭିଜ୍ଞତା ନ ଥିବାରୁ ରଚନା କେବେ ବି ପାଠପଢା ଓ ଚାଷ ବାହାରେ ତାଙ୍କର କିଛି ଭବିଷ୍ୟତ ଅଛି ବୋଲି କଦାପି କଳ୍ପନା ବି କରିନଥିଲେ। କିନ୍ତୁ ୨୦୨୧ରେ ତାଙ୍କ ଭାଗ୍ୟ ଆକାଶରେ ସମ୍ଭାବନାର ବାଦଲ ଭରିଦେଇଥିଲା ଦେଶର ପ୍ରମୁଖ ଆଲୁମିନିୟମ୍ ପ୍ରସ୍ତୁତକାରୀ କମ୍ପାନୀ ବେଦାନ୍ତ। ସଂସ୍ଥା ପକ୍ଷରୁ ପରିଚାଳିତ ହେଉଥିବା ତୀରନ୍ଦାଜୀ ତାଲିମ କେନ୍ଦ୍ରର ସଂଯୋଜକମାନେ ଲାଞ୍ଜିଗଡ଼ସ୍ଥିତ ରଚନାଙ୍କ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେମାନଙ୍କ ପ୍ରେରଣା କ୍ରମେ ରଚନା ତୀରନ୍ଦାଜୀରେ ପ୍ରଶିକ୍ଷଣ ପାଇଁ ନାମ ଲେଖାଇଥିଲେ। ଧୀରେ ଧୀରେ ତାଙ୍କର ସୁପ୍ତ ପ୍ରତିଭା ସଫଳତାରେ ପରିବର୍ତ୍ତିତ ହୋଇଥିଲା। ଏଥିରେ ପ୍ରଶିକ୍ଷକ ଶମ୍ଭୁନାଥ ପରିଡ଼ାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ କହନ୍ତି, ରଚନା ବିରଳ ପ୍ରତିଭାର ଅଧିକାରୀ। ଯେତେବେଳେ ଚାପ ଅଧିକ ଥାଏ, ସେ ବେଶ୍ ଶାନ୍ତ ରହନ୍ତି। ସେ ଶୀଘ୍ର ଶିଖିବା ସହ ପରିସ୍ଥିତି ସହ ତୁରନ୍ତ ନିଜକୁ ଖାପ ଖୁଆଇନିଅନ୍ତି। ୨୦୨୨ରେ ସେ ଓପନ୍ ଷ୍ଟେଟ୍ ଚାମ୍ପିଅନସିପରେ ରୌପ୍ୟ ଜିତି ରଚନା ତାଙ୍କର ପ୍ରଥମ ପ୍ରମୁଖ ସଫଳତା ହାସଲ କରିଥିଲେ। ପରେ ୨୦୨୪ ସୁଦ୍ଧା ସେ ବିଦ୍ୟାଳୟ ସ୍କୁଲ ଷ୍ଟେଟ୍ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଓ ଓପନ୍ ଷ୍ଟେଟ୍ ଚାମ୍ପିଅନସିପରେ ପୁଣି ରୌପ୍ୟ ଜିତିଥିଲେ। ସେ ଚଳିତ ବର୍ଷ ଏସ୍‌ଜିଏଫ୍‌ଆଇ ପରିଷଦ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଥିଲେ। ପରବର୍ତ୍ତୀ ସମୟରେ ସବ୍‌ଜୁନିଅର୍ ଜାତୀୟ ଚାମ୍ପିଅନସିପ୍ ପାଇଁ ମନୋନୀତ ହୋଇ ସେ ଜାତୀୟ ମଞ୍ଚରେ ନିଜକୁ ଉପସ୍ଥାପିତ କରିପାରିଛନ୍ତି।

# ବିପଜ୍ଜନକ ସ୍ତରରେ ବାୟୁ ଗୁଣମାନ

ଭୁବନେଶ୍ୱର,୨।୧୨: ଓଡ଼ିଶାର ପ୍ରମୁଖ ସହରଗୁଡିକରେ ବାୟୁର ଗୁଣବତ୍ତା ବିପଦଜନକ ସ୍ତରରେ ରହୁଥିବାବେଳେ ଫୁସ୍‌ଫୁସ୍ ଜନିତ ସମସ୍ୟା ଅଧିକରୁ ଅଧିକ ସଂଖ୍ୟକ ଲୋକଙ୍କ ଠାରେ ପରିଲକ୍ଷିତ ହେଉଛି। ଚିକିତ୍ସା ବିଜ୍ଞାନୀମାନେ ଏହା ସ୍ୱୀକାର କରୁଛନ୍ତି। ଦେଶର ରାଜଧାନୀ ନୂଆଦିଲ୍ଲୀରୁ ବାୟୁର ଗୁଣବତ୍ତା ବା ଏୟାର୍ କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଢେର ଅଧିକ ରହୁଥିବାରୁ ସୁପ୍ରିମ୍‌କୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଦିଲ୍ଲୀରେ ଏହା ପ୍ରାୟ ୪୦୦ ରହୁଥିବା ବେଳେ ତା'ର ଆଖପାଖ ସହରରେ ବି ଏକ୍ୟୁଆଇ ପରିମାଣ ୩୦୦ ରୁ ୪୦୦ ପର୍ଯ୍ୟନ୍ତ ରହୁଛି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଏକ୍ୟୁଆଇ ପରିମାଣ ୧୫୦ ରୁ ୨୦୦ ପର୍ଯ୍ୟନ୍ତ ରେକର୍ଡ ପର୍ଯ୍ୟନ୍ତ ରହୁଥିବା ପରିବେଶ ବିଶେଷଜ୍ଞମାନେ କହୁଛନ୍ତି। ଏକ୍ୟୁଆଇ ପରିମାଣ ୧୦୦ ରୁ ତଳକୁ ରହିଲେ ଚଳନୀୟ ଓ ୬୦ରୁ ତଳକୁ ରହିଲେ ଏହା ସର୍ବୋତ୍ତମ ବୋଲି କୁହାଯାଇଥାଏ। କେବଳ ଭୁବନେଶ୍ୱରରେ ନୁହେଁ, ଅନୁଗୁଳ, ଝାରସୁଗୁଡା, ରାଉରକେଲା, ତାଳଚେର ଭଳି ସହରାଞ୍ଚଳରେ ମଧ୍ୟ ଏକ୍ୟୁଆଇ ବିପଜ୍ଜନକ ସ୍ତରରେ ରହୁଛି। ବିଶେଷକରି ଖଣିଖାଦାନ,କଳକାରଖାନା ଓ ଅଧିକ ସଂଖ୍ୟକ ମୋଟରଗାଡ଼ି ଚାଲୁଥିବା ଅଞ୍ଚଳରେ ଏକ୍ୟୁଆଇ ବିପଜ୍ଜନକ ସ୍ତରରେ ରହୁଛି। ଏହାଛଡ଼ା ରାସ୍ତା ସଫେଇ ସମୟରେ ଯେଉଁ ଧୂଳି ଉଡୁଛି, ତାହା ବି କ୍ଷତିକାରକ ହେଉଛି। ବିଭିନ୍ନ ସ୍ଥାନରେ ଚାଲୁଥିବା କ୍ରସର ବି ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ହେଉଛନ୍ତି। ପରିବେଶବିତ୍‌ମାନେ କହୁଛନ୍ତି ଯେ ଭୁବନେଶ୍ୱର ସମେତ ବିଭିନ୍ନ ସହରାଞ୍ଚଳରେ ଚାଲୁଥିବା ରାସ୍ତାଘାଟଠାରୁ ଆପାର୍ଟମେଣ୍ଟ ନିର୍ମାଣ ଯୋଗୁଁ ବାୟୁମଣ୍ଡଳରେ ଧୂଳି ଭର୍ତ୍ତି ହୋଇଯାଉଛି। ନିୟମାନୁଯାୟୀ ଯେଉଁ ସ୍ଥାନରେ ନୂଆ ଘର କିମ୍ବା ଆପାର୍ଟମେଣ୍ଟ ଆଦି ତିଆରି ହେଉଛି ସେଠାରେ ଚାରିପଟୁ ଜରିପାଲ ଦ୍ୱାରା ଆବଦ୍ଧ କରାଯାଇ ଗୁଣ୍ଡ ଉଡ଼ିବାକୁ ରୋକାଯିବା ଆବଶ୍ୟକ। ଯେଉଁମାନେ ଏହାର ଉଲ୍ଲଙ୍ଘନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ସହ ନିର୍ମାଣ ବନ୍ଦ କରିବା ପାଇଁ ବ୍ୟବସ୍ଥା ରହିଛି। ତେବେ ନଗର ଉନ୍ନୟନ ବିଭାଗ ସମେତ ବିଏମସି, ବିଡିଏ ଓ ଅନୁରୂପ ଅନ୍ୟ ସଂସ୍ଥାମାନେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉନଥିବାରୁ ଏହି ନିର୍ମାଣସ୍ଥଳୀର ଗୁଣ୍ଡ ପ୍ରଭାବରେ ଆଖପାଖର ନିରୀହ ଲୋକ ବିଭିନ୍ନ ରୋଗରେ ପଡୁଛନ୍ତି। ବିଶେଷକରି ଶୀତଦିନେ ବାୟୁମଣ୍ଡଳରେ କୁହୁଡ଼ିର ପ୍ରଭାବ ରହିବା ଫଳରେ ଧୂଳିକଣା ଦୀର୍ଘ ସମୟ ଧରି ଜମାଟ ବାନ୍ଧି ରହିଥାଏ। ଏହି ପ୍ରଦୂଷିତ ବାୟୁ ସେବନ କଲେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଉପୁଜେ। ଏହାର ପ୍ରତିକାର ପାଇଁ ଲୋକେ ମାସ୍କ ବ୍ୟବହାର କରିବା କଥା। କିନ୍ତୁ ଏ ସଂକ୍ରାନ୍ତରେ ଜନସଚେତନତା ଅଭାବ ସହ ନିର୍ମାଣକାରୀ ଓ ତଦନ୍ତକାରୀ ସଂସ୍ଥାଗୁଡିକର ଖାମଖିଆଲ ମନୋଭାବ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ବିପଦରେ ପଡୁଛି। ଏଠାରେ ଉଲ୍ଲେଖନୀୟ ଯେ ବାୟୁ ପ୍ରଦୂଷଣ ରୋକାନଯିବା ସମ୍ବିଧାନର ୨୧ ଧାରାରେ ଉଲ୍ଲେଖ ଥିବା ବଞ୍ଚିବାର ଅଧିକାରକୁ ଉଲ୍ଲଙ୍ଘନ କରିଥାଏ ବୋଲି ସୁପ୍ରିମକୋର୍ଟ ବାରମ୍ବାର କହିଆସୁଛନ୍ତି। ବଞ୍ଚିବାର ଅଧିକାର ମଧ୍ୟରେ ଲୋକେ ଯେପରି ପ୍ରଦୂଷଣମୁକ୍ତ ବାୟୁ ଓ ଜଳ ପାଆନ୍ତି, ତାହା ସୁନିଶ୍ଚିତ କରିବା ସରକାରଙ୍କର ପ୍ରାଥମିକ କର୍ତ୍ତବ୍ୟ। (ତଥ୍ୟ)



## ବିଧାନସଭା ଖବର

### ସମୁଦ୍ର ଆଁରେ ୪୬ ଉପକୂଳ ଗାଁ

ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ): ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ବିଭିନ୍ନ ଉପକୂଳ ଜିଲ୍ଲାରେ ସମୁଦ୍ର କୂଳ ଲଂଘୁଛି। କେନ୍ଦ୍ରାପଡାର ୨୬, ଗଞ୍ଜାମର ୧୪, ପୁରୀ ଜିଲ୍ଲାର ୬ ଗାଁର ଅନେକାଂଶ ଅଞ୍ଚଳ ସମୁଦ୍ରରେ ବିଲୀନ ହୋଇଯାଇଛି। ଏହି ସବୁ ଗାଁଗୁଡିକ ୧୯୯୦ରୁ ୨୦୨୮ ମଧ୍ୟରେ ସମୁଦ୍ର ମାଡି ଆସିବା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ରାଜନଗର ବ୍ଲକର ସାତଭାୟା, କାହ୍ନୁପୁରୁ, ବରାହି ପୁର, ମଗର କଣ୍ଡା, ଓ ରବୀନ୍ଦ୍ରପାଲି ଲୋକଙ୍କୁ ବଗପାଟିଆରେ ଥଇଥାନ କରାଯାଇଛି। ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱରର ୧୪୦.୭୩ ହେକ୍ଟର ଜମି ସମୁଦ୍ର ମାଡ଼ି ଆସିବା ଦ୍ୱାରା ଅବକ୍ଷୟ ହୋଇଛି। ସମୁଦ୍ରକୁ ରୋକିବା ଲାଗି ଅଧିକରୁ ଅଧିକ ହେନ୍ତାଳ ବଣ ସୃଷ୍ଟି କରାଯାଉଛି ବୋଲି ବିଧାନସଭାରେ ଉତ୍ତର ରଖିଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ।

### ଓଡ଼ିଆରେ ନାମଫଳକ ଲେଖିନଥିଲେ ସାବଧାନ

ଏଣିକ ଓଡ଼ିଆରେ ନାମଫଳକ ନ ଲେଖିଲେ କାର୍ଯ୍ୟାନୁଷ୍ଠା ହେବ। ଆକ୍ସନ ମୋଡ୍‌ରେ ପ୍ରଶାସନ, ଦଣ୍ଡ ଗଣିଲେଣି ୩୧୯ ଦୋକାନୀ। ଓଡ଼ିଆରେ ନାମଫଳକ ନ ଲେଖିବାରୁ ଦୋକାନଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ସହ ଜରିମାନା କରାଯାଇଛି। ୨୦୨୩ରୁ ୨୦୨୫ ମଧ୍ୟରେ ୨୫୯୪ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଥିବା ବେଳେ ୩୧୯ ଜଣ ଜରିମାନା ଗଣିଛନ୍ତି। ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ।

### ବିଷ ହେଲାଣି ପ୍ରମୁଖ ନଦୀ

ରାଜ୍ୟର ୧୬ ସ୍ଥାନରେ ନଦୀ ଜଳ ପ୍ରଦୂଷିତ ହୋଇଛି। କଟକରେ କାଠଯୋଡ଼ି, ଭୁବନେଶ୍ୱରରେ ଦୟା ନଦୀ, ଗଙ୍ଗୁଆ ନାଳ, ଗୋପ ଭିଙ୍ଗାରପୁରର କୁଶଭଦ୍ରା, ରାଉରକେଲାର ବ୍ରାହ୍ମଣୀ ଓ ଗୁରାଡ଼ି ନାଳ ପ୍ରଦୂଷଣ ଥିବା ରିପୋର୍ଟ ହୋଇଛି। ଏହା ମୁଖ୍ୟତଃ ସହରାଞ୍ଚଳ ବର୍ଜ୍ୟଜଳ ନିଷ୍କାସନ, ନଦୀ ଜଳର ଅତ୍ୟଧିକ ବ୍ୟବହାର ଯୋଗୁଁ ପ୍ରଦୂଷିତ ହେଉଛି। ଏସବୁ ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ସହରାଞ୍ଚଳ ଅଧିକାରୀମାନଙ୍କୁ ପ୍ରଦୂଷଣ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଜିଲ୍ଲା ପ୍ରଶାସନ, ନଗର ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜଳ ଯୋଗାଣ ଓ ପରିମଳ ପରିଷଦକୁ ପଦକ୍ଷେପ ନେବାକୁ କୁହାଯାଇଛି। ନଦୀ ପ୍ରଭାବ ବୃଦ୍ଧି, ନଦୀ ସାମ୍ମୁଖ୍ୟ ବିକାଶ, ଶୌଚାଳୟ ନିର୍ମାଣ, ବାହ୍ୟ ମଳମୂତ୍ର ରୋକିବାକୁ ପଦକ୍ଷେପ ନିଆଯାଉଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।

### ସରକାରୀ ଉଦ୍ୟୋଗରେ ନାହାନ୍ତି କର୍ମଚାରୀ

ନାହିଁ ନାହିଁରେ ଚାଲିଛି ସରକାରୀ ଉଦ୍ୟୋଗ। ୩୨ ନିଗମରେ ଖାଲି ପଡ଼ିଛି ୧୦ ହଜାର ୨୬୪ ପଦବୀ। ଓଡ଼ିଶା କୃଷି ଶିଳ୍ପ ନିଗରେ ୨୮୮, ଓଡ଼ିଶା ବିହନ ନିଗମରେ ୧୦୩, ଖଣି ନିଗମରେ ୧୧୬୩, ନିର୍ମାଣ ନିଗମରେ ୪୮୩, ଜଳ ବିଦ୍ୟୁତ ନିଗମରେ ୧୧୧୨, ଶକ୍ତି ସଂଚାରଣ ନିଗମରେ ୩୨୬୧, କ୍ଷୁଦ୍ର ଶିଳ୍ପ ନିଗମରେ ୨୦୫, ଉଠା ଜଳସେଚନ ନିଗମରେ ୧୧୫୦, ପଣ୍ୟାଗାର ନିଗମରେ ୩୪୯, ସଡ଼କ ପରିବହନ ନିଗମରେ ୩୬୧, ଓ୍ୱାଟକୋରେ ୬୫, ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମରେ ୧୧୭ଟି ପଦବୀ ଖାଲି ପଡ଼ିଛି। ଆଜି ବିଧାନସଭାରେ ସରକାରୀ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

### ଭଙ୍ଗା ହେବ କଟକର ବିପଦସଙ୍କୁଳ କୋଠା

କଟକରେ ଆପାର୍ଟମେଣ୍ଟ ତାଜା ଭୁଶୁଡ଼ିବା ଘଟଣା ପରେ ଚେତିଛନ୍ତି ରାଜ୍ୟ ସରକାର। ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ କହିଛନ୍ତି ଯେ ବିପଦସଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ବିଶେଷ କମିଟି ଗଠନ କରାଯାଇଛି। ସେହି କମିଟିର ସଦସ୍ୟମାନେ ସମସ୍ତ ଓ୍ୱାର୍ଡରେ ସର୍ଭେ କାର୍ଯ୍ୟ ଚଳାଉଛନ୍ତି। ସର୍ଭେ କାମ ଶେଷ ହେଲେ, ଚିହ୍ନଟ କରାଯାଇଥିବା ବିପଦସଙ୍କୁଳ କୋଠାର ମାଲିକଙ୍କୁ ନୋଟିସ୍ ଦେଇ ନିୟମାନୁସାରେ ଭାଙ୍ଗିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବଜାରରେ ବୁଲୁଛି ପୁଳା ପୁଳା ନକଲି ମେଡିସିନ

ଗତ ୪ ବର୍ଷରେ ରାଜ୍ୟରେ ଚିହ୍ନଟ ହୋଇଛି ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ମେଡିସିନ୍। ୨୦୨୧ରୁ ୨୦୨୪-୨୫ ଭିତରେ ୧୬୮ଟି ନକଲି ମେଡିସିନକୁ ଚିହ୍ନଟ କରିଛନ୍ତି ରାଜ୍ୟ ସରକାର। ଏନେଇ ଆଜି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ।

ସେ କହିଛନ୍ତି ଯେ, ପାନ୍-୪୦, ପାନଟପ, ଟେଲମା, ପାରାସିଟାମଲ ପରି ୮୦ଟି ନକଲି ଔଷଧ ବଜାରରେ ବିକ୍ରି ହେଉଛି। ୨୦୨୧ରେ ୭୯ଟି, ୨୦୨୨ରେ ୬୪ଟି, ୨୦୨୩ରେ ୧୪ଟି ଓ ୨୦୨୪ରେ ୧୧ଟି ନକଲି ମେଡିସିନ ଚିହ୍ନଟ ହୋଇଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ଜଣାପଡ଼ିଛି। ସେହିଭଳି ୩୮୮ଟି ନିମ୍ନମାନର ମେଡିସିନ ଯାହାକି ଆବଶ୍ୟକୀୟ ଗୁଣବତ୍ତା ଓ ପ୍ରଭାବଶାଳୀ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛି। ଅର୍ଥାତ୍ ଏନଏସକ୍ୟୁ ବା ନଟ୍ ଅଫ୍ ଷ୍ଟାଣ୍ଡାର୍ଡ କ୍ୱାଲିଟି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

**ସମ୍ପାଦକୀୟ**

SANCHAR ସଂଚାର

୪

ବୁଧବାର ୩ ଡିସେମ୍ବର ୨୦୨୫, ଭୁବନେଶ୍ୱର

Wednesday 3 December 2025, Bhubaneswar

# ନେତା ନୁହେଁ, ବ୍ୟବସ୍ଥାର ପରିବର୍ତ୍ତନ ଜରୁରୀ



ପାକିସ୍ତାନର ରାଜନୈତିକ ପରିବେଶ ପୁଣି ଥରେ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ସମର୍ଥକମାନେ ଦେଶବ୍ୟାପୀ ବିକ୍ଷୋଭ କରିବାରେ ଲାଗିଛନ୍ତି, ଯାହାକୁ କେହି କେହି 'ବିଦ୍ରୋହ' ବୋଲି ଚିତ୍ରିତ କରୁଛନ୍ତି। ଅଗଷ୍ଟ ୨୦୨୩ରୁ ରାୱଲପିଣ୍ଡିର ଆଡିଆଲା ଜେଲରେ ବନ୍ଦୀ ଥିବା ଇମ୍ରାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ନେଇ ଉଦବେଗ ବଢ଼ିବାରେ ଲାଗିଛି। ତାଙ୍କର ପରିବାର ଏବଂ ପାର୍ଟି ନେତାମାନଙ୍କୁ ତାଙ୍କୁ ଭେଟିବାରୁ ବଞ୍ଚିତ କରାଯାଉଥିବା ଅଭିଯୋଗ ସହିତ ସୋସିଆଲ୍ ମିଡ଼ିଆରେ ତାଙ୍କର ମୃତ୍ୟୁର ଗୁଜବ କରାଯାଉଥିବାରୁ ପାକିସ୍ତାନ ତେହରେକ୍-ଏ-ଇନସାଫ୍ (ପିଟିଆଇ) ସମର୍ଥକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଆଜି ରାୱଲପିଣ୍ଡି ଏବଂ ଇସଲାମାବାଦରେ ବିରାଟ ବିକ୍ଷୋଭ ଆୟୋଜନ କରାଯାଇଛି, ଯାହା ପାକିସ୍ତାନର ଲୋକତନ୍ତ୍ର ଏବଂ ସ୍ଥିରତା ଉପରେ ଗଭୀର ପ୍ରଭାବ ପକାଇଛି।

ଏହି ବିକ୍ଷୋଭର ମୂଳ କାରଣ ହେଉଛି ଇମ୍ରାନ୍ ଖାନଙ୍କ ଅନ୍ୟାୟପୂର୍ଣ୍ଣ କାରାବାସ ଏବଂ ସରକାରର କଠୋର ନୀତି। ଭ୍ରଷ୍ଟାଚାର ଏବଂ ଉତ୍ତେଜନା ସୃଷ୍ଟି ଅଭିଯୋଗରେ ତାଙ୍କୁ ବନ୍ଦୀ କରାଯାଇଛି, କିନ୍ତୁ ପିଟିଆଇ ଏହାକୁ ରାଜନୈତିକ ପ୍ରତିଶୋଧ ବୋଲି କହୁଛି। ଗତ ଏକ ମାସରୁ ଅଧିକ ସମୟ ଧରି ତାଙ୍କର ଭଉଣୀମାନେ ଏବଂ ପାର୍ଟି ନେତାମାନଙ୍କୁ ତାଙ୍କୁ ଭେଟିବାରୁ ବଞ୍ଚିତ କରାଯାଉଥିବା ଯୋଗୁଁ ସମର୍ଥକମାନେ ଉତ୍ତେଜିତ ହୋଇଛନ୍ତି। ଇମ୍ରାନଙ୍କ ଭଉଣୀ ନୋରିନ୍ ନିଆଜି କହିଛନ୍ତି ଯେ ସରକାର ତାଙ୍କୁ ନିର୍ଯ୍ୟାତନା ଦେଉଛି ଯାହା ଦ୍ୱାରା ସେ ରାଜନୀତିରୁ ଅବସର ନେବାକୁ ବାଧ୍ୟ ହେବେ। ଏହି ଅଭିଯୋଗଗୁଡ଼ିକ ପାକିସ୍ତାନର ଲୋକତାନ୍ତ୍ରିକ ପ୍ରକ୍ରିୟା ପ୍ରତି ପ୍ରଶ୍ନବାଚୀ କରୁଛି, ଯେଉଁଠାରେ ସେନାର ଭୂମିକା ସର୍ବଦା ବିବାଦୀୟ ରହିଆସିଛି। ସେନାପତି ଆସିମ୍ ମୁନିରଙ୍କ ନେତୃତ୍ୱରେ ସରକାର ବିକ୍ଷୋଭକୁ ଦମନ କରିବାକୁ ଧାରା ୧୪୪ ଲାଗୁ କରିଛି ଏବଂ ରାସ୍ତାଗୁଡ଼ିକୁ ସିଲ୍ କରିଦେଇଛି, ଯାହା ଉତ୍ତେଜନା ନିଆଁରେ ଘିଅ ଢାଳିବା ପରି ହୋଇଛି।

ଏହି ବିଦ୍ରୋହ ପାକିସ୍ତାନର ରାଜନୈତିକ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି। ଇମ୍ରାନ୍ ଖାନ୍ ଜଣେ ଲୋକପ୍ରିୟ ନେତା ଭାବରେ ଉଭା ହୋଇଛନ୍ତି, ଯିଏ ଭ୍ରଷ୍ଟାଚାର ବିରୋଧୀ ଅଭିଯାନ ଏବଂ ଅର୍ଥନୈତିକ ସଂସ୍କାର ପାଇଁ ଜଣାଶୁଣା। ତାଙ୍କର ସମର୍ଥକମାନେ, ବିଶେଷକରି ଯୁବକମାନେ, ତାଙ୍କୁ ଏକ ପରିବର୍ତ୍ତନର ପ୍ରତୀକ ଭାବରେ ଦେଖୁଛନ୍ତି। କିନ୍ତୁ ଏହି ବିକ୍ଷୋଭଗୁଡ଼ିକ ହିଂସାତ୍ମକ ହୋଇପାରେ, ଯେପରି ଗତ ମେ' ୯ରେ ହୋଇଥିଲା, ଯେଉଁଠାରେ ସେନା ବିକ୍ଷୋଭକାରୀଙ୍କ ଉପରେ ଗୁଳି ଚଳାଇଥିଲା। ଏହା ପୂର୍ବରୁ ମୁଦ୍ରାସ୍ଫୀତି ଏବଂ ବେରୋଜଗାରୀରେ ପୀଡ଼ିତ ଦେଶର ଅର୍ଥନୀତିକୁ ଆହୁରି ଦୁର୍ବଳ କରିବ ବୋଲି ଆଶଙ୍କା କରାଯାଉଛି । ଆନ୍ତର୍ଜାତୀୟ ସ୍ତରରେ ଭାରତ ଏବଂ ବାଂଲାଦେଶରେ ଦେଖାଦେଇଥିବା ରାଜନୈତିକ ଅସ୍ଥିରତା ପରି ଏହା ପାକିସ୍ତାନର ପ୍ରତିଛବିକୁ କ୍ଷତିଗ୍ରସ୍ତ କରିବ। ବାଂଲାଦେଶରେ ଛାତ୍ର ବିଦ୍ରୋହ ସରକାରରେ ପରିବର୍ତ୍ତନ ଆଣିଥିଲା, ଯାହା ପାକିସ୍ତାନୀ ସମର୍ଥକମାନଙ୍କୁ ପ୍ରେରଣା ଦେଇପାରେ। କିନ୍ତୁ ପାକିସ୍ତାନରେ ସେନାର ପ୍ରଭାବ ଯୋଗୁଁ ଏହି ବିକ୍ଷୋଭ ସଫଳ ହେବା କଠିନ।

ଏହି ସଙ୍କଟର ସମାଧାନ ଆଲୋଚନା ଏବଂ ସ୍ୱଚ୍ଛତାରେ ରହିଛି। ସରକାର ଇମ୍ରାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ନେଇ ସ୍ପଷ୍ଟ ବୟାନ ଦେବା ଉଚିତ୍ ଏବଂ ତାଙ୍କର ପରିବାରକୁ ଭେଟିବାର ଅନୁମତି ଦେବା ଉଚିତ୍। ପିଟିଆଇ ମଧ୍ୟ ହିଂସାକୁ ପ୍ରୋତ୍ସାହନ ନଦେଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବା ଉଚିତ୍। ପାକିସ୍ତାନର ଲୋକତନ୍ତ୍ର ସେନାର ହସ୍ତକ୍ଷେପରୁ ମୁକ୍ତ ହେବା ଆବଶ୍ୟକ, ନଚେତ୍ ଏହି ବିଦ୍ରୋହ ଆହୁରି ବଡ଼ ସଙ୍କଟ ସୃଷ୍ଟି କରିବ। ଆନ୍ତର୍ଜାତୀୟ ସମୁଦାୟ ଏହାର ନିରୀକ୍ଷଣ କରି ମାନବାଧିକାର ରକ୍ଷା କରିବା ଉଚିତ୍। ଶେଷରେ, ଏହି ଘଟଣା ପାକିସ୍ତାନକୁ ଏକ ସମୀକ୍ଷାର ସୁଯୋଗ ଦେଉଛି - କେବଳ ନେତାଙ୍କ ନୁହେଁ, ସମଗ୍ର ବ୍ୟବସ୍ଥାର ପରିବର୍ତ୍ତନ ପାଇଁ।

# ପ୍ରାୟୋଜିତ ପତ୍ରର ୨୭୨ ଲେଖକ କ'ଣ ସାରା ଦେଶର ପ୍ରତିନିଧି ?

**ଗୋପାଳ ମହାପାତ୍ର**



ଦେଶର ୨୭୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏବେ ହଠାତ୍ ଜଣାପଡ଼ିଲା ଯେ ରାହୁଳ ଗାନ୍ଧୀ ସାମ୍ବିଧାନୀକ ସଂସ୍ଥା ବିରୋଧରେ ବିଷୋଦ୍‌ଗାର କରୁଛନ୍ତି ଯାହା ଦେଶ ପାଇଁ ଶୁଭଙ୍କର ନୁହେଁ। ଏ କଥା ମନେପଡ଼ିବା ମାତ୍ରେ ଏହି ୨୭୨ ବିଶିଷ୍ଟ ବ୍ୟକ୍ତିମାନେ ରାହୁଳ ଗାନ୍ଧୀଙ୍କ ଉଦେଶ୍ୟରେ ମିଳିତ ଭାବେ ଏକ ପତ୍ର ଲେଖିଛନ୍ତି। ପତ୍ରରେ ଲେଖାଯାଇଛି ଯେ ରାହୁଳ ରାଷ୍ଟ୍ରୀୟ ସମ୍ବିଧାନୀକ ସଂସ୍ଥା ବିରୁଦ୍ଧରେ ତଥ୍ୟହୀନ ଅଭିଯୋଗ କରୁଛନ୍ତି ଓ ଦେଶରେ ସମ୍ବିଧାନୀକ ସଂସ୍ଥା ବିରୁଦ୍ଧରେ ଏକ ନକାରାତ୍ମକ ବାତାବରଣ ସୃଷ୍ଟି କରୁଛନ୍ତି। ଏହି ପତ୍ରରେ ମହାମାନବ ମାନେ ଲେଖିଛନ୍ତି ଯେ ବିରୋଧିଦଳର କିଛି ନେତା ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି, ନ୍ୟାୟପାଳିକାର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଉଛନ୍ତି, ସଂସଦର ସମ୍ବିଧାନ ସମ୍ମତ କାର୍ଯ୍ୟକୁ ବିରୋଧ କରୁଛନ୍ତି ଏପରିକି ସେନାର ବାହାଦୁରୀ ଏବଂ ଉପଲବ୍ଧିକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି। ପତ୍ର ଲେଖିଥିବା ଏହି ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଅଛନ୍ତି ୧୬ଜଣ ଅବସରପ୍ରାପ୍ତ ବିଚାରପତି, ୧୨୩ ଜଣ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଏବଂ ୧୨୩ ଜଣ ଅବସପ୍ରାପ୍ତ ସେନା କର୍ମଚାରୀ। ଏମାନେ ଦସ୍ତଖତ କରିଥିବା ଖୋଲାପତ୍ରରେ ଲେଖିଛନ୍ତି ଯେ ବିରୋଧି ଦଳ ନେତା ନିର୍ବାଚନରେ ତାଙ୍କଦଳ ବାରମ୍ବାର ହାରିବା ପରେ ଏଭଳି ନକାରାତ୍ମକ କାର୍ଯ୍ୟ କରୁଛନ୍ତି। ପତ୍ରରେ ଏହି ମହାମାନବ ମାନେ ନିର୍ବାଚନ କମିଶନଙ୍କୁ ସମର୍ଥନ କରିବା ପାଇଁ ମଧ୍ୟ ସମାଜ ଓ ସାଧାରଣ ନାଗରିକ ମାନଙ୍କୁ ନିବେଦନ କରିଛନ୍ତି। ପତ୍ରରେ ସେନା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଉପରେ ପ୍ରଗାଢ଼ ବିଶ୍ୱାସ କରାଯିବା ଉଚିତ ବୋଲି କୁହାଯିବା ସହ ନିର୍ବାଚନ କମିଶନଙ୍କ କାର୍ଯ୍ୟକୁ ପ୍ରକାରାନ୍ତରେ ପ୍ରଶଂସା କରାଯାଇଛି।

ଏହି ୨୭୨ ବ୍ୟକ୍ତି ବିଶେଷଙ୍କର ହଠାତ୍ ଏପରି ପତ୍ର ଲେଖିବା ଘଟଣାକୁ ନେଇ କେତେକ ଜାତୀୟସ୍ତରର ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ବିଭିନ୍ନ କଥା ପ୍ରକାଶ ପାଉଛି। ବିଗତ ଦିନରେ କୃଷକ ଆନ୍ଦୋଳନ ବେଳେ ଏମାନେ କେବେ ମୁହଁ ଖୋଲିନଥିଲେ କି ଘଟଣା ପାଇଁ ଏମାନଙ୍କ ହୃଦୟ ଆନ୍ଦୋଳିତ ହୋଇ ନଥିଲା। କରୋନା ମହାମାରୀ ବେଳର ଅବ୍ୟବସ୍ଥାରେ ହେଉ ବା ପହଲଗାଓଁ ମାମଲା ଏପରିକି ବିମୁଦ୍ରୀକରଣ ପରେ ବ୍ୟାଙ୍କ ଆଗରେ ଲମ୍ବା ଧାଡିରେ ଭୋକ ଉପସରେ ଠିଆହୋଇ ଯେଉଁ କେତେକ ଲୋକଙ୍କର ମୃତ୍ୟୁ ହୋଇଥିଲା ସେତେବେଳେ ଏମାନଙ୍କ ମୁହଁରେ ତୁଣ୍ଡି ବନ୍ଧାହୋଇଥିଲା ବୋଧହୁଏ? ଏମାନେ ଏସବୁ କଥା ଦେଖିପାରିନଥିଲେ। ୨୦୨୩ ମସିହାରେ ୭୮ ସାଂସଦଙ୍କୁ ନିଲମ୍ବିତ କରାଯିବା ପରେ ଅନେକ ବିଧେୟକ ଗୃହୀତ କରାଯାଇଥିବା କଥା ଏମାନେ ଜାଣିଛନ୍ତି ନା ନାହିଁ? ଏମିତି ଅନେକ କଥା ରହିଛି। ଦେଶରେ ବେରୋଜଗାର, ଦରଦାମ ବୃଦ୍ଧି ଭଳି ମଧ୍ୟ ଅନେକ ସମସ୍ୟା ରହିଛି ଯାହା ସବୁ ଏମାନଙ୍କ ନଜରକୁ ଆସୁନାହିଁ। ନିର୍ବାଚନୀ ବଣ୍ଡ ବାବଦରେ ଏହି ଖୋଲା ପତ୍ର ଲେଖିଥିବା ବିଦ୍ୱାନ ମାନେ ମୁହଁ ଖୋଲିନଥିଲେ। ଲେଖକ, ସାହିତ୍ୟିକ, ସାମ୍ବାଦିକ ଏବଂ ସାମାଜିକ କର୍ମକର୍ତ୍ତାଙ୍କୁ ଜେଲରେ ପୁରାଯାଉଛି। ଏହି ୨୭୨ କ'ଣ ଏକଥା ଜାଣିନାହାଁନ୍ତି ନା ଜାଣିବାକୁ ଚେଷ୍ଟା କରିନାହାଁନ୍ତି? ଅସହମତି ଜାହିର କରି କେତେ ଯେ ଜେଲରେ ସଢ଼ୁଛନ୍ତି ସେ କଥା ଜଣାନାହିଁ କିନ୍ତୁ ସବୁ ନିର୍ବାଚନ ବେଳେ ରାମ- ରହିମ ଭଳି ଅପରାଧିଙ୍କୁ ପାରୋଲରେ ଜେଲରୁ ବାହାର କରାଯାଉଛି। ଆଶାରାମଙ୍କୁ ଜାମିନ ମିଳିଯାଉଛି। ହଜାର ହଜାର କୋଟିର ଠକେଇ (ଘୋଟାଲା) କରିଥିବା ଲୋକେ ମଜାରେ ବୁଲୁଛନ୍ତି। ଶିଳ୍ପପତିଙ୍କ ଲକ୍ଷଲକ୍ଷ କୋଟି ଟଙ୍କା ଛାଡ କରାଯାଉଛି। ଏବାବଦରେ କ'ଣ ଏହି ୨୭୨ ପତ୍ର ଲେଖକ ବିଦ୍ୱାନ ମାନେ ଅନଭିଜ୍ଞ କି? ଏମାନେତ କେବେ ଏସବୁ ପ୍ରସଙ୍ଗରେ ପତ୍ର ଲେଖିନାହାଁନ୍ତି? ବିନା ସ୍ୱାର୍ଥରେ ଲେଖିବେ ବା କାହିଁକି?

ଖୋଲାପତ୍ର ଲେଖିଥିବା ଏହି ୨୭୨ ଜଣଙ୍କର ଅତୀତ କ'ଣ, ସେମାନେ କେତେ ନିରପେକ୍ଷ ଥିଲେ ଓ କିଏ କ'ଣ କରିଛନ୍ତି ସେ ବାବଦରେ ଅଧିକ ଆଲୋଚନା ଅନାବଶ୍ୟକ ଅଟେ। ଏମାନଙ୍କ ଅତୀତ ବାବଦରେ ତର୍ଜମା କଲେ ଅନେକ କଥା ନଜରକୁ ଆସିଯିବ। ଏହି ୨୭୨ଙ୍କ ଜନ୍ମକୁଣ୍ଡଳୀ ଖୋଲିଲେ ଏମାନଙ୍କ ପ୍ରକୃତ ସ୍ୱରୂପ ଦେଖି ଭାରତମାତା ମଧ୍ୟ ଚମକି ଉଠିବେ। ରାହୁଳ ଗାନ୍ଧୀ ଏବଂ ବାକି କିଛି ନେତାଙ୍କ ଭତ୍ସନାର ଏହି ଖୋଲା ଚିଠି ବା ଖୋଲା ପତ୍ର ଲେଖି ଏମାନେ ଆନନ୍ଦିତ ବୋଧହୁଏ? ଏଭଳି ପ୍ରାୟୋଜିତ କାର୍ଯ୍ୟ ଯିଏ ବି କରାଇଛି ସେ ଦେଶର କଲ୍ୟାଣ କରିଛି। ୨୭୨ଙ୍କ ପ୍ରକୃତ ପରିଚୟ ସ୍ପଷ୍ଟ ହୋଇଯାଇଛି। ଏମାନଙ୍କୁ କେହି ପଚାରିବା ଦରକାର ଯେ ୨୦୨୪ ଲୋକସଭା ନିର୍ବାଚନରେ ରାହୁଳଙ୍କ କଂଗ୍ରେସ ଦଳକୁ ମିଳିଥିବା ୧୩ କୋଟି ୬୭ଲକ୍ଷ ଭୋଟରଙ୍କ ସମର୍ଥନ ବାବଦରେ ଏମାନଙ୍କର ମତ କ'ଣ? ଏବେ ଏହି ପ୍ରସଙ୍ଗରେ ଲେଖିବା ବେଳକୁ ଦେଶର ଜନସଂଖ୍ୟା ୧୪୬ କୋଟିରୁ ଅଧିକ ହୋଇଗଲାଣି। ଏ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ୨୭୨ ମହାମନିଷୀ କ'ଣ ପ୍ରତ୍ୟେକେ ୫୩-୫୪ ଲକ୍ଷ ଲୋକଙ୍କ ପ୍ରତିନିଧିତ୍ୱ କରୁଛନ୍ତି କି? ଯଦି କରୁଛନ୍ତି ତେବେ ଏ ଖୋଲାପତ୍ର କୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଏହି ପତ୍ର ଲେଖିବା ପୂର୍ବରୁ ଏମାନେ ମଧ୍ୟ ଜାଣିବା କଥା ଯେ ଗଣତନ୍ତ୍ର ଏକପକ୍ଷୀୟ ବ୍ୟବସ୍ଥା ନୁହେଁ। ସାମ୍ବିଧାନୀକ ସଂସ୍ଥାର ଭୂମିକା ନିରପେକ୍ଷ ଏବଂ ଗଣତାନ୍ତ୍ରିକ ହେବା ଆବଶ୍ୟକ। ଏହି ସଂସ୍ଥାମାନଙ୍କ ଦୃଷ୍ଟିରେ ସମସ୍ତେ ସମାନ ହେବା ଆବଶ୍ୟକ। ବିଗତ କିଛି ବର୍ଷ ହେବ କାର୍ଯ୍ୟପାଳିକା ସମଦର୍ଶୀ ହୋଇ ରହିନାହିଁ। ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ବୋଲି କୁହାଯାଏ କିନ୍ତୁ ଏବେ ଜାତୀୟ ସ୍ତରର ଅନେକ ଗଣମାଧ୍ୟମ ଶାସ୍ତ୍ରେ ବିରୁଦ୍ଧ କର୍ମକାଣ୍ଡର ଦରଓ୍ୟାନ ପାଲଟିଯାଇଚନ୍ତି। ପତ୍ର ଲେଖିଥିବା ଏହି ପୂର୍ବତନ ମାନେ ଦେଶ ନୁହଁନ୍ତି। ଦେଶ ଏମାନଙ୍କୁ ନେଇ ଯେଉଁମାନେ କେବେ ବିଚାରପତି ହୋଇ ନାହାଁନ୍ତି, କେବେ ବରିଷ୍ଠ ଅଧିକାରୀ ହୋଇ ନାହାଁନ୍ତି କିମ୍ବା ସେନାର ଅଧିକାରୀ ଭାବେ କାର୍ଯ୍ୟକରି ଅବସର ନେଇନାହାଁନ୍ତି। ଦେଶର ଜନସାଧାରଣ ନ୍ୟାୟ ପ୍ରିୟ ଜନସାଧାରଣ କାର୍ଯ୍ୟପାଳିକାର ଅନୁଶାସନରେ ବନ୍ଧା ଏବଂ ଏମାନଙ୍କ ଭିତରେ ସେନାର ଶୌର୍ଯ୍ୟ ମଧ୍ୟ ରହିଛି। ଏଣୁ ବିରୋଧି ଦଳମାନଙ୍କୁ ସମାଲୋଚନା କରିଥିବା ଲୋକେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତିପକ୍ଷକୁ ସମ୍ମାନ ଦେଇ ଶିଖିବା ଆବଶ୍ୟକ। ଏହା ହେଲେ ହିଁ ଭାରତର ଅଭ୍ୟୁଦୟ ହୋଇପାରିବ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ: ୯୪୩୮୪୮୫ ୯୪।**

# ସଂଗ୍ରାମ, ସେବା ଓ ତ୍ୟାଗର ଅନ୍ୟନାମ ମା' ରମାଦେବୀ



**ପ୍ରହଲାଦ କୁମାର ସିଂହ**

ସେବା, ସଂଗ୍ରାମ ଓ ତ୍ୟାଗର ତ୍ରିବେଣୀ ସଙ୍ଗମ ମା' ରମାଦେବୀ ହେଉଛନ୍ତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ ପ୍ରାତଃସ୍ମରଣୀୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ। ସୁଲେଖକ ତଥା ପ୍ରଶାସନିକ ଅଧିକାରୀ ଗୋପାଳବଲ୍ଲଭ ଦାସ ଓ ବସନ୍ତ କୁମାରୀ ଦେବୀଙ୍କର ସେ ସୁପୁତ୍ରୀ। ତାଙ୍କ ଅଜା ନନ୍ଦ କିଶୋର ଦାସ ଓ ମାମୁଁ ରାଜକିଶୋର ଦାସ ମଧ୍ୟ ଥିଲେ ଉଚ୍ଚ ପ୍ରଶାସନିକ ଅଧିକାରୀ। ମା' ରମାଦେବୀଙ୍କ ଜନ୍ମ ୧୮୯୯ ଡିସେମ୍ବର ୩ ତାରିଖରେ। ମାତ୍ର ୧୫ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା ଗୋପବନ୍ଧୁ ଚୌଧୁରୀଙ୍କ ସହିତ। ଗୋପବନ୍ଧୁ ଚୌଧୁରୀ ହେଉଛନ୍ତି ଖେରସର ଜମିଦାର ତଥା ଖ୍ୟାତନାମା ଓକିଲ ଓ ଉତ୍କଳ ସମ୍ମିଳନୀର ଛାମୁଆଁ ନେତା ଗୋକୁଳାନନ୍ଦ ଚୌଧୁରୀଙ୍କ ସୁପୁତ୍ର। ଏଭଳି ଦୁଇଟି ସମ୍ଭ୍ରାନ୍ତ ଜମିଦାର ପରିବାରରେ ଭୋଗ ବିଳାସ ମଧ୍ୟରେ ସଂସ୍କାରର ସହ ବଢ଼ି ଆସିଥିଲେ ସେ। ବିଶେଷ କରି ବଡ଼ବାପା ମଧୁବାବୁଙ୍କ ଠାରୁ ସେ ଉନ୍ନତ ଚରିତ୍ର, ଉଚ୍ଚ ବିଚାର, ଦେଶପ୍ରେମ, ସାଧାରଣ ଲୋକଙ୍କ ପ୍ରତି ସେବା ମନୋଭାବ ଆଦି ଶିଖିଥିଲେ।

ରମାଦେବୀଙ୍କର ଶିକ୍ଷାଗତ ଡିଗ୍ରୀ ନଥିଲା। ବଡ଼ବାପା, ବାପା ଓ ମା'ଙ୍କ ଠାରୁ ସେ ପୁରାଣ ଓ ଇତିହାସର କଥାବସ୍ତୁ ସହ ଶିଖିଥିଲେ ସତ୍ୟର ସାଧିକା ହେବାପାଇଁ। ମୁଜାଫର୍‌ପୁରରେ ତାଙ୍କ ବାପା ଗୋପାଳବଲ୍ଲଭ ମାଜିଷ୍ଟ୍ରେଟ ଥିବାବେଳେ ବିପ୍ଳବୀ ଖୁଦୀରାମଙ୍କୁ ଫାଶୀ ଦିଆଯାଇଥିଲା ୧୯୦୮ ଅଗଷ୍ଟ ୧୧ରେ। ସେଦିନ ଶହୀଦଙ୍କ ପ୍ରତି ସମ୍ମାନ ଜଣାଇ ସାରା ପରିବାର ଉପବାସ କରିଥିଲେ। ଏଥିରୁ ତାଙ୍କ ପରିବାରର ଦେଶପ୍ରେମ ବୁନିଆଦି ବାରି ହୋଇଯାଏ। ବିବାହ ପରେ ସେ ମନମୋହନ ଓ ଅନ୍ନପୂର୍ଣ୍ଣାଙ୍କ ଭଳି ଦୁଇ ଦେଶପ୍ରେମୀ ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ତୃତୀୟ ସନ୍ତାନ ଜନ୍ମ ହେବାର କିଛିଦିନ ମଧ୍ୟରେ ମରିଯାଇଥିଲା। ଦେଶରେ ଅସହଯୋଗ ଆନ୍ଦୋଳନର ଲହର ସୃଷ୍ଟି ହୋଇଥିବାବେଳେ ଗୋପବନ୍ଧୁ ଚୌଧୁରୀ ୧୯୨୧ ଫେବୃୟାରୀ ୨୧ ତାରିଖ ଦିନ ପିତୃଶ୍ରାଦ୍ଧ ଅବସରରେ ସରକାରୀ ଚାକିରିରୁ ଇସ୍ତଫା ଦେଇଦେଲେ। ଏଥିପାଇଁ ରମାଦେବୀଙ୍କର ଥିଲା ପୂର୍ଣ୍ଣ ସମର୍ଥନ। ସେତେବେଳକୁ ତାଙ୍କ ଦିଅର ନବକୃଷ୍ଣ ଚୌଧୁରୀ ରେଭେନ୍ସା କଲେଜରୁ ପାଠପଢ଼ା ଛାଡି ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥାନ୍ତି। ଏଠାରେ ଉଲ୍ଲେଖନୀୟ ଯେ ଉତ୍କଳମଣି ଗୋପବନ୍ଧୁ ଦାସ ଏକଦା ଗୋକୁଳାନନ୍ଦ ଚୌଧୁରୀଙ୍କ ଜୁନିୟର ଭାବେ ଓକିଲାତି କରିଥିଲେ। ଚୌଧୁରୀ ପରିବାର ସହ ଉତ୍କଳମଣିଙ୍କ ସମ୍ପର୍କ ନିବିଡ ଥିଲା। ଚାକିରିରୁ ଇସ୍ତଫା ଦେବାପରେ ଗୋପବନ୍ଧୁ ଚୌଧୁରୀ ଗୋପବନ୍ଧୁ ଦାସଙ୍କ ସହ ମିଶି ସ୍ୱରାଜ ଆନ୍ଦୋଳନକୁ ତ୍ୱରାନ୍ୱିତ କଲେ। ସେହିବର୍ଷ ମାର୍ଚ୍ଚ ୨୩ ତାରିଖରେ ମହାତ୍ମା ଗାନ୍ଧୀଙ୍କର ପ୍ରଥମ ଓଡ଼ିଶା ଗସ୍ତ ହେଲା। ଏହି ଅବସରରେ କଟକରେ ଅନୁଷ୍ଠିତ ଏକ ମହିଳା ସଭାରେ ରମାଦେବୀ ଗାନ୍ଧୀଙ୍କୁ ଗହଣା ନଦେଇ ନିଜ ହାତକଟା ଖଦୀ ସୂତା ମୋଡଟିଏ ଭେଟି ଦେଇଥିଲେ ଯାହା ତାଙ୍କ ଜୀବନର ମୋଡ ବଦଳାଇ ଦେଇଥିଲା।

ମା' ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀ ସେମାନଙ୍କ ସଙ୍କଳ୍ପ ଓ ନିଷ୍ଠାରେ ଏଭଳି ଅଟଳ ଥିଲେ ଯେ ସେମାନେ ଅସହଯୋଗୀ ସତ୍ୟାଗ୍ରହୀ ହୋଇଥିବାରୁ ନିଜର ଦୁଇ ପୁଅ ଝିଅଙ୍କୁ ବିଦ୍ୟାଳୟରେ ପାଠ ପଢ଼ାଇ ନଥିଲେ। ଅବଶ୍ୟ ସେମାନେ ନିଜ ନିଜର ସ୍ୱାଧ୍ୟାୟ, ସାଧନା ବଳରେ ଶିକ୍ଷା, ସଂସ୍କାର, ସଂଗ୍ରାମ, ସେବା ଓ ସାମାଜିକ ବିପ୍ଳବ କ୍ଷେତ୍ରରେ ଏତେ ଉପରକୁ ଉଠିଗଲେ ଯେ ସେମାନଙ୍କ ଉପରେ ଅନେକ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍ ଉପାଧି ବର୍ଷା ହେଲା ଏବଂ ବିଭିନ୍ନ ଭାଷାରେ ପାରଦର୍ଶିତା ହାସଲ ସହ ମନମୋହନ ଓ ଅନ୍ନପୂର୍ଣ୍ଣା ସେମାନଙ୍କ ସାହିତ୍ୟ କୃତି ପାଇଁ ରାଜ୍ୟ ଭିତରେ ଓ ବାହାରେ ପ୍ରଶଂସିତ ହେଲେ। ଅଭିଜାତ୍ୟର ଅହଙ୍କାରକୁ ଫିଙ୍ଗି ଏହି ପରିବାର ସ୍ୱେଚ୍ଛାକୃତ ଦାରିଦ୍ର୍ୟ ବରଣ ସହ ଦେଶ ଓ ଦଶର ସେବାପାଇଁ ସ୍ୱାଧୀନତାର ଯଜ୍ଞବେଦୀରେ ଝାସ ଦେଇଥିଲେ। ନବକୃଷ୍ଣ ଚୌଧୁରୀ ମାଳତୀ ଦେବୀଙ୍କୁ ବିବାହ କରିବା ପରେ ମା' ରମାଦେବୀଙ୍କୁ ମିଳିଗଲେ ଅନ୍ୟଜଣେ ବିପ୍ଳବିଣୀ ସହଯୋଗୀ। ବସ୍ତୁତଃ କଟକ ସହରର ଚୌଧୁରୀ ନିବାସ ସ୍ୱାଧୀନତା ଆନ୍ଦୋଳନର ପ୍ରାଣକେନ୍ଦ୍ର ଥିଲା। ଏହି ଘରର ପ୍ରାଙ୍ଗଣରେ ୧୯୩୦ ଜାନୁଆରୀ ୨୬ରେ ତ୍ରିରଙ୍ଗା ଝଣ୍ଡା ତଳେ ହଜାର ହଜାର ଲୋକ ପୂର୍ଣ୍ଣ ସ୍ୱରାଜର ଶପଥ ପାଠ କରିଥିଲେ। ଏବେବି ଏଠି ଜାନୁଆରୀ ୨୬କୁ ପାଳନ କରାଯାଏ ପୂର୍ଣ୍ଣ ସ୍ୱରାଜ ଦିବସ ଭାବେ। ୧୯୩୦ ଏପ୍ରିଲ ୬ ତାରିଖ ଦିନ ଗାନ୍ଧୀଜୀ ଡାଣ୍ଡିଠାରେ ଲୁଣ ମାରିବାବେଳେ ଚୌଧୁରୀ ନିବାସରୁ ଲବଣ ସତ୍ୟାଗ୍ରହୀମାନେ ଇଞ୍ଚୁଡି ଅଭିମୁଖେ ବାହାରିଥିଲେ। ଏହି ସତ୍ୟାଗ୍ରହୀମାନଙ୍କୁ ବିଜୟ ତିଳକ ପିନ୍ଧାଇ ରମାଦେବୀ ଓ ମାଳତୀ ଦେବୀ ବନ୍ଦାପନା କରି ବିଦାୟ ଦେଇଥିଲେ। ଚାନ୍ଦୋଳ ନିକଟରେ ଗୋପବନ୍ଧୁ ଚୌଧୁରୀଙ୍କୁ ପୁଲିସ ଗିରଫ କରିନେବାପରେ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହୀମାନେ ଆଗେଇଥିଲେ। ରମାଦେବୀ ଓ ମାଳତୀ ଦେବୀ ଇଞ୍ଚୁଡି, ଶ୍ରୀଜଙ୍ଗ ଆଦି ଅଞ୍ଚଳରେ ଶହ ଶହ ମହିଳାଙ୍କୁ ନେଇ ଲବଣ ଆଇନ ଭଙ୍ଗ କରିଥିଲେ। ସେଠାରୁ ସେମାନେ କୁଜଙ୍ଗ ପାରାଦୀପ ଆଦି ଅଞ୍ଚଳକୁ ଯାଇ ରାଣୀଙ୍କ ସହ ମିଶି ଲୁଣ ମାରିଥିଲେ। ସେ ସମୟରେ ସରଳା ଦେବୀ ଗାମ ଜିଲ୍ଲାରେ ଲବଣ ସତ୍ୟାଗ୍ରହକୁ ନୂଆମୋଡ ଦେଇଥିଲେ। ଏହି ଆନ୍ଦୋଳନ କାଳରେ ବହୁ ସତ୍ୟାଗ୍ରହୀଙ୍କ ସମେତ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ



ଚୌଧୁରୀ, ରମାଦେବୀ, ମାଳତୀ ଦେବୀ, ସରଳା ଦେବୀ, ନୀଳକଣ୍ଠ ଦାସ, ହରେକୃଷ୍ଣ ମହତାବ, ଆଚାର୍ଯ୍ୟ ହରିହର ଆଦି ଜେଲ୍ ଯାଇଥିଲେ। ରମାଦେବୀଙ୍କ କନ୍ୟା ଅନ୍ନପୂର୍ଣ୍ଣା ଆନ୍ଦୋଳନରେ ସାମିଲ ହୋଇ ବନ୍ଦୀ ହୋଇଥିଲେ ଏବଂ ପୁଅ ମନମୋହନ ପ୍ରବଳ ଲାଠିମାଡ଼ ଖାଇଥିଲେ। ବାଣୀ ସତ୍ୟାଗ୍ରହ, ଭାରତଛାଡ ଆନ୍ଦୋଳନ ଆଦିରେ ଅଂଶଗ୍ରହଣ କରି ଚୌଧୁରୀ ପରିବାର ବାରମ୍ବାର ଜେଲ୍ ଯାଉଥିଲେ। ଏମିତିକି ନବକୃଷ୍ଣ ଓ ମାଳତୀ ଦେବୀଙ୍କ ୧୪ବର୍ଷର ଝିଅ ଉତ୍ତରା ବି ଭାରତ ଛାଡ ଅନ୍ଦୋଳନ କାଳରେ କାରାବରଣ କରିଥିଲେ। ଝିଅ ଅପହରଣ ଭଳି ମିଥ୍ୟା ମାମଲାରେ ବି ରମାଦେବୀଙ୍କୁ କାରା ଦଣ୍ଡାଦେଶ ହୋଇଥିଲା। ଏମିତିକି ଅଳକା ଆଶ୍ରମରେ ଥିବା ତାଙ୍କ ଗାଈକୁ ମଧ୍ୟ ନିଲାମ କରାଯାଇଥିଲା। ସ୍ୱାଧୀନ ଭାରତରେ ଜାରି ହୋଇଥିବା ୧୯୭୫ର ଜରୁରୀ ପରିସ୍ଥିତି କାଳରେ ନବକୃଷ୍ଣ, ମାଳତୀ ଓ ମନମୋହନ କାରାବରଣ କରିଥିବାବେଳେ ରମାଦେବୀ ସାହସର ସହ ଏକଛତ୍ରବାଦ ବ୍ୟବସ୍ଥା ବିରୁଦ୍ଧରେ ଲଢେଇ ଜାରି ରଖିଥିଲେ।

୧୯୩୪ରେ ଗାନ୍ଧୀଜୀଙ୍କର ପ୍ରାୟ ମାସେ ଧରି ଓଡ଼ିଶାରେ ପଦଯାତ୍ରା ଓ ୧୯୩୮ରେ ବେରବୋଇ ସମ୍ମିଳନୀରେ ଗାନ୍ଧୀ, ପଟେଲ୍, ମୌଲାନା, କୃପାଳିନୀ, ରାଜେନ୍ଦ୍ର ପ୍ରସାଦ ଆଦିଙ୍କ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଅନ୍ୟତମ ସଞ୍ଚାଳିକା ଥିଲେ ମା' ରମାଦେବୀ। ଆଚାର୍ଯ୍ୟ ବିନୋବା ଭାବେଙ୍କ ଭୂଦାନ ଯଜ୍ଞ ଓ ଲୋକନାୟକ ଜୟପ୍ରକାଶଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ସେ ଥିଲେ ଅନ୍ୟତମ ନେତ୍ରୀ। ୧୯୫୮ରେ ଗୋପବନ୍ଧୁ ଚୌଧୁରୀଙ୍କ ଦେହାନ୍ତ ପରେ ମହାରାଷ୍ଟ୍ରର ପଣ୍ଢରପୁରଠାରେ ଅନୁଷ୍ଠିତ ଅଖିଳ ଭାରତ ସର୍ବୋଦୟ ସମ୍ମିଳନୀରେ ସେ ସଭାପତିତ୍ୱ କରିଥିଲେ। ତାଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱରେ ଆକର୍ଷିତ ହୋଇ ବହୁ ଛାତ୍ର ଓ ମହିଳାଙ୍କ ସମେତ ଅନେକ ଯୁବକ ସ୍ୱାଧୀନତା ଆନ୍ଦୋଳନ, ଭୂଦାନ ଯଜ୍ଞ ଓ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସାମିଲ ହୋଇଥିଲେ। ଜଗତସିଂହପୁରର ଅଳକା ଆଶ୍ରମ ଓ ବରୀର ସେବାଘର ସମେତ ରାମଚନ୍ଦ୍ରପୁରର ମୌଳିକ ବିଦ୍ୟାଳୟ, ସତ୍ୟଭାମାପୁରର କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକୀ ଟ୍ରଷ୍ଟର ଓଡ଼ିଶା ଶାଖା ଆଦି ତାଙ୍କ ହାତଗଢ଼ା ଅନୁଷ୍ଠାନ। ଏଠାରୁ ସେ ଯେତେ କର୍ମୀ ସୃଷ୍ଟି କରିଥିଲେ ସେମାନେ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ଛାଇ ହୋଇ ସଂସ୍କାରର କାର୍ଯ୍ୟକୁ ଆଗେଇ ନେଉଥିଲେ।

ମା' ରମାଦେବୀଙ୍କ ସମର୍ପିତ ସଙ୍କଳ୍ପବଦ୍ଧ ସଂଗ୍ରାମ ଓ ସେବା ତାଙ୍କୁ ସାରା ଦେଶରେ ସ୍ୱତନ୍ତ୍ର ପରିଚିତି ଦେଇଥିଲା। ଓଡ଼ିଶାରେ ପଦଯାତ୍ରା ସାରି ଯିବା ପୂର୍ବରୁ ତାଙ୍କ ସମ୍ପର୍କରେ ଗାନ୍ଧୀଜୀ କହିଥିଲେ, 'ପଦଯାତ୍ରା ଭିତରେ ଶ୍ରୀମତୀ ରମାଦେବୀ ଓ ତାଙ୍କ ସହକର୍ମୀମାନେ ଯେଭଳି କାମ କରିଛନ୍ତି, ସେଥିରେ ମୁଁ ଆଶ୍ଚର୍ଯ୍ୟ ହୋଇଛି। ସେ କାମ ସୁଖକର ଥିଲେ ମଧ୍ୟ ସେଥିରେ ବହୁତ କଠିନ ପରୀକ୍ଷାରେ ପଡିବାକୁ ହୋଇଛି। କିନ୍ତୁ ଏ ଝିଅଗୁଡିକ କ୍ଲାନ୍ତି ବୋଲି ଗୋଟିଏ ଜିନିଷ ଅନୁଭବ କରିନାହାନ୍ତି...... ଭାରତରେ ହଜାର ହଜାର ସ୍ତ୍ରୀ ଲୋକଙ୍କ ସଙ୍ଗେ ମିଶିବାର ସୁଯୋଗ ମୋତେ ମିଳିଛି। ମୁଁ ସେମାନଙ୍କ କାମ ଦେଖିଛି; କିନ୍ତୁ ରମାଦେବୀ ଓ ତାଙ୍କର ଛୋଟିଆ ଦଳଟି ଯେପରି ସ୍ୱଭାବ ସୁଲଭ ଓ ସୁତୁରାରେ କାମ କରିଯିବାର ମୁଁ ଦେଖିଲି, ଠିକ୍ ସେହିପରି କାମ ଅନ୍ୟ କେଉଁଠି ମୁଁ ଦେଖିନାହିଁ। ସେମାନେ ନିଜ ପାଇଁ କେବେହେଲେ ବିଶେଷ ସୁବିଧା ଲୋଡି ନାହାନ୍ତି ବା ଦାବି କରିନାହାନ୍ତି........ ମୋ ସାଙ୍ଗରେ ଯେତେ ସାଥୀ ଥିଲେ ସେମାନଙ୍କ କଷ୍ଟ ସହିବାର ଶକ୍ତି ଦେଖି ମୁଁ ମୁଗ୍ଧ। ଯାହା ଆଶା କରିନଥିଲି ତା'ଠାରୁ ବଳି ତାଙ୍କ କଷ୍ଟ ସହିବା ଦେଖି ଆନନ୍ଦରେ ଭରପୂର ହୋଇଯାଉଛି। ମୁଁ ଏତେ ବୁଲିଛି କିନ୍ତୁ କେଉଁଠି ହେଲେ ଏଭଳି ଦେଖିନାହିଁ ଯେ ଏତେ ବାଟ ଚାଲିଆସି ଛୋଟ ଛୋଟ ଝିଅମାନେ ପୁଣି ଯାଇ ହରିଜନ ବସ୍ତିରେ ମଇଳା ଉଠାଇବେ।' କସ୍ତୁରବା ଗାନ୍ଧୀ ସ୍ମାରକ ନିଧି, ହରିଜନ ସେବକ ସଂଘ ଆଦି ବିଭିନ୍ନ ଜାତୀୟ ସଂଗଠନର ଦାୟିତ୍ୱ ଗାନ୍ଧୀଜୀ ରମାଦେବୀଙ୍କୁ ଦେଇଥିଲେ। ୧୯୩୨ରେ ହରିଜନ ପତ୍ରିକାରେ ଗାନ୍ଧୀଜୀ ଲେଖିଛନ୍ତି, 'ସମାଜ ସଂସ୍କାର କାର୍ଯ୍ୟରେ କଟକର ଭଉଣୀମାନଙ୍କ ଆଗ୍ରହ ପାଇଁ ମୁଁ ସେମାନଙ୍କୁ ଧନ୍ୟବାଦ ଦେଉଛି.... କଟକରେ ନାରୀମାନଙ୍କ ଉଦାହରଣ ଅନ୍ୟତ୍ର ଅନୁସୃତ ହେବ ବୋଲି ଆଶା କରେ। ଅସୁବିଧା ଓ ନିରାଶା ଯାହା ଆସୁ ପଛକେ ଶ୍ରୀମତୀ ରାମାଦେବୀ ଓ ତାଙ୍କର ସହକର୍ମୀଣୀମାନେ ଯେଉଁ କାମ ଆରମ୍ଭ କରିଛନ୍ତି ତାହା ଚାଲୁ ରଖିବେ।'

ସେ ସମୟରେ ସଂଗ୍ରାମୀ ମହିଳାମାନେ କିଭଳି ପ୍ରତିକୂଳ ପରିସ୍ଥିତିରେ ଦେଶ କାମ କରୁଥିଲେ ସେ ସଂକ୍ରାନ୍ତରେ 'ଜୀବନ ପଥେ'ରେ ରମାଦେବୀ ଲେଖିଛନ୍ତି, 'କେନ୍ଦ୍ରାପଡା ଯିବାର ସ୍ଥିର ହେଲା। ଶ୍ରୀମତୀ ମାଳତୀ ଚୌଧୁରୀ, ସହଦେବ ଦାସ ଓ ମୁଁ ଜଗତସିଂହପୁରଠାରୁ କେନ୍ଦ୍ରାପଡା ଗଲୁ। ରାତିରେ ସେଠାରେ ରହି ପରଦିନ ପଟ୍ଟାମୁଣ୍ଡାଇ ଯିବା ପାଇଁ କେନ୍ଦ୍ରାପଡା ବସଷ୍ଟାଣ୍ଡକୁ ଯାଇ ଶୁଣିଲୁ ଏସଡିଓଙ୍କର ନିର୍ଦ୍ଦେଶ ଅଛି, ଆମେ ତିନିଜଣ ବସ୍‌ରେ ଯାଇପାରିବୁ ନାହିଁ। ବସ୍ ନ ମିଳିବାରୁ ୧୧ ମାଇଲ ବାଟ ଚାଲିକରି ଯିବାକୁ ପଡିଲା। ବାଟଯାକ ଅସରାକୁ ଅସରା ବର୍ଷା ହେଉଥାଏ। ଲୁଗାପଟା ସଂପୂର୍ଣ୍ଣ ଓଦା ହୋଇଯାଇଥାଏ। କଟକରୁ ଜାଣିଥିଲି ସେଠାରେ ଜଣେ ଭଦ୍ରଲୋକ ନବକୃଷ୍ଣ ଚୌଧୁରୀଙ୍କ ସହିତ ପ୍ୟାରୀମୋହନ ଏକାଡେମୀରେ ଏକା ଶ୍ରେଣୀରେ ପଢୁଥିଲେ। ପଟ୍ଟାମୁଣ୍ଡାଇରେ ପହୁଞ୍ଚିଠିଚ ତାଙ୍କ ସହିତ ଦେଖାହେଲା। ସେ ତାଙ୍କ ଘରକୁ ଡାକି ନେଇଗଲେ। ତାଙ୍କ ଘରକୁ ଯାଇ ଆମର ପ୍ରଥମ କାର୍ଯ୍ୟ ହେଲା ଓଦା ଲୁଗାକୁ ବଦଳାଇ ଶୁଖାଇବା। ଲୁଗା ଶୁଖାଉଛି - ସେ ଭଦ୍ର ଲୋକ ନମ୍ର ଓ ବିନିତ ଭାବରେ ମୋ' ପାଖକୁ ଆସି କହିଲେ ଯେ ପୋଲିସ ମନା କରୁଛି, ଆପଣ ମୋ' ଘରେ ନ ରହିଲେ ଭଲ ହୁଅନ୍ତା, ଜାଣନ୍ତି ତ ଆମେ ଗୃହସ୍ଥ ଲୋକ। ପିଲାଛୁଆ ନେଇ ଘର କରିଛୁ। ତତକ୍ଷଣାତ୍ ଆମେ ଲୁଗାପଟା ନେଇ ତାଙ୍କ ଘରୁ ବାହାରି ଆସିଲୁ।' ଏଭଳି ଉଦାହରଣ ଅନେକ।

ଚୀନ୍ ଯୁଦ୍ଧ ଓ ବାଂଲାଦେଶର ମୁକ୍ତି ସଂଗ୍ରାମ ବେଳେ ରମାଦେବୀଙ୍କ ଦଳ ଯେଭଳି ସୀମାନ୍ତରେ ଗୁଳିଗୋଳାକୁ ଭ୍ରୂକ୍ଷେପ ନକରି ସେବାକାର୍ଯ୍ୟ କରୁଥିଲେ ତାହା ଅନନ୍ୟ। କଳାହାଣ୍ଡି ଦୁର୍ଭିକ୍ଷ, ସାଂପ୍ରଦାୟିକ ଦଙ୍ଗା, ପ୍ରାକୃତିକ ବିପର୍ଯ୍ୟୟ, ଗ୍ରାମାଞ୍ଚଳ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ବିକାଶ ଆଦି କ୍ଷେତ୍ରରେ ସେ ଅନେକ କାର୍ଯ୍ୟ କରିଯାଇଛନ୍ତି। ୧୯୮୫ରେ ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ କର୍ମ ହିଁ ଥିଲା ତାଙ୍କର ଧର୍ମ। ତାଙ୍କ ନାମରେ ରାଜଧାନୀର ସରକାରୀ ମହିଳା କଲେଜକୁ ରମାଦେବୀ ମହିଳା କଲେଜ ଭାବେ ନାମିତ କରାଯାଇଥିଲା ଏବଂ ପରେ ଏହା ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। କେନ୍ଦ୍ର ସରକାର ତାଙ୍କ ସ୍ମୃତିରେ ଡାକ ଟିକଟ ପ୍ରକାଶ ସହ ଏକ ତଟରକ୍ଷୀ ଜାହାଜକୁ ନାମିତ କରିଛନ୍ତି। ଜମ୍ନୁନାଲାଲ୍ ବଜାଜ୍ ପୁରସ୍କାରଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟର ସମ୍ମାନଜନକ ଡିଲିଟ୍ ଉପାଧି ପର୍ଯ୍ୟନ୍ତ ତାଙ୍କ ଉପରେ ଅଜାଡି ହୋଇପଡିଛି। ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଗୋପିନାଥ ମହାନ୍ତି ଧୂଳି ମାଟିର ସନ୍ଥରେ ଲେଖିଛନ୍ତି, 'ଶ୍ରୀମତି ରମାଦେବୀ ନିଜ ମହତ୍ ଗୁଣାବଳୀ, ଆଦର୍ଶ ଚରିତ୍ର ଓ ନିସ୍ୱାର୍ଥ ର ଦେଶସେବା ଲାଗି ସର୍ବତ୍ର ପରିଚିତା ଓ ପୂଜିତା। ସେ ଆତ୍ମତ୍ୟାଗ, ପରୋପକାର ଓ ସଦାଚାରର ପ୍ରତିମୂର୍ତ୍ତି।' ଆଚରଣ ଓ ଉଚ୍ଚାରଣରେ ମା' ରମାଦେବୀଙ୍କୁ ଠିକଣା ଭାବେ ଅନୁସରଣ କରିପାରିଲେ ବହୁ ସମସ୍ୟାର ସହଜ ଓ ସରଳ ସମାଧାନ ହୋଇ ପାରିବ।

**ମୋବାଇଲ୍: ୯୪୩୭୦୧୭୩୯୫**

# ବିଶ୍ୱରେ ବୃଦ୍ଧି ପାଉଛି କ୍ରୀତଦାସ ପ୍ରଥା



**ଅଲେଖ ଚନ୍ଦ୍ର ସାମଲ**

ପ୍ରତିବର୍ଷ ଡିସେମ୍ବର ଦୁଇ ତାରିଖକୁ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଭାବେ ପାଳନ କରାଯାଇଥାଏ। ମାନବ ଚାଲାଣ ରୋକିବା, ଶ୍ରମ, ବେଶ୍ୟାବୃତ୍ତି ଆଦି କାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଗୋଲାମ କରି ରଖିବାର କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଥମ ଥର ପାଇଁ ୧୯୮୬ରେ ମିଳିତ ଜାତସଂଘର ସାଧାରଣ ପରିଷଦରେ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଅନୁମୋଦନ ଲାଭ କରିଥିଲା। ସେବେଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହି ଦିବସ ଉପଲକ୍ଷେ ଦାସତ୍ୱ ପ୍ରଥାର ବିଲୋପ ନିମନ୍ତେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଆନ୍ତର୍ଜାତିକ ସ୍ତରରେ ଦାସତ୍ୱକୁ ବେଆଇନ ଘୋଷଣା କରାଯାଇଛି। କ୍ରୀତଦାସ ପ୍ରଥା ସମ୍ପୂର୍ଣ୍ଣ ଲୋପ କରିବାକୁ ଅନେକ ଆଇନ କାନୁନ୍ ବ୍ୟବସ୍ଥା କରାଯାଇଥିଲେ ବି ଏବେ ବି ସାରା ବିଶ୍ୱରେ ୩କୋଟିରୁ ଅଧିକ କ୍ରୀତଦାସ ଥିବାବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କେବଳ ଭାରତରେ ଅଛନ୍ତି। ଭାରତରେ ଏବେବି ୧କୋଟି ୪୦ ଲକ୍ଷ କ୍ରୀତଦାସ ଅଛନ୍ତି। ଦାଦନ ଓ ଗୋତି ଶ୍ରମିକପରି ଘୃଣ୍ୟ ପ୍ରଥା ମାଧ୍ୟମରେ ଭାରତରେ କ୍ରୀତଦାସ ପ୍ରଥା ଜୀବିତ ରହିଛି। କ୍ରୀତଦାସ ପ୍ରଥା ବିରୋଧରେ କାର୍ଯ୍ୟ କରୁଥିବା 'ୱାକ୍ ଫ୍ରି ଫାଉଣ୍ଡେସନ' ନିକଟରେ ରିପୋର୍ଟରେ ପ୍ରକାଶ କରିଥିବାବେଳେ ସାରା ବିଶ୍ୱରେ କେତେ କ୍ରୀତଦାସ ଅଛନ୍ତି ତାର ତାଲିକା ପ୍ରଦାନ କରିଛି। ଏଥିରେ ୧୬୭ଟି ଦେଶରେ କେତେ କ୍ରୀତଦାସ ରହୁଛନ୍ତି, କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ତଥା ଏହାକୁ ରୋକିବାରେ ସରକାରଙ୍କ ସାମର୍ଥ୍ୟ ଉପରେ ସବିଶେଷ ଅଧ୍ୟୟନ କରାଯାଇଛି। ଯୌନକର୍ମୀ କିମ୍ବା ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଅନେକ ସମୟରେ ହେଉଥିବା ମାନବ ଚାଲାଣ ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ସାରା ବିଶ୍ୱରେ ୨.୯୮ କୋଟି କ୍ରୀତଦାସ ରହୁଥିବାବେଳେ ଏଥିରୁ ପ୍ରାୟ ୭୬ ପ୍ରତିଶତ କେବଳ ୧୦ଟି ଦେଶରେ ରହୁଛନ୍ତି। ସେଗୁଡ଼ିକ ହେଲା ଭାରତ (୧କୋଟି ୩୯ ଲକ୍ଷ), ଚୀନ (୨୯ଲକ୍ଷ), ପାକିସ୍ତାନ (୨୧ଲକ୍ଷ), ନାଇଜେରିଆ (୭ଲକ୍ଷ), ଇଥିଓପିଆ (୬ଲକ୍ଷ ୫୧ ହଜାର), ଋଷିଆ (୫ଲକ୍ଷ ୧୬ ହଜାର), ଥାଇଲ୍ୟାଣ୍ଡ (୪ଲକ୍ଷ ୭୨ ହଜାର), ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (୪ଲକ୍ଷ ୬୨ ହଜାର), ମିଆଁମାର (୩ଲକ୍ଷ ୮୪ ହଜାର) ଓ ବାଙ୍ଗାଲାଦେଶରେ ୩ଲକ୍ଷ ୪୩ ହଜାର। ଆଧୁନିକ ସମୟରେ କ୍ରୀତଦାସର ଅର୍ଥ ବଦଳି ଯାଇଥିବାବେଳେ ମାନବ ଚାଲାଣ, ଗୋତି ଶ୍ରମିକ ପ୍ରଥା, ଶିଶୁ ନିର୍ଯାତନା ଓ ଜୋରଜବରଦସ୍ତ ବିବାହ ଆଦିକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ବିଶ୍ୱସ୍ତରରେ କ୍ରୀତଦାସଙ୍କ ତାଲିକା ପ୍ରକାଶ କରିବା ଉଦ୍ଦେଶ୍ୟ ହେଉଛି ଏହା ବିରୋଧ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇବା। କାରଣ ସାରା ବିଶ୍ୱରେ ଏବେ ଯେତିକି ସଂଖ୍ୟକ କ୍ରୀତଦାସ ଅଛନ୍ତି ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଗବେଷକ କେଭିନ୍ ବେଲ୍ସ ପ୍ରକାଶ କରିଛନ୍ତି। ଦାରିଦ୍ର୍ୟ କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ହୋଇଥିବାବେଳେ ଦୁର୍ନୀତି ଏହାର ଅନ୍ୟ ଏକ କାରଣ। ଆଉ କେତେକ ଅଞ୍ଚଳରେ ସେମାନଙ୍କ ପରମ୍ପରା ଏପରି ପ୍ରଥା ସୃଷ୍ଟି କରିଥାଏ। ଯେପରିକି ପଶ୍ଚିମ ଆଫ୍ରିକାର ମରିଟାନିଆର ଜନସଂଖ୍ୟା ମାତ୍ର ୩୮ ଲକ୍ଷ ହୋଇଥିବାବେଳେ ଏଥିରୁ ୧୬୦, ୦୦୦ କେବଳ କ୍ରୀତଦାସ। ବାଲ୍ୟ ବିବାହ ଓ ଗୁଲାମଗିରି ଯୋଗୁଁ ଏଠାରେ ଏପରି ପ୍ରଥା ବଞ୍ଚି ରହିଛି।

ଆଇସ୍‌ଲ୍ୟାଣ୍ଡ, ଆର୍ୟଲ୍ୟାଣ୍ଡ ଓ ବ୍ରିଟେନ ପରି ପାଶ୍ଚାତ୍ୟ ଦେଶ ମଧ୍ୟ କ୍ରୀତଦାସ ମୁକ୍ତ ନୁହଁନ୍ତି ବୋଲି ବେଲ୍ସ ପ୍ରକାଶ କରିଛନ୍ତି। ଏବେବି ୪୪୦୦ ଲୋକ ବ୍ରିଟେନ୍‌ରେ କ୍ରୀତଦାସ ଭାବେ ଅଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଫ୍ରିକା, ଏସିଆ ଓ ପୂର୍ବ ୟୁରୋପର। ଏମାନଙ୍କୁ ଯୌନକର୍ମୀ, ଘରୋଇ କାର୍ଯ୍ୟ, କୃଷି, ନିର୍ମାଣ, ରେସ୍ତୋରାଁ ପରି ସ୍ୱଳ୍ପ ପାରିଶ୍ରମିକ ଦିଆଯାଉଥିବା କାର୍ଯ୍ୟରେ ନିୟୋଜିତ କରାଯାଉଛି। ସୂଚନା ପ୍ରଯୁକ୍ତିରେ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଥାପୁଥିବା ଆମ ପରି ଗୁଣୀଜ୍ଞାନୀ ଓ କୋଟି କୋଟି ଧନୀ ଅମିରଙ୍କ ଭିତରେ ଯେ, ନିଜ ଜୀବନକୁ ପଣ୍ୟ କରୁଥିବା କ୍ରୀତଦାସମାନେ ବି ଅଛନ୍ତି ତାହା ଭାବିଲେ ଯେତିକି ଦୁଃଖଦାୟକ ତତୋଧିକ ନିନ୍ଦନୀୟ।

**ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**
**ମୋବାଇଲ୍: ୯୪୩୭୨୫୭୬୧୨**

## କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱସ୍ତି



ନୂଆଦିଲ୍ଲୀ,୨।୧୨: କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବିଜେପିର ବରିଷ୍ଠ ନେତା ବିଏସ୍ ୟେଦିୟୁରପ୍ପାଙ୍କୁ ପୋକ୍ସୋ ମାମଲାରେ ସୁପ୍ରିମକୋର୍ଟ ଆଶ୍ୱସ୍ତି ଦେଇଛନ୍ତି। କୋର୍ଟ ମଙ୍ଗଳବାର ୟେଦିୟୁରପ୍ପାଙ୍କ ବିରୋଧରେ ଦାୟର ଏକ ମାମଲାରେ ଶୁଣାଣି ମଧ୍ୟ ବନ୍ଦ କରିଛନ୍ତି। ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ୟେଦିୟୁରପ୍ପା ଦେଇଥିବା ଆବେଦନର ଶୁଣାଣି କରି ତାଙ୍କୁ ଦୋଷମୁକ୍ତ କରିଛନ୍ତି। ଆଉ ଏହି ମାମଲାରେ ଶୁଣାଣି ହେବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ୟେଦିୟୁରପ୍ପାଙ୍କ ଆବେଦନ ଉପରେ କୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ରାଜ୍ୟ ସରକାର ମାମଲାକୁ ହାଇକୋର୍ଟକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ ନୋଟିସ୍ ଜାରି କରିବା ସହ ବିଚାର ପ୍ରକ୍ରିୟା ସ୍ଥଗିତ ରଖାଯିବ ବୋଲି କହିଛନ୍ତି। ୟେଦିୟୁରପ୍ପାଙ୍କ ପାଇଁ ଲଢ଼ୁଥିବା ବରିଷ୍ଠ ଓକିଲ ସିଦ୍ଧାର୍ଥ ଲୁଥ୍ରା କହିଛନ୍ତି, ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ପ୍ରମାଣକୁ ଅଣଦେଖା କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଖୁବଶୀଘ୍ର ହେବ। ପ୍ରକାଶଥାଉ କି, ଜଣେ ନାବାଳିକାଙ୍କ ମା’ ବେଙ୍ଗାଲୁରୁର ସଦାଶିବ ନଗର ଥାନାରେ ୟେଦିୟୁରପ୍ପାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ୨ ଫେବ୍ରୁଆରୀ ୨୦୨୪ରେ ଠକେଇ ମାମଲାକୁ ନେଇ ନ୍ୟାୟ ପାଇଁ ସେ ୟେଦିୟୁରପ୍ପାଙ୍କ ପାଖକୁ ଯାଇଥିଲେ। ଏହି ସମୟରେ ୟେଦିୟୁରପ୍ପା ତାଙ୍କ ଝିଅର ହାତକୁ ଧରି ଏକ ରୁମକୁ ନେଇଯାଇଥିଲେ। କିଛି ସମୟ ପରେ ବାହାରକୁ ଆସିଥିଲେ। ସେ ନାବାଳିକାଙ୍କ ଯୌନ ଶୋଷଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା’ଙ୍କ ଅଭିଯୋଗ ପାଇବା ପରେ ପୋଲିସ ୟେଦିୟୁରପ୍ପାଙ୍କ ବିରୋଧରେ ପୋକ୍ସୋ ଆଇନ୍ ଏବଂ ଅନ୍ୟାନ୍ୟ ଦଫାରେ ମାମଲା ରୁଜୁ କରିଥିଲା।

## ରାଜସ୍ଥାନରେ ବିପୁଳ ପରିମାଣର ବିସ୍ଫୋରକ ଜବତ




ଜୟପୁର, ୨।୧୨: ରାଜସ୍ଥାନର ନାଥଦ୍ୱାର ଶ୍ରୀନାଥଜୀ ପୁଲିସ ଷ୍ଟେସନକୁ ଏକ ବଡ଼ ସଫଳତା ମିଳିଛି। ସେମାନେ ବିସ୍ଫୋରକ ଭର୍ତ୍ତି ଏକ ପିକଅପ୍ ଟ୍ରକ୍ ଜବତ କରିଛନ୍ତି। ଏହି ବିସ୍ଫୋରକଗୁଡ଼ିକୁ ବେଆଇନ ଭାବେ ନିଆଯାଉଥିଲା ବୋଲି ପୁଲିସ କହିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଅଞ୍ଚଳରୁ ନାଥଦ୍ୱାରକୁ ବିପୁଳ ପରିମାଣର ବିସ୍ଫୋରକ ପରିବହନ କରାଯାଉଥିଲା। ପୁଲିସ ଡ୍ରାଇଭର ଏବଂ ଅନ୍ୟମାନଙ୍କୁ ପଚରାଉଚରା କରୁଛି। ସେମାନେ ବିସ୍ଫୋରକ କେଉଁଠାରୁ ଆଣିଲେ ଏବଂ କେଉଁଠାକୁ ପରିବହନ କରାଯାଉଥିଲା, ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛି।

ପୁଲିସ ଜବତ କରିଥିବା ଗାଡିରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଥିଲା। ଏହା ଅନୁମାନ କରାଯାଇପାରେ ଯେ, ଏହି ବିସ୍ଫୋରକଗୁଡ଼ିକୁ ଯଦି ଗୋଟିଏ ଥରରେ ବିସ୍ଫୋରଣ କରାଯାଏ, ପ୍ରାୟ ୧୦ କିଲୋମିଟର ପରିମିତ ଅଞ୍ଚଳରେ ସବୁକିଛି ପାଉଁଶ ହୋଇଯିବ। ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ପିକଅପ୍ ଟ୍ରକକୁ ଜବତ କରିନେଇଥିଲେ ଏବଂ ଭିତରେ ମିଳିଥିବା ବିସ୍ଫୋରକ ଗଣନା ଆରମ୍ଭ କରିଥିଲେ। ଅଧିକାରୀମାନେ ବିସ୍ଫୋରକର ପ୍ରକୃତି, ଏହାର ଉତ୍ସ ଏବଂ ଏହାର ଉଦ୍ଦେଶ୍ୟ ବିଷୟରେ ତଦନ୍ତ କରୁଛନ୍ତି। ପୁଲିସ ଏହି ସମସ୍ତ ଦିଗ ଉପରେ ବିସ୍ତୃତ ତଦନ୍ତ ଆରମ୍ଭ କରିଛି। କେଉଁ ଉଦ୍ଦେଶ୍ୟରେ ଏବଂ କାହା ଦ୍ୱାରା ଏହି ବିସ୍ଫୋରକ ସାମଗ୍ରୀ ପଠାଯାଉଥିଲା ତାହା ମଧ୍ୟ ପୁଲିସ ଜାଣିବାକୁ ଚେଷ୍ଟା କରୁଛି। ଏଥିପାଇଁ ପୁଲିସ ଡ୍ରାଇଭର ଏବଂ ଗାଡ଼ିରେ ମିଳିଥିବା ଲୋକଙ୍କୁ ପଚରାଉଚରା କରୁଛି।

## ଅନୁପ୍ରବେଶ ଅପେକ୍ଷାରେ ୧୨୦ ଆତଙ୍କବାଦୀ

ନୂଆଦିଲ୍ଲୀ,୨।୧୨ : ନିୟନ୍ତ୍ରଣରେଖାସ୍ଥିତ ଲଞ୍ଚ୍ ପ୍ୟାଡରେ ଅନୁପ୍ରବେଶ ପାଇଁ ପ୍ରସ୍ତୁତ ୧୦୦-୧୨୦ ଆତଙ୍କବାଦୀ ଅପେକ୍ଷାରେ ଅଛନ୍ତି। ଏଭଳି ସୂଚନା ଦେଇଛି ବିଏସଏଫ। ନିୟନ୍ତ୍ରଣ ରେଖା ଆରପଟେ ପାକିସ୍ତାନ ପଟୁ ବଡ଼ ଧରଣର ଅନୁପ୍ରବେଶ ଷଡଯନ୍ତ୍ର ଚାଲିଥିବା ନେଇ ବିଏସଏଫ ଚେତାବନୀ ଦେଇଛି । ଶ୍ରୀନଗରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଏସଏଫ ଆଇଜି ଏହି ସୂଚନା ଦେଇଛନ୍ତି। ସୀମା ଆରପଟେ ଥିବା ୬୯ଟି ଲଞ୍ଚ୍ ପ୍ୟାଡ୍ ଉପରେ ସୁରକ୍ଷା ବାହିନୀ କଡ଼ା ନଜର ରଖିଛି। ବର୍ତ୍ତମାନ ୧୦୦ରୁ ୧୨୦ ଆତଙ୍କବାଦୀ ଜମ୍ମୁ ଓ କାଶ୍ମୀରକୁ ଅନୁପ୍ରବେଶ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଶୀତ ଓ କୁହୁଡ଼ିର ସୁଯୋଗ ନେଇ ଅନୁପ୍ରବେଶ ହେବାର ଆଶଙ୍କା ରହିଛି।

ତେବେ ବିଏସଏଫର ଗୁଇନ୍ଦା ବିଭାଗ, ସେନା ସହ ମିଶି ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଘାଟି ଓ ତାଲିମ ଶିବିରଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିଥିବା ବିଏସଏଫ ଆଇଜି କହିଛନ୍ତି। ଶୀତ ଋତୁ ଆରମ୍ଭ ପୂର୍ବରୁ ପାକିସ୍ତାନ ଅନୁପ୍ରବେଶ ବଢ଼ାଇବାକୁ ଚେଷ୍ଟା କରେ। କିନ୍ତୁ ଆଧୁନିକ ସର୍ଭିଲାନ୍ସ ଉପକରଣ ସାହାଯ୍ୟରେ ଯବାନମାନେ ସୀମାରେ ସଜାଗ ଅଛନ୍ତି। ବିଏସଏଫର ‘ଜି-ବ୍ରାଞ୍ଚ୍’ ୨୨ଟି ମିଳିତ ଅପରେସନ୍ ରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର। ପାକିସ୍ତାନୀ ବ୍ୟାଟ୍ ଟିମ୍ ର ଆକ୍ରମଣ ଭୟ ସତ୍ତ୍ୱେ ଭାରତୀୟ ଯବାନ ଦୃଢ଼ତାର ସହ ସୀମା ଜଗି ରହିଛନ୍ତି।

# ଇମ୍ରାନଙ୍କୁ ଜେଲ୍‌ରେ ଦିଆଯାଉଛି ମାନସିକ ଯନ୍ତ୍ରଣା

ନୂଆଦିଲ୍ଲୀ,୨।୧୨: ମୋ ଭାଇ ଇମ୍ରାନ ଖାନଙ୍କୁ ଏକାକୀ ବନ୍ଦୀଶାଳାରେ ରଖାଯାଇଛି। ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ଜେଲ୍ ଭିତରେ ଯାଇ ଭାଇଙ୍କୁ ଭେଟିବା ପରେ ଏଭଳି ବୟାନ ଦେଇଛନ୍ତି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଭଉଣୀ ଉଜମା ଖାନ।

ଇମ୍ରାନ ଖାନ୍‌ଙ୍କ ମୃତ୍ୟୁ ନେଇ ଖବର ପ୍ରସାରଣ ହେବା ପରେ ସାରା ପାକିସ୍ତାନରେ ହଇଚଇ ସୃଷ୍ଟି ହୋଇଥିଲା। ଏହାପରେ ପାକିସ୍ତାନ ସରକାର ଏହାକୁ ମିଛ ବୋଲି କହିବା ସହିତ ସେ ସୁସ୍ଥ ଅଛନ୍ତି ବୋଲି କହିଥିଲେ। ତେବେ ଇମ୍ରାନଙ୍କ ପରିବାର ପକ୍ଷରୁ ତାଙ୍କୁ ଦେଖା କରିବାକୁ ସରକାରଙ୍କ ପାଖରେ ଆବେଦନ



କରାଯାଇଥିଲା। ଦେଖା କରିବାକୁ ନଦେଲେ ବ୍ୟାପକ ଆନ୍ଦୋଳନ କରିବାକୁ ଇମ୍ରାନଙ୍କ ଦଳ ପାକିସ୍ତାନ ତେହେରିକ ଏ ଇନ୍‌ସାଫ ଧମକ ଦେବା ପରେ ସରକାର ରାଜି ହୋଇଥିଲେ। ଆଉ ମଙ୍ଗଳବାର ଇମ୍ରାନଙ୍କ ଦୁଇ ଭଉଣୀ ଭିତରୁ ଜଣେ ଉଜମା ଖାନକୁ ଦେଖା କରିବାକୁ

### ମୃତ୍ୟୁ ଗୁଜବ ଉପରେ ପଡିଲା ପୂର୍ଣ୍ଣଚ୍ଛେଦ

ଅନୁମତି ଦିଆଯାଇଥିଲା। ଉଜମା ଆଡ଼ିଆଲା ଜେଲ୍ ଭିତରକୁ ଯାଇ ଭାଇ ଇମ୍ରାନ ଖାନଙ୍କୁ ଦେଖା କରିବା ପରେ ମିଡିଆକୁ ପ୍ରତିକ୍ରିୟା ଦେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ମିଡିଆକୁ ସମ୍ବୋଧନ କରି ସେ କହିଛନ୍ତି ଇମ୍ରାନ ଖାନ ସୁସ୍ଥ ଅଛନ୍ତି, ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ତାଙ୍କୁ ଏକାକୀ ବନ୍ଦୀଶାଳାରେ ରଖାଯାଇଛି ଓ ମାନସିକ ନିର୍ଯାତନା ଦିଆଯାଉଛି। ତେବେ ଉଜମାଙ୍କ ଏହି ବୟାନରେ ଇମ୍ରାନ ଖାନଙ୍କ ମୃତ୍ୟୁ ହେବା ନେଇ ଯେଉଁ ଗୁଜବ ଉଠିଥିଲା ସେଥିରେ ଯବନିକା ପଡ଼ିଛି। ଏହା ପୂର୍ବରୁ ଉଜମାଙ୍କୁ କଠୋର ସର୍ତ୍ତ ରଖି ଇମ୍ରାନଙ୍କୁ ଭେଟିବାକୁ ଅନୁମତି ଦେଇଥିଲେ ପାକିସ୍ତାନ କର୍ତ୍ତୃପକ୍ଷ। ହେଲେ ଉଜମା କିନ୍ତୁ କୌଣସି ସର୍ତ୍ତ ମାନିବାକୁ ରାଜି ହୋଇ ନଥିଲେ। ତେବେ ଜେଲ୍ ଭିତରେ ପ୍ରବେଶ କରିବା ପୂର୍ବରୁ ସେ କହିଥିଲେ ଯେ ଆମେ କୌଣସି ସର୍ତ୍ତ ମାନିବୁ ନାହିଁ।

ମଙ୍ଗଳବାର ଇମ୍ରାନଙ୍କ ପାର୍ଟି ପକ୍ଷରୁ ଜେଲ୍ ପରିସର ନିକଟରେ ବ୍ୟାପକ ଆନ୍ଦୋଳନ କରିବାକୁ ଧମକ ଦିଆଯାଇଥିଲା। ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ଅପରାହ୍ନରେ ପାକିସ୍ତାନ ସରକାର ଉଜମାଙ୍କୁ ଭାଇ ଇମ୍ରାନଙ୍କ ସହିତ ଭେଟିବାକୁ ଅନୁମତି ଦେଇଛନ୍ତି।

### ସଂସଦରେ ଶୀତକାଳୀନ ଅଧିବେଶନ

## ୮ରେ ‘ବନ୍ଦେ ମାତରମ୍’ ଉପରେ ଆଲୋଚନା



ନୂଆଦିଲ୍ଲୀ,୨।୧୨: ଲୋକସଭାରେ ସୋମବାର ଜାତୀୟ ଗୀତ ‘ବନ୍ଦେ ମାତରମ୍‘ର ୧୫୦ ବର୍ଷ ପୂର୍ତ୍ତି ଉପରେ ଆଲୋଚନା ହେବ। ମଙ୍ଗଳବାର ନିର୍ବାଚନ ସଂସ୍କାର ଉପରେ ଚର୍ଚ୍ଚା ହେବ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସର୍ବଦଳୀନ ବୈଠକ ଓ ବିଏସି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। କିରେନ ରିଜିଜୁ ଏକ୍ସ ପୋଷ୍ଟରେ ଲେଖିଛନ୍ତି, ‘ଆଜି ଲୋକସଭା ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ହୋଇଥିବା ସର୍ବଦଳୀୟ ବୈଠକରେ, ସୋମବାର ଡିସେମ୍ବର ୮ ଅପରାହ୍ଣ ୧୨ଟାରୁ ଲୋକସଭାରେ ଜାତୀୟ ଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ଉପରେ ଏବଂ ମଙ୍ଗଳବାର ଅପରାହ୍ଣ ୧୨ଟାରେ ନିର୍ବାଚନ ସଂସ୍କାର ଉପରେ ଆଲୋଚନା ପାଇଁ ନିଷ୍ପତ୍ତି ନିଆଯାଇଛି।’

ବିଜନେସ୍ ଆଡଭାଇଜରୀ କାଉନସିଲର ବୈଠକରେ ସ୍ଥିର ହୋଇଛି ‘ବନ୍ଦେ ମାତରମ୍’ ଉପରେ ୧୦ ଘଣ୍ଟା ଆଲୋଚନା କରାଯିବ। ଏହି ଐତିହାସିକ ଆଲୋଚନାର ଆରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିବେ। ଅନୁମାନ କରାଯାଉଛି ଯେ, ଏହି ଆଲୋଚନାରେ ଜାତୀୟ ଗୀତର ଇତିହାସ, ମହତ୍ୱ ଓ ଆଧୁନିକ ଭାରତରେ ଏହାର ଭୂମିକାକୁ ସ୍ଥାନ ଦିଆଯିବ। ଡିସେମ୍ବର ୯ରେ ନିର୍ବାଚନ ସଂସ୍କାର ଉପରେ ଆଲୋଚନା ପାଇଁ ୧୦ ଘଣ୍ଟା ସମୟ ସ୍ଥିର କରାଯାଇଛି। ପୂରା ଚର୍ଚ୍ଚା ହେବା ପରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଡିସେମ୍ବର ୧୦ରେ ସରକାରଙ୍କ ପକ୍ଷରୁ ଉତ୍ତର ଦେବ। ସେପଟେ ସଂସଦର ଶୀତକାଳୀନ ଅଧିବେସନ ସମୟରେ ଲୋକସଭାରେ ବୁଧବାରଠାରୁ ଗୃହ କାର୍ଯ୍ୟ ବିନା କୌଣସି ବ୍ୟାହତରେ ଚାଲିବା ଉପରେ ସହମତି ହୋଇଛି। ବାଚସ୍ପତି ଓମ୍ ବିର୍ଲାଙ୍କ ରୁମରେ ଫ୍ଲୋର୍ ଲିଡର୍ସଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୧ରୁ ଆରମ୍ଭ ହୋଇ ୧୯ ଯାଏଁ ଚାଲିବ। ଏହି ଅଧିବେଶନରେ ମୋଟ ୧୫ଟି କାର୍ଯ୍ୟଦିବସ ରହିବ।

## ଖୁବଶୀଘ୍ର ପରମାଣୁ ଯୁଦ୍ଧ ଅବଶ୍ୟମ୍ଭାବୀ

ନୂଆଦିଲ୍ଲୀ,୨।୧୨: ବର୍ତ୍ତମାନ ପୃଥିବୀର ବିଭିନ୍ନ ସ୍ଥାନରେ ଛୋଟବଡ଼ ଯୁଦ୍ଧ ଲାଗି ରହିଛି। ଆଉ କିଛି ସ୍ଥାନରେ ଉତ୍ତେଜନା ଚରମ ସ୍ଥିତିରେ ରହିଛି। କେତେବେଳେ ବି ଏହା ଯୁଦ୍ଧରେ ପରିଣତ ହୋଇପାରେ। ଆଗାମୀ ୫ରୁ ୧୦ ବର୍ଷ ମଧ୍ୟରେ ବିଶ୍ୱ ଏକ ଭୟଙ୍କର ଯୁଦ୍ଧ ଦେଖିବାକୁ ଯାଉଛି। ହେଇପାରେ ଏକ ପରମାଣୁ ଯୁଦ୍ଧ। ବିଭିନ୍ନ ପ୍ରସଙ୍ଗରେ ଖୋଲାଖୋଲି ନିଜର ମତ ରଖୁଥିବା ଟେସ୍ଲା ସିଇଓ ଏଲନ ମସ୍କ ଏଭଳି ସାଂଘିତକ ଭବିଷ୍ୟବାଣୀ କରିଛନ୍ତି। ଏକ୍ସରେ, ବିଶ୍ୱ ଶାସନ ଉପରେ ପରମାଣୁ ପ୍ରତିରୋଧର ପ୍ରଭାବ ନାମକ ଏକ ବିଷୟରେ ଚର୍ଚ୍ଚା କରି ମସ୍କ କହିଛନ୍ତି। ହଣ୍ଟର ଆସ ନାମକ ଜଣେ ବ୍ୟକ୍ତି ଏକ୍ସରେ ଦାବି କରିଥିଲେ ଯେ, ଯୁଦ୍ଧର କୌଣସି ବାହ୍ୟ ବିପଦ ନଥିବାରୁ ବିଶ୍ୱର ସରକାରଗୁଡ଼ିକର ଶାସନରେ ସେତେଟା ପ୍ରଭାବ ଦେଖାଯାଉନାହିଁ। ସରକାରଗୁଡ଼ିକର ଶାସନ କମ ପ୍ରଭାବଶାଳୀ ରହିଛି। ଏହା ଉପରେ ଉତ୍ତର ଦେଇ ମସ୍କ କହିଛନ୍ତି ଯୁଦ୍ଧ ଅନିର୍ବାର୍ଯ୍ୟ।

### ମସ୍କଙ୍କ ଭବିଷ୍ୟବାଣୀ

ମସ୍କ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ, ସମସ୍ତ ସରକାର ସ୍ଥାଣୁ ପାଲଟିଛନ୍ତି। କାରଣ ପରମାଣୁ ଅସ୍ତ୍ର ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ଯୁଦ୍ଧ କିମ୍ବା ଏହାର ଅତି ସମ୍ଭାବନାମୂଳକ ବିପଦକୁ ଅଟକାଇ ଦେଉଛି। ତେଣୁ ସରକାରଗୁଡ଼ିକ ଉପରେ କୌଣସି ବାହ୍ୟ/ବିବର୍ତ୍ତନଶୀଳ/ବଜାର ଚାପ ନାହିଁ ଯେ ସେମାନେ ଏହା କରିବେ। ଏହାପରେ ଏଲନ ମସ୍କ ଏକ ଖୁଲମଖୁଲା ଉତ୍ତର ଦେଇ କହିଥିଲେ ଯେ, ଯୁଦ୍ଧ ଖୁବଶୀଘ୍ର ହେବାକୁ ଯାଉଛି। ଆଗାମୀ ୫ ବର୍ଷ ଭିତରେ ନହେଲେ ନିଶ୍ଚିତ ଭାବେ ୧୦ ବର୍ଷ ମଧ୍ୟରେ ଯୁଦ୍ଧ ଅନିର୍ବାର୍ଯ୍ୟ ବୋଲି ମସ୍କ କହିଛନ୍ତି। ତେବେ ଏଥିରେ ମସ୍କ କୌଣସି ଦେଶ ବିଷୟରେ ଉଲ୍ଲେଖ କରିନାହାନ୍ତି। ବରଂ ୟୁଜରଙ୍କୁ ଏହା ଉପରେ ଆଲୋଚନା କରିବାକୁ ଛାଡ଼ି ଦେଇଛନ୍ତି। ତେବେ ସୂଚାଇ ଦେଉଛି ଯେ, ଖୁବ୍ ଶୀଘ୍ର ସରକାରମାନଙ୍କୁ ଭବିଷ୍ୟତର ସଙ୍କଟର ପାଇଁ ବଳ କସିବାକୁ ପଡ଼ିପାରେ। ଆଜିର ଯୁଗରେ ଏଲନ ମସ୍କଙ୍କ କଥାକୁ ସହଜରେ ନିଆଯାଇ ନପାରେ। କାରଣ ମସ୍କ ଜଣେ ସଫଳ ଶିଳ୍ପପତି ହେବା ସଂଗେ ଉଦ୍ଭାବନା ମାନସିକଧାରୀ ବୁଦ୍ଧିଜୀବୀ। ଏହା ବାଦ୍ ସେ ଟ୍ରମ୍ପ ସରକାରରେ ଦକ୍ଷତା ବିଭାଗର ମୁଖ୍ୟ ଥିଲେ। ସେ ଦୃଷ୍ଟିରୁ ତାଙ୍କ ବିଚାରକୁ ନେଇ ବର୍ତ୍ତମାନ ସୋସିଆଲ୍ ମିଡିଆରେ ହଇଚଇ ସୃଷ୍ଟି ହୋଉଛି।

## ପୁଟିନଙ୍କ ଗସ୍ତ ପୂର୍ବରୁ ଦିଲ୍ଲୀରେ ହାଇଆଲର୍ଟ

ନୂଆଦିଲ୍ଲୀ,୨।୧୨: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୁଟିନଙ୍କ ଗସ୍ତ ପୂର୍ବରୁ ରାଜଧାନୀ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଭାରତ ଏବଂ ରୁଷ ଉଭୟର ଏଜେନ୍ସି ଏହି ସ୍ତରକୁ ବଜାୟ ରଖିବା ପାଇଁ ଏକାଠି କାମ କରୁଛନ୍ତି।

ସୂଚନାନୁଯାୟୀ, ପୁଟିନଙ୍କୁ ସୁରକ୍ଷା ଦେବା ପାଇଁ ରୁଷର ସ୍ୱତନ୍ତ୍ର ସୁରକ୍ଷା ଟିମ୍ କିଛି ଦିନ ପୂର୍ବରୁ ଆସି ଦିଲ୍ଲୀରେ ପହଞ୍ଚିଥିଲେ। ସୁରକ୍ଷା ପାଇଁ ନିୟୋଜିତ ହୋଇଥିବା ଏହି ଟିମ୍ ଏବେ ହୋଟେଲ, ବିମାନବନ୍ଦର ସମେତ ଅନ୍ୟାନ୍ୟ ସ୍ଥାନର ଯାଞ୍ଚରେ ବ୍ୟସ୍ତ ରହିଛନ୍ତି। ଏହି ଦଳ ଛୋଟରୁ ବଡ଼ ପର୍ଯ୍ୟନ୍ତ ପ୍ରତ୍ୟେକ ବିପଦର ଆକଳନ କରେ ବୋଲି କୁହାଯାଉଛି। ପ୍ରତ୍ୟେକ କିଏ ପ୍ରବେଶ କରିବ, କେଉଁ ଲିଫ୍ଟ ବ୍ୟବହାର କରାଯିବ, କେଉଁ ଦ୍ୱାର ଦେଇ ପ୍ରବେଶ କରି କେଉଁଠାରୁ ବାହାରିବ, ସେ ସବୁକିଛି ମିନିଟକୁ ମିନିଟ୍ ଧାର୍ଯ୍ୟ କରାଯାଏ। ସବୁକିଛି ରୁଷରେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଏ ଏବଂ ଅନେକ ପରୀକ୍ଷା ପରେ ହିଁ ତାଙ୍କୁ ପରିବେଷଣ କରାଯାଏ। ସେ ତାଙ୍କର ବ୍ୟକ୍ତିଗତ ପୋର୍ଟେବଲ୍ ଶୌଚାଳୟ ସହିତ ଯାତ୍ରା କରନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ତାଙ୍କ ସ୍ୱାସ୍ଥ୍ୟ, ଚିକିତ୍ସା ତଥ୍ୟ ଏବଂ ବ୍ୟକ୍ତିଗତ ସୂଚନାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବା।

ଅନ୍ୟପଟେ ପୁଟିନଙ୍କ ଭାରତ ଗସ୍ତକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ, ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସପିଜି) ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି। ଯାହାଫଳରେ ବହୁ ସଂଖ୍ୟକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ହୋଟେଲରୁ ସଭାସ୍ଥଳ ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ମୁମ୍ବାଇର ଦ୍ୱିତୀୟ ଅନ୍ତର୍ଜାତୀୟ ଏୟାରପୋର୍ଟ

# ଡିସେମ୍ବର ୨୫ରେ ଉଦ୍‌ଘାଟନ

ମୁମ୍ବାଇ,୨।୧୨: ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ଦ୍ୱିତୀୟ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ବିମାନ ଉଡ଼ାଣ ଭରିବାକୁ ପ୍ରସ୍ତୁତ। ନଭି ମୁମ୍ବାଇ ଅନ୍ତର୍ଜାତୀୟ ଏୟାରପୋର୍ଟ ୨୫ ଡିସେମ୍ବର ୨୦୨୫ରୁ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହା ପୂର୍ବରୁ ୨୯ ଏବଂ ୩୦ ନଭେମ୍ବରରେ ପ୍ୟାସେଞ୍ଜର ସିମୁଲେସନ୍ ପରୀକ୍ଷାରେ ପାସ୍ କରିଛି ଏହି ଏୟାର ପୋର୍ଟ। ଏୟାର ପୋର୍ଟର ଅପରେସନାଲ୍ ରେଡିନେସ୍ ଏବଂ ଏୟାରପୋର୍ଟ ଟ୍ରାନ୍ସଫର ଟିମ୍ ଏହି ପରୀକ୍ଷା କରିଥିଲା। ଦୁଇଦିନ ଧରି ଚାଲିଥିବା ଏହି ଟ୍ରାୟଲରେ ଶତାଧିକ କର୍ମଚାରୀଙ୍କୁ ନିଆଯାଇଥିଲା। ସମସ୍ତ ପ୍ରମୁଖ ପ୍ରକ୍ରିୟା ମାଧ୍ୟମରେ ଏୟାରପୋର୍ଟର ସ୍ଥାୟିତ୍ୱ ଏବଂ ଅନ୍ୟ ଦିଗ ଉପରେ ପରୀକ୍ଷା ନୀରିକ୍ଷା କରାଯାଇଥିଲା। ଏହି ସବୁ ପରୀକ୍ଷାରେ ପାସ ହୋଇଯାଇଛି ଏନଏମଆଇଏ। ନଭି ମୁମ୍ବାଇ ଅନ୍ତର୍ଜାତୀୟ ଏୟାରପୋର୍ଟ କାର୍ଯ୍ୟକ୍ଷମ ହେବା ମାତ୍ରେ ଯାତ୍ରୀଙ୍କ ଉଡ଼ାଣ ସୁରକ୍ଷିତ ହୋଇପାରିବ କି ନାହିଁ ତାହା ପରୀକ୍ଷା କରାଯାଇଛି। ଟିମ୍ ଠିକ୍ ସେହିଭଳି ହିଁ ସବୁ ପ୍ରକାର



ପରୀକ୍ଷା କରିଛି। ଉଦଘାଟନ ପୂର୍ବରୁ ପରୀକ୍ଷାମୂଳକ ଭାବରେ ଏୟାରପୋର୍ଟରୁ ବିମାନ ଉଡ଼ାଣ ହୋଇଛି। ଏଥିରେ ଯାତ୍ରୀଙ୍କ ସିଟରେ ବସିଥିଲେ ଏୟାରପୋର୍ଟର କର୍ମଚାରୀ। ଫୁଲ-ସ୍କେଲ୍ ପ୍ୟାସେଞ୍ଜର ଟ୍ରାୟଲରେ ସଫଳତା ମିଳିବା ପରେ ଏବେ ଏନଏମଆଇଏ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଛି। ଡିସେମ୍ବର ୨୫ରେ ଏହି ଏୟାରପୋର୍ଟ ଉଦଘାଟନ ହେବ।

ନଭି ମୁମ୍ବାଇ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ଆରମ୍ଭ ହେବା ପରେ ମୁମ୍ବାଇକୁ ଯୋଗାଯୋଗ ଆହୁରି ଭଲ ହୋଇପାରିବ। ଏହି ଏୟାରପୋର୍ଟରେ ଅତ୍ୟାଧୁନିକ ସୁବିଧା, ସୁରକ୍ଷା ବ୍ୟବସ୍ଥା ଏବଂ ଯାତ୍ରୀଙ୍କ ସୁବିଧା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି। ସାଉଥ ମୁମ୍ବାଇରୁ ପ୍ରାୟ ୩୭ କିଲୋମିଟର ଦୂରତାରେ ରହିଛି ନଭି ମୁମ୍ବାଇ ଅନ୍ତର୍ଜାତୀୟ ଏୟାରପୋର୍ଟ। ବିମାନ ବନ୍ଦର ୧୦,୬୬୦ ହେକ୍ଟରରେ ବ୍ୟାପିଛି। ଏହାକୁ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ ମଡେଲରେ ନିର୍ମାଣ କରାଯାଇଛି। ଏଥିରେ ଆଦାନୀ ଏୟାରପୋର୍ଟ ହୋଲ୍ଡିଂ ଲିମିଟେଡ୍ର ୭୪ ପ୍ରତିଶତ ଏବଂ ସିଆଇଡିସିଓର ୨୬ ପ୍ରତିଶତ ଶେୟାର ରହିଛି।

### ଅଯୋଧ୍ୟା ରାମ ମନ୍ଦିର ସଂଗ୍ରାହଳୟ ନିର୍ମାଣ ପାଇଁ କ୍ୟାବିନେଟର ମଞ୍ଜୁରୀ

## ୫୨ ଏକର ଜାଗାରେ ହେବ ନିର୍ମାଣ କାର୍ଯ୍ୟ

ଲକ୍ଷ୍ନୌ, ୨।୧୨ : ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ସଂଗ୍ରାହଳୟ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହାର ନିଷ୍ପତ୍ତି କ୍ୟାବିନେଟ୍ ବୈଠକରେ ନିଆଯାଇଥିଲା। ମନ୍ଦିର ସଂଗ୍ରହାଳୟ ୫୨ ଏକର ଜାଗାରେ ନିର୍ମାଣ କରାଯିବ। ଏହା ବ୍ୟତୀତ ମନ୍ଦିର ସଂଗ୍ରାହଳୟ ନିର୍ମାଣ କାର୍ଯ୍ୟ ଟାଟା ଆଣ୍ଡ୍ ସନ୍ସଙ୍କ ଦ୍ୱାରା କରାଯିବ। ସୂଚନାନୁଯାୟୀ, ରାଜ୍ୟ ସରକାର ଅଯୋଧ୍ୟାରେ ଲଗାତାର ଅନେକ ନିର୍ମାଣ ପ୍ରକଳ୍ପ କରୁଛନ୍ତି। ରାମ ମନ୍ଦିର ସଂଗ୍ରାହଳୟର ନିର୍ମାଣ ଅଯୋଧ୍ୟାର ମାଝା ଜମଥରାରେ କରାଯିବ। ଯାହା କେବଳ ଆକାରରେ ବଡ଼ ହେବ ନାହିଁ ବରଂ ନିର୍ମାଣରେ ଅନ୍ତର୍ଜାତୀୟ ମାନଦଣ୍ଡକୁ ମଧ୍ୟ ପାଳନ କରିବ। ଏହା ଆଗାମୀ ଦିନରେ ସହରକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଅନେକ ସୁବିଧା ଯୋଗାଇବ। ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିର୍ମାଣ କାର୍ଯ୍ୟ କରାଯାଉଛି। ଏହି ସରକାରୀ ପଦକ୍ଷେପ କେବଳ ଅଯୋଧ୍ୟାର ବିକାଶ କରିବ ନାହିଁ ବରଂ ଭବିଷ୍ୟତରେ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। ଯାହା କିଛିଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଧର୍ମଧ୍ୱଜ ଉତ୍ତୋଳନ କରାଯାଇଥିଲା।

# ରିଲିଫ୍ ନାଁରେ ଶ୍ରୀଲଙ୍କାକୁ ଗଲା ଏକ୍ସପାଏରୀ ସାମଗ୍ରୀ

ନୂଆଦିଲ୍ଲୀ,୨।୧୨: ସାମୁଦ୍ରିକ ଘୂର୍ଣ୍ଣିଝଡ଼ ‘ଡିଟୱା’ ଶ୍ରୀଲଙ୍କାରେ ପ୍ରାକୃତିକ ବିପର୍ଯ୍ୟୟ ଘଟାଇଛି। ବାତ୍ୟା ‘ଡିଟୱା’ ପ୍ରଭାବରେ ବନ୍ୟା ଆସିବାରୁ ଏବଂ ଭୂସ୍ଖଳନ ଯୋଗୁଁ ଶ୍ରୀଲଙ୍କାରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏମିତି ସମୟରେ ଅନେକ ଦେଶ ଶ୍ରୀଲଙ୍କାକୁ ସହାୟତାର ହାତ ବଢ଼ାଇଛନ୍ତି। ଏହା ମଧ୍ୟରେ ପାକିସ୍ତାନ ପକ୍ଷରୁ ଦିଆଯାଇଥିବା ଏକ ମାନବିୟ ସହାୟତା ବିବାଦର କାରଣ ପାଲଟିଛି। ପାକିସ୍ତାନ ଶ୍ରୀଲଙ୍କାକୁ ଯେଉଁ ରିଲିଫ୍ ସାମଗ୍ରୀ ପଠାଇଛି ସେଥିରୁ ଅଧିକ ସାମଗ୍ରୀ ଏକ୍ସପାଏରୀ ମିଳିଛି। ଏହା ଦେଖି କଲୋମ୍ବୋରେ ପ୍ରଭାବିତ ଲୋକେ ଉତ୍ତେଜିତ ହୋଇ ଉଠିଛନ୍ତି। ଶ୍ରୀଲଙ୍କାର ବିପର୍ଯ୍ୟୟ ପରିଚାଳନା ଓ ବୈଦେଶିକ ମନ୍ତ୍ରଣାଳୟର ଅଧିକାରୀ ଏହାକୁ ଗମ୍ଭୀର ଚିନ୍ତାର ବିଷୟ ବୋଲି କହିଛନ୍ତି। ଏଥିସହ ପାକିସ୍ତାନଠୁ ସ୍ପଷ୍ଟୀକରଣ ମାଗିଛି ଶ୍ରୀଲଙ୍କା। ସୋସିଆଲ ମିଡିଆରେ ଲୋକେ ଏହାକୁ ସହାୟତା କୂଟନୀତି ନାଁରେ ପରିହାସ ବୋଲି କହିଛନ୍ତି।

ବାତ୍ୟା ‘ଡିଟୱା’ ନଭେମ୍ବର ୨୮ରେ ଶ୍ରୀଲଙ୍କାରେ ସ୍ଥଳଭାଗ ଛୁଇଁବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ନଭେମ୍ବର ୨୯ରେ ପାକିସ୍ତାନୀ ନୌସେନାର ଜାହାଜ କଲୋମ୍ବୋ ବିମାନ ବନ୍ଦରରେ ପହଞ୍ଚିଥିଲା। ଜାହାଜରେ




### ପୁଣି ହୀନସ୍ତା ହେଲା ପାକିସ୍ତାନ

ଅନେକ ଟନର ରିଲିଫ ସାମଗ୍ରୀ ରହିଥିଲା। ଏଥିରେ ଭୋଜନ ପ୍ୟାକେଟ୍, ଔଷଧ, ପ୍ରାଥମିକ ଚିକିତ୍ସା କିଟ୍, ସୁଖା ରାସନ, ତମ୍ବୁ ଓ ଅନ୍ୟ ଆବଶ୍ୟକ ବସ୍ତୁ ସାମିଲ୍ ଥିଲା। ଶ୍ରୀଲଙ୍କାରେ ପାକିସ୍ତାନର ଦୂତାବାସ ନଭେମ୍ବର ୩୦ରେ ଏକ୍ସରେ ପୋଷ୍ଟ କରି ଲେଖିଥିଲା ଯେ, ପାକିସ୍ତାନରୁ ରିଲିଫ ପ୍ୟାକେଜ୍ ସଫଳତାପୂର୍ବକ ଶ୍ରୀଲଙ୍କାରେ ବନ୍ୟା ପ୍ରଭାବିତ ଭାଇ-ଭଉଣୀଙ୍କ ନିକଟରେ ପହଞ୍ଚି ଯାଇଛି। ଏହା ଆମର ଅତୁଟ ଏକଜୁଟତାର ପ୍ରତୀକ। ପାକିସ୍ତାନ ସର୍ବଦା ଶ୍ରୀଲଙ୍କା ସହ ରହିଥିବା ଦୂତାବାସ ପକ୍ଷରୁ କୁହାଯାଇଥିଲା।

ଯେବେ ଶ୍ରୀଲଙ୍କାର ଅଧିକାରୀ ରିଲିଫ ସାମଗ୍ରୀର ଯାଞ୍ଚ କଲେ, ଅନେକ ପ୍ୟାକେଟରେ ୨୦୨୪ର ଏକ୍ସପାଏରୀ ତାରିଖ ମିଳିଥିଲା। ମେଡିକାଲ୍ ଉପକରଣ ଓ ଖାଦ୍ୟ ସାମଗ୍ରୀ ଖରାପ ହୋଇ ଯାଇଥିଲା। ଫଳରେ ଏସବୁ ରିଲିଫ ସାମଗ୍ରୀ ପ୍ରଭାବିତଙ୍କ ପାଇଁ କୌଣସି କାମରେ ଲାଗି ନ ପାରି ନ ଥିଲା। କଲୋମ୍ବୋର ଅଧିକାରୀଙ୍କ ଅନୁସାରେ ରିଲିଫ ସାମଗ୍ରୀରେ ଥିବା ଅନେକ ମେଡିକାଲ୍ ଉପକରଣ, ଖାଦ୍ୟ ପକେଟ୍ ଓ ଆବଶ୍ୟକ ବସ୍ତୁ ପ୍ରଥମରୁ ଏକ୍ସପାଏରୀ ହୋଇ ସାରିଥିଲା। ସାମଗ୍ରୀର ଯାଞ୍ଚ ସମୟରେ ଅଧିକାରୀ ଏହା ଦେଖି ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି।

ପାକିସ୍ତାନ ପାଇଁ ଏହା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ୨୦୧୫ରେ ନେପାଳ ଭୂକମ୍ପ ସମୟରେ ପାକିସ୍ତାନ ଗୋ ମାଂସ ମିଶ୍ରିତ ଖାଦ୍ୟ ପ୍ୟାକେଟ୍ ପଠାଇଥିଲା। ଏହାକୁ ନେଇ ହିନ୍ଦୁ ବହୁଳ ନେପାଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହାକୁ ସାଂସ୍କୃତିକ ଅସମ୍ବେଦନଶୀଳତା ଭାବେ ବିବେଚନା କରାଯାଇଥିଲା। ଏବେ ଶ୍ରୀଲଙ୍କାରେ ପୁଣି ଥରେ ସେହି ଘଟଣାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି।

# ହିନ୍ଦୁ ଦେବତାଙ୍କୁ ନେଇ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ

ହାଇଦ୍ରାବାଦ,୨।୧୨: ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପୁଣି ଥରେ ତାଙ୍କ ବିବାଦୀୟ ମନ୍ତବ୍ୟ ନେଇ ଅଡୁଆରେ ପଡ଼ିଛନ୍ତି। ଏଥର ସେ ହିନ୍ଦୁ ଦେବଦେବୀଙ୍କ ସଂଖ୍ୟା ଏବଂ ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠାଇ ଏକ ନୂତନ ବିବାଦ ସୃଷ୍ଟି କରିଛନ୍ତି। ଏକ କାର୍ଯ୍ୟକ୍ରମ ସମୟରେ ରେଡ୍ଡୀ ଏକ ବିବାଦୀୟ ମନ୍ତବ୍ୟ ଦେଇ କହିଛନ୍ତି ଯେ, ହିନ୍ଦୁ ଧର୍ମରେ ଅଗଣିତ ଦେବତା ଅଛନ୍ତି।

ଅବିବାହିତାଙ୍କ ପାଇଁ ହନୁମାନ ଜୀ ଅଛନ୍ତି, ଯେତେବେଳେ ମଦ୍ୟପାନ କରୁଥିବା ଲୋକଙ୍କ ପାଇଁ ଆଉ ଜଣେ ଅଛନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ଏହି ମନ୍ତବ୍ୟ ରାଜନୈତିକ ଉଷ୍ମତାକୁ ଶୀର୍ଷରେ ପହଞ୍ଚାଇ ଦେଇଛି। ବିରୋଧୀ ଏହାକୁ କୋଟି କୋଟି ହିନ୍ଦୁଙ୍କ ବିଶ୍ୱାସ ଉପରେ ଆଘାତ ଏବଂ ଆକ୍ରମଣ ବୋଲି କହିଛନ୍ତି।



ରେଡ୍ଡୀଙ୍କ ମନ୍ତବ୍ୟର ଭିଡିଓ ଭାଇରାଲ ହେବା ମାତ୍ରେ ବିଜେପି ଏବଂ ବିଆରଏସ ତାଙ୍କୁ କଡ଼ା ସମାଲୋଚନା ଆରମ୍ଭ କରିଛନ୍ତି। ବିଜେପି ନେତା ଚିକ୍କୋଟି ପ୍ରବୀଣ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ହିନ୍ଦୁ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଅପମାନିତ କରିଛି। ସେ ଅଭିଯୋଗ କରିଛନ୍ତି, କଂଗ୍ରେସ ଏବଂ ରେବନ୍ତ ରେଡ୍ଡୀ ସେମାନଙ୍କର ତୁଷ୍ଟୀକରଣ ରାଜନୀତି ପାଇଁ ହିନ୍ଦୁ ଭାବନାକୁ ଆଘାତ ଦେବାକୁ କୌଣସି ଦ୍ୱିଧା କରୁନାହାନ୍ତି। ସେହିପରି ବିଆରଏସ ନେତା ରାକେଶ ରେଡ୍ଡୀ ଅନୁଗୁଲା ଏହାକୁ ଏକ ଶସ୍ତା ଲୋକପ୍ରିୟତା ରଣନୀତି ବୋଲି କହି ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ କ୍ଷମା ମାଗିବାକୁ ଦାବି କରିଛନ୍ତି। ରେବନ୍ତ ରେଡ୍ଡୀ ତାଙ୍କ ଭାଷଣରେ ଅଜବ ଯୁକ୍ତି ସହିତ ହିନ୍ଦୁ ବିଶ୍ୱାସକୁ ଉପହାସ କରିଥିଲେ। ସେ ପଚାରିଥିଲେ, ହିନ୍ଦୁମାନଙ୍କର କେତେ ଦେବତା ଅଛନ୍ତି? ତିନି କୋଟି? ଏତେ କାହିଁକି? ସେ କହିଥିଲେ ଯେ, ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ଦେବତା ଅଛନ୍ତି। ଯେଉଁମାନେ ଅବିବାହିତ, ସେମାନଙ୍କ ପାଇଁ ହନୁମାନ ଅଛନ୍ତି। ଯେଉଁମାନେ ଦୁଇଥର ବିବାହ କରିଛନ୍ତି, ସେମାନଙ୍କ ପାଇଁ ଏକ ଭିନ୍ନ ଦେବତା ଅଛନ୍ତି। ଯେଉଁମାନେ ମଦ୍ୟପାନ କରନ୍ତି, କୁକୁଡ଼ା ହତ୍ୟା କରନ୍ତି ଏବଂ ଡାଲି ଓ ଭାତ ଖାଆନ୍ତି ସେମାନଙ୍କ ପାଇଁ ମଧ୍ୟ ପୃଥକ ଦେବତା ଅଛନ୍ତି। ବିରୋଧୀ ଦଳ ମୁଖ୍ୟମନ୍ତ୍ରୀଙ୍କ ବର୍ଗୀକରଣକୁ ହିନ୍ଦୁ ଧର୍ମର ଅପମାନ ବୋଲି କହିଛନ୍ତି।

ଡିଲିଟ୍ କଲେ ଭିଡିଓ

# ଶ୍ରୀମନ୍ଦିର ପ୍ରସଙ୍ଗରେ କ୍ଷମା ମାଗିଲେ ଶୁଭଙ୍କର





**ପୁରୀ,୨।୧୨(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପ୍ରସଙ୍ଗରେ ଭୁଲ୍ ତଥ୍ୟ ପ୍ରସଙ୍ଗ ଦେଇ ହରଡ଼ଘଣାରେ ପଡ଼ିଥିବା ସୋସିଆଲ ମିଡ଼ିଆ ଇନଫ୍ଲୁଏନସର ଶୁଭଙ୍କର ମିଶ୍ରା ନିଜର ଭୁଲ୍ ସ୍ୱୀକାର କରିଛନ୍ତି। ନିଜ ୟୁଟ୍ୟୁବ୍ ଆଇଡିରେ ଭିଡିଓ କରି କ୍ଷମା ମାଗିଛନ୍ତି। ଏହା ସହିତ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଭିଡିଓ ବି ଡିଲିଟ କରିଛନ୍ତି। ଶୁଭଙ୍କର ମିଶ୍ରାଙ୍କ ନାଁରେ ସିଂହଦ୍ୱାରା ଥାନାରେ ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ଏହି ଏତଲା ଦେଇଥିଲେ।

ଶ୍ରୀମନ୍ଦିର ପ୍ରସଙ୍ଗରେ ଭୁଲ୍ ତଥ୍ୟ ଦେବା ନେଇ ଶୁଭଙ୍କର ମିଶ୍ରଙ୍କ ନାଁରେ ଓଡ଼ିଶାର ଜନମାନସରେ ବିରୋଧର ସ୍ୱର ଉଠୁଥିଲା। ଶୁଭଙ୍କର ମିଶ୍ରା ଯିଏ ବହୁତ ତର୍ଜମା ଏବଂ ବିଶ୍ଳେଷଣ କରି ଖବର ଲୋକଙ୍କ ନିକଟରେ ସଠିକତାର ସହ ଉପସ୍ଥାପନ କରନ୍ତି, ସେ କେମିତି ଶ୍ରୀମନ୍ଦିରକୁ ଏହିପରି ଭାବେ ଅରୁଚିକର ଏବଂ ଭ୍ରମାତ୍ମକ ମନ୍ତବ୍ୟ ଦେଲେ, ତାକୁ ନେଇ ପ୍ରଶ୍ନ ଉଠିଛି। ସାମାଜିକ ଗଣମାଧ୍ୟମରେ ଜଗନ୍ନାଥପ୍ରେମୀ ଶୁଭଙ୍କର ମିଶ୍ରଙ୍କୁ ଖୁବ୍ ସମାଲୋଚନା କରିବା ସହ ଟ୍ରୋଲ କରିଥିଲେ। ଏହା ପରେ ମଙ୍ଗଳବାର ସନ୍ଧ୍ୟାରେ ଶୁଭଙ୍କର ମିଶ୍ରା ନିଜର ୟୁଟ୍ୟୁବ୍ ଚ୍ୟାନେଲରେ ଜଗନ୍ନାଥ ମନ୍ଦିରକୁ ନେଇ ଏକ ସ୍ୱତନ୍ତ୍ର ଭିଡିଓ ତିଆରି କରି ନିଜର ଭୁଲ ସ୍ୱୀକାର କରିବା ସହ କ୍ଷମା ମାଗିଛନ୍ତି।

ସୋସିଆଲ ମିଡିଆ ଇନଫ୍ଲୁଏନସର୍ ଶୁଭଙ୍କର ମିଶ୍ରା କହିଥିଲେ ଯେ, ବିବାହ ପୂର୍ବରୁ ଯଦି ପ୍ରେମୀ ଯୁଗଳ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କର ଦର୍ଶନ କରିବେ ତେବେ ସେମାନଙ୍କ ପ୍ରେମ କେବେ ବି ସଫଳ ହେବନାହିଁ। ଏଥିସହ ବିବାହ ବନ୍ଧନରେ ସେମାନେ କେବେ ବି ବାନ୍ଧି ହୋଇପାରିବେ ନାହିଁ। ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡିଛି। ମା' ରାଧାରାଣୀ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କ ରୂପରେ ଦର୍ଶନ କରିବାକୁ ଯାଉଥିବା ବେଳେ ସେତେବେଳେ ସେବାୟତମାନେ ତାଙ୍କୁ ଅଟକାଇଥିଲେ।

## ଆଜି ଶ୍ରୀଜୀଉଙ୍କ ବନକଲାଗି: ୫ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ,୨।୧୨ (ସଂଚାର ବ୍ୟୁରୋ):** ବୁଧବାର ମାର୍ଗଶିର ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆପାତତଃ ଅପରାହ୍ନ ୫ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆଜି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସୂତ୍ରରୁ ଏହି ସୂଚନା ମିଳିଛି। ଦତ ମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଏହି ଗୁପ୍ତ ନୀତି ସମାପନ କରିବେ। ଶ୍ରୀଜୀଉଙ୍କ ବନକ ଲାଗି ତଥା ଶ୍ରୀମୁଖ ଶୃଙ୍ଗାରରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, କଳା, ଧଳା ଓ ନାଲି ରଙ୍ଗର ବ୍ୟବହାର ହୋଇଥାଏ। ବନକଲାଗି ଶ୍ରୀଜୀଉଙ୍କ ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିଥାଏ। ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ଅନୁଷ୍ଠିତ ହେବ। ଏହାପରେ ଭକ୍ତ ମାନେ ଶ୍ରୀବିଗ୍ରହ ମାନଙ୍କ ଦର୍ଶନ କରିପାରିବେ।

## ହାତୀ ଆକ୍ରମଣରେ ଯୁବକ ମୃତ

**କେନ୍ଦୁଝର,୨।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ତେଲକୋଇ ବନାଞ୍ଚଳରେ ହାତୀ ଘଉଡାଇବା ବେଳେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରୁଗୁଡିହ ଗାଁର ଚକ୍ରଧର ମହାରଣା ବୋଲି ସୂଚନା ମିଳିଛି। ବାରାହାଦେବତା ବିଟ ଅଞ୍ଚଳରେ ୩୯ ଟିକିଆ ହାତୀପଲଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବା ପାଇଁ ଧାନ ଜମିରେ ହାତୀଙ୍କୁ ଘଉଡାଇବା ବେଳେ ଦନ୍ତାହାତୀ ଆକ୍ରମଣରେ ବାଘମୁଣ୍ଡା ସାହି ନିକଟରେ ଯୁବକଙ୍କ ମୃତ୍ୟୁ ହୋଇଛି। ଯୁବକଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ତେଲକୋଇ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ସରକାରୀ ନିୟମ ଅନୁଯାୟୀ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।

## ୨ ପିକଅପ ଭ୍ୟାନ ଜବତ, ୨୪ ଗୋରୁ ଉଦ୍ଧାର

**ଭଦ୍ରକ, ୨।୧୨ (ସଂଚାର ବ୍ୟୁରୋ):** ଭଦ୍ରକ -ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡି ଓ ପିରାହାଟ ଅଞ୍ଚଳର ୨ଟି ସ୍ଥାନରୁ ସୋମବାର ସକାଳେ ଗୋରୁ ବୋଝେଇ ୨ଟି ପିକଅପ ଭ୍ୟାନକୁ ପୁଲିସ ଜବତ କରିଛି। ଏହି ଘଟଣାରେ ତିହିଡି ଓ ପୀରହାଟ ଥାନାରେ ୨ଟି ମକଦ୍ଦମା ରୁଜୁ ହୋଇଛି। ଚନ୍ଦବାଲିରୁ ୨ଟି ପିକଅପ ଭ୍ୟାନରେ ଗୋରୁ ବୋଝେଇ ହୋଇ ଭଦ୍ରକ ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା ସଦଳବଳେ ସିନ୍ଧୋଳ ପଣ୍ଡାପୋଖରୀ ଛକ ନିକଟରେ ପହଞ୍ଚି ଏକ ନମ୍ବରବିହୀନ ଭ୍ୟାନକୁ ଧରିବାକୁ ସକ୍ଷମ ହୋଇଥିଲା। ଭ୍ୟାନରୁ ୧୨ଟି ଗୋରୁକୁ ପୁଲିସ ଉଦ୍ଧାର କରିଥିବା ବେଳେ ଭ୍ୟାନ ଚାଳକ ଫେରାର ହୋଇଯାଇଥିବା ଜଣାଯାଇଛି। ସେହିପରି ଅନ୍ୟ ଏକ ଗୋରୁ ବୋଝେଇ ଭ୍ୟାନ(ଓଡ଼ି ୦୫ବି ୧୪୧୧)କୁ ତିହିଡି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ପୁଲିସ ପିଛା କରୁଥିବା ବେଳେ ଭ୍ୟାନଟି ମିର୍ଜାପୁର ସଂଖ୍ୟାଲଘୁ ବସ୍ତି ଭିତରକୁ ପଶି ଯାଇଥିଲା। ପୁଲିସ ଭ୍ୟାନରୁ ୧୨ଟି ଗୋରୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଏକ ଗୋରୁ ମୃତ ବୋଲି ଜଣାଯାଇଥିଲା।

● ୬୫୦ଗ୍ରାମ ବ୍ରାଉନସୁଗର ଜବତ

## ମହିଳା ସମେତ ୩ ଗିରଫ

**ଖୋର୍ଦ୍ଧା,୨।୧୨ (ସଂଚାର ବ୍ୟୁରୋ):** ଆଦର୍ଶ ଥାନା ପୁଲିସ ଖୋର୍ଦ୍ଧା ସହରର ନୂଆ ସୁନ୍ଦରା ସାହିରେ ଚଢ଼ାଉ କରି ଜଣେ ମହିଳା ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଉପର ସାହିର ଦେବାଶିଷ ପଟ୍ଟନାୟକ ଓରଫ ଜୁଡୁ (୨୩), ନୂଆସୁନ୍ଦରା ସାହିର ଅଭିଜିତ ଜେନା (୨୦) ଓ ବିଷ୍ଣୁପ୍ରିୟା ଜେନା(୪୨)। ଏମାନଙ୍କଠାରୁ ପୁଲିସ ୬୫୦ଗ୍ରାମ୍ ବ୍ରାଉନ୍‌ସୁଗର,୧୭୫ ବୋତଲ କଫ୍ ସିରପ୍, ଗୋଟିଏ ପଲିଥିନ ସିଲ ମେସିନ, ଗୋଟିଏ ଡିଜିଟାଲ ଓଜନ ମେସିନ, ଗୋଟିଏ ସ୍କୁଟି, ଗୋଟିଏ ପଲିଥିନ ବଣ୍ଡଲ, ୩ଟି ମୋବାଇଲ ଜବ୍ତ କରି କୋର୍ଟ ଚାଲାଣ କରାଯାଇଛି। ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି। ଆଦର୍ଶ ଥାନା ଅନ୍ତର୍ଗତ ନୁଆସୁନ୍ଦରା ସାହିର ରମେଶ ଜେନାଙ୍କ ଘରେ ବ୍ରାଉନ୍‌ସୁଗର କାରବାର ହେଉଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠିତ କରାଯାଇ ଚଢ଼ାଉ କରାଯାଇଥିଲା।




ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ ବଦଳ

## କନଷ୍ଟେବଳ ନିଯୁକ୍ତି ପରୀକ୍ଷାରେ ବଡ଼ ବିଭ୍ରାଟ



**କୋଲକାତା,୨।୧୨(ସଂଚାର ବ୍ୟୁରୋ):** ପୁଲିସ କନଷ୍ଟେବଳ ନିଯୁକ୍ତି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ ବଦଳ। ପୁଲିସ କନଷ୍ଟେବଳ ପ୍ରବେଶ ପରୀକ୍ଷାରେ ପ୍ରାର୍ଥୀ ବଦଳିବା ଏବଂ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ୍ ନେବା ଅଭିଯୋଗରେ ମୁର୍ଶିଦାବାଦର ଡୋମକଳ ଥାନାର ପୁଲିସ ଦୁଇ ଭାଇ ସମେତ ତିନି ଜଣଙ୍କୁ ଗିରଫ କରିଛି। ନଦିଆର ଯୁବକ ମୁର୍ଶିଦାବାଦର ଡୋମକଳ ସ୍ଥିତ ଭବତାରଣ ହାଇସ୍କୁଲରେ ପରୀକ୍ଷା ଦେବାକୁ ଆସିଥିଲେ। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗିରଫ ହୋଇଥିବା ଯୁବକଙ୍କ ନାମ ଅରୁଣ ସିକଦାର, ବିଧାନ ସିକଦାର ଏବଂ ସନ୍ଦୀପ ମଣ୍ଡଳ। ଅରୁଣ ସିକଦାର ଏବଂ ବିଧାନ ସିକଦାର ନଦିଆର ତେହଟ୍ଟା ଅଞ୍ଚଳର ବାସିନ୍ଦା। ସନ୍ଦୀପ ମଣ୍ଡଳ ମୁର୍ଶିଦାବାଦର ସାଗରପଡା ଥାନା ଅଞ୍ଚଳର ବାସିନ୍ଦା। ପୁଲିସ ଜଣାଇଛି ଯେ, ଜଣେ ବ୍ୟକ୍ତିଙ୍କୁ ପରିକଳ୍ପନା କରି ପରୀକ୍ଷାର୍ଥୀଙ୍କ ବଦଳରେ ଅନ୍ୟ ଜଣଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରାଯାଇଥିଲା। ସେ ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ ଫୋନ୍ ବ୍ୟବହାର କରୁଥିଲା। ଗିରଫ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ବିଷୟରେ ପୁଲିସ ତଦନ୍ତ କରୁଛି। ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସେ ଦାବି କରିଛନ୍ତି ଯେ ପରୀକ୍ଷା ପରେ ଚାକିରି ପ୍ରାର୍ଥୀମାନଙ୍କୁ ଓଏମ୍‌ଆର୍‌ର ଜେରକ୍ସ କପି ଦିଆଯାଇ ନଥିଲା। ଶୁଭେନ୍ଦୁ ଅଭିଯୋଗ କରିଛନ୍ତି ଯେ ଏଥିରେ ସିରିଏଲ୍ ନମ୍ବର ମଧ୍ୟ ନଥିଲା।

## ମାତୃହନ୍ତା ଗିରଫ

**କୋଲକାତା,୨।୧୨(ସଂଚାର ବ୍ୟୁରୋ):** ପୁଅ ତା'ର ମା'କୁ ହାଣି ହତ୍ୟା କରିଛି। ଘଟଣାଟି ରବିବାର ରାତିରେ ଭରତପୁର ଥାନାର ଖଇରା ଗାଁରେ ଘଟିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୃତକଙ୍କ ନାମ ମିନତୀ ଗୋସ୍ୱାମୀ। ମାଆ ଏବଂ ପୁଅ ରଘୁନାଥ ଗୋସ୍ୱାମୀ ଖଇରା ଗାଁର ଏକ ଘରେ ରହୁଥିଲେ।

ମିନତୀ ଦେବୀ ପ୍ରାୟ ଦେଢ଼ ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ପୁଅ ନିକଟରେ ମାନସିକ ଭାରସାମ୍ୟ ହରାଇ ବସିଥିଲା। ରବିବାର ମଧ୍ୟରାତ୍ରିରେ ମା'ଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ଗାଁରେ ଲୁଚି ରହିଥିଲା। ମୃତକଙ୍କ ହାତ ଏବଂ ମୁଣ୍ଡରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଜଣାପଡିଛି। ପୁଲିସ ଅଭିଯୁକ୍ତ ପୁଅକୁ ଗିରଫ କରିସାରିଛି। ମହିଳାଙ୍କ ମୃତଦେହ ମଧ୍ୟ ଉଦ୍ଧାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ମୋଦିଙ୍କ 'ନାଟକ' ମନ୍ତବ୍ୟର ଜବାବ ଦେଲେ ଅଭିଷେକ



**କୋଲକାତା, ୨।୧୨ (ସଂଚାର ବ୍ୟୁରୋ):** ତୃଣମୂଳର ଅଖିଳ ଭାରତୀୟ ମହାସଚିବ ଅଭିଷେକ ବାନାର୍ଜୀ ଦକ୍ଷିଣ ୨୪ ପ୍ରଗଣାର ଡାଇମଣ୍ଡ ହାର୍ବରରେ ସେବାଶ୍ରେୟ-୨ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସୋମବାର ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ନୂଆଦିଲ୍ଲୀରେ ଭାଷଣ ଦେଇଥିଲେ। ସେ ବିରୋଧୀଙ୍କ ପ୍ରତିବାଦକୁ 'ନାଟକ' ବୋଲି କହି କଟାକ୍ଷ କରିଥିଲେ। ଏଦିନ ସେବାଶ୍ରେୟ-୨ର ମଞ୍ଚରୁ ଅଭିଷେକ ପାଲଟା ଜବାବ ଦେଇଛନ୍ତି। ସାମ୍ବାଦିକମାନଙ୍କ ସାମ୍ନାରେ ସେ କହିଛନ୍ତି ଯେ, ସମଗ୍ର ଦେଶ ଦେଖିପାରୁଛି କିଏ ନାଟକ କରୁଛି। ଯେତେବେଳେ ଏସ୍‌ଆଇଆର୍ ବିଷୟରେ କୌଣସି ପ୍ରଶ୍ନ ପଚରାଯାଏ, ତାହାକୁ ନାଟକ କୁହାଯାଉଛି। କେନ୍ଦ୍ର ଆଲୋଚନାକୁ ଏଡ଼ାଇ ଯାଉଛି କାରଣ ସେମାନଙ୍କ ପାଖରେ ଉପଯୁକ୍ତ ଉତ୍ତର ନାହିଁ। ସେ କହିଛନ୍ତି ଯେ ଏସ୍‌ଆଇଆର୍ ଚାପ ଯୋଗୁଁ ରାଜ୍ୟରେ ୪୦ ଜଣଙ୍କର ମୃତ୍ୟୁ ହୋଇସାରିଛି। ସେମାନଙ୍କ ସମ୍ପର୍କୀୟମାନେ ନିର୍ବାଚନ କମିଶନଙ୍କଠାରୁ ଉତ୍ତର ଖୋଜୁଛନ୍ତି। ସେ କହିଛନ୍ତି ଯେ, ତୃଣମୂଳ ପ୍ରତିନିଧିମାନେ ଦିଲ୍ଲୀରେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ମଧ୍ୟ ଭେଟିଥିଲେ। ତୃଣମୂଳ କମିଶନଙ୍କ ସମ୍ମୁଖରେ ପାଞ୍ଚଟି ପ୍ରଶ୍ନ ରଖିଥିଲେ। ଯାହାର ଉତ୍ତର ଏପର୍ଯ୍ୟନ୍ତ ମିଳିନାହିଁ।

## ରାତାରାତି ୧ କୋଟି ୨୫ ଲକ୍ଷ ଏଣ୍ଟ୍ରି

● ସିଇଓଙ୍କ କାର୍ଯ୍ୟାଳୟରେ ଶୁଭେନ୍ଦୁଙ୍କ ଅଭିଯୋଗ



**କୋଲକାତା,୨।୧୨(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ଫର୍ମ ଦାଖଲ ପ୍ରକ୍ରିୟା ପ୍ରାୟ ଶେଷ। ନିର୍ବାଚନ କମିଶନ ଫର୍ମ ଦାଖଲ କରିବାର ଶେଷ ତାରିଖ ୧୧ ଡିସେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହାରି ମଧ୍ୟରେ, ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଗମ୍ଭୀର ଅଭିଯୋଗ ନେଇ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେ ଦାବି କରିଛନ୍ତି ଯେ, ରାତାରାତି ୧ କୋଟି ୨୫ ଲକ୍ଷ ଏଣ୍ଟ୍ରି କରାଯାଇଥିଲା। ଶୁଭେନ୍ଦୁ ଦାବି କରିଛନ୍ତି ଯେ, କେବଳ ବିସିଏସ୍ ଏବଂ ଆଇଏଏସ୍ ଇଆର୍‌ଓ କରିବାକୁ ପଡିବ। ତାଙ୍କ ଅନୁସାରେ, ଅନେକ ବାଂଲାଦେଶୀ ମୁସଲମାନ ଏବଂ ମୃତକଙ୍କ ନାମ ଏଣ୍ଟ୍ରି କରାଯାଇଛି। ଅନ୍ୟପକ୍ଷରେ, ସିଇଓ କାର୍ଯ୍ୟାଳୟ ବାହାରେ ତୃଣମୂଳ ବିଏଲ୍‌ଓଙ୍କ ପ୍ରତିବାଦ ଏଦିନ ଉଗ୍ର ରୂପ ନେଇଥିଲା। ସିଇଓ କାର୍ଯ୍ୟାଳୟ ପରିସର ଦଫାଏ ଦଫାଏ ଉତ୍ତପ୍ତ ହୋଇଯାଇଥିଲା।

ଦିଲ୍ଲୀ ବିସ୍ଫୋରଣ ମାମଲାରେ ବଡ଼ ଖୁଲାସା

## ସାମ୍ନାକୁ ଆସିଲା ହମାସ୍ ଲିଙ୍କ୍

● ଦାନିଶ୍ ଫୋନ୍ ହିଷ୍ଟ୍ରି ଘାଣ୍ଟିଲା ଏନ୍‌ଆଇଏ



**ନୂଆଦିଲ୍ଲୀ,୨।୧୨:** ଦିଲ୍ଲୀ ବିସ୍ଫୋରଣର ତଦନ୍ତ ସମୟରେ ଆତଙ୍କବାଦୀ ଦାନିଶର ଫୋନ୍‌ରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ତାଙ୍କର ଡିଲିଟ ହୋଇଥିବା ହିଷ୍ଟ୍ରି, ଫଟୋ, ଭିଡିଓ ଏବଂ ଆପ୍ ଡାଟା ସ୍କାନ କରିବାରୁ ଜଣାପଡ଼ିଛି ଯେ ସେ ନିରନ୍ତର ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଏବଂ ଅସ୍ତ୍ରଶସ୍ତ୍ର ଉପରେ କାମ କରୁଥିଲେ। ତଦନ୍ତକାରୀ ଅଧିକାରୀମାନେ ଦାନିଶ୍‌ର ମୋବାଇଲ୍ ଫୋନ୍‌ରେ ବିଭିନ୍ନ ଡ୍ରୋନ୍‌ର ଫଟୋଗ୍ରାଫ୍ ପାଇଛନ୍ତି। ଏଥିରେ ହମାସ୍ ଦ୍ୱାରା ବ୍ୟବହୃତ ଡ୍ରୋନ୍‌ର ଡିଜାଇନ୍ ମଧ୍ୟ ସାମିଲ ରହିଛି। ଏହି ଚିତ୍ରଗୁଡ଼ିକ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ, ଦାନିଶ୍ କିଛି ସମୟ ଧରି ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଅଧ୍ୟୟନ କରୁଥିଲେ। ପଚରାଉଚରା ସମୟରେ ଦାନିଶ୍ ମଧ୍ୟ ସ୍ୱୀକାର କରିଥିଲେ ଯେ ସେ ଡ୍ରୋନ୍ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିଲେ। ସେ ପ୍ରାୟ ୨୫ କିମି ପର୍ଯ୍ୟନ୍ତ ଉଡ଼ି ଆକ୍ରମଣ କରିପାରୁଥିବା ଏପରି ହାଲୁକା ଡ୍ରୋନ୍ ବିକଶିତ କରିବାକୁ ଚେଷ୍ଟା କରୁଥିଲେ। ଡ୍ରୋନ୍‌ର ଫଟୋଗ୍ରାଫ୍ ସହ ଫୋନ୍‌ରୁ ଏକ ରକେଟ୍ ଲଞ୍ଚରର ଅନେକ ଚିତ୍ର ଜବତ କରାଯାଇଛି। ଏହାଛଡ଼ା ବହୁ ଭିଡିଓ ମଧ୍ୟ ମିଳିଛି, ଯେଉଁଥିରେ ଡ୍ରୋନ୍ କିପରି ଏକତ୍ରିତ କରାଯାଏ। ଏହାକୁ ପରିବର୍ତ୍ତନ କରାଯାଏ ଏବଂ ଏଥିରେ ବିସ୍ଫୋରକ ଫିଟ୍ କରାଯାଏ, ତାହା ପ୍ରଦର୍ଶନ କରାଯାଇଛି। ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଏହି ଭିଡିଓ ଏବଂ ସୂଚନା ଏକ ସ୍ୱତନ୍ତ୍ର ଆପ୍ ମାଧ୍ୟମରେ ଦାନିଶ୍‌କୁ ପଠାଯାଉଥିଲା। ଏହି ଆପ୍‌ରେ ଅନେକ ବିଦେଶୀ ଫୋନ୍ ନମ୍ବର ମଧ୍ୟ ମିଳିଛି, ଯାହାର ତଦନ୍ତ ଏବେ ଏନଆଇଏ କରୁଛି।

ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଅନୁସାରେ ଦାନିଶ୍ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ବିଷୟରେ ଭଲ ଭାବେ ଜ୍ଞାନ ହାସଲ କରିଥିଲେ ଏବଂ ଏକ ବଡ଼ ଷଡ଼ଯନ୍ତ୍ର ପାଇଁ ପ୍ରସ୍ତୁତ ହେଉଥିଲେ। ତଦନ୍ତକାରୀ ଏଜେନ୍ସିଗୁଡ଼ିକ ତାଙ୍କର ନେଟୱାର୍କ ଏବଂ ବିଦେଶୀ ସଂଯୋଗର ତଦନ୍ତ କରୁଛନ୍ତି। ପୂର୍ବରୁ ଗତ ମାସରେ ଲାଲକିଲ୍ଲା ନିକଟରେ ହୋଇଥିବା କାର ବୋମା ବିସ୍ଫୋରଣର ତଦନ୍ତ ସ୍ୱରୂପ ଏନଆଇଏ ସୋମବାର ଜମ୍ମୁ-କଶ୍ମୀର ଏବଂ ଉତ୍ତର ପ୍ରଦେଶର ଅନେକ ସ୍ଥାନରେ ଚଢ଼ାଉ କରିଥିଲା। ଏନଆଇଏ ଅନୁଯାୟୀ, ତଲାସୀ ସମୟରେ ଅନେକ ଡିଜିଟାଲ୍ ଡିଭାଇସ୍ ଓ ଅପରାଧିକ ସାମଗ୍ରୀ ଜବତ କରାଯାଇଥିଲା। ତଲାସୀରେ ଜମ୍ମୁ-କଶ୍ମୀରର ଶୋପିୟାଁ, କୁଲଗାମ୍, ପୁଲୱାମା ଓ ଅବନ୍ତିପୋରା ଜିଲ୍ଲାର ୮ଟି ସ୍ଥାନ ଓ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌର ଗୋଟିଏ ସ୍ଥାନ ଅନ୍ତର୍ଭୁକ୍ତ ଥିଲା। ଗତ ନଭେମ୍ବର ୧୦ ତାରିଖରେ ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଘଟିଥିବା ବିସ୍ଫୋରଣରେ ଅଦ୍ୟାବଧି ୧୫ ଜଣଙ୍କର ମୃତ୍ୟୁ ହୋଇଛି। ଉମର ନାମକ ଆତଙ୍କବାଦୀ ଏକ କାରରେ ବସି ମେଟ୍ରୋ ଷ୍ଟେସନର ଗେଟ୍ ନମ୍ବର-୧ ବାହାରେ ଥିବା ଏକ ଟ୍ରାଫିକ ପୋଷ୍ଟ ନିକଟରେ ନିଜକୁ ବିସ୍ଫୋରଣରେ ଉଡ଼ାଇଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଲିସ...

ନଗଦ ଟଙ୍କା ଲୁଟି ନେଇଛନ୍ତି। ଏଫଆଇଆରରେ ଅଭିଯୋଗକାରୀ ଦର୍ଶାଇଛନ୍ତି ଯେ, ୨୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ୧୪ ଲକ୍ଷ ନଗଦ ଟଙ୍କା ଲୁଟ ହୋଇଥିଲା। ହେଲେ ପୁଲିସ ଯେତେବେଳେ ଏହି ଘଟଣାର ପର୍ଦ୍ଦାଫାସ କରି ଡକାୟତଙ୍କୁ ଗିରଫ କଲା ସେ ସମୟରେ ସେମାନଙ୍କଠାରୁ ଜବତ ଟଙ୍କା, ସୁନା ଓ ରୁପାର ମୂଲ୍ୟ ଢେର ଅଧିକ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ଗିରଫ ଡକାୟତଙ୍କଠାରୁ ୩୭.୨୭ ଲକ୍ଷ ନଗଦ ଟଙ୍କା, ୬୬.୫୬ ଲକ୍ଷ ଟଙ୍କାର ସୁନା, ୧୪.୩୨ କେଜି ରୁପା ଯାହାର ମୂଲ୍ୟ ପ୍ରାୟ ୨୪.୭୭ ଲକ୍ଷ ଏବଂ ୫ରୁ୬ ଲକ୍ଷ ଟଙ୍କାର ବୈଦ୍ୟୁତିକ ଉପକରଣ ଏହିଭଳି ୧.୩୩ କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଥିଲା।

ଏଥିରେ କିଏ ସତ ଲୁଚାଇବାକୁ ଚେଷ୍ଟା କରୁଛି, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗକାରୀ ନିଜ ସମ୍ପତ୍ତିର ମୂଲ୍ୟ କମ୍ ଦର୍ଶାଇଥିଲେ ନା ପୁଲିସ ଅତ୍ୟଧିକ ଉଚ୍ଚା ମୂଲ୍ୟର ସମ୍ପତ୍ତି ଜବତ ହୋଇଥିବା ଦର୍ଶାଇଛି। ଜଣେ ପୂର୍ବତନ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ମଧ୍ୟରେ ଯେଉଁଠି ସମ୍ପତ୍ତିରେ ଏଭଳି ତାଳମେଳ ରହେନାହିଁ, ସେଠାରେ ଜାଲିଆତି ପାଇଁ ସୁଯୋଗ ସୃଷ୍ଟି ହୋଇଥାଏ। ଅଭିଯୋଗକାରୀ ନିଜ ଏଫଆଇଆରରେ ରୁପା ଅଳଙ୍କାରର ମୂଲ୍ୟ ନିର୍ଦ୍ଧାରଣ କରିନଥିଲେ। କିନ୍ତୁ ପୁଲିସ କିଲେ କି ଦି' କିଲୋ ନୁହେଁ, ବରଂ ୧୪.୩୨ କେଜିର ରୁପା ଅଳଙ୍କାର ଉଦ୍ଧାର କରିଛି। ଏଭଳି ଅମେଳ ପଛର କାରଣ ହୁଏତ ଅଭିଯୋଗକାରୀ ସଠିକ ତଥ୍ୟ ଦେଇନଥିଲେ, କିମ୍ବା ପୁଲିସ ନିଜ ଆଡୁ ଅଧିକ ସମ୍ପତ୍ତି ଜବତ କରିଥିବା ଦେଖାଇ ବାହାବା ନେବାକୁ ଚେଷ୍ଟା କରୁଛି। ନଚେତ୍ ଅନ୍ୟ କୌଣସି ଏକ ମାମଲାର ଜବତ ସମ୍ପତ୍ତି ସହ ଆଲୋଚ୍ୟ ମାମଲାର ସମ୍ପତ୍ତି ମିଶିଯାଇଛି। ଏସବୁ ସମ୍ଭାବନା ଉଭୟ ପୁଲିସ ଓ ଅଭିଯୋଗକାରୀଙ୍କ ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି କରିଛି।

ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ମାଲଖାନା ରେକର୍ଡରେ ଯଦି ସ୍ୱଚ୍ଛତା ନଥାଏ, ତା'ହେଲେ ବି ଏଭଳି ତାଳମେଳ ନ ରହିବା ସ୍ୱାଭାବିକ। ଅନେକ ସମୟରେ ଜବତ ସାମଗ୍ରୀ ମାଲଖାନାରେ ରେକର୍ଡଭୁକ୍ତ ହୋଇଛି କି ନାହିଁ ତାହା ମଧ୍ୟ ଜାଣିବା କଷ୍ଟକର। ସୋସିଆଲ ମିଡିଆରେ ଏଭଳି ଖବର ବୁଲିବା ପରେ ଗୃହ ବିଭାଗ ନିଜ ଆଡୁ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ଡିଜିପି ଓ ସମ୍ବଲପୁର ରେଞ୍ଜ ଡିଆଇଜି ଲୁଟ ଓ ଜବତ ସମ୍ପତ୍ତି ମଧ୍ୟରେ ଏପରି ତାରତମ୍ୟର ଅସଲ କାରଣ ଖୋଜିବା ସହ ଜବତ ତାଲିକାରୁ ଆଉ କିଛି ସାମଗ୍ରୀ ଓ ନଗଦ ଟଙ୍କାକୁ ବାଦ ଦିଆଯାଇଛି କି ନାହିଁ, ତାର ମଧ୍ୟ ତଦନ୍ତ କରିବେ। ଅଭିଯୋଗକାରୀ ନିଜ ସମ୍ପତ୍ତିର ମୂଲ୍ୟ କାହିଁକି କମ୍ ଦର୍ଶାଇଥିଲେ କିମ୍ବା ଏଥିରେ 'ରାଧେ ରାଧେ, ତମର ଅଧେକୁ ଆମର ଅଧେ' ନୀତିରେ ଡିଲ ହୋଇଛି କି ନାହିଁ, ତା'ର ମଧ୍ୟ ତଦନ୍ତ କରାଯିବ

### ବିବିଧତା...

କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି।

କାଶୀ ତାମିଲ ସଙ୍ଗମମ୍ ୪.୦ର ସମସ୍ତ ପ୍ରତିନିଧି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଆରମ୍ଭ ହୋଇଥିବା କାଶୀ-ତାମିଲ ସଙ୍ଗମମ୍ କାଶୀ ଓ ତାମିଲନାଡୁ ମଧ୍ୟରେ ଜ୍ଞାନର ସେତୁ ତିଆରି କରିଛି। ସଭ୍ୟତାର ଦୁଇଟି ସ୍ତମ୍ଭ ମଧ୍ୟରେ ଥିବା ଶତାବ୍ଦୀ ଶତାବ୍ଦୀର ପୁରାତନ ସମ୍ପର୍କକୁ ମଜବୁତ କରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହେବା ସହ ଅନୁଭୂତିଭିତ୍ତିକ ଶିକ୍ଷଣର ଏକ ମାଧ୍ୟମରେ ପରିଣତ ହୋଇଛି। ଭାରତର ବିବିଧତା ଓ ଭାଷାଗତ ପରମ୍ପରା ହିଁ ଏହାର ସବୁଠାରୁ ବଡ଼ ଶକ୍ତି। ତେଣୁ ଭାଷାଗତ ଏକତା ଓ ଗୌରବ ହିଁ କାଶୀ- ତାମିଲ ସଙ୍ଗମମର ମୂଳରେ ଅନ୍ତର୍ନିହିତ। 'ତାମିଲ ଶିଖିବା'କୁ ଏହାର ପ୍ରମୁଖ ବିଷୟ ଭାବେ ରଖି କାଶୀ ତାମିଲ ସଙ୍ଗମମ୍ ୪.୦ ଜ୍ଞାନ ଏବଂ ଭାଷାଭିତ୍ତିକ ଆଦାନପ୍ରଦାନ ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ସହ ତାମିଲନାଡୁ ବାହାରେ ତାମିଲ ଭାଷା ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦେଉଛି। କାଶୀ ତାମିଲ ସଙ୍ଗମମ୍ ୪.୦ 'ଏକ୍ ଭାରତ, ଶ୍ରେଷ୍ଠ ଭାରତ'ର ବିଚାରକୁ ଅଧିକ ମଜବୁତ କରିବା ସହ ଟିବି ମକାଉଲେଙ୍କ ମାନସିକତାକୁ ସବୁଦିନ ପାଇଁ ଶେଷ କରିବାରେ ମୂଳଦୁଆ ପକାଇବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ତାମିଲନାଡୁର ରାଜ୍ୟପାଳ ଆରଏନ ରବି, ପୁଡୁଚେରିର ଉପରାଜ୍ୟପାଳ କେ କୈଳାଶନାଥନ, ଉତ୍ତରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, ସୂଚନା, ପ୍ରସାରଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଲ. ମୁରୁଗନ ଉପସ୍ଥିତ ଥିଲେ।

### ୮ ବର୍ଷରେ...

ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ଓଇଆରସି ଜରିଆରେ ବ୍ୟବସ୍ଥିତ କରାଯିବ ବୋଲି ସମସ୍ତେ ଆଶା ବାନ୍ଧିଥିଲେ। କିନ୍ତୁ କମ୍ପାନୀମାନେ ହିତାଧିକାରୀଙ୍କ ଉପରେ ଜୁଲୁମ୍ କରିବାରେ ଲାଗିଛନ୍ତି। ଧାର୍ଯ୍ୟ ଦରଠାରୁ ଅଧିକ ୟୁନିଟ୍ ପିଛା ଲୋକଙ୍କଠାରୁ ଅର୍ଥ କାହିଁକି ନେଉଛନ୍ତି। ବିଗତ ୮ ବର୍ଷ ଧରି ଖାଉଟିମାନଙ୍କଠାରୁ ଅର୍ଥ ଲୁଟି ଚାଲିଛନ୍ତି ବିଦ୍ୟୁତ୍ ବିତରକ କମ୍ପାନୀ। ଏହି ସମୟ ଭିତରେ କମ୍ପାନୀଗୁଡ଼ିକ ୭ ହଜାର ୧୪୫ କୋଟି ଟଙ୍କା ଅଧିକ ଲୋକଙ୍କଠାରୁ ନେଇଛନ୍ତି। କିନ୍ତୁ ସବୁ ଜାଣି କାହିଁକି ସ୍ଥାଣୁ ପାଲଟିଛି ଓଇଆରସି ତାକୁ ନେଇ ଗୃହରେ ଗର୍ଜନ କରିଛି ବିଜେଡି। ବିଧାୟକଙ୍କ ଦାବି ହେଉଛି ଯାହା ନିୟମ ରହିଛି ଯଦି ବିତରକ କମ୍ପାନୀମାନେ ନିୟମ ଅନୁପାଳନ ନ କରି ଅଧିକ ଅର୍ଥ ନେଇଛନ୍ତି, ତା'ହେଲେ ସେମାନଙ୍କୁ ସୁଧ ସହ ମୂଳ ଟଙ୍କା ଫେରାଇବାକୁ ପଡ଼ିବ। ହେଲେ ତାହା ଏଯାଏ କରିନାହାନ୍ତି ବିତରକ କମ୍ପାନୀ। ୨୦୧୭ରୁ ୧ ହଜାର ୩୦୫ କୋଟି ଟଙ୍କା ଖାଉଟିଙ୍କଠାରୁ ନେଇ ବିଦ୍ୟୁତ୍ ବିତରକ କମ୍ପାନୀମାନେ ଚାଲିଯାଇଛନ୍ତି। ଆମ ରାଜ୍ୟର ୧ କୋଟି ଖାଉଟିଙ୍କ ଉପରେ ବିଦ୍ୟୁତ୍ ବିତରକ କମ୍ପାନୀମାନେ ଜୁଲୁମ୍ କରିଛନ୍ତି।

ପଡ଼ୋଶୀ ଆନ୍ଧ୍ର ତାଙ୍କ ରାଜ୍ୟରେ ବିଦ୍ୟୁତ୍ ବିତରକ କମ୍ପାନୀଠାରୁ ଅର୍ଥ ଆଦାୟ କରିବାରେ ଲାଗିଛି। ଓଡ଼ିଶାରେ ଓଇଆରସି କାହିଁକି ଖାଉଟିଙ୍କୁ ଆଶ୍ୱସ୍ତି ଦେଉନାହାନ୍ତି ବୋଲି ବିଜେଡି ବିଧାୟକମାନେ ପ୍ରଶ୍ନ କରିଥିଲେ। ବିଜେଡି ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି ଯେ ଟାଟା ପାୱାର ୪ଟି ଜୋନରେ ବିଜୁଳି ବିତରକ ଦାୟିତ୍ୱରେ ଅଛନ୍ତି। ତୁରନ୍ତ ଓଇଆରସି ଏହାକୁ ଗୁରୁତ୍ୱ ଦେଇ ଅଧିକ ଟଙ୍କା ନେଇଥିବା ବିତରକ କମ୍ପାନୀକୁ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେବା ସକାଶେ ଦାବି କରିଛନ୍ତି। ପୂର୍ବ ବିତରକ କମ୍ପାନୀ ସହ ଏବର ଟାଟା ପାୱାର ମଧ୍ୟ ଲୋକଙ୍କଠାରୁ ଲୁଟ୍ କରିଛି।

### ପିଏମଓ...

ଏହା ପୂର୍ବରୁ ଦିଲ୍ଲୀର ରାଜପଥକୁ କର୍ତ୍ତବ୍ୟ ପଥ କରାଯାଇଥିଲା। ଏହି ପରିବର୍ତ୍ତନ ଦର୍ଶାଉଛି ଯେ କ୍ଷମତା ଏକ ଅଧିକାର ନୁହେଁ ବରଂ ଦାୟିତ୍ୱ। ପ୍ରଧାନମନ୍ତ୍ରୀଙ୍କ ସରକାରୀ ଭବନର ନାଁ ୨୦୧୬ରେ ଲୋକ କଲ୍ୟାଣ ମାର୍ଗ ରଖାଯାଇଥିଲା। ଏପରି ଏକ ନାଁ ଯାହା ଲୋକ କଲ୍ୟାଣକୁ ସୂଚିତ କରେ, ସ୍ୱତନ୍ତ୍ରତାକୁ ନୁହେଁ। ଏହା ପ୍ରତ୍ୟେକ ନିର୍ବାଚିତ ସରକାରଙ୍କୁ ନିଜ ଦାୟିତ୍ୱକୁ ସ୍ମରଣ କରାଇଥାଏ।

### ଜିଲ୍ଲାରେ...

ଆହୁରି ଖଣି ଅଞ୍ଚଳର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଲୋକଙ୍କୁ ସମ୍ପୂର୍ଣ୍ଣ ମୌଳିକ ସେବା ଯୋଗାଇଦେବାକୁ ବି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସେହିପରି ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡ ବୈଠକ ଡକାଯାଇ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯିବ। ଡିଏମ୍‌ଏଫ୍ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ଗ୍ରାମଗୁଡ଼ିକୁ ଚିହ୍ନଟ କରାଯିବ। ଖଣି ଅଞ୍ଚଳର ପାର୍ଶ୍ୱବର୍ତ୍ତୀ ଜାଗାଗୁଡ଼ିକରେ ଥିବା ଜନବସତିରେ ହେଉଥିବା ପ୍ରଦୂଷଣକୁ ରୋକିବା ପାଇଁ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଜିଲ୍ଲାଗୁଡ଼ିକରେ ବାର୍ଷିକ ଡିଏମ୍‌ଏଫ୍ ପାଣ୍ଠି ୧୦ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ସଂଗ୍ରହ ହେଉଛି, ସେମାନେ ଏକ ଏଣ୍ଡାଓମେଣ୍ଟ ପାଣ୍ଠି ଗଠନ କରିବେ। ଏହି ଏଣ୍ଡାଓମେଣ୍ଟ ପାଣ୍ଠିକୁ ସରକାରୀ ସିକ୍ୟୁରିଟି କିମ୍ବା ଅନୁସୂଚିତ ବ୍ୟାଙ୍କଗୁଡ଼ିକର ବଣ୍ଡ ଓ ଏଫଡିରେ ବିନିଯୋଗ କରାଯିବ। ଖଣିଜ ପଦାର୍ଥ ଶେଷ ହେବା ପରେ କିମ୍ବା କୌଣସି କାରଣରୁ ଖଣି କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିବା ଅଞ୍ଚଳରେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଜୀବିକା ସୃଷ୍ଟି ସକାଶେ ଏହି ପାଣ୍ଠି ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୧୭ ସଂସ୍ଥାକୁ...

ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶର ନିର୍ଦ୍ଦିଷ୍ଟ ୧୭ ଠିକାଦାରଙ୍କୁ ଦିଆଗଲା, ସେନେଇ ପ୍ରଶ୍ନ କରିଥିଲେ କଂଗ୍ରେସ ବିଧାୟିକା। ଏପରିକି କାମ ଆରମ୍ଭ ନହେଉଣୁ କିଛି କିଛି ସଂସ୍ଥାକୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଅଗ୍ରୀମ ପେମେଣ୍ଟ ହେବା ଦୁର୍ନୀତିର ସନ୍ଦେହ ସୃଷ୍ଟି କରୁଛି। ତେଣୁ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସେ ଦାବି କରିଥିଲେ। ସୋଫିଆଙ୍କ ସହ ସ୍ୱର ମିଳାଇଥିଲେ ବିଜେପି ବିଧାୟକ ପ୍ରତାପ ନାୟକ। ପୂର୍ବତନ ପଂଚାୟତିରାଜ ମନ୍ତ୍ରୀଙ୍କୁ ମଧ୍ୟ ତଦନ୍ତ ପରିସରକୁ ଆଣିବାକୁ ସେ ଦାବି କରିଥିଲେ।

ଜବାବରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ କହିଥିଲେ, ୨୦୨୦-୨୧ରେ ରାଜ୍ୟ ସରକାର ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରିଥିଲେ। ସେଥିପାଇଁ ୩୫ ହଜାର ୧୯୩ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ୫ ବର୍ଷରେ ବିଜେଡି ସରକାର ମାତ୍ର 3ଟି ପ୍ରକଳ୍ପ କାର୍ଯ୍ୟକ୍ଷମ କରିଥିବା ବେଳେ ବିଜେପି ସରକାର ୧୭ ମାସରେ ଆଉ ୨୨ଟି ପ୍ରକଳ୍ପ କାମ ସାରିଛନ୍ତି। ପୂର୍ବ ସରକାରରେ ଠିକା ସଂସ୍ଥାମାନେ ଅଗ୍ରୀମ ଟଙ୍କା ନେଇ କେବଳ ପାଇପ ପକାଇଛନ୍ତି। କେଉଁଠି ବି ସିଭିଲ କାମ, କି ଟାଙ୍କି ନିର୍ମାଣ କିମ୍ବା ଲେଭଲିଂ କାମହୋଇନଥିଲା। ଖାଲି ନଳ ପଡିଥିଲା ଆଉ ସେଥିରେ ଜଳ ନଥିଲା ବୋଲି ସେ ତାଗ୍ସଲ୍ୟ କରିଥିଲେ। ଏବେ ସୁଦ୍ଧା ୨୫ଟି ପ୍ରକଳ୍ପ କାମ ଶେଷ ହୋଇସାରିଥିବା ବେଳେ ଆଉ ୬୬ ପ୍ରକଳ୍ପ କାମ ୯୦ ପ୍ରତିଶତ ସରିଲାଣି। ୧୭ ମାସରେ ୭୧ ହଜାର କିମି ପାଇପ ବିଛା ସରିଲାଣି। ୨୦୨୭ ଶେଷ ସୁଦ୍ଧା ସବୁ ଘରକୁ ପିଇବା ପାଣି ପହଞ୍ଚିବ ବୋଲି ସେ କହିଥିଲେ। ଯାଜପୁରର ଦଶରଥପୁର ବ୍ଲକ୍‌ର ଉଦାହାରଣ ଦେଇ ମନ୍ତ୍ରୀ କହିଥିଲେ ଯେ ୨୦୧୭ରେ ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ୮ ବର୍ଷ ଧରି ବିଜେଡି ସରକାରରେ ରହିଲା, ହେଲେ ଦଶରଥପୁର ବ୍ଲକକୁ ପାଇପ ପାଣି ଯୋଗାଣ ହୋଇପାରିଲାନାହିଁ। ବିଜେପି ସରକାରକୁ ଆସିବା ପରେ ଏବେ କାମ ତ୍ୱରାନ୍ୱିତ ହୋଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା କାମ ସରିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

### ଟେନିସ...

ରାଜ୍ୟ ସରକାର ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ ବର୍ଷକୁ ବର୍ଷବ୍ୟାପୀ ପାଳନ କରିବେ ବୋଲି ଗତ ଜାନୁଆରୀ ୨ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ଘୋଷଣା କରିଥିଲେ। ଅଥଚ ରମାଦେବୀ କଂଗ୍ରେସ ଦଳରେ ସାମିଲ ହୋଇ ସ୍ୱାଧୀନତା ସଂଗ୍ରାମ କରିଥିବାରୁ ବିଭାଗୀୟ ମନ୍ତ୍ରୀ ତାଙ୍କ ଜୟନ୍ତୀ ରାଜ୍ୟ ସରକାର ପାଳିବେ ନାହିଁ କହି ଫାଇଲ ଫେରାଇ ଦେଇଥିବା ଦୁଇଟି ଖବରକାଗଜରେ ପ୍ରକାଶିତ ଖବରରୁ ସେ ଜାଣିବାକୁ ପାଇଛନ୍ତି। ତେବେ ପୁଣି ଥରେ ସରକାର ମା' ରମାଦେବୀଙ୍କ ଜନ୍ମବାର୍ଷିକୀ ପାଳିବାକୁ ତରବରିଆ ଭାବେ ନିଷ୍ପତ୍ତି ନେଇ କଳିଙ୍ଗ ଷ୍ଟାଡିଅମସ୍ଥିତ ଟେନିସ ଅଡିଟୋରିଅମକୁ ବାଛିଛନ୍ତି। ସରକାରଙ୍କ ହାତରେ ସଭା ସମିତି ପାଇଁ ଜୟଦେବ ଭବନ, ଗୀତଗୋବିନ୍ଦ ସଦନ ଭଳି ଅନେକ ଅଡିଟୋରିଅମ ରହିଛି। ମହାପୁରୁଷମାନଙ୍କ ନିମନ୍ତେ ସେସବୁ ହଲରେ ଜୟନ୍ତୀ ଓ ଶ୍ରାଦ୍ଧ ପାଳିତ ହେଉଥିବା ବେଳେ ହଠାତ୍ ଟେନିସ କୋର୍ଟରେ ରମାଦେବୀଙ୍କ ଜୟନ୍ତୀ କ'ଣ ପାଇଁ ପାଳନ ହେବ ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ରମାଦେବୀ କୌଣସି ଖେଳାଳି ନଥିଲେ। ସରକାର ଯଦି ରମାଦେବୀଙ୍କ ଜୟନ୍ତୀ ନ ପାଳିବେ, ତା'ହେଲେ ରମାଦେବୀଙ୍କୁ ଓଡ଼ିଶାବାସୀ ଭୁଲିଯିବେ ନାହିଁ। ତେଣୁ ସରକାର ମା' ରମାଦେବୀଙ୍କ ପ୍ରତି ଆଉ ଦୟା ଦେଖାଇ ତାଙ୍କ ଜୟନ୍ତୀ ଉତ୍ସବ ପାଳନ ନ କରନ୍ତୁ ବୋଲି ଏକ ପ୍ରେସ ବିବୃତିରେ ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟର ସଭାନେତ୍ରୀ ପ୍ରଫେସର ସୀତା ସାହୁ, ଉପସଭାନେତ୍ରୀ ନମିତା ପଣ୍ଡା ଓ ସମ୍ପାଦିକା ଶ୍ରୀମତୀ ସାହୁ ଜଣାଇଛନ୍ତି ।

# ଦାଦାବଟି ନଦେଲେ ହତ୍ୟା ଧମକ, ଜଣେ ଗିରଫ



**ବ୍ରହ୍ମପୁର୨।୧୨ (ସଂଚାର ବ୍ୟୁରୋ):** ଦାଦାବାଟି ନଦେଲେ ହତ୍ୟା କରିବାକୁ ଧମକ ଦେଉଥିବା ଅଭିଯୋଗରେ ପୁଲିସ୍ ଜଣଙ୍କୁ ଗିରଫ କରିଛି। ବ୍ରହ୍ମପୁର ନିମଖଣ୍ଡି ଥାନା ଅଞ୍ଚଳରେ ଏମିତି ଏକ ଘଟଣା ଘଟିଛି। ସୂଚନା ଅନୁସାରେ, ସୋମବାର ସକାଳ ପ୍ରାୟ ୭ଟା ସମୟରେ ଦୀପକ କୁମାର ସ୍ୱାଇଁ ପଲ୍ଲୀ ଗାଁ ଛକ ନିକଟରେ ମୋରମ୍ ବୋଝେଇ ଟିପ୍ପର ସହ ଭାବିନିପୁର ଯାଉଥିଲେ। ଏହି ସମୟରେ ବିକି ପାତ୍ର ନାମକ ଜଣେ ଅସାମାଜିକ ବ୍ୟକ୍ତି ତାଙ୍କୁ ଅଟକାଇ ୧୦୦୦ ଟଙ୍କା ଦାଦାବଟି ଦାବି କରିଥିଲେ। ହେଲେ ଦୀପକ ଦାଦାବଟି ଦେବାକୁ ମନା କରିବାରୁ ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ ଅଭିଯୁକ୍ତ। ଏମିତିକି ହତ୍ୟା କରିବାକୁ ଧମକ ଦେଇଥିଲେ। ଏନେଇ ଦୀପକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିବା ସହ ବିକି କୁମାର ପାତ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ରାଜପଥ କଡ଼ରେ ବିପଦପୂର୍ଣ୍ଣ ଭାବେ ଚାଲିଛି ହାଟ

**ଦୁର୍ଘଟଣା ଘଟିଲେ ଦାୟୀ ହେବ କିଏ ?**



**ଆନନ୍ଦପୁର,୨।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ୫୩ନଂ ରାଜ୍ୟ ରାଜପଥର ଶାଳବଣି ଛକରେ ଚାଲିଛି ବିପଦ ପୂର୍ଣ୍ଣ ଭାବେ ସାପ୍ତାହିକ ହାଟ। ଏହି ହାଟ ପ୍ରତ୍ୟେକ ସପ୍ତାହର ମଙ୍ଗଳବାର ଦିନ ଚାଲିଥାଏ। ଆଜି ମଧ ହାଟ ଚାଲୁଛି ହେଲେ ରାଜପଥର ଉଭୟ ପାର୍ଶ୍ୱରେ ବେପାରୀମାନେ ପନିପରିବା ଠାରୁ ଆରମ୍ଭ କରି ଘର ପାଇଁ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ବିକ୍ରି କରୁଛନ୍ତି। ରାଜ୍ୟ ରାଜପଥ କଡ଼ରେ ଦୋକାନ ଖୋଲି ବେପାରୀ ବେପାର କରିବା ପାଇଁ କିଏ ଅନୁମତି ଦେଇଛି ବୋଲି ଅଭିଯୋଗ ହୋଇଛି । ତେବେ ଏ ଦିଗରେ ଆନନ୍ଦପୁର ପ୍ରଶାସନ କାହିଁକି ଦୃଷ୍ଟି ଦେଉନାହାନ୍ତି ବୋଲି ପ୍ରଶ୍ନ ଉଠିଛି।

ଏହି ରାଜ୍ୟ ରାଜପଥ ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଗାଡ଼ି ମୋଟର ଚାଲୁଛି। ରାଜପଥ କଡ଼ରେ ହାଟ ବେପାରୀ ମାନେ ବସି ବେପାର କରୁଛନ୍ତି। ଯଦି କିଛି ଦୁର୍ଘଟଣା ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି । ଆଉ କିଛି ଲୋକ ରାସ୍ତା କଡ଼ରେ ଦୀର୍ଘ ସମୟ ଧରି ଗାଡ଼ି ପାର୍କିଂ କରୁଥିବାରୁ ଅନ୍ୟ ଗାଡ଼ି ଗୁଡିକ ଯାତାୟତରେ ଅସୁବିଧା ହେଉଥିବା ମଧ ଅଭିଯୋଗ ହୋଇଛି । ରାଜପଥ କଡ଼ରେ ବେପାରୀ ଦୋକାନ ଖୋଲିବାରୁ ରାଜପଥରେ ବାଇକ୍ ରଖି ଲୋକେ କିଣା କିଣି କରୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ବର୍ଷା ପବନରୁ ରକ୍ଷା ପାଇବା ପାଇଁ ହାଟ ବେପାରୀଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ହାଟରେ ପିଣ୍ଡି କରୁଥିବା ବେଳେ ଏଠାରେ କାହିଁକି କରାଯାଉ ନାହିଁ ଏବଂ ରାଜପଥ କଡ଼ରେ ବସି ବେପାର କରୁଥିବା ବେପାରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କାହିଁକି କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି।

ତେବେ ଆନନ୍ଦପୁର ପ୍ରଶାସନ ଏବଂ ହାଟ କମିଟି ଏଥି ପ୍ରତି ଦୃଷ୍ଟି ଦେଇ ରାଜ୍ୟ ରାଜପଥ କଡ଼ରେ ବସୁଥିବା ଦୋକାନୀ ମାନଙ୍କୁ ହଟାଇ ଅନ୍ୟତ୍ର ଜାଗା ଦେବା ସଙ୍ଗେ ସଙ୍ଗେ ବେଆଇନ୍ ଗାଡ଼ି ପାର୍କିଂ କରୁଥିବା ଗାଡ଼ି ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ ହୋଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର, କଟକ ସ୍ଥାନାନ୍ତର

**ଆନନ୍ଦପୁର, ୨।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ସାଇଁକୁଳ ପଥରପଦା ନିକଟ ମଦନପୁର ଖଡ଼ିକାଶୁଳବାହାଳି ତିନିଛକ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ଗୁରୁତର ହୋଇ ମେଡ଼ିକାଲ୍‌ରେ ଭର୍ତ୍ତି। ସୂଚନା ଅନୁଯାୟୀ ଆନନ୍ଦପୁର ବ୍ଲକ୍ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମର ଶ୍ରୀକାନ୍ତ ପରିଡା(୩୮) କୌଣସି କାମରେ ପଥରପଦାରୁ ଘରକୁ ଫେରୁଥିବା ବେଳେ ପଥରପଦା ଛକ ନିକଟରେ ଦୁର୍ଘଟଣା ଘଟିଥିଲା ଫଳରେ ରାସ୍ତା କଡକୁ ଛିଟିକି ପଡିଥିଲେ। ଦୁର୍ଘଟଣା ଘଟାଇ ଥିବା ଅନ୍ୟ ବାଇକ ଚାଳକ ଘଟଣା ସ୍ଥଳରୁ ଚମ୍ପଟ ମାରି ପଳାଇଥିଲା । ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ସ୍ଥାନିୟ ଲୋକେ ଶ୍ରୀକାନ୍ତ କୁ ଉଦ୍ଧାର କରି ପ୍ରଥମେ ସାଇଁକୁଳ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ହେଲେ ଶ୍ରୀକାନ୍ତ ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ସଂଗେ ସଂଗେ ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତର କରିଥିବା ଶ୍ରୀକାନ୍ତ ଙ୍କ ପରିବାର ଲୋକେ କହିଛନ୍ତି।

# ଅଘୋଷିତ ବିଦ୍ୟୁତ କାଟ, ଉପଭୋକ୍ତା ହନ୍ତସନ୍ତ

**ଖୋର୍ଦ୍ଧା,୨।୧୨ (ସଂଚାର ବ୍ୟୁରୋ):** ଗଛର ପତ୍ର ହଲିଲେ କଟୁଛି ବିଦ୍ୟୁତ । ଖୋର୍ଦ୍ଧା ବିଦ୍ୟୁତ ବିଭାଗର ଲୁଚକାଳି ଖେଳରେ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଖରା ହେଉ ଅବା ବର୍ଷା ବା ଶୀତ, ବିଦ୍ୟୁତ ବିଭାଗ ନିମନ୍ତେ ସବୁ ସମାନ । ଆକାଶରେ ମେଘ ଆସୁ ନଆସୁ ଗଛର ପତ୍ର ହଲିଲା ମାତ୍ରେ କଟାଯାଉଛି ବିଦ୍ୟୁତ । ସେହିପରି ପ୍ରତି ଛୁଟି ଦିନରେ ମରାମତି ଆଳରେ ଦିନ ତମାମ ବିଦ୍ୟୁତକାଟ କରାଯାଉଥିବାବେଳେ ମାସକୁ ବାରମ୍ବାର ଏଭଳି ବାହାନା ଦେଖାଇ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ କରାଯାଉଥିବା ଅଭିଯୋଗ ହେଉଛି।



ସେସୁ ଠାରୁ ଟାଟା ଅଧିଗ୍ରହଣ ପରେ ଆଜକୁ ୫ବର୍ଷ ବିତିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପ୍ରକାର ଗୁଣାତ୍ମକ ସେବା ଟାଟା ପକ୍ଷରୁ ଗ୍ରାହକଙ୍କୁ ଯୋଗାଇ ଦିଆଯାଇ ପାରିନି । ବିଦ୍ୟୁତ କାଟ ହେବା ଦ୍ୱାରା ଛୋଟପିଲା, ରୋଗୀ ମାନେ ଦହଗଞ୍ଜ ହେଉଛନ୍ତି । ବାସ୍ତବରେ ମରାମତି କରାଯାଉଛି ନା ଇନଭଟର ବିକ୍ରୀ ଲାଗି ଦୋକାନୀଙ୍କ ସହ ବିଭାଗ ଡିଲ କରିଛି ତାହାକୁ ନେଇ ଉଠିଲାଣି ପ୍ରଶ୍ନ ।

ଅନ୍ୟପକ୍ଷରେ ସ୍ମାର୍ଟ ମିଟର ଲଗାଇ ଗ୍ରାହକଙ୍କୁ ଶୋଷୁଛି ଟାଟା କମ୍ପାନୀ। ଉପଭୋକ୍ତାଙ୍କ ମିଟର ଠିକ ଥିଲେ ମଧ ତୁମ ମିଟର ପୁରୁଣା ହେଲାଣି କହି ବାଧତାମୂଳକଭାବେ ନୂଆ ମିଟର ଲଗାଯାଉଛି। ଗ୍ରାହକଙ୍କୁ ସିଧାସଳଖ ସେବା ନଯୋଗାଇ କାଗଜପତ୍ର କାମ ଆଳରେ ଅଯଥାରେ ହଇରାଣ କରାଯାଉଛି। ବିଦ୍ୟୁତ ଚୋରି ଅଭିଯୋଗରେ ଗ୍ରାହକଙ୍କୁ ଆର୍ଥିକ ଶୋଷଣ କରୁଛି ଏବଂ ସେହି ଅର୍ଥ ରାଶିକୁ ବିଲ୍ ରେ ଉପଲବ୍ଧ କରାଯାଉନାହିଁ । ଯାହାକୁ ନେଇ ଉଠିଲାଣି ବିଭିନ୍ନ ପ୍ରଶ୍ନ । କୌଣସି ଏକ ସ୍ଥାନକୁ ବିଦ୍ୟୁତ ସଂଯୋଗ କରିବାକୁ ହେଲେ ଟାଟାର ଭେଣ୍ଡର ଠାରୁ ଖୁଣ୍ଟ, ତାର ଓ ଇନସୁଲେଟର କିଣିବାକୁ ବାଧ କରାଯାଉଛି। ନଚେତ ବିଦ୍ୟୁତ ସଂଯୋଗ କାର୍ଯ୍ୟ ଠିକ୍ ନଥିବା ଦର୍ଶାଯାଇ ଆର୍ଥିକ ଶୋଷଣ କରାଯାଉଛି । ଏ ନେଇ ଧିରେ ଧିରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବୀ ହେଉଛି ।

## ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟର ୧୯୭୮ ବ୍ୟାଚର ବନ୍ଧୁମିଳନ

**ବାଲିଅନ୍ତା,୨।୧୨ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ବୁଦ୍ଧାନାଥ ହାଇସ୍କୁଲର ୧୯୭୮ମସିହା ବ୍ୟାଚ ବନ୍ଧୁମିଳନ ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ସଠିଲୋ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୪୫ଜଣ ସହପାଠୀ/ସହପାଠିନୀ ଏକତ୍ରିତ ହୋଇଥିଲେ। ସେମାନେ ନିଜ ନିଜର ସ୍କୁଲ ବେଳର ଅତୀତକୁ ମନେପକାଇବା ସହିତ ନିଜ ନିଜର ସୁଖ ଦୁଃଖକୁ ସମସ୍ତଙ୍କ ଭିତରେ ବାଣ୍ଟି ଥିଲେ । ଏଥର ବନ୍ଧୁ ମିଳନରେ ଏକ ନିଆରା ଅନୁଭୂତି ମିଳିଥିଲା। ବନ୍ଧୁ ମହେଶ୍ୱର ଏବଂ ତାଙ୍କ ଧର୍ମପତ୍ନୀଙ୍କର ଭଜନ ଓ ଆମୃତ ବାଣୀ ସେଠିକାର ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା । ସମସ୍ତ ବନ୍ଧୁ ମାନେ ବନ୍ଧୁ ମହେଶ୍ୱର, ମଦନ କେମିତି ଶୀଘ୍ର ସୁସ୍ଥ ହେବେ ସେଥିପାଇଁ ପ୍ରଭୁ ହନୁମାନଙ୍କ ପାଖରେ ପ୍ରାର୍ଥନା କରିଥିଲେ ।

## ସୋଆ ପ୍ରାଣୀବିଜ୍ଞାନ ଛାତ୍ରଛାତ୍ରୀମାନଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ



**ଭୁବନେଶ୍ୱର,୨।୧୨ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ୍ ହଜବ୍ୟାଣ୍ଡରୀ (ଆଇଭିଏସ୍ଏଏଚ୍) ପକ୍ଷରୁ ସୋମବାର କ୍ୟାମ୍ପସ୍ -୪ ଅଡିଟୋରିୟମ୍‌ରେ ବ୍ୟାଚଲର ଅଫ୍ ଭେଟେରୀନାରି ସାଇନ୍‌ସେସ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ବି.ଭି.ଏସ୍‌ସି.ଆଣ୍ଡ ଏ.ଏଚ୍)ର ୨୦୨୫ -୨୬ ବର୍ଷ ବ୍ୟାଚ୍‌ର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ପ୍ରାଣୀ ଚିକିତ୍ସା ପରିଷଦର ପୂର୍ବତନ ଅଧକ୍ଷ ଲେଫ୍ଟନାଂଟ୍ ଜେନେରାଲ୍ (ଡାକ୍ତର) ନାରାୟଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ପୁନେ ସ୍ଥିତ ଭେଙ୍କିସ ରିସର୍ଚ୍ଚ ଆଣ୍ଡ ବ୍ରିଡିଂ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ଡକ୍ଟର ରମେଶ ଚନ୍ଦ୍ର ହଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରାଣୀ ଚିକିତ୍ସା ଏକ ବୃତିଗତ ଶିକ୍ଷା ନୁହେଁ ବରଂ ଏହା ଏକ ମହାନ ବୃତି ବୋଲି କହିଥିଲେ। ନିଜ ଭିତରେ ସେବା ମନୋବୃତି ନେଇ ପ୍ରାଣୀମାନଙ୍କର ଭାବକୁ ବୁଝି ଚିକିତ୍ସା କରିବା ଜରୁରୀ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପାଠପଢ଼ା ସହ ନିଜର ଆବେଗକୁ ମଧ ଗୁରୁତ୍ୱ ଦେବା ଦରକାର ବୋଲି କହିଥିଲେ। ସେ ସକାରାତ୍ମକ ଚିନ୍ତାଧାରା ଓ ସେବା ମନୋଭାବ ଦ୍ୱାରା ପ୍ରାଣୀମାନଙ୍କ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ।

## କେରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ



**ଖୋର୍ଦ୍ଧା,୨।୧୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା କେରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ସ୍ମିତରଶ୍ମି ସାମନ୍ତ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନର ଅଧାପକ ଶ୍ରୀଯୁକ୍ତ ସୁବୋଧ କୁମାର ଜଗଦେବ, ପିଏନ୍ କଲେଜ ଖୋର୍ଦ୍ଧା ଯୋଗଦେଇ ଏଡ୍‌ସ ଉପରେ ବାର୍ତ୍ତା ଦେବା ସହିତ ଏଡ୍ସ କୁ ଘୃଣା ନକରି ରୋଗ କୁ ଘୃଣା କରିବାକୁ ଜନସାଧାରଣ ଙ୍କୁ ଉପଦେଶ ଦେଇଥିଲେ। ଏଥିରେ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟରୁ ରାଲୀ ରେ ବାହାରି ନିକଟରେ ଥିବା ଆଦିବାସୀ ସାହି ପର୍ଯ୍ୟନ୍ତ ଯାଇଥିଲେ।ସେଥିରେ ଜନସାଧାରଣଙ୍କୁ ଏଡ୍‌ସର ସଚେତନତା ବାର୍ତ୍ତା ଦେଇଥିଲେ ଏବଂ ଏଡ୍‌ସ ଉପରେ ଛାତ୍ରଛାତ୍ରୀଙ୍କ ମଧରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା।

## ନିଉ ବଏଜ୍ ହଷ୍ଟେଲରେ ଅନ୍ତେବାସୀ ହନ୍ତସନ୍ତ

# ବେଆଇନ ଭାବେ ମାସିକ ୨୨୦ ଟଙ୍କା ଆଦାୟ

**ଯାଜପୁର,୨।୧୨ (ସଂଚାର ବ୍ୟୁରୋ):** ଯାଜପୁରର ପୁରାତନ ମହାବିଦ୍ୟାଳୟ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର "ନିଉ ବଏଜ୍" ହଷ୍ଟେଲରେ ଅନ୍ତେବାସୀ ପିଲାମାନଙ୍କୁ ଲକ୍ଷ୍ୟ କରି ଅବୈଧ ଆଦାୟର ନୂଆ ଖେଳ କଲେଜ ପ୍ରଶାସନ ଚାଲୁ ରଖିଛି ବୋଲି ଗୁରୁତର ଅଭିଯୋଗ ଉଠିଛି।

ସୂତ୍ର ଅନୁସାରେ, ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ଠାରୁ ପ୍ରତି ମାସରେ ୨୨୦ ଟଙ୍କା ନେଉଛନ୍ତି କଲେଜ କର୍ତ୍ତୃପକ୍ଷ। ଏନେଇ କୌଣସି ରସିଦ୍ ଦେଉନାହାନ୍ତି।



ଅଭିଭାବକ ଓ ଛାତ୍ରମାନଙ୍କ ଅଭିଯୋଗ ହଷ୍ଟେଲର ସୁବିଧା ଶୂନ୍ୟ, କିନ୍ତୁ ମାଗଣା ହେଉଛି ମାସିକ ଟଙ୍କା। ଜଳ, ପରିସ୍କୃତା, ସୁରକ୍ଷା କିଛି ବ୍ୟବସ୍ଥା ନ ଥିବା ସତ୍ତ୍ୱେ ବେଆଇନ୍ ଭାବରେ ଇଲେକ୍ଟ୍ରି ପାଇଁ ଆଦାୟ ଚାଲିଥିବାରୁ ଛାତ୍ରମାନଙ୍କ ମଧରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ କହୁଛନ୍ତି "ଏହା ଶିକ୍ଷା ନୁହେଁ, ସିଧାସଳଖ ଲୁଟ!" ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରଙ୍କ ଠାରୁ ଏଭଳି ଅବୈଧ ଅର୍ଥ ଆଦାୟ କରିବାକୁ ସରକାରୀ ନିୟମ ସ୍ପଷ୍ଟ ଭାବେ ନିଷେଧ କରିଛି। ତଥାପି କାହାର ଆଶୀର୍ବାଦରେ ଏମିତି ଲୁଟ ଚାଲିଛି? ଏହି ଅନଧିକୃତ ଆଦାୟକୁ ନେଇ ଶୀଘ୍ର ଉଚ୍ଚସ୍ତରୀୟ ତଦନ୍ତ ସହ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଛାତ୍ରମାନେ।

## ଚିତ୍ରଶିଳ୍ପୀ ବିନୋଦ ରାଉତରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ




ଶିଳ୍ପୀଙ୍କ ଜୀବନ ଓ ଦର୍ଶନକୁ ନେଇ ୨୫ଟି ଚିତ୍ର ପ୍ରଦର୍ଶିତ

**ବାଲିଅନ୍ତା,୨।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ମହାବିଦ୍ୟାଳୟ ପରିସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ବିନୋଦ ରାଉତରାୟଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ଚିତ୍ରଶିଳ୍ପୀ ବିନୋଦ ମହାରଣା, ମୁଖ୍ୟ ବକ୍ତା ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧାପକ ପ୍ରବୀର୍ ଦଳାଇ, ସମ୍ମାନିତ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଓ ଶିଳ୍ପୀଙ୍କ ସୁକନ୍ୟା ଡ.ବନଜା ରାଉତରାୟ ପ୍ରମୁଖ ଯୋଗଦେଇ ଶିଳ୍ପୀଙ୍କ ଜୀବନ ଚର୍ଯ୍ୟା ଓ ମହାନ୍ କୃତି ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ। ବିନୋଦ ରାଉତରାୟଙ୍କ ଓଡ଼ିଶାର କଳା ଓ ସାହିତ୍ୟ ପ୍ରତି ବିଶେଷ ଅବଦାନ ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ୧୫ ଜଣ ଛାତ୍ରଛାତ୍ରୀ ନିଜ ନିଜ ଚିତ୍ରରେ ଶିଳ୍ପୀଙ୍କ ପ୍ରତିକୃତି ଓ କୃତିକୁ ନେଇ ଏବଂ ସାମାଜିକ କଥାବସ୍ତୁ ଉପରେ ସୁନ୍ଦର ସୁନ୍ଦର ଚିତ୍ର ଗୁଡ଼ିକ ଅଙ୍କନ କରିଥିଲେ। ଏହି ଅବସରରେ କୃତିଶିଳ୍ପୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧାପିକା ଯାନିତା ପ୍ରିୟଦର୍ଶିନୀ,ଶରତ ସାମଲ ସୁନୀଲ ଡାକୁଆ ଓ ଲକ୍ଷ୍ମୀଧର ସ୍ୱାଇଁ ପରିଚାଳନା କରିଥିଲେ।

## ଜାତୀୟସ୍ତରୀୟ ପ୍ରତିଯୋଗିତାରୁ ବାଦ୍ ପଡିଲେ ସ୍ୱର୍ଣ୍ଣ ପଦକ ବିଜେତା ସ୍କେଟର

**ବ୍ରହ୍ମପୁର,୨।୧୨ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସ୍କେଟିଂ ଏକାଡେମୀ ଏବଂ ଓଡିଶା ରୋଲୋର୍ ସ୍କେଟିଂ ଆସୋସିଏସନ୍‌ର ଦ୍ୱନ୍ଦ୍ୱ ମଧରେ ବଳି ପଡ଼ିଛନ୍ତି ରାଜ୍ୟ ସ୍ତରୀୟ ସ୍ୱର୍ଣ୍ଣ ପଦକ ବିଜେତା ସ୍କେଟର। ଏହି ଖେଳାଳି ଜଣକ ହେଲେ ବ୍ରହ୍ମପୁର ସହରର ଶାନାୟା ସମୃଦ୍ଧି ସାହୁ। ଆସନ୍ତା ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣା ଠାରେ ଜାତୀୟ ସ୍ତରୀୟ ସ୍କେଟିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେବେ ଏହି ତାଲିକାରେ ଉପୋରୋକ୍ତ ଖେଳାଳିଙ୍କ ନା ନଥିବା ଅଭିଯୋଗ ହୋଇଛି। ଏନେଇ ସ୍କେଟରଙ୍କ ପାରିବାର ଲୋକେ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଗତ ନଭେମ୍ବର ୨୨ ଏବଂ ୨୩ ଦୁଇ ଦିନିଆ ୧୬ତମ




ଓଡିଶା ରାଜ୍ୟ ରୋଲର ସ୍କେଟିଂ ଚମ୍ପିୟାନସିପ୍‌ରେ ବ୍ରହ୍ମପୁର ରୋଲାର୍ ସ୍କେଟିଂ ଏକାଡେମୀର ବିଭିନ୍ନ ବର୍ଗରେ ୨୧ ଜଣ ସ୍କେଟର ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ସ୍ତରରେ ଗୌରବ ଅର୍ଜନ କରିଥିଲେ। କିନ୍ତୁ ପରିତାପର ବିଷୟ ହେଉଛି, ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ୧୯ ଜଣଙ୍କୁ ଅନୁମତି ମିଳିଥିବା ବେଳେ କେଉଁ ପରିସ୍ଥିତିରେ ଶାନାୟାଙ୍କ ନାମକୁ ତାଲିକାରେ ସ୍ଥାନ ଦିଆଗଲାନି ତାହା ସଭିଙ୍କୁ ଆଶ୍ଚର୍ଯ୍ୟ କରିଛି।

# ରାଜ୍ୟ ରାଜପଥ ୧୯ର ତେଲିପାଳଠାରେ ରାସ୍ତା ଶୋଚନୀୟ

**ଟେଣ୍ଡରଧାରୀ ଶ୍ରୀଦୁର୍ଗା କନଷ୍ଟ୍ରକ୍ସନର ମନମୁଖୀ କାର୍ଯ୍ୟ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ପଥଚାରୀ**

**ନୀଳଗିରି,୨।୧୨ (ସଂଚାର ବ୍ୟୁରୋ):** ୧୯ ନମ୍ବର ରାଜ୍ୟ ରାଜପଥରେ ରାସ୍ତା ନିର୍ମାଣ କାର୍ଯ୍ୟରେ ଜୈନିକ ଠିକାଦାରଙ୍କ ମନ୍ଥରତା ଗତି ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। ଏତଦ୍‌ଭିନ୍ନ ରାସ୍ତା ଦୂରାବସ୍ଥା ପାଇଁ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଜୀବନ ଯାଉଛି।



ସୂଚନାଯୋଗ୍ୟ ଶେରଗଡ଼-ନୀଳଗିରି-ଝରଣାଘାଟି ୧୯ ନମ୍ବର ରାଜ୍ୟ ରାଜପଥ ସେରଗଡ଼ରୁ ଝରଣା ଘାଟି ନିର୍ମାଣ ପାଇଁ କେନ୍ଦ୍ର ସରକାର ୪୭୨କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଶେରଗଡ଼ରୁ ଝରଣା ଘାଟି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଭିତରେ ବହୁ ସ୍ଥାନରେ ଠିକାଦାରଙ୍କ କାମ ମନ୍ଥର ଗତି ଯୋଗୁଁ ସାଧାରଣ ଜନତା ବିଭିନ୍ନ ସମାସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗ ହେଉଥିବାରୁ ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଜିଲ୍ଲାକୁ ଜାତାୟାତରେ ସୁଗମ ହୋଇପାରିବ। କିନ୍ତୁ ଦୀର୍ଘ ୫ ବର୍ଷ ହେଲାଣି ଏହି ୧୯ ନମ୍ବର ରାଜ୍ୟ ରାଜପଥରେ ଚାରିଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଅଛି। ରାସ୍ତା ନିର୍ମାଣରେ ବିଳମ୍ବ ପାଇଁ ବହୁ ସ୍ଥାନରେ ରାସ୍ତା ନିର୍ମାଣ ଅଧାପନ୍ତରିଆ ହୋଇ ପଡିଥିବା ବେଳେ ତେଲିପାଳରୁ ଗୋହିରା ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଗୋହିରା ଛକ ପୂର୍ବରୁ ଥିବା ପୋଲଟି ଦୀର୍ଘ ଦିନଧରି କାର୍ଯ୍ୟ ନ ହୋଇ ପଡି ରହିଥିବା ବେଳେ ରାସ୍ତା କଡରେ ଥିବା ବର ଗଛଟି ବିପଦସଂକୁଳ ଅବସ୍ଥାରେ ରହି ଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ସହିତ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ପଡୁଛନ୍ତି।

ଏନେଇ ବାରମ୍ବାର ଗୋହିରା ଓ ତେଲିପାଳ ଗ୍ରାମର ଗ୍ରାମବାସୀ ପୂର୍ତ୍ତ ବିଭାଗ ଓ ଠିକାଦାରଙ୍କୁ ଜଣାଇ ସୁଦ୍ଧା ଫଳ ଶୂନ ହୋଇଛି। ୧୫ଦିନ ଭିତରେ ଯଦି ଉକ୍ତ ସମାସ୍ୟା ପ୍ରତି ପୂର୍ତ୍ତ ବିଭାଗ ଧ୍ୟାନ ନଦିଅନ୍ତି ତାହାଲେ ରାଜ୍ୟ ରାଜପଥ ୧୯ର ଗୋହିରା ଛକ ନିକଟରେ ରାସ୍ତା ଅବରୋଧ କରାଯିବ ବୋଲି ସମାଜ ସେବୀ ଅମରେନ୍ଦ୍ର ନାୟକ ସୂଚନା ଦେଇଛନ୍ତି ।

## ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳିତ

**ଫୁଲବାଣୀ,୨।୧୨ (ସଂଚାର ବ୍ୟୁରୋ):** ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଓ ବନାବାସୀ ସେବା ସମିତିର ମିଳିତ ଆନୁକୁଲ୍ୟରେ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ୨୦୨୫ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ ଯୋଗଦେଇ ଥିଲେ ଏବଂ ସମ୍ମାନୀତ ଅତିଥି ଭାବେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର,




ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଅକ୍ଷୟ କୁମାର ସାହୁ, ଶିଶୁକଲ୍ୟାଣ କମିଟିର ମୁଖପାତ୍ର ରଜତ କୁମାର ଦିଗାଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସ୍ନେହଲତା ସାହୁ, ବନବାସୀ ସେବା ସମିତିର ସହ ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଥିଲେ। ଶିଶୁ କଲ୍ୟାଣ କମିଟିର ମୁଖପାତ୍ର ପୋଷ୍ୟ ସନ୍ତାନ ଗ୍ରହଣରେ ଶିଶୁ କଲ୍ୟାଣ କମିଟିର କଣ କଣ ଭୂମିକା ରହିଛି ତାହା ଆଲୋଚନା କରିବା ସହିତ ଆଇନଗତ ପ୍ରକ୍ରିୟାର ବିବରଣୀ ପାଠ କରିଥିଲେ ଏବଂ ବିଭିନ୍ନ ପ୍ରଶ୍ନର ସମାଧାନ କରିଥିଲେ। ବନବାସୀ ସେବା ସମିତିର ପରିଚାଳକ ଶ୍ରୀ ରଜତ କୁମାର ଆଲିଆ ପିପିଟି ମାଧମରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆଇନରେ ଥିବା ବିଭିନ୍ନ ପ୍ରାବଧାନର ଉପସ୍ଥାପନ କରିଥିଲେ।

## ପଞ୍ଚାୟତ ସମିତିସ୍ତରୀୟ ବାଲ ବୈଜ୍ଞାନିକ ଓ ରାଷ୍ଟ୍ରୀୟ ବିଜ୍ଞାନ ମେଳା




**ଉମରକୋଟ,୨।୧୨ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତଥା ଶିକ୍ଷା ଓ ଶିକ୍ଷକ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ 'ପଞ୍ଚାୟତ ସମିତି ସ୍ତରୀୟ ବାଲ ବୈଜ୍ଞାନିକ ତଥା ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବିଜ୍ଞାନ ପ୍ରଦର୍ଶନୀ' ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ, ଜାମରୁଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ସଭାପତି ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ସରପଞ୍ଚ ଜଗଦୀଶ ଗଣ୍ଡ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ମାଝୀ ଓ ଶ୍ରୀ ଦେବେନ୍ଦ୍ର ବାଘ । ବ୍ଲକର ବିଭିନ୍ନ ବିଦ୍ୟାଳକୟରୁ ୧୨୦ ପ୍ରକଳ୍ପ ଶିଶୁ ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇ ଥିଲା। ବିଦ୍ୟାଳୟର ସୁନ୍ଦର ପରିବେଶରେ ଚନ୍ଦ୍ର ଅଭିଯାନର ମଡେଲ, ପ୍ରସିଦ୍ଧ ବୈଜ୍ଞାନିକ ମାନଙ୍କ ସୁଦୃଶ୍ୟ ଫୋଟ ସ୍ଥାନ ପାଇଥିଲା ।

# ଯାଜପୁରରେ 'ଗାଦି ରାଜ' ବଦଳି ନିୟମ ଅଟକିଯାଇଛି କେଉଁଠି ?

**ସରକାର ବଦଳେ ଯାଜପୁରର ଅଧିକାରୀ ନୁହେଁ**

**ଡିଏସଓ ଠାରୁ ଡିସିପିଓ ପର୍ଯ୍ୟନ୍ତ ଦୀର୍ଘଦିନ ଗୋଟିଏ ଚେୟାରରେ**



**ଯାଜପୁର,୨।୧୨ (ସଂଚାର ବ୍ୟୁରୋ):** ଯାଜପୁରରେ ଦୀର୍ଘକାଳୀନ ପଦସ୍ଥାପନ ନେଇ ଅସନ୍ତୋଷ ପୁଣି ଚର୍ଚ୍ଚାରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ନୀତିମୁକ୍ତ ଶାସନର ଆହ୍ୱାନ କରିଥିବା ସତ୍ତ୍ୱେ, ଜିଲ୍ଲାର ଅନେକ କାର୍ଯ୍ୟାଳୟରେ "ଗାଦି ମାଡ଼ି ବସିଥିବା" ଅଧିକାରୀମାନଙ୍କ ତାଲିକା ଭୟଙ୍କର ଲମ୍ବା। ଡ଼ିଏସଓ ଠାରୁ ଡ଼ିସିପିଓ ପର୍ଯ୍ୟନ୍ତ ଦଶକ ଧରି ଗୋଟିଏ ଚେଆରରେ। ୧୭ ମାର୍ଚ୍ଚ ୨୦୧୪ ଠାରୁ ଆଜି ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ଭାବେ ଫକିର ମୋହନ ଟୁଡୁ। ସରକାର ବଦଳିଗଲା ନୂଆ ସରକାର ଆସିଲା କିନ୍ତୁ ଏହି ଗାଦିରେ ଥିବା ଅଧିକାରୀ କିଛି ମାମଲତିକାରଙ୍କୁ ମ୍ୟାନେଜ କରି ଗାଦି ମାଡ଼ି ବସିଛନ୍ତି।

ନିରଞ୍ଜନ କର ୦୪ ଫେବୃଆରୀ ୨୦୧୩ ଠାରୁ ଯାଜପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ ଏକ ପୋଷ୍ଟ, ଏକ ବିଭାଗ, ଏକ ସ୍ଥାନରେ ଦୀର୍ଘ ୧୨ ବର୍ଷ ଧରି 'ସୁବର୍ଣ୍ଣ ଗାଦି' ମାଡି ବସିଛନ୍ତି। ଲମ୍ବା ଏବଂ 'ଗଭୀର' ତାଲିକା ବଦଳି ନ ହୋଇଥିବାର ଅଭିଯୋଗ ଯାହାଠୁ ଅଧିକ ଜିଲା କ୍ରୀଡ଼ା ବିଭାଗ, କଲେକ୍ଟୋରେଟ, ଜିଲା ସମଗ୍ର ଶିକ୍ଷା, ହସ୍ତଶିଳ୍ପ କାର୍ଯ୍ୟାଳୟ, ଧର୍ମଶାଳା, ବରୀ, ଦଶରଥପୁର, କୋରାଇ, ବିଂଝାରପୁର ଆଦି ବ୍ଲକର ଗ୍ରାମ୍ୟ ଜଳଯୋଗାଣ, ଜଳସେଚନ ବିଭାଗ ଅଧିକାରୀ, କର୍ମଚାରୀ ଓ ପିଇଓମାନେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ୩ ବର୍ଷୀୟ ବଦଳି ନିୟମ ଏଠାରେ ଧ୍ୱଂସାବଶେଷ। ଏଠାରେ "ଗାଦି ଦୃଢ଼ ଦୁର୍ନୀତି ଦୃଢ଼ତର"।

ସାଧାରଣ ଲୋକଙ୍କ ମତ ଲମ୍ବା ସମୟ ଧରି ବସିଥିବା ଅଧିକାରୀମାନେ ଦୃଢ଼ ନେଟୱର୍କ ତିଆରି କରି, କାଗଜରେ ଯାହା ନିୟମ- ଗାଦିରେ ସେହି ନୀତି ବଦଳି ଦିଆଯାଉଛି।

**ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ୍‌କୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତ୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ

ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

## ଲୋକ ଭବନରେ ଆସାମ ଏବଂ ନାଗାଲାଣ୍ଡର ପ୍ରତିଷ୍ଠା ଦିବସ

# ବିବିଧତାରେ ଏକତାକୁ ଅଧିକ ସମୃଦ୍ଧିମନ୍ତ କରାଯାଉ



**ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ):** ବିବିଧତାରେ ଏକତା ହେଉଛି ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ। ଏହା ଏକ ସ୍ଲୋଗାନ ନୁହେଁ ବରଂ ଏକ ମିଳିତ ଜାତୀୟ ଦାୟିତ୍ୱ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିବା ସହିତ ଦେଶରେ ବିବିଧତାରେ ଏକତାର ଭାବନାକୁ ଅଧିକ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଲୋକ ଭବନର ନୂତନ ଅଭିଷେକ ହଲରେ ଆୟୋଜିତ ଆସାମ ଏବଂ ନାଗାଲାଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଆସାମ ଏବଂ ନାଗାଲାଣ୍ଡର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ, ଏହି ଅବସର କେବଳ ଏହି ଦୁଇଟି ଗର୍ବିତ ରାଜ୍ୟର ସମୃଦ୍ଧ ଇତିହାସ ନୁହେଁ ବରଂ ଦେଶକୁ ଏକତା, ସମ୍ମାନ ଏବଂ ଏକ ମିଳିତ ଦୃଷ୍ଟିକୋଣ ସହିତ ବାନ୍ଧି ରଖୁଥିବା ମୂଲ୍ୟବୋଧକୁ ମଧ୍ୟ ପ୍ରତିଫଳିତ କରେ। ଯେତେବେଳେ ଏହାର ବିବିଧତାକୁ ଆନ୍ତରିକତାର ସହିତ ସମ୍ମାନିତ କରାଯାଏ, ସେତେବେଳେ ଭାରତ ଅଧିକ ଶକ୍ତିଶାଳୀ ହୁଏ।

ଉତ୍ତର-ପୂର୍ବାଞ୍ଚଳ ବିଷୟରେ ବିଶେଷ କରି ଏହାର ଭାବପ୍ରବଣ ସ୍ଥାନ ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ ଏବଂ କହିଥିଲେ ଯେ ଏହା ଘରର ପବିତ୍ର ଉତ୍ତର-ପୂର୍ବ କୋଣ ସହିତ ତୁଳନୀୟ। ଏହି ଅଞ୍ଚଳକୁ ପ୍ରକୃତି, ସଂସ୍କୃତି ଏବଂ ଆଧ୍ୟାତ୍ମିକତାର ଏକ ଅନନ୍ୟ ମିଶ୍ରଣ ଭାବରେ ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଆସାମ ହେଉଛି ବ୍ରହ୍ମପୁତ୍ରର ଭୂମି, ସୁସଜ୍ଜିତ ଚା ବଗିଚା, ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ, ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିହୁ ଭଳି ସ୍ପନ୍ଦନଶୀଳ ସାଂସ୍କୃତିକ ଉତ୍ସବର ମାଟି।

ନାଗାଲାଣ୍ଡ ହେଉଛି ଆଦିବାସୀ ଐତିହ୍ୟ, ହର୍ଣ୍ଣବିଲ୍ ମହୋତ୍ସବ ଏବଂ ସାମୂହିକ ଜୀବନ। ନାଗାଲାଣ୍ଡର ଲୋକଙ୍କ ସଚ୍ଚୋଟତା ଏବଂ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ସମୟରେ ଆସାମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କ ଏକ ଭିଡିଓ ବାର୍ତ୍ତା ମଧ୍ୟ ପ୍ରସାରିତ ହୋଇଥିଲା। ଏହି ଅବସରରେ ଓଡ଼ିଶାରେ ସେବା କରୁଥିବା ଆସାମ ରାଜ୍ୟର ମୂଳ ବାସିନ୍ଦା ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ନାଗାଲାଣ୍ଡ ରାଜ୍ୟର ମୂଳ ବାସିନ୍ଦା ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି.ଏଓ ସେମାନଙ୍କର ରାଜ୍ୟର ବୈଶିଷ୍ଟ୍ୟ ଏବଂ ଓଡ଼ିଶାରେ ଅଭିଜ୍ଞତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୁପା ରୋସନ ସାହୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପ୍ରଦର୍ଶନ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

## ଚିକିତ୍ସା ବଦଳରେ ରୋଗୀଙ୍କ ଜୀବନ ସହ ଖେଳ



**କଟକ,୨।୧୧(ସଂଚାର ବ୍ୟୁରୋ):** କଟକର ଜଣେ ବାସିନ୍ଦାଙ୍କୁ ଥାନାରେ ନ୍ୟାୟ ପରିବର୍ତ୍ତେ ଦିଆଯାଉଛି ମାନସିକ ନିର୍ଯ୍ୟାତନା। ଇଏ କୌଣସି ଉପାନ୍ତ ଅଞ୍ଚଳର ନୁହେଁ ବରଂ କଟକ ସହରର ଘଟଣା। ସୂଚନା ମୁତାବକ, କଟକ ଗଣେଶ ଘାଟ ଅଞ୍ଚଳର ବରିଷ୍ଠ ନାଗରିକ ସୟଦ ଏକ୍ରାମ୍ ହୁସେନ ନିଜ ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପକୁ ନେଇ କଟକର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଏହାପରେ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ଏକ୍ରାମ୍ ତାଙ୍କ ପତ୍ନୀଙ୍କ ଏଣ୍ଡୋସ୍କୋପି ପାଇଁ କଟକ କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଥିବା ବାରବାଟି ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ଯାଇଥିଲେ। ମାତ୍ର ସେଠାରେ ଏଣ୍ଡୋସ୍କୋପି ବିଳମ୍ବ ହେବାରୁ ଏକ୍ରାମ୍ ଉକ୍ତ ଡାଇଗ୍ନୋଷ୍ଟିକ୍ ବାଲାଙ୍କୁ କହିଥିଲେ ମୋ ସ୍ତ୍ରୀ ଜଣେ ଶର୍ଯ୍ୟାଶାୟୀ ରୋଗୀ। ହେଲେ ଡାଇଗ୍ନୋଷ୍ଟିକ୍ ସେଣ୍ଟର ପକ୍ଷରୁ ଉତ୍ତର ମିଳିଲା ଡାକ୍ତର ବଡ଼ ମେଡ଼ିକାଲରେ ମିଟିଂରେ ଅଛନ୍ତି, ଆପଣ ପତ୍ନୀଙ୍କୁ ନେଇ ପଳାନ୍ତୁ। ଏକଥା ଶୁଣି ଏକ୍ରାମ୍ କହିଥିଲେ ମୋ ପଇସା ମତେ ଫେରସ୍ତ ଦିଅନ୍ତୁ ମୁଁ ପଳେଇବି। କିନ୍ତୁ ଡାଇଗ୍ନୋଷ୍ଟିକ୍ ସେଣ୍ଟର କହିଥିଲା ଟଙ୍କା ଫେରାଇବାର ପ୍ରଶ୍ନ ଉଠୁନି। ଏନେଇ ମଙ୍ଗଳାବାଗ ଥାନାର ଦ୍ୱାରସ୍ଥ ହୋଇଥିଲେ ବରିଷ୍ଠ ନାଗରିକ ଜଣକ। ଆଉ ମଙ୍ଗଳାବାଗ ଥାନା ଏଏସଆଇ ମାମଲାକୁ ହାଲକା ଭାବରେ ନେଇ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପରିବର୍ତ୍ତେ ନିରାଶ କରିଥିଲେ। କହିଥିଲେ ତୁମେ ନୁହେଁ ତୁମ ପତ୍ନୀଙ୍କୁ ଡ଼ାକ ସେ ଦେବେ ଏତଲା। ତେବେ ଏକ୍ରାମଙ୍କ ପତ୍ନୀ ଅସୁସ୍ଥ ଥିବା ବେଳେ ତାଙ୍କୁ ନେଇ ଥାନାକୁ ଯିବା ସମ୍ଭବ ନଥିଲା। ଥାନାରୁ ନିରାଶ ହେବା ପରେ ଉକ୍ତ ଜୋନର ଏସିପିଙ୍କ ପାଖେ ଗୁହାରୀ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳିନଥିଲା। ଏହାରି ଭିତରେ ତାଙ୍କ ପତ୍ନୀଙ୍କ ବିୟୋଗ ହୋଇଛି। ଶେଷରେ ଶର୍ଯ୍ୟାଶାୟୀ ପତ୍ନୀଙ୍କ ମୃତ୍ୟୁ ପରେ ଏବେ କଟକ ଡିସିପିଙ୍କ ପାଖରେ ଫେରାଦ ହୋଇଛନ୍ତି କଟକ ବାସିନ୍ଦା ସୟଦ୍ ଏକ୍ରାମ୍ ହୁସେନ୍।

## ଡକାୟତ ଗିରଫ, ୩୫ ଖଣ୍ଡା ଓ ୫ ବନ୍ଧୁକ ଜବତ



**ରାଉରକେଲା,୨।୧୨ (ସଂଚାର ବ୍ୟୁରୋ):** ରାଉରକେଲାରୁ ୩୫ ଖଣ୍ଡା ଓ ୫ ବନ୍ଧୁକ ଜବତ କରାଯାଇଛି। ଏଥିସହ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରୁ ଜଣେ ଡକାୟତକୁ ଗିରଫ କରିଛି ପୁଲିସ। ରାଉରକେଲାରେ ଆଇନ ଶୃଙ୍ଖଳା ବିଗାଡିବା ପାଇଁ ଯୋଜନା କରୁଥିବା ବେଳେ ମାଡ଼ି ବସିଲା ପୁଲିସ। ଅଭିଯୁକ୍ତ ଜଣକ ହେଲେ ତୁରୀଟୋଲାର ସୁନୀଲ ମାଝୀ । ୩ ଟି ଅଫୁଟା ଗୁଳି ମଧ୍ୟ ଜବତ କରାଯାଇଛି। ଅନ୍ୟ ରାଜ୍ୟରୁ ଖଣ୍ଡା ଓ ଅସ୍ତ୍ରଶସ୍ତ୍ର ଆଣି ବ୍ୟବସାୟ କରୁଥିଲା ଡକାୟତ ଜଣକ। ରାଉରକେଲା ସହରର ବିଭିନ୍ନ ଅପରାଧୀଙ୍କୁ ସପ୍ଲାଇ କରୁଥିଲା ଅଭିଯୁକ୍ତ। ପୁଲିସ ଡକାୟତକୁ ଧରିବା ପରେ ଜେରା କରିଛି। କାହା ସହ ତାର ସମ୍ପର୍କ ରହିଛି ଓ କାହା କାହାକୁ ମାରଣାସ୍ତ୍ର ଯୋଗାଣ କରିଛି, ସେନେଇ ଛାନଭିନ ଆରମ୍ଭ ହୋଇଛି।

## ମୁଖ୍ୟ ଶାସନସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ



**ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଲୋକ ସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଥିବା ଅତ୍ୟନ୍ତ ଜରୁରୀ ପ୍ରକଳ୍ପ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅଗ୍ରାଧିକାର ଦେଇ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସଂପର୍କିତ ସଦ୍ୟତମ ସ୍ଥିତି ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ନୂଆ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ 'ଗତିଶକ୍ତି' ପ୍ଲାଟଫର୍ମରେ ବାଧ୍ୟତାମୂଳକ ସ୍ଥାନିତ କରିବା, ଯଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତାରେ ରହୁଥିବା ଜମି, ଆପ୍ରୋଚ୍ ରୋଡ ଏବଂ ଆନୁଷଙ୍ଗିକ ସମସ୍ୟାର ସମାଧାନ କରାଯାଇପାରିବ। ପ୍ରକଳ୍ପ କାର୍ଯ୍ୟକାରିତା ସଂପର୍କରେ ଡାଟାବେସ ପ୍ରସ୍ତୁତ କରାଯାଇଛି। ସେହି ଡାଟାବେସକୁ ଅଦ୍ୟତନ କରାଯିବା, ପ୍ରକଳ୍ପଗୁଡ଼ିକର ସ୍ଥିତି ଅନୁଧ୍ୟାନ ଏବଂ ବିଭିନ୍ନ ବିଭାଗ ସମନ୍ୱୟରେ କାର୍ଯ୍ୟ ସମୀକ୍ଷା କରାଯିବା ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ବିଭାଗୀୟ ସଚିବମାନଙ୍କୁ ନିଜସ୍ୱ ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ଅଗ୍ରାଧିକାର କ୍ଷେତ୍ର ଓ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ସଂପର୍କରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହିତ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଯୋଗଦେଇଥିଲେ।

## ୧୯୯୭ରେ ହୋଇଥିଲା- ଶିଶୁ ଶ୍ରମିକ ସର୍ଭେ

**ଭୁବନେଶ୍ୱର,୨।୧୨:** ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୭ ମସିହାରେ ଶିଶୁ ଶ୍ରମିକ ଚିହ୍ନଟ ପାଇଁ ସର୍ବଶେଷ ସର୍ବେକ୍ଷଣ କରାଯାଇଥିଲା। ସେହି ସର୍ଭେ ସମୟରେ ରାଜ୍ୟରେ ୨ଲକ୍ଷ ୧୫ ହଜାର ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ। ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ରାଜରେ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୯ଟି ବିଭାଗ ସମନ୍ୱୟରେ ଏକ ରାଜ୍ୟ କାର୍ଯ୍ୟ ଖସଡା କାର୍ଯ୍ୟକାରୀ କରାଯାଉଛି। ଏହା ଅର୍ନ୍ତଗତ ଜିଲ୍ଲା ସ୍ତରରେ ଅନ୍ୟ ବିଭାଗର ସହଯୋଗରେ ଶିଶୁ ଶ୍ରମ ନିରୀକ୍ଷଣ ଓ ଉଦ୍ଧାର କାର୍ଯ୍ୟ କରାଯାଇଥାଏ। ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬କୁ କଠୋର ଭାବରେ କାର୍ଯ୍ୟକାରୀ କରିବାପାଇଁ ଜିଲ୍ଲା ଶ୍ରମ ଅଧିକାରୀ ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ନିୟମିତ ସମୟ ବ୍ୟବଧାନରେ ପ୍ରଶିକ୍ଷଣ ଦିଆଯିବା ସହିତ ବ୍ୟାପକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଥାଏ। ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଶିଶୁ ଶ୍ରମିକ ଚିହ୍ନଟ ନିମନ୍ତେ ଶିଶୁ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬ ଅନୁଯାୟୀ ଜିଲ୍ଲା ସ୍ତରରେ ନିରୀକ୍ଷଣ ନିମନ୍ତେ ପଦକ୍ଷେପ ନିଆଯାଇଥାଏ। (ତଥ୍ୟ)

## ନୂଆପଡ଼ାରେ କଲରାପତରିଆ ବାଘ ଆତଙ୍କ

- ୧୫ ମେଣ୍ଢାକୁ ମାର ଖାଇଲା



**ନୂଆପଡା,୨।୧୨(ସଂଚାର ବ୍ୟୁରୋ):** ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ସର୍ଗୀମୁଣ୍ଡା ଗାଁରେ କଲରାପତରିଆ ବାଘ ଆତଙ୍କ। ଗତ ରାତିରେ ସର୍ଗିମୁଣ୍ଡା ଗାଁର ବେଦବର ମାଝୀଙ୍କ ଗୁହାଳରେ କଲରାପତରିଆ ବାଘ ପଶି ୧୫ଟି ମେଣ୍ଢାକୁ ଟାଣି ନେଇ ମାରି ଖାଇଥିବା ଅଭିଯୋଗ ହୋଇଛି। ଖବରପାଇ ଆଜି ସକାଳୁ ଖଡ଼ିଆଳ ବନବିଭାଗର ରେଞ୍ଜର ଜୟଦେବ ମାଝିଙ୍କ ସମେତ ବନବିଭାଗ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ୧୫ଟି ମେଣ୍ଢାର ମୃତଦେହ ଉଦ୍ଧାର କରାଯାଇଛି। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମୃତ ମେଣ୍ଢାଗୁଡ଼ିକର ପୋଷ୍ଟମର୍ଟମ କରାଯାଉଛି। ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାକ କ୍ୟାମେରା ଲଗାଯାଇ ବାଘର ଗତିବିଧି ଉପରେ ନଜର ରଖାଯାଇଛି। ଏବେ ବାଘ ଭୟରେ ଗ୍ରାମବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି।

- ଜୁଏଲାରୀ ମାଲିକଙ୍କୁ ବନ୍ଧୁକ ଦେଖାଇ ଲୁଟିଥିଲେ

## ୪ ଅଭିଯୁକ୍ତ ଗିରଫ, ୩ ଫେରାର

**ପୁରୀ,୨।୧୨(ସଂଚାର ବ୍ୟୁରୋ):** ପୁରୀ ପୁଲିସକୁ ମିଳିଛି ବଡ଼ ସଫଳତା। ଲକ୍ଷାଧିକ ଟଙ୍କାର ସୁନା ଗହଣା ସହିତ ନଗଦ ୬ ଲକ୍ଷ ଟଙ୍କା ଜବତ କରିଛି ଚନ୍ଦନପୁର ଥାନା ପୁଲିସ। ପୁରୀ ଏସପିଙ୍କ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଡିଆଇଜି ସତ୍ୟଜିତ୍ ନାୟକ ଏବଂ ପୁରୀ ଏସପି ପ୍ରତୀକ ସିଂ। ତେବେ ପୁରୀ ଏସପି ପ୍ରତୀକ ସିଂଙ୍କ ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ପୁରୀ ଚନ୍ଦନପୁର ଥାନା ସମଯାଜପୁର ଓଭର ବ୍ରିଜ ନିକଟରେ ରାଧାକାନ୍ତ ଜୁଏଲାରୀ ମାଲିକ ସଞ୍ଜୟ କୁମାର ଦାସ ଲୁଟ୍ ର ଶିକାର ହୋଇଥିଲେ। ଏନେଇ



ଚନ୍ଦନପୁର ଥାନାରେ ଅଭିଯୋଗ ହେବା ପରେ ପୁରୀ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ଟିମ୍ ଗଠନ ହୋଇଥିଲା। ପୁଲିସର ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ଠାରୁ ସୁନାଗହଣା ସହିତ ଲକ୍ଷାଧିକ ଟଙ୍କା ଜବତ କରିଥିଲା। ଅଭିଯୁକ୍ତଙ୍କ ଠାରୁ ପୁରୀ ପୁଲିସ ୧୩୨ ଗ୍ରାମର ସୁନାଗହଣା, ୩୧ କେଜି ରୁପା, ନଗଦ ୬ ଲକ୍ଷ ଟଙ୍କା, ଗୋଟିଏ ବନ୍ଧୁକ ସହ ଦୁଇଟି ଜୀବନ୍ତ ଗୁଳି, ଗୋଟିଏ କାର, ବାଇକ ଏବଂ ୬ଟି ମୋବାଇଲ ଫୋନ୍ ଜବତ କରିଛି। ଜବତ ସୁନା ଅଳଙ୍କାରର ମୂଲ୍ୟ ୭୮ ଲକ୍ଷ ୯୬ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଦୋଳଗୋବିନ୍ଦପୁରର ଟୁକୁ ନାୟକ, ପୁରୀ ଭିଆଇପି ରୋଡର ପ୍ରଶାନ୍ତ ପ୍ରଧାନ, ବିଶାଖାପାଟଣାର ଏମ୍ ଗୌତମ ଏବଂ ବାଲେଶ୍ୱରର ଶୁଭ୍ରଜିତ ମହାନ୍ତି। ଘଟଣାରେ ୭ ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବାବେଳେ ଖୁବଶୀଘ୍ର ପୋଲିସ ଆଉ ତିନି ଜଣଙ୍କୁ ଗିରଫ କରିବ ବୋଲି କହିଛନ୍ତି ଏସପି।

## ପୁଣି ଜଣେ ଦଶମ ଛାତ୍ରୀ ଗର୍ଭବତୀ

**ଅବାଞ୍ଛିତ ମାତୃତ୍ୱ ପାଇଁ ଅଧାରୁ ପାଠ ଛାଡ଼ିଲେଣି ୩ ଆଦିବାସୀ ଛାତ୍ରୀ**

**କାଳିଆପାଣି,୨।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କାଳିଆପାଣି ଥାନା କାଳିଆପାଣି ପଞ୍ଚାୟତର ଜଣେ ଆଦିବାସୀ ଦଶମ ଶ୍ରେଣୀ ଛାତ୍ରୀ ଏବେ ୪ ମାସର ଗର୍ଭବତୀ ଥିବା ଅଭିଯୋଗ ହୋଇଛି। ଗର୍ଭଧାରଣ ପରେ ଏହି ଛାତ୍ରୀ ଜଣକ ପାଠ ଛାଡ଼ି ଘରେ ରହୁଛନ୍ତି। ପ୍ରେମିକର ପ୍ରତାରଣା ଓ ସାମାଜିକ ଲଜ୍ଜା କାରଣରୁ ପୀଡ଼ିତାଙ୍କ ମାନସିକ ଚାପ ବଢ଼ିବାରେ ଲାଗିଛି। ଶେଷରେ ପ୍ରେମିକ ଆତ୍ମଗୋପନ କରିଥିଲା। ସୂଚନାଯୋଗ୍ୟ, ପିମ୍ପୁଡ଼ିଆ ପଞ୍ଚାୟତର ଅନ୍ୟ ଜଣେ ଆଦିବାସୀ ଦଶମ ଛାତ୍ରୀ ଏବେ ୬ ମାସର ଗର୍ଭବତୀ ଥିବା ବିଭାଗୀୟ ସୂଚନା ମିଳିଛି। ସୁକିନ୍ଦା ସିଡିପିଓ ସୁଜାତା ମହାପାତ୍ର ଓ ସରପଞ୍ଚ ତପନ କୁମାର ନାୟକ ଏଥିରେ ହସ୍ତକ୍ଷେପ କରି ପୀଡ଼ିତାଙ୍କୁ ସାମାଜିକ ଓ ଆଇନଗତ ସହାୟତା ଯୋଗାଇଦେବା ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଗତ ମାର୍ଚ୍ଚମାସ ଶେଷ ସପ୍ତାହରେ ଏହି ଥାନା କଅଁସ ପଞ୍ଚାୟତର ଅନ୍ୟ ଜଣେ ନବମ ଶ୍ରେଣୀ ଛାତ୍ରୀ ପ୍ରେମ ପ୍ରତାରଣାର ଶିକାରହୋଇ ଗର୍ଭବତୀ ହୋଇଥିଲେ। ଏହାକୁ ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ଅନ୍ତଃସତ୍ତ୍ୱା ପରେ ସଂପୃକ୍ତ ୩ ଜଣଯାକ ଆଦିବାସୀ ଛାତ୍ରୀ ଅଧାରୁ ପାଠ ଛାଡ଼ି ଅବାଞ୍ଛିତ ମାତୃତ୍ୱ ବୋଝରେ ଦହଗଞ୍ଜ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି।

## 'ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ୍'ର ଶୁଭାରମ୍ଭ

# 'ଫିଟ୍ ଇଣ୍ଡିଆ' ପାଇଁ ସାଇକେଲିଂ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ: ଧର୍ମେନ୍ଦ୍ର

- ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିବ
- ଖେଳାଳିମାନେ ହେଉଛନ୍ତି ଦେଶର ବ୍ରାଣ୍ଡ୍ ଆମ୍ବାସାଡର୍
- ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମି ଯୋଗାଇବା ଜାତୀୟ ଶିକ୍ଷା ନୀତିର ଲକ୍ଷ୍ୟ



**ସମ୍ବଲପୁର,୨।୧୨(ସଂଚାର ବ୍ୟୁରୋ):** 'ଫିଟ୍ ଇଣ୍ଡିଆ' ଲକ୍ଷ୍ୟ ହାସଲ ଦିଗରେ ସାଇକେଲିଂ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ସମ୍ବଲପୁରରେ ୩୦ତମ ନ୍ୟାସନାଲ ରୋଡ୍ ସାଇକେଲିଂ ଚାମ୍ପିୟନସିପ -୨୦୨୫ର ଉଦଘାଟନୀ ସମାରୋହରେ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁରରେ ଆୟୋଜିତ ସାଇକେଲିଂ ଚାମ୍ପିୟନସିପ କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ହେଉଛି ଭାରତର ଶ୍ରେଷ୍ଠ ସାଇକେଲ ଚାଳକମାନଙ୍କ ପ୍ରତିଭାକୁ ଗୋଟିଏ ମଞ୍ଚରେ ଏକାଠି କରିବାର ମହାନ ଅବସର। ଏହି ଚାମ୍ପିଅନସିପ୍ ଚଳିତ ଡିସେମ୍ବର ୨ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ଚାଲିବ। ସମ୍ବଲପୁରର ନକ୍ସାପାଲିରୁ ଝାଙ୍କରପାଲି ପର୍ଯ୍ୟନ୍ତ ଏହି ସାଇକେଲ୍ ଯାତ୍ରା ଅନୁଷ୍ଠିତ ହେବ। ଓଡ଼ିଶା ସମେତ ସାରା ଭାରତବର୍ଷରୁ ଏହି ପ୍ରତିଯୋଗିତାରେ ପ୍ରାୟ ୮୫୦ରୁ ଅଧିକ ଚାଳକ ଏବଂ ୧୨୨ ଜଣ ଟିମ୍ ଅଧିକାରୀ ଅଂଶଗ୍ରହଣ କରିଛନ୍ତି। ଏହି ଚାମ୍ପିଅନସିପ୍‌ର ମୁଖ୍ୟ ଲକ୍ଷ୍ୟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଫିଟ୍‌ନେସ୍ ପାଇଁ ଉତ୍ସାହିତ କରିବା।



**ଗଞ୍ଜେଇ ଚାଷ ପ୍ରବଣ ଜିଲ୍ଲାର ସ୍ଥିତି ସମୀକ୍ଷା କଲେ ଉନ୍ନୟନ କମିଶନର**

## ମୂଳୋତ୍ପାଟନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨।୧୨(ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଦଶଟି ଗଞ୍ଜେଇ ଚାଷ ପ୍ରବଣ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ବନ ଅଧିକାରୀ ଏବଂ ଅବକାରୀ ଅଧୀକ୍ଷକମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ଗର୍ଗ ନିଜ ଜିଲ୍ଲାରେ ଗଞ୍ଜେଇ ଚାଷପ୍ରବଣ ଅଞ୍ଚଳକୁ ଚିହ୍ନଟ କରି ଏହାର ମୂଳୋତ୍ପାଟନ ନିମିତ୍ତ ମିଳିତ ଭାବେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ ନିଜ ନିଜ ଅଞ୍ଚଳରେ ଗଞ୍ଜେଇ ଚାଷର ଅବସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ନିୟମିତ ସୂଚନା ପ୍ରଦାନ କରିବାକୁ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ବନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ପରମର୍ଶ ଦେଇଥିଲେ। ବୈଠକରେ ଅବକାରୀ କମିଶନର ପି. ଅନ୍ୱେଷା ରେଡ଼ି, ଏକ ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେଶ ମାଧ୍ୟମରେ ଅଂଶ ଗ୍ରହଣ କରିଥିବା ସମସ୍ତ ଅଧିକାରୀଙ୍କୁ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

### ଜୁଆ ଆଡ୍ଡାରେ ପୁଲିସର ଚଢ଼ାଉ

## ୧୧ ଜୁଆଡ଼ି ଅଟକ, ୬୭ ହଜାର ଟଙ୍କା ଜବତ

**କଣ୍ଟାବାଞ୍ଜି,୨।୧୨(ସଂଚାର ବ୍ୟୁରୋ):** କଣ୍ଟାବାଞ୍ଜିରେ ଜୁଆ ଆଡ୍ଡାରେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ୧୧ ଜୁଆଡ଼ିଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଘଟଣାସ୍ଥଳରୁ ନଗଦ ୬୭ ହଜାର ଟଙ୍କା ଜବତ କରିଛି ପୁଲିସ। ସୂଚନା ଅନୁଯାୟୀ, କଣ୍ଟାବାଞ୍ଜି କେଭି କଲେଜ ପଛ ପଟେ ଥିବା କାଦୋଭସା ଗାଁ ନିକଟରୁ ଗତକାଲି ରାତିରେ ଜୁଆ ଆଡ୍ଡାରେ ପୁଲିସ ଚଢ଼ାଉ କରିଥିଲା। ପୁଲିସ ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଜୁଆଡ଼ିମାନଙ୍କ ସହ ମଧ୍ୟ ସହରର ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଓ ଦୋକାନୀ ସାମିଲ ଅଛନ୍ତି। କିଛି ଜୁଆଡ଼ି ଘଟଣାସ୍ଥଳରୁ ଫେରାର ହୋଇଥିବା ମଧ୍ୟ ଜଣାପଡ଼ିଛି। ଏଣେ ଗତକାଲି ଲଇକେରା ଥାନା ତିଲେଇମାଲ ପଞ୍ଚାୟତ କାଙ୍କକୁମର ଜଙ୍ଗଲରେ ତାସ୍ ପତି ମାଧ୍ୟମରେ ଜୁଆ ଖେଳୁଥିବା ବେଳେ ଲଇକେରା ପୁଲିସ ମାଡ଼ି ବସିଥିଲା। ଲଇକେରା ଥାନା ଅଧିକାରୀ ଦିଲୀପ ବେହେରାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ କାଙ୍କକୁମର ଜଙ୍ଗଲରେ ଜୁଆ ଖେଳ ହେଉଥିବାର ସୂଚନା ପାଇ ଚଢ଼ାଉ କରିଥିଲେ। ତାସ୍ ପତିରେ ଖେଳୁଥିବା ୩ ଜଣ ଜୁଆଡିଙ୍କୁ ମାଡିବସିବା ସହିତ ତାଙ୍କ ନିକଟରୁ ୬ ହଜାର ୬୩୦ ଟଙ୍କା ଓ ତିନୋଟି ସେଟ ତାସ୍ ପତି ସହ ୬ଟି ମୋଟର ସାଇକେଲ ଜବତ କରିଥିଲେ। ଜୁଆଡ଼ିମାନେ ହେଲେ ସମ୍ବଲପୁରଜିଲ୍ଲା ବାମରା ଥାନା ଗୋବିନ୍ଦ ପୁର ଅଞ୍ଚଳର ରଞ୍ଜିତ ପୂର୍ତ୍ତି, ବିକାଶ ପ୍ରସାଦ, ବିପ୍ଳବ ସରକାର। ଅନ୍ୟ ଜୁଆଡ଼ିମାନେ ପୁଲିସକୁ ଦେଖି ଜଙ୍ଗଲ ମଧ୍ୟକୁ ଦଉଡ଼ି ଖସି ଯାଇଥିଲେ।

## ପିଏମଶ୍ରୀ ବିଦ୍ୟାଳୟର ୩୫ ଅନ୍ତେବାସୀ ଡାକ୍ତରଖାନାରେ ଭର୍ତ୍ତି

**ବୈପାରିଗୁଡ଼ା,୨।୧୨(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକର ଶିରିବେଡା ପିଏମଶ୍ରୀ ବିଦ୍ୟାଳୟ ହଷ୍ଟେଲର ୩୫ ଜଣ ଅନ୍ତେବାସୀ ପେଟ ବ୍ୟଥାରେ ଆକ୍ରାନ୍ତ ହୋଇଥିବାରୁ ବୈପାରିଗୁଡ଼ା ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ହଷ୍ଟେଲ ଅନ୍ତେବାସୀ ରାତ୍ରି ଭୋଜନ ପରେ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ସାଢେ ୯ଟା ବେଳେ କିଛି ପିଲା ପେଟ ବ୍ୟଥା ହେଉଥିବା ରୋଷେୟାଙ୍କୁ ଜଣେଇଥିଲେ। କ୍ରମଶଃ ହଷ୍ଟେଲର ଅଧିକାଂଶ ପିଲା ପେଟ ବ୍ୟଥା ହେଉଥିବା ଜଣେଇବା ପରେ ପ୍ରଧାନ ଶିକ୍ଷକ କୁଳମଣି ଜେନା ତିନୋଟି ବଲେରୋ ଗାଡ଼ିରେ ୩୫ ଜଣ ଅନ୍ତେବାସୀଙ୍କୁ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ବୈପାରିଗୁଡ଼ା ଏବଂ ରାମଗିରି ଡ଼ାକ୍ତରୀ ଦଳ ଶିରିବେଡା ପିଏମଶ୍ରୀ ବିଦ୍ୟାଳୟର ହଷ୍ଟେଲରେ ପହଞ୍ଚି ବାକି ୬ ଜଣ ପିଲାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଜଣାପଡିଛି। ଏ ସଂପର୍କରେ ଡାକ୍ତରଙ୍କୁ ପଚାରିବାରୁ ପରୀକ୍ଷା ପରେ ହିଁ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପ୍ରକାଶ କରିଥିଲେ।

# ପୋତି ହେଉଛି ଚିଲିକା-ଜାଣିଛନ୍ତି ସରକାର



**ଭୁବନେଶ୍ୱର,୨।୧୨:** ଏସିଆର ବୃହତ୍ତମ ଲବଣାକ୍ତ ହ୍ରଦ ଚିଲିକା ପୋତିହୋଇ ପଡୁଥିବା ସଂକ୍ରାନ୍ତରେ ରାଜ୍ୟ ସରକାର ଅବଗତ ଅଛନ୍ତି। ବିଧାନସଭାରେ ଏହା କହିଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ଚିଲିକା ହ୍ରଦ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ଚିଲିକା ଏକ ଅଗଭୀର ହ୍ରଦ। ଏହାର ଗଭୀରତା ସର୍ବନିମ୍ନ ୦.୩୮ ମିଟରରୁ ସର୍ବାଧିକ ୬.୨୦ ମିଟର। ପ୍ରତିବର୍ଷ ହ୍ରଦ ଗର୍ଭକୁ ଏହାର ନଦୀ, ଉପନଦୀ ଓ ନାଳଦ୍ୱାରା ପ୍ରାୟ ୮ଲକ୍ଷ ଟନ୍‌ର ପଟୁମାଟି ପ୍ରବେଶ କରି ଏହାକୁ କିଛି ମାତ୍ରାରେ ପୋତି ଦେଉଛି।

ଏଥି ସହିତ ଜଳବାୟୁ ପରିବର୍ତ୍ତନ, ଅଦିନିଆ ବର୍ଷା ଓ ପ୍ରାକୃତି ବିପର୍ଯ୍ୟୟ ଯଥା, ବନ୍ୟା, ବାତ୍ୟା ଯୋଗୁଁ ମଧ୍ୟ ପଟୁମାଟି ଚିଲିକା ଗର୍ଭରେ ପ୍ରବେଶ କରି ଚିଲିକାକୁ କିଛି ମାତ୍ରାରେ ପୋତି ଦେଇଥାଏ। ପ୍ରତିବର୍ଷ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ୩୩ଟି ନିରୀକ୍ଷଣ କେନ୍ଦ୍ର ମାଧ୍ୟମର ୧୭ଟି ମାପକକୁ ନେଇ ଚିଲିକାରେ ଚାଲିଥିବା ଜଳର ମାନ ପରୀକ୍ଷଣ କରିଥାନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ଆର୍ଥିକ ବର୍ଷରେ ପଙ୍କଉଦ୍ଧାର ଓ ଆନ୍ତଃନଳୀ ଖୋଳା କାର୍ଯ୍ୟକ୍ରମ ଜାରି ରହିଛି। ବିଗତ ୫ବର୍ଷ ମଧ୍ୟରେ ୩,୨୬,୭୧୬ କ୍ୟୁବିକ ମିଟର ପଟୁମାଟି ଖନନ କରାଯାଇଛି ଓ ଅନ୍ତଃନାଳୀର ପୁନରୁଦ୍ଧାର ମଧ୍ୟ କରାଯାଇଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମାସିକ ମତ୍ସ୍ୟ ଉତ୍ପାଦନ ତଥ୍ୟରୁ ଜଣାଯାଏ ଯେ, ଚିଲିକା ହ୍ରଦରୁ ମାଛ, ଚିଙ୍ଗୁଡି ଓ କଙ୍କଡା ଆଦିର ଉତ୍ପାଦନ ସ୍ଥିର ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ପାର୍ଶ୍ୱବର୍ତ୍ତୀ ଗାଁଗୁଡିକ ପ୍ରତି ବିପଦ ଆସିନାହିଁ । ମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି ଯେ, ଏହାର ପ୍ରତିକାର ସହିତ ଚିଲିକା ହ୍ରଦର ସୁରକ୍ଷା ଓ ତା'ର ପରିସଂସ୍ଥାର ପୁନରୁଦ୍ଧାର ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ଇତିମଧ୍ୟରେ ସରକାରୀ ସ୍ତରରେ ଏହା ଅନୁମୋଦିତ ହୋଇଛି ଯେ, ଆଇଆଇଟି ଚେନ୍ନାଇର ବୈଷୟିକ ପରାମର୍ଶକ୍ରମେ ଏକ ଦିର୍ଘ ମିଆଦୀ କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରାଯିବ। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776 Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୦,୨୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୩୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୦,୨୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୩୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୦,୨୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୩୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୦,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୧,୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୦,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୦,୨୦୦ ଓ ୧,୧୯,୩୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୮୮,୦୦୦ ଟଙ୍କା ହୋଇଛି।




ପେଟ୍ରୋଲ ଏବଂ ଡିଜେଲ ଦାମରେ ପରିବର୍ତ୍ତନ ହୋଇଥାଏ। ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି। କିନ୍ତୁ ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇନାହିଁ। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୯୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି।

# ଓଡ଼ିଶାରେ ଜିଓର ୧.୬୯ କୋଟି ମୋବାଇଲ୍ ଗ୍ରାହକ



ଭୁବନେଶ୍ୱର,୨।୧୨ : ରିଲାଏନ୍ସ ଜିଓ ୨୦୨୫ ଅକ୍ଟୋବର ମାସରେ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୨୭୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଅକ୍ଟୋବରରେ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି।

ଏହି ଉଲ୍ଲେଖନୀୟ ପ୍ରଦର୍ଶନ ସହିତ, ଜିଓ ଅକ୍ଟୋବର ୩୧, ୨୦୨୫ ସୁଦ୍ଧା ଓଡ଼ିଶାରେ ୧.୬୯ କୋଟିରୁ ଅଧିକ ମୋବାଇଲ୍ ଗ୍ରାହକ ଏବଂ ୪୭ ପ୍ରତିଶତରୁ ଅଧିକ ମୋବାଇଲ୍ ଗ୍ରାହକ ବଜାର ଅଂଶ ହାସଲ କରିଛି। ଜିଓର ସେବା ପ୍ରତି ଗ୍ରାହକଙ୍କ ଅତୁଳନୀୟ ବିଶ୍ୱାସ ଏବଂ ରାଜ୍ୟବ୍ୟାପୀ ଏହାର ଅତ୍ୟାଧୁନିକ ୪ଜି ଓ ୫ଜି ନେଟୱାର୍କ ପ୍ରଯୁକ୍ତିର ଶ୍ରେଷ୍ଠତା ଦ୍ୱାରା ଏହି ମାଇଲଖୁଣ୍ଟ ସମ୍ଭବ ହୋଇଛି। ଅତି-ସୁଲଭ ଜିଓଭାରତ ୪ଜି ଫୋନ୍ ବଳରେ ବିଶେଷକରି ସାରା ଓଡ଼ିଶାର ଗ୍ରାମୀଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ହଜାର ହଜାର ୨ଜି ଗ୍ରାହକ ୪ଜିକୁ ଅପଗ୍ରେଡ୍ କରିବାରେ ସକ୍ଷମ ହୋଇଛନ୍ତି। ଟ୍ରାଇ ତଥ୍ୟ ଅନୁଯାୟୀ, ଅକ୍ଟୋବର ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୧.୫୯ ଲକ୍ଷ ବୃଦ୍ଧି ସହିତ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ୩.୫୯ କୋଟି ଅତିକ୍ରମ କରିଛି। ଜାତୀୟ ସ୍ତରରେ, ରିଲାଏନ୍ସ ଜିଓ ଅକ୍ଟୋବର ୨୦୨୫ରେ ଭାରତର ଟେଲିକମ୍ ଅଭିବୃଦ୍ଧିର ନେତୃତ୍ୱ ନେଇଛି।ସକ୍ରିୟ ଉପଭୋକ୍ତା, ୱାୟାରଲାଇନ୍ ଏବଂ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଜିଓ ଶୀର୍ଷରେ ରହିଛି, ଯାହା ଜିଓଏୟାରଫାଇବର ଏବଂ ୫ଜି ରୋଲଆଉଟ୍ ଦ୍ୱାରା ସଶକ୍ତ ହୋଇ ଭାରତର ଡିଜିଟାଲ ପରିବର୍ତ୍ତନର ପ୍ରମୁଖ ବାହକ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ଅକ୍ଟୋବର ମାସରେ ଓଡ଼ିଶାରେ ୨୭୦୦୦ ରୁ ଅଧିକ ଜିଓଫାଇବର ଏବଂ ଜିଓଏୟାରଫାଇବର ଡିଜିଟାଲ୍ ବୈଷମ୍ୟକୁ ଦୂର କରିବା, ଶେଷ-ମାଇଲ୍ ଫାଇବର ଚ୍ୟାଲେଞ୍ଜକୁ ଦୂର କରିବା ଏବଂ ସହର ଉପକଣ୍ଠ ତଥା ଗ୍ରାମାଞ୍ଚଳରେ ଘର ଏବଂ ଛୋଟ ବ୍ୟବସାୟଗୁଡ଼ିକୁ ନିରବଚ୍ଛିନ୍ନ ବ୍ରଡ଼ବ୍ୟାଣ୍ଡ ସଂଯୋଗ ପ୍ରଦାନ କରିବାରେ ସଫଳ ସାବ୍ୟସ୍ତ ହୋଇଛି। ଏହା ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ, ୮୦୦+ ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ ସୁବିଧା ପ୍ରଦାନ କରୁଛି, ଯାହା ଛାତ୍ର, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରଗୁଡ଼ିକୁ ଡିଜିଟାଲ୍ ଯୁଗରେ ସଫଳତାର ସହିତ ଆଗକୁ ବଢ଼ିବା ଦିଗରେ ସଶକ୍ତ କରୁଛି।

ଜିଓଏୟାରଫାଇବର ଗ୍ରାହକ ଯୋଡି ଜିଓ ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ମଧ୍ୟ ନିଜର ପ୍ରାଧାନ୍ୟ ବିସ୍ତାର କରିଚାଲିଛି। ରାଜ୍ୟରେ ଜିଓ ନେଟୱାର୍କରେ ହୋମ ବ୍ରଡବ୍ୟାଣ୍ଡ ସବସ୍କ୍ରାଇବରଙ୍କ ସଂଖ୍ୟା ୩୧ ଅକ୍ଟୋବର ସୁଦ୍ଧା ୬.୪ ଲକ୍ଷ ଅତିକ୍ରମ କରିଛି। ଏହି ମାସରେ ରାଜ୍ୟରେ ୨୦୦୦୦ରୁ ଅଧିକ ନୂତନ ଗ୍ରାହକ ଜିଓଏୟାରଫାଇବର ସେବା ଆପଣାଇଛନ୍ତି।

ଏହାର ଅତ୍ୟାଧୁନିକ ପ୍ରଯୁକ୍ତି, ଦୃଢ଼ ଭିତ୍ତିଭୂମି ଏବଂ ଗ୍ରାହକ-ପ୍ରଥମ ଦର୍ଶନ ସହିତ, ଜିଓ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ ପରିବର୍ତ୍ତନର ଧାରାକୁ ଆଗକୁ ବଢାଇବା ଜାରି ରଖିଛି।

# ନଭେମ୍ବରରେ ମାରୁତି ସୁଜୁକିର ସର୍ବାଧିକ କାର୍ ବିକ୍ରି

ନୂଆଦିଲ୍ଲୀ, ୨।୧୨: କାର୍ ବିକ୍ରୟ ତାଲିକାରେ ଭାରତରେ ମାରୁତି ସୁଜୁକି ପ୍ରଥମ ସ୍ଥାନରେ ରହିଥିବା ବେଳେ ଟାଟା ମୋଟର୍ସକୁ ପଛରେ ପକାଇ ମହିନ୍ଦ୍ରା ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। କାର କିଣିବା ପ୍ରାୟ ସମସ୍ତଙ୍କ ସ୍ୱପ୍ନ ଥାଏ। ସମସ୍ତେ ନିଜ ବଜେଟ ହିସାବରେ ନିଜ ସ୍ୱପ୍ନର କାର କିଣିବାକୁ ପସନ୍ଦ କରିଥାଆନ୍ତି। ତେବେ ଅକ୍ଟୋବରରେ ଜିଏସଟି ହାର ହ୍ରାସ ଏବଂ ପାର୍ବଣ ଋତୁ ଯୋଗୁଁ କାର କିଣିବାକୁ ଆଶା କରିଥିବା ଅନେକ ଲୋକ କାର କିଣିଥିଲେ। ଭାରତୀୟ ବଜାରରେ ଯାନବାହାନ ବିକ୍ରୟର ପରିଣାମ ନିରନ୍ତର ବୃଦ୍ଧି ପାଉଛି। ଯାନବାହାନ ପୋର୍ଟାଲରୁ ପ୍ରାପ୍ତ ସୂଚନା ଅନୁଯାୟୀ, ନଭେମ୍ବର ମାସରେ ୩,୮୮,୬୨୪ ଟି ଯାନବାହାନ, ଅକ୍ଟୋବର ମାସରେ ୫,୬୫,୩୨୬ ଟି ଏବଂ ଜାନୁଆରୀ ମାସରେ ୪,୭୩,୫୨୦ ଯାନବାହନ ବିକ୍ରି ହୋଇଥିଲା। ସେହିପରି ଅକ୍ଟୋବର ମାସରେ ସର୍ବାଧିକ ଯାନବାହାନ ବିକ୍ରି ହୋଇଥିବା ବେଳେ ନଭେମ୍ବର ମାସରେ ଅକ୍ଟୋବର ମାସ ଠାରୁ ଟିକେ କମ ଏବଂ ଜାନୁଆରୀ ମାସରେ ସବୁଠାରୁ କମ ଯାନବାହାନ ବିକ୍ରି ହୋଇଥିଲା। ମାରୁତି ସୁଜୁକି ଭାରତରେ କାର୍ ବିକ୍ରୟ ତାଲିକାରେ ଆଗରେ ଅଛି। ନଭେମ୍ବର ୨୦୨୫ରେ, ମାରୁତି ୧୫୫,୩୧୭ ୟୁନିଟ୍ ବିକ୍ରି କରିଥିଲା । ଯାହା ବଜାର ଅଂଶର ପ୍ରାୟ ୪୦ ଶତକଡା ରହିଥିଲା । ସେହିପରି ନଭେମ୍ବରରେ କାର୍ ବିକ୍ରୟରେ ମହିନ୍ଦ୍ରା ଟାଟା ମୋଟର୍ସକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ନଭେମ୍ବର ୨୦୨୫ ରେ ମହିନ୍ଦ୍ରା ୫୪,୦୦୫ SUV ବିକ୍ରି କରିଥିଲା, ଯେଉଁଥିରେ ୨,୭୬୭ ଇଲେକ୍ଟ୍ରିକ୍ SUV ଅନ୍ତର୍ଭୁକ୍ତ ରହିଥିଲା । ନଭେମ୍ବର ୨୦୨୪ ତୁଳନାରେ ମହିନ୍ଦ୍ରାର ବିକ୍ରୟ ୨୦ ପ୍ରତିଶତ ବୃଦ୍ଧି ପାଇଛି। ନଭେମ୍ବରରେ ଟାଟା ମୋଟର୍ସ ୫୧,୬୭୨ ଯାନ ବିକ୍ରି କରିଥିବା ବେଳେ ଟାଟା ମହିନ୍ଦ୍ରା ଠାରୁ ମାତ୍ର ୨,୩୩୩ ୟୁନିଟ୍ ପଛରେ ରହିଥିଲା। ଯାତ୍ରୀବାହୀ ଯାନ ବିକ୍ରୟରେ ମହିନ୍ଦ୍ରା ଏବଂ ଟାଟା ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଛି। ନଭେମ୍ବରରେ ଟାଟା ମୋଟର୍ସ ଦ୍ୱାରା ବିକ୍ରି ହୋଇଥିବା ୫୧,୬୭୨ ଯାନ ମଧ୍ୟରୁ୬,୦୮୩ ଇଲେକ୍ଟ୍ରିକ୍ କାର ଥିଲା। ନଭେମ୍ବର ୨୦୨୪ ରେ ବିକ୍ରି ହୋଇଥିବା ୪୨,୨୩୪ ଯାନ ତୁଳନାରେ ମହିନ୍ଦ୍ରା ଚଳିତ ବର୍ଷ ୨୨ ପ୍ରତିଶତ ବିକ୍ରୟ ବୃଦ୍ଧି ହାସଲ କରିଛି।




# ନଭେମ୍ବରରେ ୧.୭୦ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ




ନୂଆଦିଲ୍ଲୀ,୨।୧୨: କେନ୍ଦ୍ର ସରକାର ନଭେମ୍ବର ମାସର ଜିଏସ୍‌ଟି ଆଦାୟ ତଥ୍ୟ ଜାରି କରିଛନ୍ତି। ଆଲୋଚ୍ୟ ମାସରେ ମୋଟ ୧.୭୦ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ହୋଇଛି। ବାର୍ଷିକ ଆଧାରରେ ଏଥିରେ ୦.୭% ବୃଦ୍ଧି ଘଟିଛି। ତଥ୍ୟ ଅନୁସାରେ, ୨୦୨୪ ନଭେମ୍ବରରେ ୧.୬୯ ଲକ୍ଷ କୋଟି ଟଙ୍କାର ଜିଏସ୍ଟି ସଂଗ୍ରହ ହୋଇଥିଲା। ତେବେ ଚଳିତ ବର୍ଷ ଅକ୍ଟୋବର ତୁଳନାରେ ନଭେମ୍ବରରେ ଜିଏସ୍‌ଟି ସଂଗ୍ରହ ୨୬ ହଜାର କୋଟି ଟଙ୍କା ହ୍ରାସ ପାଇଛି। ଅକ୍ଟୋବରରେ ୪.୬% ଅଭିବୃଦ୍ଧି ସହ ୧.୯୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଏହା ପୂର୍ବରୁ ଚଳିତବର୍ଷ ଏପ୍ରିଲରେ ରେକର୍ଡ ୨.୩୭ ଲକ୍ଷ କୋଟି ଟଙ୍କା ଏବଂ ମେ'ରେ ୨.୦୧ ଲକ୍ଷ କୋଟି ଟଙ୍କାର ପରୋକ୍ଷ ଟିକସ ସଂଗ୍ରହ ହୋଇଥିଲା

# 'ସଞ୍ଚାର ସାଥୀ' ବିବାଦ ମଧ୍ୟରେ ଆପଲ୍‌ର ଏଣ୍ଟ୍ରି




ନୂଆଦିଲ୍ଲୀ, ୨।୧୨: ସବୁ ନୂଆ ମୋବାଇଲ ଫୋନ୍‌ରେ ସଞ୍ଚାର ସାଥୀ ଆପ୍ ପ୍ରିଲୋଡ୍ କରିବା ପାଇଁ ଦୂରସଞ୍ଚାର ମନ୍ତ୍ରଣାଳୟର ନିର୍ଦ୍ଦେଶକୁ ନେଇ ରାଜନୀତି ଜୋର ଧରିଛି। ବିରୋଧୀ କଂଗ୍ରେସ ଏହାକୁ ପେଗାସସ ଭଳି ଗୁଇନ୍ଦା ଉପକରଣ ବୋଲି କହି ସରକାର ଏହି ପଦକ୍ଷେପର ବିରୋଧ କରିଛି। ଏମିତିରେ ଏହି ମାମଲାରେ ଚର୍ଚ୍ଚା ଜୋର୍ ଧରିବାରୁ ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର ସ୍ପଷ୍ଟୀକରଣ ରଖିଛନ୍ତି ଏବଂ ଏହି ଆପ ବାଧ୍ୟମୂଳକ ନୁହେଁ ବୋଲି କହିଛନ୍ତି। ଏହାରି ମଧ୍ୟରେ ଆପଲ ମଧ୍ୟ ସରକାରଙ୍କ ନିଷ୍ପତ୍ତିର ବିରୋଧ କରିବା ସଙ୍କେତ ଦେଇଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଆପଲ ଏହାର ସ୍ମାର୍ଟଫୋନରେ ସରକାରୀ ସାଇବର ସେଫ୍ଟୀ ଆପ୍ ପ୍ରିଲୋଡ କରିବା ଆଦେଶର ପାଳନ କରିବାକୁ ଚାହୁନାହିଁ ଏବଂ ଏନେଇ କମ୍ପାନି ଆଗକୁ ସରକାରଙ୍କୁ ସୂଚନା ଦେବ। ରିପୋର୍ଟରେ କୁହାଯାଇଛି ଯେ, ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଗୁଇନ୍ଦା ଚିନ୍ତା ଉପୃନ୍ନ ହୋଇପାରେ। ତେଣୁ ଆପଲ ଏହି ନିଷ୍ପତ୍ତିର ବିରୋଧ କରିପାରେ। କମ୍ପାନି ଅନ୍ୟ ଦେଶମାନଙ୍କରେ ମଧ୍ୟ ଏଭଳି ଆଦେଶ ପାଳନ କରୁନଥିବା କଥା ମଧ୍ୟ କହିପାରେ। କମ୍ପାନି ସହ ଜଡ଼ିତ ବ୍ୟକ୍ତିଙ୍କ କହିବା ଅନୁସାରେ, ଏହାଦ୍ୱାରା iOS ଇକୋସିଷ୍ଟମର ପ୍ରାଇଭେସୀ ଏବଂ ସିକ୍ୟୁରିଟି ପ୍ରଭାବିତ ହୋଇପାରେ। ତେବେ ଏନେଇ ଆପଲ କିମ୍ବା ଟେଲିକମ ମନ୍ତ୍ରଣାଳୟ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ନିକଟରେ ଭାରତ ସରକାର ଆପଲ, ସାମସଙ୍ଗ ଏବଂ ସାଓମି ଭଳି କମ୍ପାନିଙ୍କୁ, ୯୦ ଦିନ ଭିତରେ ଫୋନରେ ସଞ୍ଚାର ସାଥୀ ଆପ୍ ପ୍ରିଲୋଡ କରିବାକୁ ଆଦେଶ ଦେଇଥିଲେ। ଏହି ଆପ୍ର ଉଦ୍ଦେଶ୍ୟ ଚୋରି ହୋଇଥିବା ଫୋନ୍ ଟ୍ରାକ୍ କରିବା, ତାହାକୁ ବ୍ଲକ୍ କରିବା ଏବଂ ଏହାର ଭୁଲ ବ୍ୟବହାର ହେବାରୁ ରୋକିବା। ମିଡିଆ ରିପୋର୍ଟରେ ଏହା ମଧ୍ୟ କୁହାଯାଇଥିଲା ଯେ, ସରକାର ଚାହୁଛନ୍ତି ଏହି ଆପ୍ ଯେପରି ଡିସେବୁଲ ମଧ୍ୟ ନହୁଏ। ତେବେ ଏହା ଜଣାପଡ଼ିବା ପରେ ବିବାଦ ଆରମ୍ଭ ହୋଇଯାଇଥିଲା। ବିରୋଧୀ ସରକାଙ୍କୁ ଘେରିଥିଲେ। ଏମିତିରେ ଦୂର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସ୍ପଷ୍ଟୀକରଣ ରଖି କହିଛନ୍ତି ''ଯଦି ୟୁଜର ଚାହିଁବେ ତେବେ ଆପ୍ ହଟାଇପାରିବେ। ହେଲେ ଦେଶରେ ସମସ୍ତେ ଜାଣିନାହାଁନ୍ତି ଯେ, ଏହି ଆପ୍ ସେମାନଙ୍କୁ ଠକେଇ ଏବଂ ଚୋରିରୁ ବଞ୍ଚାଇବା ପାଇଁ ।'' କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ''ଏହି ଆପକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଆମର ଦାୟିତ୍ୱ। ଯଦି ଆପଣ ଏହାକୁ ବ୍ୟବହାର କରିବାକୁ ଚାହୁନାହାଁନ୍ତି ତେବେ ଏହାକୁ ପଞ୍ଜୀକୃତ କରିବା ଆବଶ୍ୟକ ନାହିଁ।''

# ଏଣିକି ଏମକ୍ୟାସରେ ଟଙ୍କା ପଠାଇପାରିବେନି ଏସବିଆଇ ଜମାକାରୀ

ନୂଆଦିଲ୍ଲୀ, ୨।୧୨: ଭାରତର ସର୍ବବୃହତ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ନଭେମ୍ବର ୩୦, ୨୦୨୫ରେ ଘୋଷଣା କରିଥିଲା ଯେ ଏହା ଏହାର ଏମ-କ୍ୟାସ ସେବାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବ। ଡିସେମ୍ବର ୧, ୨୦୨୫ରୁ, ଅନଲାଇନ ଏସବିଆଇ ପ୍ଲାଟଫର୍ମ ଏବଂ ୟୋନୋ ଲାଇଟ୍ ଆପ୍‌ରେ ଏମକ୍ୟାସ ବ୍ୟବହାର କରି ଟଙ୍କା ପଠାଇବା ଆଉ ସମ୍ଭବ ହେଉନାହିଁ । ବ୍ୟାଙ୍କ ଆକାଉଣ୍ଟଧାରୀଙ୍କୁ କୌଣସି ବ୍ୟକ୍ତି କିମ୍ବା ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର କରିବା ପାଇଁ ୟୁପିଆଇ, ଆଇଏମପିଏସ, ଏନଇଏଫଟି, କିମ୍ବା ଆରଟିଜିଏସ ଭଳି ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ ପଦ୍ଧତି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲା। ଏମକ୍ୟାସ ହେଉଛି ଏସବିଆଇ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଟଙ୍କା ସ୍ଥାନାନ୍ତର ସୁବିଧା ଯାହା ଆପଣଙ୍କୁ କେବଳ ଏକ ମୋବାଇଲ୍ ନମ୍ବର କିମ୍ବା ଇମେଲ୍ ଆଇଡି ଏବଂ ଏକ ଏମପିନ୍‌କୋଡ୍ ବ୍ୟବହାର କରି ଟଙ୍କା ପଠାଇବାକୁ ଅନୁମତି ଦେଇଥିଲା। ରିସିଭର ଏକ ଲିଙ୍କ୍ କିମ୍ବା କୋଡ୍ ପାଇଥିଲେ, ଯାହାକୁ ସେମାନେ ଆପ୍ କିମ୍ବା ଲିଙ୍କ୍ ମାଧ୍ୟମରେ କ୍ଲେମ କରିଥିଲେ। କ୍ଲେମ କରିବା ପରେ, ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଉଥିଲା। ଏସବିଆଇ ଏମକ୍ୟାସ କୁ ଏକ ପୁରୁଣା ଏବଂ କମ୍ ସୁରକ୍ଷିତ ପ୍ରକ୍ରିୟା ଭାବରେ ବର୍ଣ୍ଣନା କରିଥିଲା। ୟୁପିଆଇ, ଆଇଏମପିଏସ, ଏନଇଏଫଟି, ଏବଂ ଆରଟିଜିଏସ ଭଳି ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ ପଦ୍ଧତିଗୁଡ଼ିକ ଏବେ ଦେଶରେ ବହୁଳ ଭାବରେ ବ୍ୟବହୃତ ହେଉଛି। ଏଗୁଡ଼ିକ ଦ୍ରୁତ, ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ, ତେଣୁ ବ୍ୟାଙ୍କ ଏମକ୍ୟାସ ହଟାଇ ଦେଇଛି ଏବଂ ଆକାଉଣ୍ଟଧାରୀଙ୍କୁ ଆଧୁନିକ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ବ୍ୟବହାର କରିବାକୁ ପରାମର୍ଶ ଦେଇଛି। ୟୁପିଆଇ ଭାରତର ସବୁଠାରୁ ଦ୍ରୁତ ଏବଂ ସବୁଠାରୁ ନିର୍ଭରଯୋଗ୍ୟ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ପାଲଟିଛି। ଏଥିପାଇଁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର କିମ୍ବା ଆଇଏଫଏସସି କୋଡ୍ ଆବଶ୍ୟକ ନାହିଁ। ଆପଣ କେବଳ ଏକ ମୋବାଇଲ୍ ନମ୍ବର କିମ୍ବା ୟୁପିଆଇ ଆଇଡି ସାହାଯ୍ୟରେ ତୁରନ୍ତ ଟଙ୍କା ପଠାଇପାରିବେ। ଏହା ରାସ୍ତା ବିକ୍ରେତାଙ୍କଠାରୁ ବଡ଼ ହୋଟେଲ ପର୍ଯ୍ୟନ୍ତ ସବୁଠାରେ ବ୍ୟବହୃତ ହୁଏ। ୟୁପିଆଇ ପାଇଁ, ଆପଣ ଭିମ, ଗୁଗୁଲ ପେ', ଫୋନପେ, କିମ୍ବା ଏସବିଆଇର ନିଜସ୍ୱ ଭିଏମ ଏସବିଆଇ ପେ/ୟୋନୋ ଆପ୍ ବ୍ୟବହାର କରିପାରିବେ।




# ପ୍ରତିଦିନ ୨ ମାଇକ୍ରୋ ଷ୍ଟୋର ଖୋଲିବ ଆମାଜନ ନାଓ

ନୂଆଦିଲ୍ଲୀ, ୨।୧୨: ଦେଶରେ ଦ୍ରୁତ ଭାବରେ ବଢ଼ୁଥିବା କ୍ୱିକ୍ କମର୍ସ ମାର୍କେଟରେ ନିଜ ଉପସ୍ଥିତି ମଜଭୁତ କରୁଛି ଆମାଜନ। ଏଥିପାଇଁ କମ୍ପାନି ଏହାର ଆମାଜନ ନାଓ ସର୍ଭିସକୁ ଆହୁରି ବିସ୍ତାର କରିବାକୁ ଯୋଜନା କରିଛି। କମ୍ପାନିର ଯୋଜନା ଅନୁସାରେ ଆମାଜନ ନାଓ, ଦେଶରେ ପ୍ରତିଦିନ ଦୁଇଟି ନୂଆ ଡାର୍କ ଷ୍ଟୋର ଖୋଲିବ ଏବଂ ବର୍ଷ ଶେଷ ସୁଦ୍ଧା ସମୁଦାୟ ଏହାର ମାଇକ୍ରୋ- ଫୁଲଫିଲମେଣ୍ଟ ସେଣ୍ଟର ସଂଖ୍ୟା ୩୦୦ରୁ ଅଧିକରେ ପହଞ୍ଚାଇବ । ବର୍ତ୍ତମାନ ଆମାଜନ ନାଓର ପ୍ରାୟ ୨୫୦ ଫୁଲଫିଲମେଣ୍ଟ ସେଣ୍ଟର ରହିଛି । କମ୍ପାନି ସୋମବାର ଦେଇଥିବା ସୂଚନା ଅନୁସାରେ, କମ୍ପାନି ବେଙ୍ଗାଲୁରୁ, ଦିଲ୍ଲୀ ଏବଂ ମୁମ୍ବାଇରେ ଉପସ୍ଥିତିକୁ ମଜଭୁତ କରିବାକୁ ଚାହୁଁଛି। କାରଣ ଫ୍ଲିପକାର୍ଟ, ବ୍ଲିଙ୍କଇଟ୍, ଜେପ୍ଟୋ ଏବଂ ଇନଷ୍ଟାମାର୍ଟ ଭଳି କମ୍ପାନି କ୍ୱିକ୍ କମର୍ସଙ୍କ ସହ ମୁକାବିଲା ବଢ଼ୁଛି। ଆମାଜନ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ସମୀର କୁମାରଙ୍କ ଏକ ବିବୃତ୍ତି ଅନୁସାରେ, ଦ୍ରୁତ ଭାବରେ ରୋଲଆଉଟ କରିବା ଏବଂ ଷ୍ଟୋର ନିକଟବର୍ତ୍ତୀ ଲୋକଙ୍କ ପାଖରେ ଯଥାଶୀଘ୍ର ଡେଲିଭରି ପହଞ୍ଚାଇବା ପାଇଁ ଏହା ହେଉଛି ଆମାଜନର ପ୍ରତିଶ୍ରୁତି।'' ସେ କହିଛନ୍ତି ଆମାଜନ ନାଓ ପ୍ରାୟ ୪୦ ହଜାର ପ୍ରକାରର ଜରୁରୀ ସାମଗ୍ରୀ ଏବଂ ଗ୍ରୋସରୀ ସାମଗ୍ରୀ କିଛି ଘଣ୍ଟାରେ ଲୋକଙ୍କ ନିକଟରେ ପହଞ୍ଚାଇବ। ସମୀର ଆହୁରି କହିଛନ୍ତି, ଏହି ଯୋଜନା ଭାରତର କ୍ୱିକ୍ କମର୍ସ ସେଗମେଣ୍ଟରେ ଆମାଜନର ଏପର୍ଯ୍ୟନ୍ତର ସବୁଠୁ ବଡ଼ ପଦକ୍ଷେପ। ଏହା ଏଭଳି ଏକ କ୍ଷେତ୍ର ଯାହାର ଚାହିଦା ବହୁତ ବଢ଼ୁଛି। କାରଣ ସହରାଞ୍ଚଳରେ ଗ୍ରାହକ ଦୈନନ୍ଦିନ ଆବଶ୍ୟକତାକୁ ଯଥାଶୀଘ୍ର ପୂରଣ କରିବାକୁ ଚାହୁଁଛନ୍ତି।



## ବିଧାୟକଙ୍କ ଦ୍ୱାରା ମାର୍କେଟ କମ୍ପ୍ଲେକ୍ସ ଓ ଫଳ ଦୋକାନ ଉଦ୍‌ଘାଟିତ



**ବିଷମକଟକ,୨।୧୨ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ସଦର ପୁରୁଣା ବସଷ୍ଟାଣ୍ଡ ପ୍ରାଙ୍ଗଣରେ ଦୀର୍ଘ ବର୍ଷ ଧରି ପଡିରହିଥିବା ଦୈନିକ ବଜାର ଗୃହ ଓ ଫଳ ଦୋକାନ ଆଜି ବିଧାୟକ ନୀଳମାଧବ ହିକକାଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି। ପ୍ରାୟ ୧୫ ବର୍ଷ ଧରି ଅସମ୍ପୂର୍ଣ୍ଣ ରହି ଅବହେଳିତ ଅବସ୍ଥାରେ ପଡି ଥିବା ଏହି ଦୈନିକ ବଜାର ପୁନର୍ନିର୍ମାଣ ହେବାରୁ ସ୍ଥାନୀୟ ଫଳ ଓ ପରିବା ବ୍ୟବସାୟୀ ମୁହଁରୁ ଆନନ୍ଦର ଲହରୀ ସୃଷ୍ଟି ହୋଇଛି।

ଏହି ବେପାରୀମାନେ ବର୍ଷ ବର୍ଷ ଧରି ସ୍ଥାୟୀ ଦୋକାନ ଗୃହ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ଷା-ଗ୍ରୀଷ୍ମ ମଧ୍ୟରେ ବ୍ୟବସାୟ କରିବାରେ ବାଧା ସୃଷ୍ଟି ହେଉଥିଲା। ଯାହାଫଳରେ ସରପଞ୍ଚ, ଏମପି ପ୍ରତିନିଧି, ବିଧାୟକ ଓ ସ୍ଥାନୀୟ ଜନସାଧାରଣଙ୍କ ଲଗାତାର ପ୍ରୟାସରେ ଏହି ଦୈନିକ ବଜାର ଗୃହକୁ ନବୀକରଣ କାମ ସମ୍ପନ୍ନ କରାଯାଇଥିବାରୁ ଏହାକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିଛନ୍ତି।

# ମଣ୍ଡି ଖୋଲୁନି, ଦଲାଲଙ୍କ ହାତକୁ ଯିବ ଧାନ

**ବୋରିଗୁମ୍ମା,୨।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାରେ ଖରିଫ ଧାନ ଅମଳ କଲେଣି ଚାଷୀ। ହେଲେ ଏପର୍ଯ୍ୟନ୍ତ ଖୋଲିନାହିଁ ଧାନ ମଣ୍ଡି। ଧାର କରଜ କରି ଚାଷ କରିଥିବା ଚାଷୀଙ୍କ ପାଇଁ ବିଳମ୍ବିତ ମଣ୍ଡି, ଚିନ୍ତାର ବିଷୟ ପାଲଟିଛି। ଚାଷୀ ନିଜ ଖଳାରେ ଅମଳ ଧାନକୁ ସାଇତି ରଖୁଛନ୍ତି। ମଣ୍ଡିରେ ବିକିବେ ବୋଲି, ଏଣେ ଚାଷୀଙ୍କ ପଛରେ ପଡିଲେଣି ବେପାରୀ। ମଣ୍ଡି ନ ଖୋଲିବାରୁ ଚାଷୀ ବି ନିଜ କଷ୍ଟ ଉପାର୍ଜିତ ଧାନକୁ ବେପାରୀ ହାତକୁ ଟେକି ଦେବାକୁ ଚିନ୍ତା କଲେଣି।

ଚଳିତ ବର୍ଷ ଖରିଫ୍ ଧାନ ଚାଷକୁ ନେଇ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ବୋରିଗୁମ୍ମା ବ୍ଲକର ଚାଷୀ। କେତେବେଳେ ଅତ୍ୟଧିକ ବର୍ଷା ତ ପୁଣି କେତେବେଳେ ସାର ସଙ୍କଟ। ଏସବୁ ପରେ ରୋଗପୋକ ନାକେଦମ୍ କରିଥିଲା। ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଫସଲ ବଞ୍ଚାଇଛନ୍ତି। ଅମଳ କରି ଖଳାକୁ ଆଣିଛନ୍ତି । ବୋରିଗୁମ୍ମା ବ୍ଲକରେ ପ୍ରାୟ ୮୦ ଭାଗରୁ ଅଧିକ ଧାନ କଟା ସରିଲାଣି। ଆଉ ଦୁଇ ସପ୍ତାହ ସୁଦ୍ଧା ପ୍ରାୟ ସବୁ ଅମଳ ହୋଇଯିବ। ହେଲେ ଏଯାଏଁ ଜିଲ୍ଲାରେ ଖୋଲିନି ମଣ୍ଡି। ସେପଟେ ଆସନ୍ତା ମାସ ଡିସେମ୍ବର ୧୧ରେ ମଣ୍ଡି ଖୋଲିବ ବୋଲି ସ୍ଥିର କରିଛି କମିଟି । ଶୀତକାକର, ଅଦିନିଆ ବର୍ଷା ଏବଂ ଚୋରି ଭୟରେ ଖଳାରେ ଧାନକୁ ଛାଡି କେଉଁଆଡ଼େ ଯାଇପାରୁନାହାନ୍ତି ଚାଷୀ। ସବୁ ସମୟରେ ଖଳାରେ ଜଗି ରହୁଛନ୍ତି।



ସେପଟେ ଘରକୁ ଆସିଲେଣି ଚାଷ ପାଇଁ ହାତ ଉଧାରି ଦେଇଥିବା ସାହୁକାର ଓ ଔଷଧ ଦୋକାନୀ। ଆଉ ଏଭଳି ପରିସ୍ଥିତିର ସୁଯୋଗ ନେବାକୁ ଅନେଇ ବସିଛନ୍ତି ବ୍ୟବସାୟୀ । ଗାଁ ଗାଁ ବୁଲି ଧାନ କିଣିବାରେ ଲାଗିପଡିଛନ୍ତି। ମଣ୍ଡି ଖୋଲି ନଥିବାରୁ ଧାନ ବେପାରୀ ଓ ଦଲାଲମାନେ ଚାଷୀଙ୍କ ଭାଗ୍ୟ ବିଧାତା ସାଜିଛନ୍ତି । ସେମାନେ ହିଁ ଧାନ ଦର ସ୍ଥିର କରୁଛନ୍ତି କ୍ୱିଣ୍ଟାଲ ପ୍ରତି ୧୮ ଶହରୁ ୨ ହଜାର ଟଙ୍କାରେ କିଣି ନେଉଥିବା ଜଣାପଡ଼ିଛି। ଫଳରେ ସରକାରଙ୍କ ୮ ଶହ ଟଙ୍କା ବୋନସ୍ ଚାଷୀଙ୍କ ପାଇଁ ମରୁଭୂମିର ମରିଚିକା ସଦୃଶ ହୋଇଛି। ସେପଟେ ଆଗାମୀ ଡିସେମ୍ବର ୧୧ ତାରିଖରୁ ବୋରିଗୁମ୍ମା ବ୍ଲକରୁ ଧାନ କିଣା ଆରମ୍ଭ କରାଯିବ। ଯେଉଁମାନେ ଅମଳ କରିଛନ୍ତି, ସେମାନେ ସାଇତି ରଖନ୍ତୁ। ମଣ୍ଡି ଖୋଲିଲେ ବିକ୍ରି କରିବେ ବୋଲି କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର।

## ନିରପେକ୍ଷ ସାମ୍ବାଦିକତା ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ: ସୂର୍ଯ୍ୟବଂଶୀ




### ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

**ଧାମନଗର,୨।୧୨ (ସଂଚାର ବ୍ୟୁରୋ):** ଧାମନଗର ଏନଏସି କଲ୍ୟାଣ ମଣ୍ଡପ ପରିସରରେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନୁକୁଲ୍ୟରେ ପରିଷଦର ବାର୍ଷିକ ଉତ୍ସବ ଓ ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ୨୭ତମ ଜିଲ୍ଲାସ୍ତରୀୟ ବାର୍ଷିକ ସମାରୋହ ସହିତ ଦୈନିକ ପ୍ରଗତିବାଦୀର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ଜୟନ୍ତୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ, ବିଶିଷ୍ଟ ଅତିଥି ଅମୃତ ଦର୍ଶନର ସମ୍ପାଦନ ତଥା ପ୍ରଖ୍ୟାତ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା ବ୍ୟକ୍ତି ଅନିଲ କୁମାର ବାରିକ, ଅଶୋକ ପୁହାଣ, କୈଳାସ ଚନ୍ଦ୍ର ମହାପାତ୍ର, ପ୍ରମୋଦ କୁମାର ରାଉତ, ପ୍ରଭାତ କୁମାର ଧଳ, ଭୋଳାନାଥ ସାହୁ, ରୀନାରାଣୀ ପଣ୍ଡା, ସୀତାକାନ୍ତ ମିଶ୍ର, ବିଦ୍ୟାଧର ରାଉତ, ନୃସିଂହ ଚରଣ ନାୟକ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରିୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

● ୪ ଦିନ ପରେ ଖୋଲିଲା ମଣ୍ଡି, ତୁଟିନି ଟୋକନ କେଁ

## ସମ୍ବଲପୁର ଓ ବରଗଡ଼ରେ ଆରମ୍ଭ ହେଲା ଧାନ ସଂଗ୍ରହ

**ସମ୍ବଲପୁର, ୨।୧୨(ସଂଚାର ବ୍ୟୁରୋ):** ସମ୍ବଲପୁର ଓ ବରଗଡ଼ ଜିଲ୍ଲାରେ ସ୍ୱାଭାବିକ ହେଲା ଧାନକିଣା। ୪ ଦିନ ପରେ ଆଜିଠୁ ମଣ୍ଡିରୁ ଉଠିଛି ଧାନ। ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ିଥିଲେ ମଧ୍ୟ ମିଲର ଚୁକ୍ତି ସ୍ୱାକ୍ଷର କରିନଥିବାରୁ ଧାନ ଉଠୁନଥିଲା। ପ୍ରତିବାଦରେ ଧାରଣାରେ ବସିଥିଲେ ଚାଷୀ। ପ୍ରଶାସନ ସହ ଆଲୋଚନା କରାଯିବା ପରେ ଧାନ କିଣା ସ୍ୱାଭାବିକ ହୋଇଛି। ୪ ଦିନର ଛକାପଞ୍ଝା, ଧାରଣା ଆଉ ପ୍ରତିବାଦ ପରେ ସମ୍ବଲପୁର ଓ ବରଗଡ଼ରେ ସ୍ୱାଭାବିକ ହେଲା ଧାନ କିଣା। ଆଜି ଅପରାହ୍ଣ ୪ଟା ଭିତରେ ସମ୍ବଲପୁରରେ ୨୪୩.୧୦ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବେଳେ ୧୦୨ କ୍ୱିଣ୍ଟାଲ ଧାନ ମିଲ୍‌ରେ ପହଞ୍ଚିଛି। ଜିଲ୍ଲାରେ ୪୬ଟି ମିଲ୍ ମଧ୍ୟରୁ ଏବେ ସୁଦ୍ଧା ୧୭ଟି ମିଲ୍‌କୁ ଟାର୍ଗେଟ୍ ଦିଆଯାଇଛି। ବରଗଡ଼ର ୨୩୦ଟି ଧାନ କ୍ରୟ କେନ୍ଦ୍ରରେ ଚାଷୀଙ୍କଠାରୁ ସିଧାସଳଖ କିଣାଯିବ ଧାନ। ଜାନୁଆରୀ ଶେଷ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନ କିଣିବାକୁ ଚେଷ୍ଟା କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛି ଜିଲ୍ଲା ପ୍ରଶାସନ।

ମିଲର୍ ସମସ୍ୟା ତୁଟିଲା, ହେଲେ ଏବେ ଟୋକନ୍ କେଁ। କାରଣ ବରଗଡ଼ରେ ମାତ୍ର ୩୫% ବା ୭୬ ହଜାର ଓ ସମ୍ବଲପୁରରେ ପ୍ରାୟ ୫୦% ବା ୪୯ ହଜାର ଟୋକନ୍ ମିଳିଛି। ଅନେକ ଚାଷୀ ଟୋକନ ପାଇନଥିବା ବେଳେ ଆଉ କିଛି ଚାଷୀ ଗୋଟିଏ ଲେଖାଏଁ ଟୋକନ ପାଇଛନ୍ତି। ଧାନ ଅମଳ ହୋଇ ଖଳାରେ ପଡ଼ିଛି କିନ୍ତୁ ଟୋକନ ନଥିବାରୁ ଧାନ ବିକ୍ରି କରିପାରୁନି ଚାଷୀ।

## ବିଶ୍ୱକପ୍ ଚାମ୍ପିଅନ୍ ଭାରତ ଦୃଷ୍ଟିବାଧିତ ମହିଳା ଟି-୨୦ କ୍ରିକେଟ୍ ଟିମ୍‌ର ୪ ଓଡିଆ ଖେଳାଳି ସମ୍ବର୍ଦ୍ଧିତ



**ଭୁବନେଶ୍ୱର, ୨।୧୨(ସଂଚାର ବ୍ୟୁରୋ) :** ବିଶ୍ୱକପ୍‌ରେ ଚାମ୍ପିଅନ୍ ଦୃଷ୍ଟିବାଧିତ ଭାରତୀୟ ମହିଳା ଟି- ୨୦ କ୍ରିକେଟ୍ ଟିମ୍‌ର ୪ ଓଡିଆ ଖେଳାଳିଙ୍କୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ମଙ୍ଗଳବାର ସମ୍ବର୍ଦ୍ଧିତ କରିଛନ୍ତି। ଦୃଷ୍ଟିବାଧିତ ମହିଳା କ୍ରିକେଟ ଟିମ୍ ଚାମ୍ପିଅନ୍ ଟାଇଟଲ୍ ହାସଲ କରିବା ପରେ ଏହି ଟିମର୍ ଫେରି ଆସିଥିବା ୪ ଓଡିଆ ଖେଳାଳିଙ୍କୁ ସୋଆ ପ୍ରତିଷ୍ଠାତା ସଭାପତି ସମ୍ବର୍ଦ୍ଧିତ କରିବା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି।

ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଟିମ୍ ମଙ୍ଗ ଧରିଥିବା ୪ ଓଡିଆ ଖେଳାଳୀ ହେଉଛନ୍ତି ଫୁଲ ସାରେନ୍, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡି। ଏହି ଚାମ୍ପିଅନ୍ ଟିମ୍ ସୋମବାର ଓଡ଼ିଶା ଫେରିଛନ୍ତି। ସେମାନଙ୍କ ସହ ତାଙ୍କ ମେଣ୍ଟର ଜାଫର ଇକବାଲ୍ ମଧ ପ୍ରଫେସର ନାୟକଙ୍କୁ ସାକ୍ଷାତ କରିଛନ୍ତି। ପ୍ରଫେସର ନାୟକ ଏହି ଖେଳାଳୀମାନଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଆହୁରି ଉତରୋତର ଉନ୍ନତି କାମନା କରିଛନ୍ତି। ସୋଆ ଦ୍ୱାରା ଏପରି ସମ୍ବର୍ଦ୍ଧନା ଏବଂ ଆର୍ଥିକ ପୁରସ୍କାର ପ୍ରଦାନ ସେମାନଙ୍କ ମନରେ ଆନନ୍ଦ ସୃଷ୍ଟି କରିଛି ବୋଲି ଖେଳାଳୀମାନେ କହିଛନ୍ତି। ଏଥି ନିମନ୍ତେ ଖେଳାଳୀ ଓ ତାଙ୍କ ମେଣ୍ଟର ପ୍ରଫେସର ନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

## ଗୋଦାନା ଦୋକାନରେ ଚଢ଼ାଉ, ବିରୋଧ ପାଇଁ ପ୍ରଶାସନ ହଟହଟା

**ବୈଶିଙ୍ଗା, ୨।୧୨(ସଂଚାର ବ୍ୟୁରୋ) :** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବଜାର ଅଞ୍ଚଳରେ ପଶୁପକ୍ଷୀଙ୍କ ଦାନା ଓ ଗୋଦାନା ବିକ୍ରି କରୁଥିବା ଦୁର୍ଗା ଫିଡ୍ସ ନାମକ ଏକ ଦୋକାନରେ କଟକଣା ଥିବା କେତେକ ଇଞ୍ଜେକସନ ବିକ୍ରି ହେଉଥିବା ଖବର ପାଇ ମଙ୍ଗଳବାର ଅପରାହ୍ଣରେ ବାରିପଦା ଡ୍ରଗ୍ସ କଣ୍ଟ୍ରୋଲର କାର୍ଯ୍ୟାଳୟର ଅଧିକାରୀ ମାନେ ଚଢ଼ାଉ କରିଥିଲେ। ତେବେ ସମ୍ପୃକ୍ତ ବ୍ୟବସାୟୀ ଦୀର୍ଘ ଏକ ବର୍ଷ ହେବ ଏଥିପାଇଁ ସରକାରୀ ଫିସ୍ ଦାଖଲ କରି ଆବେଦନ କରିଥିଲେ ମଧ ସେମାନେ ଦାବି କରିଥିବା ଉତ୍କୋଚ ଦେଇନଥିବା ଯୋଗୁଁ ତାଙ୍କୁ ଲାଇସେନ୍ସ ଦେଉନଥିବା ଅଭିଯୋଗ କରିଥିଲେ ବ୍ୟବସାୟୀ। ଘଟଣା ସମ୍ପର୍କରେ ଜାଣିବା ପରେ ଅନ୍ୟାନ୍ୟ ବ୍ୟବସାୟୀ ମାନେ ପହଞ୍ଚି ଅଧିକାରୀ ମାନଙ୍କ ସହ ଯୁକ୍ତିତର୍କ କରିଥିଲେ ଏବଂ ଲାଇସେନ୍ସ କାହିଁକି ଦିଆଯାଇ ନାହିଁ ବୋଲି ଜାଣିବାକୁ ଚାହିଁଥିଲେ। ଅନେକ ସମୟ ଧରି ଅଧିକାରୀଙ୍କୁ ସେଠାରେ ଅଟକ ରଖିଥିଲେ ଲୋକେ। ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ଘଟଣା ଶାନ୍ତ ପଡ଼ିନଥିଲା। ବାଧହୋଇ ଅଧିକାରୀ ମାନେ ଫେରି ଯାଇଥିଲେ ଏବଂ ଅତି ଶିଘ୍ର ଲାଇସେନ୍ସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନର ଅଣଦେଖା ପ୍ରତବାଦରେ ଧାରଣା

**ବାଲିକୁଦା, ୨।୧୨(ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲାର ବାଲିକୁଦା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ ଆଜି ବାଲିକୁଦା ପଞ୍ଚାୟତ ସମିତିର ଅର୍ଦ୍ଧାଧିକ ସମିତିସଭ୍ୟ ଏବଂ ସରପଞ୍ଚ ମାନେ ଗ୍ରାମ ପଞ୍ଚାୟତ ମାନଙ୍କର ଉନ୍ନତି ମୂଳକ କାର୍ଯ୍ୟ ହେଉ ନଥିବାରୁ ଏହାର ପ୍ରତିବାଦ କରି ଧାରଣାରେ ବସିରହିଥିଲେ। ବ୍ଲକ ପ୍ରଶାସନ ସ୍ଥାନୀୟ ଗ୍ରାମପଞ୍ଚାୟତ ପ୍ରତନିଧି ମାନଙ୍କୁ ଅଣଦେଖା କରି ନିଜ ମନମାନି ରେ କାର୍ଯ୍ୟ କରୁଥିବାର ପଞ୍ଚାୟତ ପ୍ରତିନିଧି ମାନେ କ୍ଷୋଭ ପ୍ରକାଶ କରିଥିଲେ। ଧାରଣାର କିଛି ସମୟ ପରେ ବି ଡି ଓ ସାଗର ନନ୍ଦ ଧାରଣା ସ୍ଥଳରେ ପଂହଁଚି ଧାରଣା ରତ ସମିତି ସଭ୍ୟ ଏବଂ ସରପଞ୍ଚ ମାନଙ୍କ ସହ ସମସ୍ୟାର ଆଲୋଚନା କରିଥିଲେ ଏବଂ ଆଗକୁ ଗ୍ରାମପଞ୍ଚାୟତ ମାନଙ୍କରେ ସମସ୍ତ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଗ୍ରାମପଞ୍ଚାୟତ ପ୍ରତିନିଧି ମାନଙ୍କ ମତ ଲୋଡ଼ାଯାଇ କାର୍ଯ୍ୟ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଧାରଣରତ ପଞ୍ଚାୟତ ପ୍ରତିନିଧି ମାନେ ଅନଶନ ଭଙ୍ଗ କରିଥିଲେ। ଶେଷରେ କିଛି ସମିତି ସଭ୍ୟ ଏବଂ ସରପଞ୍ଚ ନିଜ ନିଜର ରାଜନୈତିକ ପକ୍ଷ ରଖି ନିଜ ଭିତରେ ଆରୋପ ଏବଂ ପ୍ରତ୍ୟାରୋପ କରୁଥିବାର ଦେଖିବାକୁ ମିଳିଥିଲା।



## ଟାଟା ପାୱାର ପକ୍ଷରୁ ଜନ ସଚେତନତ 'ଜାଗୃତୀ' କାର୍ଯ୍ୟକ୍ରମ



**ବୈଶିଙ୍ଗା, ୨।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଆଇଟିଆଇ ପରିସରରେ ଟାଟା ପାୱାର ପକ୍ଷରୁ ଉପଖଣ୍ଡ ସ୍ତରୀୟ ଜନସଚେତନତା କାର୍ଯ୍ୟକ୍ରମ 'ଜାଗୃତି' ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଘରେ ବସି ନିଜ ମୋବାଇଲରୁ ଡିଜିଟାଲ ମାଧମରେ ବିଦ୍ୟୁତ୍ ବିଲ୍ ପଇଠ କରିବା ଦ୍ୱାରା ଉପଭୋକ୍ତା ମାନଙ୍କୁ ମିଳୁଥିବା ଆର୍ଥିକ ରିହାତି ର ସୁଯୋଗ ନେବା ନିମନ୍ତେ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ଏଥିସହିତ "ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା" ମାଧମରେ ମାତ୍ର ୮୭୪୭ ଟଙ୍କାରେ ସୋଲାର ପ୍ୟାନେଲ ଲଗାଯାଇ ପ୍ରତିମାସ ଶହେ ଇଉନିଟ ବିଦ୍ୟୁତ ଶକ୍ତି ମାଗଣାରେ ପାଇବାକୁ ଥିବା ଯୋଜନା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଆଇଟିଆଇ ଛାତ୍ରୀଛାତ୍ର ମାନଙ୍କ ମଧରେ ଏକ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଟିପିଏନଓଡିଏଲ୍‌ର ବେତନଟୀ ଉପଖଣ୍ଡ ଅଧିକାରୀ ଶୁଭଦୀପ୍ତ ମିଶ୍ର, ବୈଶିଙ୍ଗା ସେକସନ ମ୍ୟାନେଜର ପ୍ରଶାନ୍ତ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସାଂସଦ ଖେଳ ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ



**ଧାମନଗର, ୨।୧୨ (ସଂଚାର ବ୍ୟୁରୋ):** ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁଙ୍କ ସଂଚାଳନାରେ ଧାମନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ଆସନ୍ତା ୫ତାରିଖ ଠାରୁ ଆରମ୍ଭ ହେବ ଏନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ବିକଶିତ ଭାରତ ପାଇଁ କ୍ରୀଡ଼ାରେ ଯୁବ ଶକ୍ତିର ଉତଥାନକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସାଂସଦ ଖେଳ ମହୋତ୍ସବ ଏଥିପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।ଚଳିତ ଡିସେମ୍ବର ୫ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ୧୨ଶହ ସ୍କୁଲ କଲେଜ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବା ଜଣାପଡ଼ିଛି।ଦୋବଲ କାଳୀ ପଡ଼ିଆ ଏବଂ ଧାମନଗର ଇଣ୍ଡୋର ଷ୍ଟାଡିୟମରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଫୁଟବଲ, କବାଡି, ଖୋଖୋ, ବ୍ୟାଡମିଣ୍ଟନ, ସାଇକେଲ ରେସ, ସ୍କିପିଂ, ସର୍ଟ ଫୁଟ ଆଦି ଖେଳ ଖେଳାଯିବ।

## ଆନ୍ତର୍ଜାତୀକ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ଯାଜପୁର, ୨।୧୨ (ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପ୍ରତିବର୍ଷ ଡିସେମ୍ବର ମାସ ୩ ତାରିଖରେ ପାଳିତହୁଏ, ଜିଲ୍ଲା ପ୍ରଶାସନ ତରଫରୁ ଏହି ଉପଲକ୍ଷେ ଯାଜପୁରସ୍ଥିତ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ମଧରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ ଲିଖନ, ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ଉଭୟ ଦିବ୍ୟାଙ୍ଗ ଓ ସାଧାରଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ପ୍ରାରମ୍ଭରେ ମା'ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳ କରାଯାଇଥିଲା। ମୋଟ୍ ୭ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରି ପୁରସ୍କାର ପ୍ରାପ୍ତି ନିମନ୍ତେ ମନୋନୀତ ହୋଇଥିଲେ। ଶିକ୍ଷୟିତ୍ରୀ ଅଞ୍ଜଳି ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ଭାପୁର ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

## ନ୍ୟାୟ ପାଇଁ ଏସ୍‌ପି ଅଫିସ ଆଗରେ ଧାରଣା



**ନୟାଗଡ଼, ୨।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଭାପୁର ସାମ୍ବାଦିକ ପ୍ରଭାତ କୁମାର ବରାଡ଼ଙ୍କୁ ଆକ୍ରମଣ ଘଟଣାରେ ପୁଲିସର ନୀରବତା ଓ ପକ୍ଷପାତିତାକୁ ନେଇ ଆଜି ସାମ୍ବାଦିକମାନେ ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଗତ ୨୦ ତାରିଖ ସଂନ୍ଧ୍ୟାରେ ଏକ ଦୁର୍ଘଟଣା ଜନିତ ଖବର ସଂଗ୍ରହ ସମୟରେ ଭାପୁର ବ୍ଲକ ବିଜିପୁରଠାରେ ନିକଟସ୍ଥ ଲହଙ୍ଗାପଲ୍ଲୀ ଗ୍ରାମର ଲକ୍ଷ୍ମୀଧର ନାୟକ ସାମ୍ବାଦିକ ପ୍ରଭାତଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଘଟଣାକୁ ନେଇ ପ୍ରଭାତ ଫତେଗଡ଼ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଚୁପ ବସିଛି । ଜାଣିଶୁଣି ଅଭିଯୁକ୍ତ ବିରୁଦ୍ଧରେ କୋହଳ ଦଫା ଲଗା ଯାଇଛି । ଏହା ସହିତ ଅଭିଯୁକ୍ତ ଏତଲା ଆଧାରରେ ସାମ୍ବାଦିକଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରାଯାଇଛି । ଏନେଇ ଖଣ୍ଡପଡ଼ା ବ୍ଲକ ଜନଶୁଣାଣିରେ ନୟାଗଡ଼ ଜିଲ୍ଲାପାଳଙ୍କୁ ସାମ୍ବାଦିକମାନେ ସାକ୍ଷାତ କରି ଦାବି ଜଣାଇଥିଲେ । ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଏସ୍‌ପି ସୁବାଷ ଚନ୍ଦ୍ର ପଣ୍ଡାଙ୍କୁ ଭେଟି ଆଲୋଚନା କରିଥିଲେ । କୌଣସି ସୁଫଳ ନମିଳିବାରୁ ଆଜି ସାମ୍ବାଦିକମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପଣ୍ଡା ଆସି ସାମ୍ବାଦିକଙ୍କ ସହ ଆଲୋଚନା କରିଥିବା ବେଳେ ଦାବି ପୁରଣା ନେଇ କୌଣସି ପ୍ରତିଶ୍ରୃତି ମିଳିପାରିନଥିଲା । ଯାହାକୁ ନେଇ ଆସନ୍ତାକାଲି ଧାରଣାକୁ ଜୋରଦାର କରିବାକୁ ସଂଘ ପକ୍ଷରୁ ସ୍ଥିର କରାଯାଇଛି । ଆଜିର ଧାରଣାରେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇ, ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଭାପୁର ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଗୀତିକାନ୍ତ ପଣ୍ଡାଙ୍କ ସମେତ ବହୁ ସାମ୍ବାଦିକ ସାମିଲ ରହିଥିଲେ ।

## ଜିଲ୍ଲାସ୍ତରୀୟ ଯୁବୋତ୍ସବ ଉଦଯାପିତ: ଉତ୍ତରସାହି ଛଉ ରାଜ୍ୟସ୍ତରକୁ ମନୋନୀତ

**ବାରିପଦା, ୨।୧୨ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ବିଭାଗର ମିଳିତ ଉଦ୍ୟମରେ ଜିଲ୍ଲା ସ୍ତରୀୟ ଯୁବୋତ୍ସବ ଉଦଯାପିତ ହୋଇଯାଇଛି। ସ୍ଥାନୀୟ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଲୋକନୃତ୍ୟରେ ଉତ୍ତରସାହି ଛଉ, ଲୋକଗୀତରେ ଗୁରୁଶିଷ୍ୟ ଦଳ, ବିଜ୍ଞାନ ମେଳାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, କବିତା ଲିଖନରେ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ସନ୍ଧ୍ୟାରାଣୀ ବେହେରା, ଗଳ୍ପ ଲିଖନରେ ଶ୍ରୀ ମା ମହିଳା ମହାବିଦ୍ୟାଳୟର ସୁବର୍ଣ୍ଣ ବେହେରା, ବକ୍ତୃତା ପ୍ରତିଯୋଗିତାରେ ବେତନଟୀର ଅଭିଷେକ ମହାନ୍ତି, ଚିତ୍ରାଙ୍କନରେ ଟିଟିଇ, ତକତପୁରର ସଞ୍ଜୟ କୁମାର ମାର୍ଣ୍ଡି ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି । ତତସହିତ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଦଳଗତ ପ୍ରତିଯୋଗିତାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଙ୍କୁ ୧୦ ହଜାର, ସାଢେ ୭ ହଜାର ଓ ୫ ହଜାର ପ୍ରୋତ୍ସାହନ ରାଶି ସହ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବ୍ୟକ୍ତିଗତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩ହଜାର, ୨ହଜାର ଓ ୧ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ଓ ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଶୁଭକାମନା ଜଣାଇଥିଲେ ।

## ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ରାଜ୍ୟସ୍ତରୀୟ ଲ୍ୟାବ ଟେକ୍‌କନ୍-୨୦୨୫ ସମ୍ମିଳନୀ

**ଭୁବନେଶ୍ୱର, ୨।୧୨ (ସଂଚାର ବ୍ୟୁରୋ):** ନଭେମ୍ବର ୩୦ ତାରିଖ ରବିବାର ଦିନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ ଓ ଅଲ୍ ଇଣ୍ଡିଆ ମେଡିକାଲ୍ ଲାବୋରେଟୋରୀ ଟେକ୍ନୋଲୋଜିଷ୍ଟସ ଆସୋସିଏସନ୍ (ଏଆଇଏମ୍‌ଏଲ୍‌ଟିଏ) ର ମିଳିତ ସହଯୋଗରେ ଓଡ଼ିଶା ରାଜ୍ୟସ୍ତରୀୟ ଲ୍ୟାବ ଟେକ୍‌କନ୍ ୨୦୨୫ ସାଇନ୍‌ଟିଷ୍ଟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ କାଯ୍ୟକ୍ରମରେ ସୋଆର ପ୍ରମୁଖ ପରାମର୍ଶଦାତା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲ୍ୟାବ ଟେକ୍ନିସିଆନ୍‌ମାନେ କିପରି ଭାବେ ଉନ୍ନତ ଜ୍ଞାନର ଉପଯୋଗ କରି ସେବାକାର୍ଯ୍ୟ କରିପାରିବେ ସେ ସମ୍ପର୍କରେ ଛାତ୍ରଛାତ୍ରୀ ତଥା ଟେକ୍ନିସିଆନ୍‌କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମର ଅଧିବେଶନର ପ୍ରଥମାର୍ଦ୍ଧରେ ଏଆଇଏମ୍‌ଏଲ୍‌ଟିର ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା।



ସେହିପରି ଏହି କାର୍ଯ୍ୟକ୍ରମର ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଡାକ୍ତର ଦିପିକା ମହାନ୍ତ, ଡାକ୍ତର ସୌରଭ ମହାପାତ୍ର, ଡାକ୍ତର ବିଭୂଦତ ରାଉତରାୟ, ଡାକ୍ତର କେ. ମୋହନୀରାଓ ଏବଂ ଡାକ୍ତର ଅମୃତା କର ଯୋଗ ଦେଇଥିବା ଟେକ୍ନିସିଆନ୍ ଓ ଛାତ୍ରଛାତ୍ରୀମାନଙ୍କୁ ନୂତନ ଟେଷ୍ଟିଂର କୌଶଳ ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାରିଜଣ ପୁରାତନ ଟେକ୍ନିସିଆନମାନଙ୍କୁ ଏଆଇଏମ୍‌ଏଲ୍‌ଟିଏ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲାର ମେଡିକାଲ୍ କଲେଜ ଓ ହସ୍ପିଟାଲରୁ ୪୦୦ ରୁ ଉର୍ଦ୍ଧ୍ୱ ଟେକ୍ନିସିଆନସ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

## ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

**ଯାଜପୁର, ୨।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ରୁଚିକା ସମାଜ ସେବା ସଂଗଠନର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲ୍ୟ ବିବାହ ଭଳି କୁପ୍ରଥାକୁ କିପରି ଉଚ୍ଛେଦ କରାଯାଇପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଏଦିଗରେ ଗଣମାଧମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନ, ସମାଜସେବୀ, ଏନଜିଓ, ନାଗରିକ ସମାଜ ସମସ୍ତଙ୍କ ମିଳିତ ପ୍ରୟାସ ଲୋଡ଼ା ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ବିଷୟରେ ଅତିଥିମାନେ ବିସ୍ତୃତ ଆଲୋଚନା କରି ସେମାନଙ୍କ ମତ ବ୍ୟକ୍ତ କରିଥିଲେ। ବାଲ୍ୟ ବିବାହକୁ ରୋକିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଗଧାଡିର କର୍ମଚାରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବାଲ୍ୟ ବିବାହକୁ ଦୃଢତାର ସହ ସାମ୍ନା କରିଥିବା ମହିଳାମାନେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ ଏବଂ ବାଲ୍ୟ ବିବାହ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପାଇଁ ସଭାରେ ଉପସ୍ଥିତ ମାଆମାନଙ୍କୁ ଅନୁରୋଧ କରିଥିଲେ।



ସାହିତ୍ୟ
ବୁଧବାର ୩ ଡିସେମ୍ବର ୨୦୨୫
ଭୁବନେଶ୍ୱର ସଞ୍ଚାର



## ସଂପର୍କ

### ଡଃ ନାରାୟଣ ଚନ୍ଦ୍ର ସେନାପତି

ମନ ସାଥେ ହେଲେ ମନର ମିଳନ
ଜନ୍ମ ନିଅଇ ସଂପର୍କ
ସେନେହ ତୂଳୀରେ ସଂପର୍କ ଆଙ୍କଇ
ପ୍ରେମ ପ୍ରୀତିର କୋଣାର୍କ।

ସଂପର୍କ ମନର ନନ୍ଦନକାନନ
ହୃଦୟର ବେଳାଭୂଇଁ
କେବେ ସେ ରବିର ସୁନ୍ଦରୀ ନଳିନୀ
ତାରାର ଅପ୍ସରୀ କଇଁ।

ସଂପର୍କ ବନର ତୋଫା ମଲ୍ଲୀଟିଏ
ସୁଗନ୍ଧ ଇନ୍ଦ୍ର ଭବନ
କେବେ ସେ ନଭର ଯାଦୁ ଇନ୍ଦ୍ରଧନୁ
ଧରଣୀର ତପୋବନ।

ସଂପର୍କ ଆଖିର କଜ୍ଜ୍ୱଳ ଗାର ସେ
ତମସାରେ ସୌଦାମିନୀ
ଦୁଃଖ ଦରିଆର ସୁଖ ତରଣୀ ସେ
ଭୁବନ ମନ ମୋହିନୀ।

ସ୍ୱାର୍ଥରେ ଦରିଦ୍ର ତ୍ୟାଗରେ କୁବେର
ଏମିତି ଚିଜ ସଂପର୍କ
କେବେ ବାଗ୍ଦେବୀଙ୍କ ମଧୁ ବୀଣା ପୁଣି
କହ୍ନେଇର ଧର୍ମ ଚକ୍ର।

ସଂପର୍କ ହସଇ ସତ୍ ଭାବନାରେ
କାନ୍ଦେ କପଟର ପାଶେ
କୃତଜ୍ଞ ଯେଉଁଠି ତା ବାସ ସେଇଠି
ନିର୍ମଳ ହୃଦ ଭରସେ।

ଯା ହୃଦୟରେ ଥାଏ ଆପଣାର ଭାବ
ସେ ଗଢେ ମଧୁ ସଂପର୍କ
ସଂକୀର୍ଣ୍ଣ ମନା ଯେ ପାରେନାହିଁ ଗଢି
ଭାବନାକୁ କରେ ବକ୍ର।

ଆଜିର ଦିନରେ ସଂପର୍କ କାନ୍ଦୁଛି
ନ ପାଇ ପବିତ୍ର ଭାବ
ସୁବିଧାବାଦୀ ଏ ମଣିଷ ସାଜିଛି
ସବୁ କିଛି ତା ଅଭାବ।

ସମ୍ପର୍କକୁ ପୂଜ ଦେବ ଦେବୀ ମଣି
ପାଇବ ଈଶ୍ୱର କୃପା
ଈଶ୍ୱର ପ୍ରେମରେ ସଂପର୍କ ଯୋଡିଲେ
ବାନ୍ଧିବ ଜୟ ଶିରିପା।

କା ପାଇଁ ସଂପର୍କ ପଣ୍ୟ ଦ୍ରବ୍ୟ ଟିଏ
କା ପାଇଁ ମଣି ମୁକୁତା
ଯା ମନ ଯେପରି ତା ପାଇଁ ସେପରି
ଖଞ୍ଜି ଥାଏ ଏ ବିଧାତା।

**ଜମ୍ବିରା, କେନ୍ଦୁଝର**





## ସପନ

### ଡ଼ ଚନ୍ଦ୍ରକଳା ନାୟକ

ମା ମୋର ଝୋଟି ପକାଉ ପକାଉ
ସପନକୁ ଆଙ୍କିଦିଏ
ତା ସହ ଦେଖୁଥାଏ
କାଲିର ସକାଳ ପାଇଁ ।
ବାପା ଭାଗବତ ପାଠ କରୁ କରୁ
ନବାକ୍ଷରୀ ମଧ୍ୟରେ ସ୍ୱପ୍ନକୁ ଦେଖନ୍ତି
ପୃଷ୍ଠା ଓଲଟାଇ ଭାବନ୍ତି
ହେଲେ ବନ୍ଦ ହେଲା ପରେ ଭୁଲିଯାନ୍ତି।
ଅଗଣାର ଭଙ୍ଗା ଟାଇଲରେ
ଯେଉଁ ସପନଟା ମୁଦି ହୋଇ ରହେ
ଭିତର ଘରକୁ ଆସିପାରେ ନାହିଁ
ଭାଇ ତାକୁ ଅଳିଆ ଗଦାକୁ ଫିଙ୍ଗିଦିଏ
ଅପନ୍ତରିଆ ଭାବି ।
ସାନ ଭଉଣୀ ରଙ୍ଗ ତୁଳୀରେ
ଚିତ୍ର ଆଙ୍କେ
ଗୋଲାକୃତି ଚିତ୍ରଟିଏ କରେ
ମୁଁ ଭାବେ ସେ ବୋଧେ
ସପନ ଗୁଡାକୁ ସଜେଇ ଦେଇଛି
ରଙ୍ଗୀନ ଜାଗଜରେ ସବୁଦିନ ପାଇଁ ।
ଯେଉଁ ଅହଲ୍ୟାଟା ପାଷାଣୀ ଥିଲା
ସେ ବି ତ ଦିନ ରାତି ସପନ
ଦେଖୁଥିଲା
ମାଆ ଯାହାକୁ ସପନ ଭାବି ନିଦ କିଣେ
ସେଇଟା କାଳେ ଅଧାଗଢା
ଦରସିଝା ଓ କଇଁଛିଆ ।
ବାପା ଯାହାକୁ ଭାଗବତରୁ
ସପନ ଭାବି
ମନର ନିବୃତ୍ତ କୋଣରେ ସାଇତିଛନ୍ତି
ସେଇଟା କାଳେ ସାଧା କାଗଜ
ଗାର ପଡି ନଥିବା ମଲାଟ ଖଣ୍ଡେ ।
ଭାଇ ଯାହାକୁ ସପନ ଭାବି
ବାପାଙ୍କ ସାଇକେଲରେ ବୁହେ
ସେଇଟା ତୁଚ୍ଛା ଅଗାଡି ବସ୍ତାଟା ।
ସାନ ଭଉଣୀ ରଙ୍ଗ ତୁଳୀରେ ଯାହାକୁ
ସପନର ସୌଦାଗର ଭାବେ
ନିରେଖି ନିକେଟି ଦେଖେ ତ ସେଇଟା
ତୁଚ୍ଛା ମହାବଳ ବାଘର ପ୍ରତିଛବିଟାଏ ।
ଏଥର ଧୁଡୁ ଧୁଡୁ ଚମରେ
ଜେଜେମା ମୋର ବିରକ୍ତ ହେଲା-
ତୁମେ ସବୁ ସପନ ଦେଖନା କହିଲା
ହେଲେ ସପନ ଦେଖିବାକୁ ମନା
କରିବା
ସେ ବି ତ ଏକ ସପନ ହିଁ ଥିଲା ।
ହେଲେ ଏବେ ମୋ ପାଳି
ମୁଁ କିନ୍ତୁ ଦେଖୁଛି, ଦେଖୁବି
ସପନର ଅଙ୍ଗରାଗ ଭିତରେ
ଅବିରତ ଓ ଅବିଶ୍ରାନ୍ତ ପଥରେ
ଯେତେବେଳେ ଥକି ପଡିବି
ମୋ ଥକା ପଣରେ ବି
ଆଉ ଏକ ସପନକୁ ସାଉଁଟିବି ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ**
**ମହାବିଦ୍ୟାଳୟ, ଛତିଆ, ଯାଜପୁର**





## ଶ୍ରୀମନ୍ଦିର

### ପୁଷ୍ପଲତା ମିଶ୍ର

ଶିରୀ ମନ୍ଦିରରେ ଚତୁର୍ଦ୍ଧା ମୂରତି
ରତ୍ନ ସିଂହାସନେ ଉଭା,
ଭାଇ ବଳଭଦ୍ର ସୁଭଦ୍ରା ଭଉଣୀ
ଦିଶୁଅଛି କେବେ ଶୋଭା ।।
ଶୋଭା ଦିଶୁଅଛି କାଳିଆ ଓ୍ୱଳିଆ
ସୁଭଦ୍ରା ହଳଦୀ ମୁଖି,
ମୁଖି ଟି ସୁନ୍ଦର ନାମ ଚକ୍ରଧର
ମନ ଯାଏ ସେଠି ଲାଖି।।
ପତିତପାବନ ଉଡେ ଫର ଫର
ସୁନ୍ଦରତା ନୀଳ ଚକ୍ର,
ପତିତ ଜନ ଙ୍କୁ ଉଦ୍ଧାରିବା ପାଇଁ
ପଲକ ପଡେନା ନେତ୍ର ।।
ଚକା ଚକା ଆଖି ମନ ଯାଏ ଲାଖି
ତୋର ଶିରୀ ମନ୍ଦିରରେ,
ତୋ ଅଭଡ଼ା ମିଠା ମିଠା ତ ବେଶର
ଆନନ୍ଦ ବଜାର ଠାରେ ।।
ପାପୀ ତପି ଯେତେ ଆସନ୍ତି ସମସ୍ତେ
ତୁମ ଦରଶନ ପାଇଁ,
ସମସ୍ତ ଙ୍କ ପାଇଁ ଶ୍ରୀ ମନ୍ଦିରେ ରହି
ମହା ବହୁ କୁ ମେଲାଇ ।।
ସମର୍ପିତ ନାଥ ପ୍ରଭୁ ଜଗନ୍ନାଥ
ହୋଇଲି ମୁଁ ସମର୍ପିତା,
ତୋ ଶିରୀ ମନ୍ଦିରରେ ଶରଣ ମୁଁ ଗଲି
ଡାକୁଅଛି ପୁଷ୍ପଲତା ।।

**ଭୁବନେଶ୍ୱର**
**ମୋବାଇଲ: ୯୩୩୮୨୯୪୬୫୭**





## ଆମ ସମ୍ବିଧାନ ଆମରି ବଳ

### ଅନୁପମା ବିଶ୍ୱାଳ

ଆମରି ଦେଶର ସର୍ବୋଚ୍ଚ ବିଧି
ପ୍ରଶାସନ, ନୀତିନିୟମ, ଅଧିକାର ନିଧି।
ନୁହେଁ କେବଳ ଭାରତର
ଆମ ସମ୍ବିଧାନ ଦୀର୍ଘତମ ଲିଖିତ ସମ୍ବିଧାନ ବିଶ୍ୱର।

ନ୍ୟାୟ,ସମାନତା,ସ୍ୱତନ୍ତ୍ରତାରେ ରହିଛି ମାନ୍ୟତା
ପ୍ରଚାରେ ଓ୍ୱସୁଧୈବ କୁଟୁମ୍ବକମ୍ ର ବାର୍ତ୍ତା
ସାମିଲ କରିଛି ବିଭିନ୍ନତାରେ ଏକତା।
ଗଣତନ୍ତ୍ରରେ ରଖି ଅଖଣ୍ଡତା ବଜାୟ
ଦେଶ ମର୍ଯ୍ୟାଦା ପହଂଚାଇଛି ହୋଇ ନିର୍ଭୟ।

ଘରେ ଘରେ ପ୍ରାପ୍ତ ମୌଳିକ ସୁବିଧା
ଅଧିକାର ପାଇବାରେ ନାହିଁ କିଛି ବାଧା
ପ୍ରତ୍ୟକ୍ଷ ନିର୍ବାଚିତ ପ୍ରତିନିଧି କରେ
ଦେଶ ସଂସଦ ପରିଚାଳନା
ରାଜ୍ୟପାଇଁ ବିଧାନସଭାକୁ ହୋଇ ଉଚ୍ଚମନା।

ରହିଛି ଶାସନ ବ୍ୟବସ୍ଥାରେ
ପ୍ରଶାସନ ଓ ରାଜନୈତିକ ଦାୟିତ୍ୱ,
ଆଇନ କାନୁନର ଏକ୍ତୁଡ଼ିଶାଳ
ସଂସଦ,ବିଧାନସଭାରେ ମହତ୍ତ୍ୱ ତଥା
ବଳ ବୋଲି ଦାବିକରୁଥିବା ଜନତାର କର୍ତ୍ତବ୍ୟ।

ଦେଇଛି ସମ୍ବିଧାନ ନୈତିକ ଶିକ୍ଷା ଓ
ସହ ବୌଦ୍ଧିକ ଜ୍ଞାନ
କରିଛି ସର୍ବଦା ଅଧିକାର ପ୍ରତି ସଚେତନ
ଜାଗ୍ରତ କରିଛି ସୁପ୍ତ ଚେତନ
ପ୍ରତିକ୍ଷଣେ କୁହେ ,"ତୁମେ ନୁହଁ ପରାଧୀନ,
ତୁମେ ସ୍ୱାଧୀନ ଦେଶର ସନ୍ତାନ।

ସୁରକ୍ଷା, ସାର୍ବଭୌମତ୍ୱ,ଆର୍ଥିକ
ସବୁଥିରେ ସାଜିଛି ପ୍ରତୀକ
ତଥାପି,ଉଗ୍ର ଆଧୁନିକ କବଳିତ ସାମାଜିକ ସ୍ଥିତି
ତହିଁରେ ମିଶାମିଶି ଲୋକଙ୍କ ପ୍ରବୃତ୍ତି
ଦେଉଛି ସୁଯୋଗ ଆତ୍ମସମୀକ୍ଷା କରିବାରେ
ଆମରି ଆଚରଣ,ବ୍ୟବହାର ଓ ଦାୟିତ୍ୱ ଜ୍ଞାନରେ।

**ସମ୍ବଲପୁର**



## ମାତାଲ ଈଶ୍ୱର

### ଡ. ଶୁଭେନ୍ଦୁ ମେହେର

ସେ ଆଜି ପୁଣି ଫେରିଛି,
ସେଇଠିକି.......!

ଯେଉଁଠି,
ମାଛି ଅନ୍ଧାରୁଆ ସନ୍ଧ୍ୟା ଆକାଶରେ
ମିସ ମିସ କଳିଆ ମେଘଙ୍କ ଉହାଡ଼େ
ନିଖୋଜ ଥିଲା ମୋହ,
ଅନ୍ଧାର ଭିତରେ
ଝାପସା ଦିଶୁଥିଲା ତା'ର
କୁଆଁରୀ ଦେହ ।

ଇପ୍ସିତ ଜୀବନ ଜିଇଁବା ପାଇଁ
ଇଟା ଭାଟିର ନାଲି ମାଟିଆ ହାତରେ
ଝାଳ ପୋଛି ପୋଛି
ନାଲି ପଡିଯାଇଥିଲା ତା'ର କଅଁଳି ମୁହଁ !

ସାଉକାରର ଆଖି ବି
ଲାଲ ଦିଶୁଥିଲା ରାଗରେ
ଆଉ ଭୋଗ ଲାଳସାରେ !!

ତଥାପି,
ସାଲିସ କରିଥିଲା ନିଜକୁ
ଆଉ ଗୋଟିଏ ନୂଆ ସକାଳ ଆଶାରେ
ଢୋକେ ତୋରାଣି
ଖଣ୍ଡେ ରୁଟି ଖାଇ ଆୟୁଷ ଭରେ
ଅଣ୍ଟା ଭିଡ଼େ,
ଗରମ ଇଟା ଉଠାଇ ଉଠାଇ
ନରମ ହାତ ଫୋଟକା ପଡ଼େ ।

ଘରକୁ ଫେରିବାର ବେଳ
ମାଟିରେ ବର୍ଷା.....!
ଭାଟିରେ ବର୍ଷା......!!
ଦେହରେ ଦହନରେ ବର୍ଷା.........!!!

କିଛି ସମୟ ପରେ,
ବର୍ଷା ଆଉ ଅନ୍ଧାର ଭିତରେ
ଅଣ୍ଡାଳି ଅଣ୍ଡାଳି
ସାରାରାତି କବିତାର ବାସ୍ନା ଖୋଜୁଥିଲେ
ପଞ୍ଝାଏ ମାତାଲ ଈଶ୍ୱର ।।

**ଯାଲୋଏ, ସୁବର୍ଣ୍ଣପୁର**



## ଅମୃତ

### କବି ଭାରତୀ ବାସନ୍ତୀ ଲତା ଜେନା

ଭଲ ଚିଜ ଯେତେ ସଂସାରେ ଅମୃତ
ମନ୍ଦ ହୁଏ ବିଷ ତୁଲ
ମଧୁର ବଚନେ ପ୍ରାଣୀ ମନ ତୋଷ
ସଭିଏଁ ପାଇବେ ଭଲ ।୧।

ସତ୍ୟ ଧର୍ମ ନ୍ୟାୟ ଅମୃତର ସୁଧା
ଭୂଷଣ ତାକୁ କରିବ
ରାଗ ହିଂସା କ୍ରୋଧ ପରଶ୍ରୀକାତର
ସ୍ୱାର୍ଥନ୍ୱେଷି ନ ହୋଇବ ।୨।

ନମ୍ରତା ସୁଶୀଳ ଶିଷ୍ଟତା ଗୁଣରେ
ଜନ ମନକୁ ହରିବ
ମିଠା କଥା କହି ସାନ୍ତ୍ୱନା ଦେଲେ ତ
ଆପଣାର ହୋଇ ଯିବ ।୩।

କପଟ ଛଳନା ଦୂର କରି ଦେବ
ନିଃସ୍ୱାର୍ଥପର ହୋଇବ
ମାନବ ହିତରେ ନିଜକୁ ସମର୍ପି
ଯଶ କିର୍ତ୍ତି ରଖୁ ଥିବ ।୪।

ଶୁଭ ବେଳା ହୁଏ ଅମୃତ ସଦୃଶ୍ୟ
ସବୁ ଶୁଭ କାର୍ଯ୍ୟ ହୁଏ
ଅଶୁଭ ବେଳାରେ କାର୍ଯ୍ୟ ଆରମ୍ଭିଲେ
ମନେ ଶଙ୍କା ଆସୁ ଥାଏ ।୫।

ଲୋଭ ମୋହ ଅହଂ ଦୂର କରି ଦେବ
ନିଃସ୍ୱାର୍ଥପର ହୋଇବ
ମାନବ ହିତରେ ନିଜକୁ ସମର୍ପି
ଯଶ କିର୍ତ୍ତି ରଖି ଯିବ ।୬।

ଗାନ୍ଧୀନଗର , ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର



## କାଗଜ ଡଙ୍ଗା

### ନିବେଦିତା ପଣ୍ଡା

ଦୁନିଆର ଗତି ଆଗକୁ ଆଗକୁ
ଜୀବନର ଗତି ରହସ୍ୟାବୃତ,
ସେଦିନ ଓ ଆଜି ଭିତରେ ଦେଖିଲେ
ଆକାଶ ପାତାଳ ଲାଗେ ତଫାତ।

ସେଦିନ ବି ଥିଲା ଆଜି ବି ରହିଛି
କାଗଜ ଡଙ୍ଗାର ସ୍ମୃତି ମନରେ,
ସେଦିନର ସେହି ସୁନେଲି ମୁହୂର୍ତ୍ତ
ହଜିଯାଇଛି ନିରାଶା ଅନ୍ଧାରେ।

ପିଲାଦିନେ ଥିଲା କାଗଜ ଡଙ୍ଗା ଯେ
କେବେଠାରୁ ଛାଡ଼ି ଆସିସାରିଛି,
ତଥାପି ତାହାର ସମ୍ମୋହନ ସତେ
ପଛକୁ କାହିଁକି ଟାଣି ନେଉଛି।

ଜାଣିଛି ସେଦିନ ଫେରି ଆସିବନି
ତଥାପି ମନରେ ଜାଗୁଛି ଖୁସି,
ଲାଗେ ବେଳେ ବେଳେ ସ୍ମୃତି ସହ କିନ୍ତୁ
ସେହି ଦିନ ସତେ ଯାଉଛି ଆସି।

ଅତୀତର ପୃଷ୍ଠା ସାମ୍ନାରେ ଆସିଲେ
ନଜରେ ଆସଇ କାଗଜ ଡଙ୍ଗା,
ପୃଷ୍ଠା ଖୋଜୁ ଖୋଜୁ ଆଖି ଭିଜିଯାଏ
ଆଜିର ଦିନରେ କେତେ ମହଙ୍ଗା।

ସ୍ମୃତି ସହ ଅଛି କାଗଜ ଡଙ୍ଗାଟି
ରହିଛ ରହିବ ଜୀବନ ସାରା,
ଯେବେ ମନେ ପଡେ ସେହି କଥା ମୋର
ଆଖି ହୁଏ ମୋର ଲୋତକଭରା।

ରଫ୍ ଖାତା ଚିରି ଡଙ୍ଗା ମୁଁ କରିଛି
ଭସାଇ ଦେଇଛି ବରଷା ଧାରେ,
ଅଫୁରନ୍ତ ଖୁସି ସାଉଁଟି ଥିଲି ତ
ବରଷା ଭିଜା ସେ ଗାଁ।

କାରଣ ଜାଣିନି ଖୋଜି ବି ପାଉନି
କାହିଁକି ଆସୁଛି ସେଦିନ ସ୍ମୃତି,
ଯେଉଁ ସ୍ମୃତି ସହ ସମୟ ହଜିଛି
ବଦଳି ଯାଇଛି ସେ ପରିସ୍ଥିତି।

ହେ ମୋର ଅତୀତ କାହିଁକି ତୁ ଡାକୁ,
ମୋ ମନ ବା କାହିଁ ହୁଏ ଅଧୀରା,
ସପନ ରାଇଜ ପରି ଟିଏ ପରି
ମନରେ ରହିଛି ତା' ଅପାଶୋରା।

ବିତିଯିବା କାଳ ବହିଯିବା ଜଳ,
କଥା ଅଛି କେବେ ଆସେନା ଫେରି,
ମୋ ମନ ତଥାପି ବୁଝେନା କାହିଁକି,
ବୃଥାରେ ତାକୁ ମୁଁ ହେଉଛି ଝୁରି।

ଫେରୁ କି ନଫେରୁ ସେଦିନଟି ମୋର,
ମାନସ ଚକ୍ଷୁରେ ଅଛି ତା ରୂପ,
ନୀଳ ଅନ୍ଧାରରେ ତୋଫା ତୋଫା ଦିଶେ,
ଜହ୍ନି ଫୁଲିଆ ସେ ସୁନ୍ଦର ଛାପ ।

**ରାଉରକେଲା**



## ଜଗନ୍ନାଥଙ୍କ ଶ୍ରାଦ୍ଧବେଶ

### ଶ୍ରୀମତୀ ବାସନ୍ତୀ ଦାସ

ମାର୍ଗଶିର ମାସ କୃଷ୍ଣ ଚତୁର୍ଦ୍ଦଶୀ
ଅଦିତି କଶ୍ୟପ ପାଇଁ
ତିଳ ଜଳଦୀପକରନ୍ତି ସେ ଦାନ
ଏକଥାଜନେ ଯାଣଇଁ
ସାଜ ସଜା ହୋଇ ଜଗତଠାକୁର
ଅମାବାସ୍ୟା ଦିନ ଦଶରଥ ଆଉ
କୌଶଲ୍ୟ ରାଣୀଙ୍କ ପାଇଁ
ଶ୍ରାଦ୍ଧ ସେଦିଅନ୍ତି ଅତି ଭକ୍ତ ଭରେ
ଧନ୍ୟ ପତାମାତା ସେହି
ପ୍ରତିପଦା ଦିନ ପିତାବସୁଦେବ
ଦେବକୀ ମାତାଙ୍କ ପାଇଁ
ଦୀପ ଦେଇଥାନ୍ତି କାଳିଆ ଠାକୁର
ଶୁଭ୍ରବେଶ ସେ ହେଇ
ଏହି ଦିନ ନନ୍ଦ ଯଶୋଦା ମାତାଙ୍କୁ
ଦୀପଦାନସେହି କରି
ରାଜା ଇନ୍ଦ୍ରଦ୍ୟୁମ୍ନ ଗୁଣ୍ଡିଚାମାତାଙ୍କୁ
ଶ୍ରାଦ୍ଧ ସେଦିଅନ୍ତି ସାରି
ଶ୍ରାଦ୍ଧବେଶେ ପାଇଁ ନାଗପୁରୀ ଶାଢି
ପିନ୍ଧିଥାନ୍ତି ଏହିଦିନ
ତିନି ଠାକୁରଙ୍କ ଭିନ୍ନଭିନ୍ନ ଧଡି
ସଜାନ୍ତି ଦେଇଣ ମନ
ଶ୍ରାଦ୍ଧବେଶେ ପ୍ରଭୁ ଦିଅନ୍ତି ଦର୍ଶନ
ନାନା ଅଳଙ୍କାର ପିନ୍ଧି
ଉକତ ଆସନ୍ତି ପାପ କୁ ବିନାଶି
ପାଦପଦ୍ମ ମନଛନ୍ଦି
**କେନ୍ଦ୍ରାପଡା**

## ଶୀତ ସକାଳ

### ଶୋଭାମୟୀ ପାତ୍ରୀ

ଭାରି ମଜା ଲାଗେ ଶୀତ ସକାଳରେ
ମୁଢ଼ି ସଙ୍ଗେ ନାଲିଚାହା,
ସାଙ୍ଗ ସାଥି ମେଳେ ଧୂନି ଜଳା ପୁଣି
କଅଁଳିଆ ଖରା ପୁହା ।
କମଳ ଚାଦର ଶ୍ୱେଟର ମଫ୍ଲର
ଓଢ଼ି ବସିବାର ମଜା,
ବିଲ ପଡିଆରେ ଗୁଡ଼ି ଉଡ଼ା ଖେଳ
ହେଉଅଛି ପୁଣି ତାଜା ।
ପତର କୁଟାକୁ ଏକାଠି କରିକି
ଧୂନି ଜାଳି ଟାଣୁ ତାପ,
ଚାଞ୍ଚରା ପାରିକି ଅଜା ଚାରିପାଖେ
ଘେରି ବସି ଶୁଣୁ ଗପ ।
ଭିନ୍ନ ଭିନ୍ନ ପନିପରିବା ସାଥିରେ
ବନଭୋଜି ଆୟୋଜନ,
ଧୂସର କ୍ଷେତରେ ସୁନେଲି ଫସଲ
ଉଚ୍ଛନ୍ନ କଲାଣି ମନ ।
ଶୀତଳ ଜଳକୁ ନିଆଁ ପରି ଡର
ଲାଗୁଥାଏ ଶୀତଦିନେ,
ଅଳସକୁ ତେଜି ହୁଅ ହେ କର୍ମଠ
ଶୀତ କହେ କାନେକାନେ ।
ମୁକ୍ତାର ଓଢ଼ଣୀ ଘୋଡ଼ି ଶୀତ ରାଣୀ
ଥିରି ପାଦେ ଛୁଏଁ ଧରା,
ମାଘେ ବାଘ ପରି ମାଡ଼ିବସେ ପୁଣି
ପ୍ରସାରିଣ ତାର ଘେରା ।
ଖଗ ଶାବକଙ୍କ କିଚିରି ମିଚିରି
କେଳିକୁସୁମର ଖଳା,
ଶୀତ ସକାଳର ମନୋରମ ଶୋଭା
ସତେକି ପିୟୁଷ ବୋଳା ।
କାହିଁ କେତେ ଦୂରୁ ଆସନ୍ତି ବିହଙ୍ଗେ
ଶୀତ ଅନୁଭବ ନେଇ,
ଶୀତରୁ ପ୍ରୀତିର ଉଷ୍ମତା ଲଭନ୍ତି
ମିଳନର ଋତୁ ଏଇ ।
କୁଆଁର ପୁନିୟ ଚାଙ୍ଗୁଡ଼ିରେ ବସି
ଓଳି ଡେଇଁ ପଶେ ଶୀତ,
ପୁଣ୍ୟ ମଗୁଶୁରେ ମାତୃ ଆବାହନେ
ମନମୁନ କରେ ପୂତ ।
କାର୍ତ୍ତିକରେ ପୁଣି ବନ୍ଦାଏ ବୋଇତ
ସାଧବାଣୀ ସାଥେ ସେହି,
ଅନୁକୂଳ ଯୋଗ ନିରିମଳ ପାଗ
ଗୌରବର ଗାଥା ଗାଇ ।
ଶୀତ ସହ ମିତ ବସିଛି ବୋଲିକି
ଦୁନିଆ ଲାଗୁଛି ନୂଆ,
ପ୍ରକୃତି ରାଣୀର ଅନୁପମ ଶୋଭା
ଶିରି ଆହା ମନଛୁଆଁ ।
ଥରି ଥରି ଓଠ ଥିରି ଥିରି ଗାଏ
ଶୀତ ରାଣୀ ଗୀତ ପରା,
କୋମଳ ପରସ ଖେଳାଏ ହରସ
ମିତ ତା ଜଗତ ସାରା ।
**ଜୟ ଜଗନ୍ନାଥ**
**କେନ୍ଦ୍ରାପଡ଼ା**



## କଣ୍ଟକମୟ ଏ ଜୀବନ ପଥ

### ସୁନିତା ମହାନ୍ତି

ଚାଲୁଛି ଚାଲିବି ଏକା ଏକା ପ୍ରଭୁ
ପଥ ବାକି ଅଛି ଯେତେ
ସାଥେ ଥିବ ମୋର ସାଥି ହୋଇ ତୁମେ
ଚାଲିବାର ଏହି ପଥେ ।

କଣ୍ଟକିତ ପଥେ ଭାରି କଷ୍ଟ ଲାଗେ
ଛାଲ ପଡେ ମୋର ପାଦ
ତଥାପି ଚାଲୁଛି ତୁମ ନାମ ଧରି
କେତେ ଭେଟିଛି ପ୍ରମାଦ ।

କଣ୍ଟକମୟ ଏ ଜୀବନ ପଥ
ସାଥେ ମୋର ସୁଖ ଦୁଃଖ
ତୁମେତ ଲେଖିଛ ମୋ କପାଳେ ପ୍ରଭୁ
ହେବନାହିଁ ହେ ବିମୁଖ ।

ସଞ୍ଜ ହୋଇଲାଣି ଜୀବନରେ ଆସି
ବଞ୍ଚିବି କେତୋଟି ଦିନ
ଅଳି ନିବେଦନ ସବୁ ମୋ ରଖିବ
ସାଥେ ଥିବ ଶେଷ ଦିନ ।

ଝୁଣ୍ଟି ପଡେ ଯଦି ଧରି ନେବ ହାତ
ତଳେ ପଡି ଯିବି ନାହିଁ
ଦୁଇ ଟୋପା ଲୁହ ଆଖିରୁ ମୋ ବୋହି
ତୁମ ପାଦ ଦେବ ଧୋଇ ।

**କେନ୍ଦ୍ରାପଡ଼ା**

SANCHAR ସଂଚାର

## ୫ରେ ଏନପିଏସ ଶିକ୍ଷକସଂଘର ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ନୀଳଗିରି,୨।୧୨(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ପେନସନ ଯୋଜନା(ଏନପିଏସ) ଶିକ୍ଷକ ଦୀର୍ଘଦିନ ଧରି ସେମାନଙ୍କର ନାର୍ଯ୍ୟଦାବୀରୁ ବଞ୍ଚିତ ହେଉଥିବାରୁ ଆଗାମୀ ୫ତାରିଖ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଆଜି ନୀଳଗିରି ବ୍ଲକର ପ୍ରାୟ ୩୪୦ରୁ ଉର୍ଦ୍ଧ୍ୱ ଏନପିଏସ ଶିକ୍ଷକଙ୍କ ଏକ ପ୍ରତିନିଧିଦଳ ସଂଘର ସଭାପତି ବିଜୟ କୁମାର ଦାସଙ୍କ ନେତୃତ୍ୱରେ ନୀଳଗିରି ଗୋଷ୍ଠୀଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ମିଳିତ ହୋଇ ବିଇଓଙ୍କ ଅନୁପସ୍ଥିତିରେ ବିଆରସି ମିହିର କୁମାର ଦାସଙ୍କୁ ଦାବୀପତ୍ର ଦେଇଛନ୍ତି।୪୨୦୦ଟଙ୍କା ଗ୍ରେଡପେ ପ୍ରଦାନ ସହିତ ୬ବର୍ଷର କଣ୍ଟାକ୍ଟୁଆଲ୍ ଅବଧିକୁ ରେଗୁଲାର ଗଣନା କରିବା ସହ ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଯେତେବେଳେ କି ୨୨ଟି ରାଜ୍ୟରେ ଏହିସବୁ ସୁବିଧା ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶାରେ କାର୍ଯ୍ୟରତ ଏନପିଏସ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ବଞ୍ଚିତ କରାଯାଇଛି। ତେଣୁ ରାଜ୍ୟସରକାର ଏହିସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଦାବୀକୁ ଗୁରୁତରସହ ଗ୍ରହଣ କରିବାକୁ ଦାବୀପତ୍ରରେ ଉଲ୍ଲେଖ ରହିଛି। ଅନ୍ୟଥା ଆଗାମୀ ୫ତାରିଖ ରାଜ୍ୟସ୍ତରୀୟ ଏହି ଧାରଣାରେ ସାମିଲ ହେବାକୁ ନୀଳଗିରି ଏନପିଏସ ଶିକ୍ଷକ ସଂଘର ସଭାପତି ବିଜୟ କୁମାର ଦାସଙ୍କ ସହ ସମ୍ପାଦକ ସୁବ୍ରତ ବିଶ୍ୱାଳ, ଅନୀଲ କୁମାର ମହାପାତ୍ର, ଅରବିନ୍ଦ ପଣ୍ଡା, ଉମାକାନ୍ତ ସାହୁ, ଭବେଶ ସେନ, ପ୍ରଶାନ୍ତ ମହାପାତ୍ର, ମନୋଜ ପାଣ୍ଡିଆ, ମୋନାଲିସା ନନ୍ଦ, ପ୍ରଣତୀ ଦାସ, ରୂପକ ପଶା, ସୁମନ୍ତ ନାୟକ ପ୍ରମୁଖ ବହୁ ଶିକ୍ଷକନେତା ଏବଂ ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ମଣ୍ଡି ବିଳମ୍ବ ଓ କୋହଲା ପାଗ ; ଚାଷୀଙ୍କ ଧାନ ସୁରକ୍ଷା ଚିନ୍ତା

### ଜିଲ୍ଲାର ଅଧିକାଂଶ ମଣ୍ଡିରେ ଧାନ ରଖିବାପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ ହୋଇନାହିଁ

**ଭବାନୀପାଟଣା,୨।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ମଣ୍ଡି ବିଳମ୍ବ ସହିତ ଲଗାତାର ଦୁଇଦିନ କୋହଲା ପାଗ ଯୋଗୁଁ ଚିନ୍ତାରେ ଚାଷୀ। ଗତ ୨୯ ତାରିଖରେ ମଣ୍ଡି ଆରମ୍ଭ ହୋଇଥିବା ବେଳେ ଧାନ କିଣା ଏପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ। କୋହଲା ପାଗ ଯୋଗୁଁ ବର୍ଷା ଆଶଙ୍କା ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଜିଲ୍ଲାରେ ଗତ ୨୯ ତାରିଖରୁ ନାମକୁ ମାତ୍ର ମଣ୍ଡି ଆରମ୍ଭ ହୋଇଛି। ସାମ୍ବାବ ବାତ୍ୟାର ପ୍ରଭାବ ଯୋଗୁଁ ଲଗାତାର ଦୁଇଦିନ ଧରି କୋହଲା ପାଗ ଜାରିରହିଛି,



ଧାନ ଅମଳ କରି ମଣ୍ଡିରେ ବିକ୍ରି ସମୟରେ କୋହଲା ପାଗ ଯୋଗୁଁ କିଭଳି ଧାନକୁ ସୁରକ୍ଷିତ ରଖିବେ ସେଥିପାଇଁ ଚିନ୍ତାରେ ଚାଷୀ। ଜିଲ୍ଲାର ବିବିନ୍ନ ଗ୍ରାମରେ ୧୭୦୦ ରୁ ୧୮୦୦ ଟଙ୍କାରେ ଦଲାଲମାନେ ଧାନ କିଣୁଥିବା ମଧ୍ୟ ଅଭିଯୋଗ ହେଉଛି। ଆରଏମ୍‌ସିରେ କୋଟି କୋଟି ଟଙ୍କା ଅନୁଦାନ ରହୁଥିବା ସତ୍ତ୍ୱେ, ଜିଲ୍ଲାର ଅଧିକାଂଶ ମଣ୍ଡିରେ ଧାନ ରଖିବାପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ ହୋଇନାହିଁ। ବର୍ତ୍ତମାନ ଧାନର ସହାୟକ ମୂଲ୍ୟ ବୃଦ୍ଧି ଓ ବୋନସ ଯୋଗୁଁ ଚାଷୀମାନେ ଅଧିକ ଖରିଫ ଧାନ ଚାଷ କରିଛନ୍ତି। ଗତ ଖରିଫରେ ୬୦ ଲକ୍ଷରୁ ଅଧିକ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ବର୍ତ୍ତମାନ ଆହୁରି ଅଧିକ ଉତ୍ପାଦନ ହୋଇଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ୩୦ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଛି ୩୦୩ଟି ମଣ୍ଡିରେ ୯୦ ଜଣ ମିଲର୍ସ ଧାନ କିଣିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ, ରାଜ୍ୟସରକାର ଏବଂ ମିଲର୍ସ ସଂଘର ସଫଳ ଆଲୋଚନା ପରେ ଚାଷୀମାନେ ଶୀଘ୍ର ମଣ୍ଡି ସମ୍ୟାନୁସାରେ ଚାଲୁ ହେବ ବୋଲି ଆଶା କରୁଛନ୍ତି।

## ୪ ରୋଡ ଲୁଟେରା ଗିରଫ

**ବୋରିଗୁମ୍ମା,୨।୧୨ (ସଂଚାର ବ୍ୟୁରୋ):** ଏକ ଚୋରୀ ଘଟଣାରେ ବୋରିଗୁମ୍ମା ପୋଲିସ ଚାରି ଜଣଙ୍କୁ ଗିରଫ କରିବା ସହ ଦୁଇଟି ବାଇକ ଓ ଦୁଇଟି ମୋବାଇଲ ଜବତ କରିବାରେ ସଫଳ ହୋଇଛି। ଏନେଇ ବୋରିଗୁମ୍ମା ଥାନା ପକ୍ଷରୁ ପ୍ରେସ ବିଜ୍ଞପ୍ତୀ ଜରିଆରେ ଭାରପ୍ରାପ୍ତ ଥାନା ଅଧିକାରୀ ରଚିତା ମାଡକାମୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ଗତ ୨୮.୧୧.୨୦୨୫ ରେ ବୋରିଗୁମ୍ମା ଥାନା ଅଧିକାରୀ ବିରିଗୁଡା ଗ୍ରାମର ରାଧାକାନ୍ତ ପାତ୍ର ନିଜ ବାଇକ ଯୋଗେ ପର୍ଲି ଗ୍ରାମରୁ ଜାତୀୟ ରାଜପଥ - ୨୬ ଦେଇ ଫେରୁଥିବା ବେଳେ ଅଞ୍ଚଳା ଓ କୁନ୍ଦ୍ରାଗୁଡା ମଝିରେ ହଠାତ ତିନି ଅଜଣା ବ୍ୟକ୍ତି ମୁଖା ପିନ୍ଧି ରାଧାକାନ୍ତଙ୍କ ବାଇକକୁ ଅଟକାଇ ମୋବାଇଲ ଝାମ୍ପିନେବା ସହ ମାରଧାର କରିଥିଲେ। ଏନେଇ ରାଧାକାନ୍ତ ପାତ୍ର ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୋରିଗୁମ୍ମା ଥାନା କେସ ନମ୍ବର-୨୫୪/ ୨୯.୧୧.୨୦୨୫ ଦଫା ୩୦୪(୧)ରୁଜୁ କରାଯାଇଥିଲା। ପରେ ଦଫା ବିଏନଏସ ୩୦୯(୪) କୁ ପରିବର୍ତ୍ତନ କରାଯାଇଥିଲା।



## ସହରର ସଂସ୍କୃତି ଭବନରେ ପ୍ରଦୂଷଣ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଯାଜପୁର ରୋଡ଼,୨।୧୨(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରର ସଂକୃତି ଭବନ ପରିସରରେ ପୌରାପ୍ରଶାସନ । ରାଜ୍ୟ ପ୍ରଦୂଷଣ ବୋର୍ଡର ମିଳିତ ସହଯୋଗରେ ଏକ ପ୍ରଦୂଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। କଳିଙ୍ଗନଗର ଶିଳ୍ପାଞ୍ଚଳର କଳକାରଖାନା କମ୍ପାନୀ ଗୁଡିକ ପାଇଁ କଳିଙ୍ଗନଗର ଓ ଆଖପାଖ ଅଞ୍ଚଳର ବାୟୁ । ଜଳ ପ୍ରଦୂଷଣର ମାତ୍ରା ଅତ୍ୟଧିକ ହୋଉଥିବା ଯୋଗୁଁ ଏହା ଉପରେ ରୋକ୍ ଲଗାଇବା । ସଚେତନ ହେବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ



କରାଯାଇଥିବା ନେଇ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ଶ୍ରୀ ମଦନ ମୋହନ ସାହୁ ସୂଚନା ଦେଇଥିଲେ। ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ'ଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ଶ୍ରୀସାହୁ, ସିଏସଆଇଆର'ର ପ୍ରଧାନ ବୈଜ୍ଞାନିକ ଡ଼ଃ ଆର ଭୂପତି, କେନ୍ଦୁଝର ଇଞ୍ଜିନିଅରିଂ କଲେଜର ମାଇନିଙ୍ଗ ବିଭାଗର ପ୍ରାଧ୍ୟାପକ ଡ଼ଃ ସୋମ୍ୟ ରଞ୍ଜନ ମଲିକ, ସିଏସଆଇଆର'ର ମୁଖ୍ୟ ବୈଜ୍ଞାନିକ ତୃପ୍ତି ଦାସ, କେନ୍ଦ୍ରୀୟ ଭୂତଳ ଜଳ ପ୍ରଶିକ୍ଷଣ କେନ୍ଦ୍ରର ମୁଖ୍ୟ ଡ଼ଃ ମୌସୁମୀ ସାହୁ, ସିଏସଆଇଆର'ର କମ୍ପୁଟର ବିଭାଗର ମୁଖ୍ୟ ଡ଼ଃ ସତ୍ୟଜିତ ରଥ । ଯାଜପୁର ରୋଡର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଗୌତମ ସାହୁ ପ୍ରମୁଖ ଉପସ୍ଥିତ ରହି କମ୍ପାନୀ ମାନଙ୍କ ପକ୍ଷରୁ ଆସିଥିବା ଅଧିକାରୀ ମାନେ ବିଭିନ୍ନ ପ୍ରକାରର ପ୍ରଦୂଷଣକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ । ସେଥି ପାଇଁ କେଁଉକେଁଉ ପଦକ୍ଷପ ଗ୍ରହଣ କରା ଯାଇପାରିବ ସେ ବିଷୟରେ ଆଲୋକପାତ କରାଇଥିଲେ।

## ଶିକ୍ଷକ ଦାବି, ବିଦ୍ୟାଳୟରେ ତାଲା ପକାଇଧାରଣାରେ ବସିଲେ ଛାତ୍ରଛାତ୍ରୀ

**କଣାସ,୨।୧୨(ସଂଚାର ବ୍ୟୁରୋ):** କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତର ଜାଗୁଲାଇପଦର ଗ୍ରାମରେ ସ୍ଥାପିତ ଜଗୁଲାଇପଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ହନ୍ଦୀ ଶିକ୍ଷକ ଦୀର୍ଘ ଦିନ ହେଲା ନଥିବାରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଗଣିତ ଓ ହିନ୍ଦୀ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଛାତ୍ରଛାତ୍ରୀ ଓ ଛାତ୍ରଅଭିଭାବକମାନେ ଖାଲିଥିବା ଗଣିତ ଓ ହିନ୍ଦୀ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ବାରମ୍ବାର କଣାସ ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆବେଦନ କରି ନିରାଶ ହେବା ପରେ ଆଜି ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକରେ ତାଲି ପକାଇ ବସିରହିଥିଲେ। ଛାତ୍ରଛାତ୍ରୀ କୁହନ୍ତି ଦଶମ ପରୀକ୍ଷା ପଖାଳେ ଆସୁଥିବାରୁ ଗଣିତ ଓ ହିନ୍ଦୀ ଶିକ୍ଷକ ନଥିବାରୁ ପାଠପଢ଼ାରେ ବହୁ ଅସୁବିଧା ହେଉଛି। ଖବର ନେବାରେ ଜଣାପଡ଼ିଛି ପ୍ରଥମ ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ସେଥିରେ ୩୬୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।

## ଅନ୍ଧାରୀ ଗାଁରେ ସମସ୍ୟା ଜର୍ଜରିତ ଜୀବନ

**ଗଞ୍ଜାମ,୨।୧୨(ସଂଚାର ବ୍ୟୁରୋ):** ଦେଶ ସ୍ୱାଧୀନତାର ୭୯ ବର୍ଷ ହେଲାଣି। ହେଲେ ଏବେ ବି ଅନେକ ଗାଁ ଅଛି ଯେଉଁଠି ଲୋକେ ଦିନଟିଏ ବିତାଇବା ପାଇଁ ଯୁଝି ହେଉଛନ୍ତି। ଦିନେ କି ଦୁଇ ଦିନ ନୁହେଁ ବର୍ଷ ବର୍ଷ ଧରି ବିଜୁଳି ଆଲୁଅ କ'ଣ ଜାଣିନାହାନ୍ତି। ସଂଧ୍ୟା ହେଲେ ଗାଁରେ ତାଟି କବାଟ ପଡୁଛି। ଏପରି ଏକ ଉପାନ୍ତ ଗାଁରେ ରାତିରେ ପହଁଚି ଲୋକଙ୍କ ଦୁଃଖକୁ ସାମ୍ନାକୁ ଆଣିଛି କନକ ନ୍ୟୁଜ୍ । ମହମବତୀର କ୍ଷୀଣ ଆଲୁଅ। ସେଥିରେ ଚାଲିଛି ଭବିଷ୍ୟତ ଗଢ଼ା । କୁନି କୁନି ପିଲାଙ୍କୁ ଦେଖିଲେ ଲାଗୁଛି ସତେ ଯେମିତି ଅନ୍ଧାରରେ ଚାପି ହୋଇଯାଇଛି ଏମାନଙ୍କ ସ୍ୱପ୍ନର ସୁନେଲି ଭବିଷ୍ୟତ । ଘରେ ଖାଇବା ଠାରୁ ଆରମ୍ଭ କରି ରୋଷେଇ ସବୁ କିଛି ଅନ୍ଧାରରେ ହୁଏ। ଶୀତୁଆ ରାତିରେ କାଠ ଖଣ୍ଡେ ଜାଳି ଶୀତ ସହ ଅନ୍ଧକାରକୁ ଦୂର କରିବା ପାଇଁ ଚେଷ୍ଟା କରେ ଏକ ଉପାନ୍ତ ମଣିଷ । ଦିନେ କି ଦୁଇ ଦିନ ନୁହେଁ, ଏ ସଂଘର୍ଷ ହେଉଛି ବର୍ଷବର୍ଷର। ଗଞ୍ଜାମ ଜିଲ୍ଲା ଧରାକୋଟ ଓ ସୋରଡ଼ା ସୀମାରେ ଥିବା ସିଦ୍ଧପୁର ପଞ୍ଚାୟତର ଦନ୍ତାରି ନାଳ । ଗାଁରେ ବାସ କରନ୍ତି ୧୮ଟି ପରିବାର। ବିଜୁଳି ଆଲୁଅ ନଥିବାରୁ ସନ୍ଧ୍ୟାରୁ ହିଁ ରୋଷେଇ କାର୍ଯ୍ୟ ସାରି ଘରେ କବାଟ କିଳି ରୁହନ୍ତି। ଅନେକ ସମୟରେ ହିଂସ୍ର ଜନ୍ତୁଙ୍କ ଭୟ ମଧ୍ୟ ରହିଥାଏ । ବିଡ଼ମ୍ବନା ଯେ, ଗାଁକୁ ସରକାରଙ୍କ ତରଫରୁ କିରୋସିନି ଟୋପାଏ ବି ମିଳୁନି। ସେଥିପାଇଁ ଏମାନଙ୍କ ଭରସା ତେଲ ଦୀପ ନହେଲେ ମହମବତୀ। କେବଳ ବିଜୁଳି କାହିଁକି ପାନୀୟ ଜଳ ଓ ରାସ୍ତା ବି ଗାଁର ପ୍ରମୁଖ ସମସ୍ୟା । ଗାଁକୁ ଯିବାକୁ ହେଲେ ଦୁଇ ପଟ ଲଟା ମାଡ଼ିଥିବା ରାସ୍ତା ଭରସା। ଗାଁ ଲୋକ ଅନେକ ଥର ଅଭିଯୋଗ କରିବା ପରେ ବି କୌଣସି ସୁବିଧା ମିଳିପାରୁନି। ସରକାର ପରେ ସରକାର ବଦଳୁଛି, ହେଲେ ଗାଁର ସ୍ଥିତିରେ ପରିବର୍ତ୍ତନ ଆସିପାରୁନି ।



## ଏଡ୍ସ ସଚେତନତା ଶିବିର

**କଣାସ,୨।୧୨(ସଂଚାର ବ୍ୟୁରୋ):** କଣାସ ସ୍ନାତକ ମହାବିଦ୍ୟାଳୟ ପରିସରରେ, ଆଜି ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଯୁକ୍ତ ସନ୍ୟାସୀ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଏକ ଏଡ୍ସ ସଚେତନତା ସିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଣାସ ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସାଧିକାରୀ ଡଃ. ବିଶ୍ୱରଂଜନ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମ୍ପ୍ରତି ସମାଜରେ ବ୍ୟକ୍ତିଗତ ବିଶୃଙ୍ଖଳା ଯେ ପ୍ରତ୍ୟକ୍ଷ ଭାବରେ ବ୍ୟକ୍ତିକୁ ଏବଂ ପରୋକ୍ଷ ଭାବରେ ସମାଜକୁ କ୍ଷତି ପହଞ୍ଚାଉଛି, ଏହି ତତ୍ତ୍ୱକୁ ଅତ୍ୟନ୍ତ ସୁନ୍ଦର ଭାବରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଡ଼. ଗୁରୁ ପ୍ରସାଦ ମହାପାତ୍ର, ଏଡ୍ସର ଭୟାବହତା ସମ୍ପର୍କରେ ସମ୍ୟକ ଆଲୋଚନା ରଖିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ମହାବିଦ୍ୟାଳୟର ରେଡ଼୍ କ୍ରସ ଉପଦେଷ୍ଟା ଶ୍ରୀ ଯୁକ୍ତ ବିଶ୍ୱଜିତ ପଣ୍ଡା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଜ୍ୟୋତ୍ସ୍ନା ରାଣୀ ଦିକ୍ଷୀତ, ସ୍ନେହାଞ୍ଜଳୀ ପତି, ସଞ୍ଚିତା ମହାପାତ୍ର, ସୁଲୋଚନା ରାଉତ, ପାୟଲ ମହାନ୍ତି, ବିଜୟ ପ୍ରଧାନ ପ୍ରମୁଖ ବିଶେଷ ଅଂଶ ଗ୍ରହଣ କରିଥିଲେ।

## ଯଦୁପୁର ମନୋରଞ୍ଜନଙ୍କ ଘରୁ ଡକାୟତି
## ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟ



**ନୟାଗଡ଼,୨।୧୨(ସଂଚାର ବ୍ୟୁରୋ):** ନୟାଗଡ଼ ସଦର ଥାନା ଯଦୁପୁର ଗାଁରେ ଡକାୟତୀ। ୬ରୁ ଅଧିକ ଡକାୟତ ମନୋରଞ୍ଜନ ପାତ୍ରଙ୍କ ଘରେ ପଶି ବନ୍ଧୁକ ଦେଖାଇ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସହ ୭୦ଗ୍ରାମ ସୁନା ଏବଂ ଦେଢକେଜିରୁ ଅଧିକ ରୁପାଅଳଙ୍କାର ଲୁଟିନେଇଥିବା ଅଭିଯୋଗ ହୋଇଛି। ଡକାୟତଙ୍କ ଆକ୍ରମଣରେ ମନୋରଞ୍ଜନ ଏବଂ ତାଙ୍କ ସ୍ତ୍ରୀ ଆହତ ଥିବା ଜଣାପଡ଼ିଛି। ସୂଚନାନୁସାରେ, ମନୋରଞ୍ଜନ ପାତ୍ର ନୟାଗଡ଼ ଖଣ୍ଡପଡା ରାସ୍ତା କଡରେ ଥିବା ନିଜ ଘରେ ପରିବାର ସହ ରୁହନ୍ତି। ସେ ପାନମସଲା ବ୍ୟବସାୟ କରନ୍ତି। ତେବେ ଗତକାଲି ରାତି ପ୍ରାୟ ୨ଟା ସମୟରେ ୬ରୁ ଅଧିକ ଡକାୟତ ବାରିପଟ ଗ୍ରିଲ୍ ଭାଙ୍ଗି ଘରେ ପଶିଥିଲେ। ଡକାୟତମାନେ ହାତରେ ବନ୍ଧୁକ ଏବଂ ଭୁଜାଲି ଆଦି ଦେଖାଇବା ସହ ମନୋରଞ୍ଜନ ଏବଂ ତାଙ୍କ ସ୍ତ୍ରୀଙ୍କୁ ଏକ ବାଉଁଶରେ ପ୍ରବଳ ମାଡ ମାରିଥିଲେ। ପରେ ଆଲମିରା ଭାଙ୍ଗି ନଗଦ ଟଙ୍କା ସୁନା ରୁପା ଲୁଟିନେଇଥିଲେ। ଖବର ପାଇ ସଦରଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶୋଚନୀୟ ହୋଇପଡ଼ିଛି ରାସ୍ତା: ମରାମତି ପାଇଁ ଦାବି

**ନୂଆପଡ଼ା,୨।୧୨(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟାଠାରୁ ଦିଆମୁଣ୍ଡା ଛକ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଛି। ସୂଚନା ଅନୁଯାୟୀ ଏହି ରାସ୍ତା କରଙ୍ଗାଭଟା ନାଏକ ପଡାଠାରୁ କାଜୁ ବଗିଚା ଦେଇ ଦିଆମୁଣ୍ଡା ଛକଠାରେ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରିଛି। ଏହା ଉପରେ କରଙ୍ଗାଭଟା, ନାଏକପଡା, କାଶିପଲା, ଦିଆମୁଣ୍ଡା, ମୁଣ୍ଡାପଲା ଆଦି ଗାଁର ଲୋକେ ନିର୍ଭର କରନ୍ତି। ଏହାଛଡା ଅନେକ ଚାଷୀଙ୍କ ଜମି ରହିଥିବାରୁ ଧାନ ଅମଳ କରି ସେହି ରାସ୍ତା ଦେଇ ଶଗଡ ଓ ଟ୍ରାକ୍ଟର ଯୋଗେ ଆଣିଥାନ୍ତି। ମାଟି ମୋରମ ରାସ୍ତା ହୋଇଥିବାରୁ ବର୍ଷାରେ ଧୋଇ ହୋଇ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି।

## ମାଦ୍ରାସା ତାହେରିୟା ହନିଫିଆରେ ପୋଷାକ ବଣ୍ଟନ

**ଧାମନଗର,୨।୧୨(ସଂଚାର ବ୍ୟୁରୋ):** ଧାମନଗର ଏନ୍‌ଏସିଅନ୍ତର୍ଗତ ମୁନସିପାଟଣା ଗ୍ରାମରେ ଥିବା ମାଦ୍ରାସା ତାହେରିୟା ହନିଫିଆ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ ଉତ୍ସବ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଉକ୍ତ ମଦ୍ରାସାର ପ୍ରଧାନ ଶିକ୍ଷକ ସେକ ନାସିରୁଦ୍ଦିନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଲଷ୍ଟର୍ ସିଆରସିସି ସେକ ମୁଜାଫର ହୋସେନ, ପୂର୍ବତନ ସିଆରସିସି ତଥା ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗ ଦେଇ ସରକାରଙ୍କ ତରଫରୁ ପୋଷାକ ବଣ୍ଟନର ଉଦ୍ଦେଶ୍ୟ ଓ ଲକ୍ଷ ଏବଂ ବିଦ୍ୟାଳୟର ପାଠପଢା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମାନଙ୍କୁ ଦୁଇ ହଳ ଲେଖାଏଁ ପୋଷାକ, ଜୋତା, ମୌଜା, ଟି ଶାର୍ଟ, ଟ୍ରାକ ପେଣ୍ଟ, ଟୋପି ଓ ଆଇ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ତଥା ପୂର୍ବତନ ସିଆରସିସି ସୁରେନ୍ଦ୍ର କୁମାର ସେଠୀ, ବର୍ତ୍ତମାନର ସିଆରସିସି ମୁଜାଫର ହୋସେନ ଉଭୟଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ଉତ୍ତରିୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପୋଷାକ ବଣ୍ଟନ ଉତ୍ସବରେ ଗ୍ରାମର ଅଭିଭାବକ ଗାଁର ମୁରବି ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ମୁଖ କର୍କଟରୋଗରେ ପୀଡ଼ିତ ଯୁବକ ଜୀବନଯୁଦ୍ଧରେ ସଙ୍ଘର୍ଷକରି ହାରିଲେ ଜୀବନ

**ନୀଳଗିରି,୨।୧୨(ସଂଚାର ବ୍ୟୁରୋ):** ଦୀର୍ଘ ୧୫ବର୍ଷଧରି ମୁଖ କର୍କଟରୋଗ ସହ ସଙ୍ଘର୍ଷକରି ଶେଷରେ ଜୀବନ ହାରି ଛନ୍ତି ଜନୈକ ଯୁବକ। ସୂଚନା ଅନୁସାରେ ନୀଳଗିରି ଏନ୍ ଏ ସି ନିଜଗଡ଼ ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ପାତ୍ରର ସାନପୁଅ ମନୋରଞ୍ଜନ ପାତ୍ର (୫୦) ଆଜକୁ ପ୍ରାୟ ୧୫ବର୍ଷ ଧରି ମୁଖକର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଚିକିତ୍ସିତ ହେଉଥିଲେ। ତେବେ କିଛିଦିନପୂର୍ବରୁ ବମ୍ବେର ଟାଟା ମେମୋରିଆଲ ମେଡିକାଲରେ ଚିକିତ୍ସିତ ହୋଇ ଆସୁଥିଲେ। ତେବେ ଯୁବାବସ୍ଥାରେ ନୀଳଗିରି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଯାଇ ଛାତ୍ରଛାତ୍ରୀ ମାନଙ୍କୁ ଯାଦୁଖେଳ ମାଧ୍ୟମରେ ଶିକ୍ଷଣୀୟ ଓ ସଚେତନତାର ବାର୍ତ୍ତା ଦେଉଥିଲେ। ମଙ୍ଗଳବାର ଦିନ ଅପରାହ୍ନ ପ୍ରାୟ ୨ଟା ସମୟରେ ନିଜ ବାସଭବନରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଖବରପାଇ ବହୁ ସାଙ୍ଗସାଥି, ପରିବାର ପରିଜନ, ସମ୍ପର୍କୀୟ, ଶେଷ ଦର୍ଶନ କରିଛନ୍ତି। ତାଙ୍କର ୨ଟି ଝିଅ ଏବଂ ଗୋଟିଏ ପୁଅ ଥିବା ଜଣାଯାଇଛି। ସନ୍ଧ୍ୟାରେ ଘର ବାଡିରେ ସତ୍କାର କରାଯାଇଥିବା ସୂଚନା ମିଳିଛି।



## ଭିଜିଲା ଧାନ: ୯୨ ମଣ୍ଡିରେ ପଡ଼ିଛି ୮୧୦୭ ପ୍ୟାକେଟ

**ପଦ୍ମପୁର,୨।୧୨(ସଂଚାର ବ୍ୟୁରୋ):** ପଦ୍ମପୁର ଉପଖଣ୍ଡରେ ଗତ ୨୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ସୋମବାର ୪ ଦିନ ବିତି ଯାଇଛି। ସୋମବାର ଭୋରରୁ ବର୍ଷା ହୋଇଛି। ଫଳରେ ଅନେକ ସ୍ଥାନରେ କ୍ଷେତ, ଖଳାରେ ପଡ଼ିଥିବା ଅମଳ ଧାନ ଭିଜିଯାଇଛି। ଏହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ହେଲେ ପଦ୍ମପୁର ଉପଖଣ୍ଡର ୬ବ୍ଲକରେ ଏପର୍ଯ୍ୟନ୍ତ ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। କିଛି ଚାଷୀଙ୍କ ଟୋକନ ଆସିଥିବା ବେଳେ ସେମାନେ ମଣ୍ଡିକୁ ଧାନ ଧରି ଆଣିଛନ୍ତି। ବିକ୍ରି ଆଶା ନେଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମଣ୍ଡିରେ ଭୋକ ଉପାସରେ ରହୁଛନ୍ତି। କିନ୍ତୁ ଧାନ ବିକ୍ରି ହେଉ ନାହିଁ ଏବଂ ଶେଷରେ ଚାଷୀଙ୍କୁ ନିରାଶରେ ଘରକୁ ଫେରିବାକୁ ପଡୁଛି। ପଦ୍ମପୁର ଉପଖଣ୍ଡର ୯୨ ମଣ୍ଡିରେ ୮୧୦୭ ପ୍ୟାକେଟ ଧାନ ପଡିଥିବା ନେଇ ଆର୍‌ଏମ୍‌ସି ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଥିବା ବେଳେ ଏ ଯାଏ ବସ୍ତାଏ ଧାନ ଉଠି ନାହିଁ। ଅନ୍ୟପଟେ ରବିବାର ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅଲ ଓଡ଼ିଶା ମିଲର୍ସ ଆସୋସିଏଶନର ଏକ ବୈଠକ ବସିଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମିଲର୍ସମାନେ ମଣ୍ଡିରୁ ଧାନ ଉଠାଇବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ଅସହାୟ ହୋଇପଡ଼ିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନୀରବତା ସବୁଆଡ଼େ ଚର୍ଚ୍ଚାର ବିଷୟ ହୋଇଛି।

## ସମସ୍ତ ଏଟିଏମ୍ ଏକ ସମୟରେ ଅଚଳ




**ବୈଶିଙ୍ଗା,୨।୧୨(ସଂଚାର ବ୍ୟୁରୋ):** ବ୍ୟାଙ୍କରେ ଭିଡ କମାଇବା ପାଇଁ ଜମାକାରୀ ଙ୍କୁ ୟୁପିଆଇ ମାଧ୍ୟମରେ ଟଙ୍କା ଦେଣ ନେଣ କରିବାର ବ୍ୟବସ୍ଥା ରହିଥିଲେବି ଏଟିଏମ୍ ର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ସମୟରେ ମୋବାଇଲ ଆପ୍ ର ବ୍ୟସ୍ତତା, ନେଟୱାର୍କ ର ଅସୁବିଧା, ନେଟ୍ ପ୍ୟାକ୍ ନା ଥିବା ଯୋଗୁଁ ଉପଭୋକ୍ତା ଙ୍କୁ ହଇରାଣ ହେବାକୁ ପଡ଼ିଥାଏ। ଏହି ସବୁ କାରଣରୁ ସାଧାରଣ ଲୋକେ ଏଟିଏମ୍ ଉପରେ ନିର୍ଭର କରିଥାନ୍ତି। ମାତ୍ର ଏକ ସପ୍ତାହ ଧରି ବୈଶିଙ୍ଗା ବଜାର ରେ ଥିବା ଷ୍ଟେଟ୍ ବ୍ୟାଙ୍କ, ୟୁ କୋ ବ୍ୟାଙ୍କ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ୍ସିସ ବ୍ୟାଙ୍କ ର ଏଟିମ୍ ସମୂହ ଏକକାଳୀନ ବନ୍ଦ ରହିବା ଯୋଗୁଁ ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇ ଥିବାର ଅଭିଯୋଗ ଆସିଛି। ଏଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଙ୍କ ସହିତ ଯୋଗା ଯୋଗ କରାଯାଇଥିବା ବେଳେ ସେ ପଟୁ ଉତ୍ତର ମିଳିଥିଲା ଯେ କାହାର ମେସିନ ଖରାପ ତ ଆଉ କାହାର ଲିଙ୍କ୍ ଫେଲ ଓ ଆଉ ଗୋଟିଏ ବ୍ୟାଙ୍କରୁ ଖବର ମିଳିଲା ଯେ ଏଟିଏମ୍ ରେ ଟଙ୍କା ଭର୍ତ୍ତି କରିବା ପାଇଁ ଯେଉଁ ସଂସ୍ଥା ଦାୟିତ୍ୱ ନେଇଛନ୍ତି ସେମାନଙ୍କର ଅବହେଳା ପାଇଁ ଟଙ୍କା ରଖା ଯାଇ ପାରି ନାହିଁ। ଏଥିପାଇଁ ଆମେ ଦୁଃଖିତ, ତୁରନ୍ତ ସମାଧାନ କରିଦିଆଯିବ। ଜନ ସାଧାରଣ ଙ୍କ ତରଫରୁ ଶୀଘ୍ର ସମାଧାନ ପାଇଁ ଦାବୀ ହେଉଛି।

## "ସ୍ୱଦେଶୀ ବନାମ ବିଦେଶୀ"

**ଭଞ୍ଜନଗର,୨।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେମଙ୍ଗଳବାର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସର ମିଳିତ ସହଯୋଗରେ "ସ୍ୱଦେଶୀ ବନାମ ବିଦେଶୀ" ଉପରେ ଏକ ସଭା ସହ ସ୍ୱଦେଶୀ ଖାଦ୍ୟ ଉପରେ ଏକ ପ୍ରଦର୍ଶନୀ ହୋଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ "ସ୍ୱଦେଶୀ ବନାମ ବିଦେଶୀ" ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗୀତା ମଧ୍ୟ ହୋଇଥିଲା। ଏଥିରେ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ସଭାପତିତ୍ୱ କରି ସ୍ୱଦେଶୀ ଖାଦ୍ୟ, ସ୍ୱଦେଶୀ ଜ୍ଞାନ କୌଶଳ, ସ୍ୱଦେଶୀ ବସ୍ତ୍ର ବ୍ୟବହାର ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଏଥିସହ ସେ କହିଥିଲେ ଯେ, ସ୍ୱଦେଶୀକୁ ଗରୁତ୍ୱ ଆଗକୁଦେଲେ ଆମେ ଆଗକୁ ବଢ଼ିପାରିବା।

# ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ

**ପରଜଙ୍ଗ,୨।୧୨(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ପ୍ରଶାସନ ତରଫରୁ ସୋମବାର ବାରିହାପୁର ହାଇସ୍କୁଲ ସମ୍ମୁଖରେ ସରକାରୀ ଜାଗାରେ ଥିବା ଏକ ଢାବା ସହ କେତୋଟି ଦୋକାନ ଗୃହକୁ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ କରାଯାଇଛି। ଉଚ୍ଛେଦବେଳେ ତହସିଲଦାର ସୁଦେବ କୁମାର ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ସୁପରଭାଇଜର ଅରବିନ୍ଦ ସାହୁ, କସ୍ତିପଦା ଜେନା, ରାଜସ୍ୱ ନିରୀକ୍ଷକ ଆଲୋକ ଲେଙ୍କାଙ୍କ ସମେତ ପରଜଙ୍ଗ ଥାନା ଏଏସ୍‌ଆଇ ଅଜୟ ସାମଲ, ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ପରଜଙ୍ଗରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ପାଇଁ ନୂତନ କୋଠା ନିର୍ମାଣ ନିମନ୍ତେ ପରଜଙ୍ଗରେ ସରକାରୀ ଜାଗା ନ ମିଳିବାରୁ କୋର୍ଟଟି ବାରିହାପୁରରେ ହେବାକୁ ସ୍ଥିର ହୋଇଥିଲା । ତେଣୁ ଉକ୍ତ ସରକାରୀ ଜାଗାରୁ ଜବରଦଖଲ ହଟାଇବାକୁ ତହସିଲ ପ୍ରଶାସନ ନୋଟିସ ଦେଇଥିଲା। ହେଲେ ଢାବା ମାଲିକ କାମାକ୍ଷାନଗର ଉପଜିଲାପାଳଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଉପଜିଲାପାଳ ଏହାର ଶୁଣାଣି କରି ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ପରଜଙ୍ଗ ମୁଖ୍ୟାଳୟର ବିଭିନ୍ନ ସ୍ଥାନ, ପରଜଙ୍ଗ ବଜାରର ବହୁ ସ୍ଥାନ ଜବରଦଖଲରେ ଥିବା ବେଳେ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ତହସିଲଦାର ପୃଷ୍ଟି କହିଛନ୍ତି, ଆଇନ ସମସ୍ତଙ୍କ ପାଇଁ ସମାନ, ଆଗକୁ ଉଚ୍ଛେଦ ହେବ।



## ବୁରାଙ୍ଗିଆ-ଡାବରବାନ୍ଧା ରାସ୍ତା ନିମ୍ନମାନର ଅଭିଯୋଗ

**ଦାରିଙ୍ଗବାଡି, ୨।୧୨ (ସଂଚାର ବ୍ୟୁରୋ):** ଆଶା ଥିଲା ଗାଁକୁ ପକ୍କା ରାସ୍ତା ନିର୍ମାଣ ହେବ ଆଉ ଗାଁ ର ଅନେକ ସମସ୍ୟା ସମାଧାନ ହୋଇପାରିବ। କିନ୍ତୁ ଲୋକଙ୍କ ସ୍ୱପ୍ନ ପୂରଣ ହେଲା ପକ୍କା ରାସ୍ତା ନିର୍ମାଣ ହେଲା କିନ୍ତୁ ତାହା ନିମ୍ନମାନର କାର୍ଯ୍ୟ ଅଭିଯୋଗ କରି ଅଞ୍ଚଳରେ ଦେଖାଯାଇଛି ଅସନ୍ତୋଷ। ପ୍ରକାଶ ଯେ,କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ କିରିକୁଟି ପଞ୍ଚାୟତ ଦୁର୍ଗମ ବୁରାଙ୍ଗିଆ ଗ୍ରାମଠାରୁ ଡାବରବାନ୍ଧା ଗ୍ରାମକୁ ପ୍ରାୟ ୪ କିମି ଖରାପ ରାସ୍ତାକୁ ପୁନଃମରାମତି କରାଯାଉଛି। ମେଟେଲ ପକାଯିବା ସହ ଗୋଡି ସହ ପିଚୁ ମଧ୍ୟ ଦିଆଯାଇଛି। କିନ୍ତୁ ଅଞ୍ଚଳବାସୀଙ୍କ ଅଭିଯୋଗ ପିଚୁ ପକାଯିବାର ଏକ ସପ୍ତାହ ହୋଇଗଲାଣି କିନ୍ତୁ ଏକାଧିକ ସ୍ଥାନରେ ପିଚୁ ଉଠିଯାଉଛି। ଏମିତି କି ହାତରେ ଛୁଇଁଲେ ମଧ୍ୟ ପିଚୁ ଉଠିଯାଉଛି ଟ୍ରାକ୍ଟର, ଅଟୋ ଏମିତି ଚାଲିକି ଯିବା ସମୟରେ ମଧ୍ୟ ମରାମତି ରାସ୍ତାରୁ ପିଚୁ ଉଠିଯାଉଥିବା ଗ୍ରାମର ପୂର୍ବତନ ସରପଞ୍ଚ ବାଳକୃଷ୍ଣ ମଲିକ, ସାଗର ପ୍ରଧାନ, ଅର୍ଜୁନ ପ୍ରଧାନ ପ୍ରମୁଖ କହିଛନ୍ତି।



## କୃତୀ ପ୍ରକଳ୍ପଧାରୀଙ୍କୁ ବିଦ୍ୟାଳୟସ୍ତରୀୟ ସମ୍ବର୍ଦ୍ଧନା

**କଣାସ, ୨।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକ୍ ସ୍ତରୀୟ ବାଲ୍ ବୈଜ୍ଞାନିକ ବିଜ୍ଞାନ ମେଳା ରେ କୃତିତ୍ୱ ହାସଲ କରି ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ବିଜ୍ଞାନ ମେଳା ପାଇଁ କୃତିତ୍ୱ ହାସଲ କରିଥିବା ଏହି ବ୍ଲକ୍ ଅନ୍ତର୍ଗତ ଗଡ଼ ସାନ ପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ରୀ ବିଦୁସ୍ମିତା ମଙ୍ଗରାଜ ଙ୍କୁ ଆଜି ବିଦ୍ୟାଳୟରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଜି ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଯୋଗଦେଇ କୁନି ବୈଜ୍ଞାନିକ ବିଦୁସ୍ମିତା ଙ୍କ ପ୍ରତିଭା ରେ ଛାତ୍ର ଛାତ୍ରୀ ମାନେ ଅନୁପ୍ରାଣିତ ହେବାସହ ବିଜ୍ଞାନ ମେଳା ରେ ଅଂଶ ଗ୍ରହଣ ଭବିଷ୍ୟତ ରେ ବହୁ କୃତୀ ବୈଜ୍ଞାନିକ ସୃଷ୍ଟି ହୋଇ ଦେଶ ପାଇଁ ସୁନାମ ଆଣି ପାରିବେ ବୋଲି ଆଶା ପ୍ରକାଶ କରିଥିଲେ।